# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜୁନ୍ ୧୨/୨୦୨୨ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, June 12/2022 Page 16 ₹ 7.00 ★★★★★★

୪୮ଶ ଭାଗ ୧୯୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-




**ପ୍ରଜ୍ଞାନନ୍ଦ ଜିତିଲେ ଟାଇଟଲ**

ଭାରତୀୟ ଗ୍ରାଣ୍ଡମାଷ୍ଟର ଆର୍. ପ୍ରଜ୍ଞାନନ୍ଦ ନରଓ୍ୱେ ଚେସ୍ ଗ୍ରୁପ୍ ଏ' ଚେସ୍ ଟୁର୍ନାମେଣ୍ଟ ଜିତିଛନ୍ତି।

୧୬

୧୨

**ଜଷ୍ଟିନ୍ ବିବରଙ୍କୁ ଫେସିଆଲ୍ ପାରାଲିସିସ୍**

ରାମ୍‌ସେ ହଣ୍ଟ ସିଣ୍ଡ୍ରୋମ୍ କାରଣରୁ କାନାଡା ସିଙ୍ଗର ଜଷ୍ଟିନ୍ ବିବର ଫେସିଆଲ ପାରାଲିସିସ୍‌ରେ ଆକ୍ରାନ୍ତ ହୋଇଛନ୍ତି।



## ଆଜି ବାରବାଟୀ ଟକ୍କର

**ଭାରତ ବନାମ ଦକ୍ଷିଣ ଆଫ୍ରିକା**

ଭୁବନେଶ୍ୱର, ୧୧।୬ (କ୍ରୀଡ଼ା ପ୍ରତିନିଧି)

ବାରବାଟୀ ପ୍ରସ୍ତୁତ। ରବିବାର ଏହି ଷ୍ଟାଡିୟମରେ ହେବ ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ। ଏହି ହାଇ ପ୍ରୋଫାଇଲ୍ ମ୍ୟାଚ ପାଇଁ ସମ୍ପୂର୍ଣ୍ଣ ରୂପେ ନୂଆ ରୂପରେ ସଜେଇ ହୋଇଛି ବାରବାଟୀ। ମ୍ୟାଚକୁ ସଫଳତାର ସହ ସମ୍ପନ୍ନ କରାଇବା ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ସବୁପ୍ରକାର ଉଦ୍ୟମ କରାଯାଇଛି। ହାଇ ସ୍କୋରିଂ ମ୍ୟାଚ ପାଇଁ ଉପଯୋଗୀ ପିଚ୍ ପ୍ରସ୍ତୁତ ହୋଇଛି। ☞ପୃଷ୍ଠା-୪



ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ମ୍ୟାଚ ପୂର୍ବରୁ ଶନିବାର କଟକର ବାରବାଟୀ ଷ୍ଟାଡିୟମରେ ଭାରତୀୟ ଖେଳାଳିଙ୍କ ଅଭ୍ୟାସ।

# ନଦୀକୁ ଖସିଲା ତେଲ ଟ୍ୟାଙ୍କର: ୪ ଦଗ୍ଧ

- ଦୁର୍ଘଟଣାର ୧୦ମିନିଟ୍ ପରେ ହେଲା ବିସ୍ଫୋରଣ
- ଉଦ୍ଧାର କରିବାକୁ ଯାଇ ଜଳିଗଲେ ୨ ସାଙ୍ଗ
- ଗାଁ ଶ୍ମଶାନରେ ଜଳିଲା ୪ ଜୁଇ

ନୟାଗଡ଼ ଅଫିସ,୧୧।୬

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥର ନୟାଗଡ଼ ଜିଲା ଇଟାମାଟି ଥାନା ବଡପଣ୍ଡୁସର ପୋଲ ତଳ ନଦୀକୁ ଏକ ତେଲ ଟ୍ୟାଙ୍କର ଖସିପଡ଼ି ଜଳିଯାଇଛି। ଏହି ଦୁର୍ଘଟଣାରେ ୪ଜଣ ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଶୁକ୍ରବାର ରାତି ପ୍ରାୟ ସାଢ଼େ ୧ଟା ସମୟରେ ଏହି ଦୁଃଖଦ ଘଟଣା ଘଟିଛି। ମୃତକମାନେ ହେଲେ ଇଟାମାଟି ଥାନା ଅଧୀନ ସାନପଣ୍ଡୁସର ଗାଁର ଦୀପୁ ଖଟୁଆ(୨୨), ପଙ୍କଜ ନାୟକ(୨୪), ସାଗର ଖଟୁଆ(୨୨), ସମୀର ନାୟକ(୨୪)। ଆହତ ସେହି ଗାଁର ଦୀପକ ସାମନ୍ତରାୟ(୨୧)। ମୃତକ ଓ ଆହତ ଗୋଟିଏ ଗାଁର ହୋଇଥିବାରୁ ସେଠାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଶନିବାର ଅପରାହ୍ନରେ ଗାଁ ଶ୍ମଶାନରେ ୪ ମୃତକଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ପାରାଦୀପରୁ ବଲାଙ୍ଗୀରକୁ ପେଟ୍ରୋଲ ଓ ଡିଜେଲ ନେଇ ଦୁଇଟି ତେଲ ଟ୍ୟାଙ୍କର



ଯାଉଥିଲା। ଗୋଟିଏ ଟ୍ୟାଙ୍କରରେ ଇଟାମାଟି ଥାନା ଅଧୀନ ସାନପଣ୍ଡୁସର ଗାଁର ସମୀର ନାୟକ ଓ ସାଗର ଖଟୁଆ ଥିଲେ। ସମୀର ଗାଡ଼ି ଚଳାଉଥିଲେ। ଅନ୍ୟ ତେଲ ଟ୍ୟାଙ୍କରରେ ୩ ଡ୍ରାଇଭର ଥିଲେ ହେଁ ଦୀପକ ସାମନ୍ତରାୟ ଗାଡ଼ି ଚଳାଉଥିଲେ। ଉଭୟ ଟ୍ୟାଙ୍କର କର୍ମଚାରୀ ବୋଲଗଡ଼ରେ ☞ପୃଷ୍ଠା-୪

# ତାଲିକାରେ ନାହିଁ ଅନେକ ନାମ

## ୨୫ ଶିକ୍ଷା ଜିଲାରୁ ୪୯୮ ନକଲି ଶିକ୍ଷକ ଚିହ୍ନଟ

ଯାଜପୁର ଅଫିସ,୧୧।୬

ରାଜ୍ୟରେ ନକଲି ବିଇଡି/ସିଟି ଡିଗ୍ରୀଧାରୀ ଏବଂ ଆଦିବାସୀ ପ୍ରମାଣପତ୍ରରେ ଚଞ୍ଚକତା କରି ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀ, ଶିକ୍ଷକ ଧୀରେ ଧୀରେ ଚିହ୍ନଟ ହେଉଛନ୍ତି। ଅଦ୍ୟାବଧି ୨୫ ଶିକ୍ଷା ଜିଲାରେ ୪୯୮ଜଣ ନକଲି ଶିକ୍ଷକ ଧରାପଡ଼ିଲେଣି। ଏହି ସଂଖ୍ୟା ଆହୁରି କାହିଁ କେତେ ଅଧିକ ବୋଲି ଅଭିଯୋଗ ହେଉଛି। ଏପରି କି କେତେଜଣ ରାଜନୈତିକ ଛତ୍ରଛାୟାରେ ରହି ସେମାନଙ୍କ ନାମକୁ ଶିକ୍ଷା ବିଭାଗ ତରଫରୁ ହୋଇଥିବା ନକଲି ଶିକ୍ଷକ ତାଲିକାରୁ କାଟି ଦେଇଥିବା ଅଭିଯୋଗ ହେଉଛି। ବିଡ଼ମ୍ବନା ଯେ ଏହି ନକଲି ଶିକ୍ଷକମାନେ ସମସ୍ତ ସରକାରୀ ସୁବିଧା ସୁଯୋଗ ହାସଲ କରିଚାଲିଥିବାବେଳେ ଅତି ପରିଶ୍ରମ କରି ପାଠ ପଢିଥିବା ବିଇଡି/ସିଟି ଡିଗ୍ରୀଧାରୀ ନିଯୁକ୍ତି ସୁଯୋଗରୁ ବଞ୍ଚିତ ହୋଇ ବେକାର ବସିଛନ୍ତି। ଏହାସହ ପ୍ରକୃତ ଆଦିବାସୀ ଓ ଦଳିତ ଶ୍ରେଣୀର ଶିକ୍ଷିତ ଯୁବତୀଯୁବକ ସେମାନଙ୍କ ଅଧିକାର ପାଇବାରୁ ବଞ୍ଚିତ ହେଉଛନ୍ତି। ଚିହ୍ନଟ ହୋଇଥିବା ୪୯୮ ନକଲି ଶିକ୍ଷକଙ୍କ ସମସ୍ତ ପ୍ରମାଣପତ୍ର ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ଜିଲା ଶିକ୍ଷା ଅଧିକାରୀ (ଡିଇଓ), ଜିଲା ପ୍ରକଳ୍ପ ଅଧିକାରୀ (ଡିପିଓ) ଓ ବ୍ଲକ ଶିକ୍ଷାଧିକାରୀ(ବିଇଓ)ମାନଙ୍କୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ(ଡିଇଇ)ର ଯୁଗ୍ମ ନିର୍ଦ୍ଦେଶକ ଗୌରୀରାଣୀ ନାୟକ ନିର୍ଦ୍ଦେଶ ଦେଇଛନ୍ତି। ୨୫ ଜିଲାପାଳଙ୍କୁ ମଧ୍ୟ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି। ଉକ୍ତ ନିର୍ଦ୍ଦେଶରେ ତାଲିକା ବାହାରେ ରହିଥିବା ଅଭିଯୁକ୍ତ ଶିକ୍ଷକଙ୍କ ସଂକ୍ରାନ୍ତରେ ମଧ୍ୟ ସମସ୍ତ ସୂଚନା ଦେବାକୁ ଦର୍ଶାଯାଇଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ବାହାରେ ପ୍ରଭାବ ନାହିଁ**

**ରାଷ୍ଟ୍ରପତି ନିର୍ବାଚନ ପାଇଁ ୧୫ରେ ମିଳିତ ବୈଠକ** | **୨୨ ବିରୋଧୀ ନେତାଙ୍କୁ ଚିଠି ଲେଖିଲେ ମମତା** ୧୧







**ହେଲିକପ୍ଟର ଦୁର୍ଘଟଣାରେ ୭ ମୃତ**

ଇଟାଲୀରେ ଏକ ହେଲିକପ୍ଟର ଦୁର୍ଘଟଣାରେ ୭ ଜଣଙ୍କ ମୃତ୍ୟୁ ଘଟିଛି। ହେଲିକପ୍ଟରଟି ଟସ୍କାନିର ଲୁକ୍କା ଅଞ୍ଚଳରୁ ଗୁରୁବାର ଟ୍ରେଭିସୋ ଅଭିମୁଖେ ଯାତ୍ରା କରୁଥିବାବେଳେ ଖରାପ ପାଗ ଯୋଗୁ ରାଡାର ପରାଦାରୁ ଅଦୃଶ୍ୟ ହୋଇଯାଇଥିଲା। ହେଲିକପ୍ଟରରେ ତୁର୍କୀର ୪ ବ୍ୟବସାୟୀଙ୍କ ସମେତ ୭ ଜଣ ଯାତ୍ରୀ ଥିଲେ।

# ପ୍ରଫେଟ୍ ବିବାଦ: ଥମୁନି ହିଂସା

**ପ୍ରଫେଟ ମହମ୍ମଦଙ୍କ ଉପରେ ଭାଜପା ପୂର୍ବତନ ମୁଖପାତ୍ରଙ୍କ ବିବାଦୀୟ ମନ୍ତବ୍ୟ ଦେଶବ୍ୟାପୀ ହିଂସାର କାରଣ ପାଲଟିଛି। ନୂପୁର ଶର୍ମା ଓ ନବୀନ ଜିନ୍ଦଲଙ୍କ ଗିରଫ ଦାବିରେ ଶୁକ୍ରବାର ପ୍ରାୟ ୯ରୁ ଉର୍ଦ୍ଧ୍ୱ ରାଜ୍ୟରେ ହିଂସାତ୍ମକ ବିକ୍ଷୋଭ ପରେ ଆନ୍ଦୋଳନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ପୋଲିସ ସହ ସଂଘର୍ଷବେଳେ ଗୁଳିମାଡ଼ରେ ଆହତ ହୋଇଥିବା ରାଞ୍ଚିର ଦୁଇ ବିକ୍ଷୋଭକାରୀଙ୍କ ଶନିବାର ମୃତ୍ୟୁ ଘଟିଛି। ସହରର ୧୨ ସ୍ଥାନରେ ୧୪୪ ଧାରା ଲାଗୁ ହୋଇଛି। ସେହିପରି ଉତ୍ତରପ୍ରଦେଶ ପୋଲିସ ହିଂସାକାଣ୍ଡରେ ସମ୍ପୃକ୍ତ ୨୩୦ରୁ ଉର୍ଦ୍ଧ୍ୱଙ୍କୁ ଗିରଫ କରିଛି। ୩ ଅଭିଯୁକ୍ତଙ୍କ ବେଆଇନ ଘରକୁ ବୁଲ୍‌ଡୋଜର ଜରିଆରେ ଭାଙ୍ଗି ଦିଆଯାଇଛି। ବିଶୃଙ୍ଖଳାକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ପଶ୍ଚିମବଙ୍ଗର ହାଓଡାରେ ବିକ୍ଷୋଭସ୍ଥଳୀକୁ ଯାଇଥିବା ରାଜ୍ୟ ଭାଜପା ସଭାପତିଙ୍କୁ ଗିରଫ ପରେ ତାଙ୍କୁ ଗୃହବନ୍ଦୀ ରଖାଯାଇଛି।**

**ରାଞ୍ଚି/ ଲକ୍ଷ୍ନୌ, ୧୧।୬**

- ରାଞ୍ଚିରେ ୨ ମୃତ, ଅନେକ ଆହତ
- ୟୁପିରେ ୨୫୫ ଗିରଫ
- ଅଭିଯୁକ୍ତଙ୍କ ଘର ଭାଙ୍ଗିଲା ବୁଲ୍‌ଡୋଜର

ଭାଜପାରୁ ନିଲମ୍ବିତ ନେତ୍ରୀ ନୂପୁର ଶର୍ମା ଏବଂ ବହିଷ୍କୃତ ନେତା ନବୀନ ଜିନ୍ଦଲ ପ୍ରଫେଟ ମହମ୍ମଦଙ୍କ ଉପରେ ଦେଇଥିବା ବିବାଦୀୟ ମନ୍ତବ୍ୟକୁ ନେଇ ଦେଶବ୍ୟାପୀ ହିଂସାତ୍ମକ ବିକ୍ଷୋଭ ଜାରି ରହିଛି। ଭାଜପାର ଏହି ଦୁଇ ମୁଖପାତ୍ରଙ୍କୁ ଗିରଫ ଦାବିରେ ଝାଡ଼ଖଣ୍ଡର ରାଞ୍ଚିରେ ପୋଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ସଂଘର୍ଷ ଯୋଗୁ ଶନିବାର ଚିକିତ୍ସାଧୀନ ଥିବା ୨ ଜଣଙ୍କ ମୃତ୍ୟୁ ଘଟିଛି। ଏଥିସହ ୪ ପୋଲିସ କର୍ମଚାରୀଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସହରର ବିଭିନ୍ନ ସ୍ଥାନରେ କର୍ଫ୍ୟୁ ବଳବତ୍ତର ସହ ଇଣ୍ଟରନେଟ ସେବା ବନ୍ଦ ରହିଛି। ଶୁକ୍ରବାର ସ୍ଥିତି ଅଣାୟତ୍ତ ହେବାରୁ ପୋଲିସ ଫାଙ୍କା ଗୁଳିଚାଳନା ସହ ଢେଲା ପଥର ଫିଙ୍ଗୁଥିବା ଆନ୍ଦୋଳନକାରୀଙ୍କ ଉପରେ ଲାଠିମାଡ଼ କରିଥିଲା। ଆଗକୁ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ଆଶଙ୍କାରେ ସେଠାରେ ବ୍ୟାପକ ପୋଲିସ ମୁତୟନ ହୋଇଛନ୍ତି। ଅନେକ ଦୋକାନ ବଜାର ବନ୍ଦ ରହିଛି। ଅଭିଯୁକ୍ତଙ୍କୁ ଚିହ୍ନଟ ପରେ ସେମାନଙ୍କୁ ଗିରଫ କରାଯିବ ବୋଲି ରାଞ୍ଚି ପୋଲିସ କହିଛି। ଯାଞ୍ଚ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍(ଏସ୍‌ଆଇଟି) ଗଠନ ହୋଇଛି। ଏବେ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଶାନ୍ତି ବଜାୟ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି।

ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନରେ ପ୍ରଫେଟ୍ ମହମ୍ମଦଙ୍କ ଉପରେ ବିବାଦୀୟ ମନ୍ତବ୍ୟକୁ କେନ୍ଦ୍ର କରି ଶୁକ୍ରବାର ହିଂସାକାଣ୍ଡ ଭିଆଇଥିବା ବିକ୍ଷୋଭକାରୀଙ୍କ ମଧ୍ୟରୁ ୨୫୫ରୁ ଉର୍ଦ୍ଧ୍ୱଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ପ୍ରୟାଗରାଜରୁ ୬୮, ହାଥରସ୍‌ରୁ ୫୦, ସାହାରନ୍‌ପୁରରୁ ୪୮, ଆମ୍ବେଦକରନଗରରୁ ୨୮, ମୋରଦାବାଦ୍‌ରୁ ୨୫ ଏବଂ ଫିରୋଜାବାଦ୍‌ରୁ ୮ ଜଣ ସହ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଏଡିଜିପି ପ୍ରଶାନ୍ତ କୁମାର ଶନିବାର ସୂଚନା ଦେଇଛନ୍ତି। ୭ ଜିଲାରେ ୧୧ ମାମଲା ରୁଜୁ ହୋଇଛି। ବିଶୃଙ୍ଖଳା ସୃଷ୍ଟିକାରୀ ତଥା ଶାନ୍ତି ଭଙ୍ଗକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ସାହାରନ୍‌ପୁରରୁ ଗିରଫ ୨ ଅଭିଯୁକ୍ତଙ୍କ ଘରକୁ ବୁଲ୍‌ଡୋଜର ଦ୍ୱାରା ଭଙ୍ଗାଯାଉଥିବାର ଏକ ଭିଡିଓ ପୋଲିସ ଶେୟାର କରିଛି। ମ୍ୟୁନିସିପାଲିଟି ଅଧିକାରୀ ଓ ବ୍ୟାପକ ପୋଲିସ କର୍ମଚାରୀଙ୍କ ଉପସ୍ଥିତିରେ ଅଭିଯୁକ୍ତ ମୁଜାମିଲ୍ ଏବଂ ଅବଦୁଲ୍ ୱାକିର୍‌ଙ୍କ ଗେଟ୍ ଏବଂ ଘର କାନ୍ଥ ଭଙ୍ଗାଯାଉଥିବା ଭିଡିଓରେ ଦେଖିବାକୁ ମିଳିଛି। ଜୁନ୍ ୩ କାନପୁର ହିଂସାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଜାଫର ହୟାତଙ୍କ ସହ ଲିଙ୍କ୍ ରଖିଥିବା ମହମ୍ମଦ ଇଶ୍‌ତିଆକ୍‌ଙ୍କ ଘର ମଧ୍ୟ ଭଙ୍ଗାଯାଇଛି। ଏହି ନବନିର୍ମିତ ଘରେ ମାଷ୍ଟରମାଇଣ୍ଡ ହୟାତ ଟଙ୍କା ନିବେଶ କରିଥିଲେ ବୋଲି କୁହାଯାଇଛି। ସେହିପରି ବିନା ଅନୁମତିରେ ଆନ୍ଦୋଳନ କରିଥିବା ଅଭିଯୋଗରେ ମୁମ୍ବାଇ ପୋଲିସ ବିକ୍ଷୋଭକାରୀଙ୍କ ବିରୋଧରେ ମାମଲା ରୁଜୁ କରିଛି। ନୂପୁର ଓ ଜିନ୍ଦଲଙ୍କ ଗିରଫ ଦାବିରେ ଦିଲ୍ଲୀ ୟୁନିଭର୍ସିଟିରେ ମୁସଲମାନ ଛାତ୍ର ସଙ୍ଗଠନ ପକ୍ଷରୁ ଶନିବାର ବିକ୍ଷୋଭ କରାଯାଇଛି। ଶୁକ୍ରବାର ହିଂସାକାଣ୍ଡ ପରେ ପଶ୍ଚିମବଙ୍ଗ ହାଓଡା ପୋଲିସ କମିଶନର ଭାବେ ସି. ସୁଧାକରଙ୍କ ସ୍ଥାନରେ ପ୍ରବୀଣ ତ୍ରିପାଠୀଙ୍କୁ ନିଯୁକ୍ତ କରାଯାଇଛି। ସ୍ୱାତୀ ଭଙ୍ଗାଲିଆଙ୍କୁ ହାଓ୍ୱଡା ଏସ୍‌ପି କରାଯାଇଛି। ସି. ସୁଧାକର କୋଲକାତା ପୋଲିସ ଯୁଗ୍ମ କମିଶନର ଏବଂ ସୌମ୍ୟ ରଏଙ୍କୁ ଦକ୍ଷିଣ ପଶ୍ଚିମ ଡିଭିଜନ ଡେପୁଟି କମିଶନର ଦାୟିତ୍ୱ ମିଳିଛି।




ପୋଲିସ ଗୁଳିରେ ରାଞ୍ଚିରେ ୨ ଜଣଙ୍କ ମୃତ୍ୟୁର ତଦନ୍ତ ଓ ନୂପୁର ଶର୍ମାଙ୍କ ଗିରଫ ଦାବିରେ ଦିଲ୍ଲୀ ୟୁନିଭର୍ସିଟିର ମୁସ୍‌ଲିମ୍ ଷ୍ଟୁଡେଣ୍ଟ୍ସ ଫେଡେରେଶନ ପକ୍ଷରୁ ଶନିବାର ବିଶ୍ୱବିଦ୍ୟାଳୟର କଳା ବିଭାଗ ନିକଟରେ ଆନ୍ଦୋଳନ କରାଯାଉଛି।

## ବିକ୍ଷୋଭ ନ କରି ଗୁଳି ଖାଇଛି



ରାଞ୍ଚି ହିଂସାକାଣ୍ଡରେ ଆହତ ହୋଇ ୨୦ରୁ ଉର୍ଦ୍ଧ୍ୱ ଚିକିତ୍ସାଧୀନ ଥିବାବେଳେ ଜଣେ ଯୁବକ ବିକ୍ଷୋଭରେ ସାମିଲ ନ ହୋଇ ବି ପୋଲିସ ଗୁଳିର ଶିକାର ହୋଇଥିବା ଅଭିଯୋଗ ଆଣିଛନ୍ତି। ତାଙ୍କ ଦେହରେ ୬ଟି ଗୁଳି ବାଜିଥିଲା। ଡାକ୍ତର ୪ଟି ଗୁଳି ବାହାର କରିଥିବାବେଳେ ଏବେ ବି ଆଉ ୨ଟି ତାଙ୍କ ଶରୀରରେ ଥିବା ସେ କହିଛନ୍ତି। ରାଜେନ୍ଦ୍ର ମେଡିକାଲରେ ଚିକିତ୍ସିତ ହେଉଥିବା ଏହି ଯୁବକଙ୍କ ଅଭିଯୋଗ ଅନୁସାରେ, ସେ ମାର୍କେଟରୁ ଘରକୁ ଫେରୁଥିବାବେଳେ କେତେଜଣ ଆନ୍ଦୋଳନକାରୀ ପଥର ମାଡ଼ କରୁଥିବା ଦେଖିବାକୁ ପାଇଥିଲେ। ସେହି ସମୟରେ ପୋଲିସ ଗୁଳି ଚଳାଇଥିଲା। ସେ ସେଠାରୁ ପଳାଇବାକୁ ଚେଷ୍ଟା କରୁଥିବାବେଳେ ତାଙ୍କ ଦେହରେ ଗୁଳି ବାଜିଥିଲା। ସେହିପରି ତବାରକ୍ ନାମକ ଆଉ ଜଣେ ଆହତ ବ୍ୟକ୍ତି ମଧ୍ୟ ସମାନ ଅଭିଯୋଗ ଆଣିଛନ୍ତି।

## ପାଗଳାମୀ ଦେଖି ପ୍ରଫେଟ୍ ବି ସ୍ତବ୍ଧ ହୋଇଥାନ୍ତେ: ତସ୍‌ଲିମା



**ନୂଆଦିଲ୍ଲୀ, ୧୧।୬:** ପ୍ରଫେଟ ମହମ୍ମଦଙ୍କ ଉପରେ ବିବାଦୀୟ ମନ୍ତବ୍ୟକୁ ନେଇ ଇସ୍‌ଲାମୀୟ ରାଷ୍ଟ୍ରଗୁଡ଼ିକର ପ୍ରତିକ୍ରିୟା ଏବଂ ଭାରତରେ ଜାରି ଥିବା ହିଂସାକାଣ୍ଡକୁ ନେଇ ଜଣାଶୁଣା ବାଂଲାଦେଶୀ ଲେଖିକା ତସ୍‌ଲିମା ନସ୍‌ରିନ୍‌ଙ୍କ ମନ୍ତବ୍ୟ ଏବେ ଚର୍ଚ୍ଚାକୁ ଆସିଛି। ଯଦି ଆଜି ପ୍ରଫେଟ୍ ମହମ୍ମଦ ବଞ୍ଚିଥାନ୍ତେ ତେବେ ବିଶ୍ୱବ୍ୟାପୀ ମୁସଲମାନଙ୍କ ଏଭଳି ପାଗଳାମୀ ଦେଖି ସ୍ତବ୍ଧ ହୋଇଥାନ୍ତେ ବୋଲି ତସ୍‌ଲିମା କହିଛନ୍ତି। 'ଲଜ୍ଜା' ପୁସ୍ତକ ଲେଖିକା ୫୯ ବର୍ଷୀୟା ତସ୍‌ଲିମା ଆହୁରି କହିଛନ୍ତି, ସମାଲୋଚନାର ଉର୍ଦ୍ଧ୍ୱରେ କେହି ନାହାନ୍ତି, ସେ କୌଣସି ମାନବ ହୁଅନ୍ତୁ ଅବା ସନ୍ଥ, ଭଗବାନ, ମେସିହା କିମ୍ବା ପ୍ରଫେଟ୍। ଦୁନିଆକୁ ଆହୁରି ଉନ୍ନତ କରିବାକୁ ହେଲେ ସମାଲୋଚନାମୂଳକ ଗମ୍ଭୀର ଯାଞ୍ଚ ହେବା ଆବଶ୍ୟକ। 'ଲଜ୍ଜା' ପାଇଁ ବାଂଲାଦେଶରେ ଘୋର ବିରୋଧର ସମ୍ମୁଖୀନ ହେବା ସହ ହତ୍ୟା ଧମକ ପାଇବା ପରେ ୩ ଦଶନ୍ଧି ଧରି ତସ୍‌ଲିମା ନିଜ ଦେଶ ବାହାରେ ରହୁଛନ୍ତି। ତାଙ୍କ ପାଖରେ ସୁଇଡେନ୍ ନାଗରିକତ୍ୱ ରହିଥିବାବେଳେ ସେ ଆମେରିକା ଏବଂ ୟୁରୋପରେ ରହୁଛନ୍ତି। ଅନେକ ସମୟରେ ସେ ଭାରତରେ ମଧ୍ୟ ରହିଥାନ୍ତି।

## ପଶ୍ଚିମବଙ୍ଗ ଭାଜପା ସଭାପତି ଗିରଫ

**କୋଲକାତା, ୧୧।୬**



ପଶ୍ଚିମବଙ୍ଗ ହାଓଡାରେ ହିଂସାକାଣ୍ଡ ଘଟିଥିବା ଘଟଣାସ୍ଥଳ ପରିଦର୍ଶନ ନିମନ୍ତେ ଯାଉଥିବାବେଳେ ରାଜ୍ୟ ଭାଜପା ସଭାପତି ସୁକାନ୍ତ ମଜୁମଦାରଙ୍କୁ ଶନିବାର ଗିରଫ କରାଯାଇଥିଲା। ଏହାର କିଛି ସମୟ ପରେ ତାଙ୍କୁ ପଶ୍ଚିମବଙ୍ଗ ପୋଲିସ ଛାଡ଼ି ଦେଇଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କୁ ଗୃହବନ୍ଦୀ ରଖିଥିବା ମଜୁମଦାର ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଶନିବାର ସକାଳେ ମଧ୍ୟ ହାଓଡାରେ ପୋଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ସଂଘର୍ଷ ଦେଖିବାକୁ ମିଳିଥିଲା। ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିଥିଲା। ଏ ନେଇ ମମତା ବାର୍ନାଜୀ ଏକ ଟୁଇଟ୍ କରି କହିଛନ୍ତି, ଦୁଇ ଦିନ ହେଲା ହାଓଡାରେ ବିଶୃଙ୍ଖଳା ଦେଖାଦେଇଛି। କେତେକ ରାଜନୈତିକ ଦଳ ହିଂସାକୁ ଉସୁକାଉଛନ୍ତି। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

## କଶ୍ମୀରୀ ୟୁଟ୍ୟୁବର ଗିରଫ

**ଶ୍ରୀନଗର, ୧୧।୬**



ନୂପୁର ଶର୍ମାଙ୍କ ଉପରେ ଆପତ୍ତିଜନକ ଭିଡିଓ କରିଥିବା କଶ୍ମୀରୀ ୟୁଟ୍ୟୁବର ଫୈଜଲ ୱାନିଙ୍କୁ ଶନିବାର ଗିରଫ କରାଯାଇଛି। ଏହି ଭିଡିଓରେ ସେ ଭିଏଫ୍‌ଏକ୍ସ ବ୍ୟବହାର କରି ନୂପୁରଙ୍କ ଏକ ଫଟୋରେ ମୁଣ୍ଡ କାଟୁଥିବା ଦେଖିବାକୁ ମିଳିଥିଲା। ଖୋଲାଦେହରେ ସେ ଏକ ଖଣ୍ଡା ମଧ୍ୟ ଧରିଥିଲେ। ୟୁଟ୍ୟୁବ୍‌ରେ 'ଡିପ୍ ପେନ୍ ଫିଟ୍‌ନେସ୍' ନାମରେ ତାଙ୍କର ଏକ ଚ୍ୟାନେଲ ରହିଛି। ଭିଡିଓ ଭାଇରାଲ ହେବା ପରେ ସେ ଏହାକୁ ୟୁଟ୍ୟୁବ୍‌ରୁ ହଟାଇବା ସହ କ୍ଷମା ମାଗିଥିଲେ।

## ସଂକ୍ଷେପରେ

### ସର୍ଦ୍ଦାର ପଟେଲ ଷ୍ଟାଡିୟମ ନାମ ପରିବର୍ତ୍ତନକୁ ବିରୋଧ
### ଆଜି ପଟିଦାର ଆନ୍ଦୋଳନ

**ଅହମଦାବାଦ, ୧୧।୬:** ଗୁଜରାଟର ଅହମଦାବାଦରେ ଥିବା ମୋଟେରା ଷ୍ଟାଡିୟମ ପୂର୍ବରୁ ସର୍ଦ୍ଦାର ପଟେଲଙ୍କ ନାମରେ ନାମିତ ହୋଇଥିଲା। ଏହାକୁ ନରେନ୍ଦ୍ର ମୋଦି ଷ୍ଟାଡିୟମ ଭାବେ ପୁନଃ ନାମକରଣ କରାଯାଇଥିବାରୁ ଏହାର ପ୍ରତିବାଦରେ ରବିବାର ପଟିଦାର ସମ୍ପ୍ରଦାୟ ଓ ଅନ୍ୟାନ୍ୟ ସଂଗଠନର ସଦସ୍ୟମାନେ ଆନ୍ଦୋଳନକୁ ଓହ୍ଲାଇବେ। ଷ୍ଟାଡିୟମକୁ ପୁନର୍ବାର ସର୍ଦ୍ଦାର ପଟେଲଙ୍କ ନାମରେ ନାମିତ କରିବା ଲାଗି ସେମାନେ ଦାବି କରିଛନ୍ତି। ଗୁଜରାଟ ବିଧାନସଭା ନିର୍ବାଚନ ପୂର୍ବରୁ ବିଶ୍ୱର ସର୍ବବୃହତ୍ ଷ୍ଟାଡିୟମକୁ ନେଇ ରାଜନୀତି ଜୋର୍ ଧରିଛି। ସର୍ଦ୍ଦାର ସମ୍ମାନ ସଂକଳ୍ପ ଆନ୍ଦୋଳନ ସମିତି ନାମରେ ପଟିଦାର ସଂଗଠନଗୁଡ଼ିକ ଏକାଠି ହୋଇ ଷ୍ଟାଡ଼ିୟମର ନାମ ପରିବର୍ତ୍ତନ ଲାଗି ଦାବି କରିଛନ୍ତି। ୨୦୧୫ରେ ହାର୍ଦ୍ଦିକ ପଟେଲଙ୍କ ନେତୃତ୍ୱରେ ଆନ୍ଦୋଳନ ଚଳାଇଥିବା ପଟିଦାର ଅନାମତ ଆନ୍ଦୋଳନ ସମିତି ମଧ୍ୟ ଉକ୍ତ ଆନ୍ଦୋଳନକୁ ସମର୍ଥନ ଜଣାଇଛି। ରବିବାର ବର୍ଦୋଇର ସ୍ୱରାଜ ଆଶ୍ରମରୁ ଏକ ରାଲି ଷ୍ଟାଡିୟମ ଅଭିମୁଖେ ବାହାରିବ। ସୋମବାର ସନ୍ଧ୍ୟାରେ ଷ୍ଟାଡିୟମର ୧ ନମ୍ବର ଗେଟ୍ ଆଗରେ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯିବ। ସରକାର ଷ୍ଟାଡିୟମ ନାଁ ନ ବଦଳାଇଲେ ଆନ୍ଦୋଳନକୁ ଆହୁରି ଜୋର୍‌ଦାର କରାଯିବ ବୋଲି ପଟିଦାର ନେତା କହିଛନ୍ତି।

### ବେଆଇନ ଶରଣାର୍ଥୀଙ୍କୁ ରୁଆଣ୍ଡା ପଠାଇବ ବ୍ରିଟେନ

**ଲଣ୍ଡନ, ୧୧।୬:** ବ୍ରିଟେନରେ ବେଆଇନ ଭାବେ ଥିବା ଶରଣାର୍ଥୀଙ୍କୁ ପୂର୍ବ ଆଫ୍ରିକୀୟ ଦେଶ ରୁଆଣ୍ଡା ପଠାଇବା ନିମନ୍ତେ ଗୃହ ସଚିବ ପ୍ରୀତି ପଟେଲଙ୍କ ଯୋଜନାକୁ ଲଣ୍ଡନ ହାଇକୋର୍ଟ ମଞ୍ଜୁରୀ ଦେଇଛନ୍ତି। କୋର୍ଟର ନିଷ୍ପତ୍ତିକୁ ସ୍ୱାଗତ କରି ପ୍ରୀତି ପଟେଲ କହିଛନ୍ତି, ଏହା ଦ୍ୱାରା ବ୍ରିଟେନକୁ ବେଆଇନ ପ୍ରବେଶ ବନ୍ଦ କରାଯାଇପାରିବ। ଏଥିସହ ଲୋକେ ପୁନର୍ବାସ ବଦଳର ଆଇନଗତ ଲଢ଼େଇ ମାଧମରେ ନିଜର ମୂଳ ବାସସ୍ଥଳୀକୁ ଫେରିବା ପାଇଁ ଉଦ୍ୟମ କରିବେ। ଯେଉଁମାନେ ବେଆଇନ ଭାବେ ଦେଶକୁ ଆସିବେ ସେମାନଙ୍କୁ ରୁଆଣ୍ଡା ପଠାଯିବ। ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍ ମଧ କୋର୍ଟଙ୍କ ରାୟକୁ ସ୍ୱାଗତ କରିଛନ୍ତି। ମାନବ ଚାଲାଣକାରୀମାନେ ନୀରିହ ଲୋକଙ୍କ ଜୀବନକୁ ବିପଦରେ ଛାଡ଼ିଦେବାକୁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ବୋରିସ୍ ଟୁଇଟ୍ କରିଛନ୍ତି। ତେବେ ଏଭଳି ନିଷ୍ପତ୍ତିକୁ ଅନେକେ ସମାଲୋଚନା ମଧ କରିଛନ୍ତି। ସରକାରଙ୍କ ଏହି ପଦକ୍ଷେପ ଚିନ୍ତାଜନକ ଏବଂ କମନ୍‌ୱେଲ୍‌ଥ ସମ୍ମିଳନୀକୁ ପ୍ରଭାବିତ କରିବ ବୋଲି ପ୍ରିନ୍ସ ଚାର୍ଲସ୍ କହିଛନ୍ତି।

### ଅମନଦୀପ୍ ଜାତିସଂଘ ମୁଖ୍ୟଙ୍କ ବୈଷୟିକ ପ୍ରତିନିଧି



**ନୂଆଦିଲ୍ଲୀ, ୧୧।୬:** ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଭାରତର ବରିଷ୍ଠ କୂଟନୀତିଜ୍ଞ ଅମନଦୀପ୍ ସିଂ ଗିଲ୍‌ଙ୍କୁ ତାଙ୍କର ବୈଷୟିକ ପ୍ରତିନିଧି ନିଯୁକ୍ତ କରିଛନ୍ତି। ଅମନଦୀପ୍‌ଙ୍କୁ ଡିଜିଟାଲ ପ୍ରଯୁକ୍ତିର ଜଣେ ଚିନ୍ତାନାୟକ ଭାବେ ଜାତିସଂଘ ବର୍ଣ୍ଣନା କରିଛି। ସେ ୨୦୧୬ରୁ ୨୦୧୮ ଜେନେଭାରେ ନିରସ୍ତ୍ରୀକରଣ ସମ୍ମିଳନୀରେ ଭାରତର ରାଷ୍ଟ୍ରଦୂତ ଓ ସ୍ଥାୟୀ ପ୍ରତିନିଧି ଥିଲେ। ତାଙ୍କୁ ଇଣ୍ଟରନ୍ୟାଶନାଲ ଡିଜିଟାଲ ହେଲ୍‌ଥ ଆଣ୍ଡ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ରିସର୍ଚ୍ଚ କୋଲାବୋରୋଟିଭ୍ (ଆଇ-ଡିଏଆଇଆର୍) ପ୍ରୋଜେକ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନିଯୁକ୍ତ କରାଯାଇଛି।

### ଯୁବତୀଙ୍କୁ ଗଣବଳାତ୍କାର ବେଳର ଲାଇଭ୍-ଷ୍ଟ୍ରିମ୍

**ଭୋପାଳ, ୧୧।୬:** ମଧ୍ୟପ୍ରଦେଶର ଗ୍ୱାଲିୟରରେ ଜଣେ ୧୮ ବର୍ଷୀୟା ଯୁବତୀଙ୍କୁ ଦୁଇଜଣ ବଳାତ୍କାର କରିବା ପରେ ଅପରାଧ ଦୃଶ୍ୟର ଲାଇଭ୍ ଷ୍ଟ୍ରିମିଂ କରି ସେମାନଙ୍କର ଜଣେ ବନ୍ଧୁଙ୍କୁ ଦେଖାଇଥିଲେ। ପରେ ଅଭିଯୁକ୍ତମାନେ ଉକ୍ତ ଭିଡିଓକୁ ବ୍ୟବହାର କରି ଯୁବତୀଙ୍କୁ ବ୍ଲାକ୍‌ମେଲ କରିବା ସହ ବର୍ଷେ ହେଲା ବିଭିନ୍ନ ସମୟରେ ବଳାତ୍କାର କରିଆସୁଥିଲେ। କିଛିଦିନ ପୂର୍ବରୁ ଯୁବତୀଙ୍କର ନିର୍ବନ୍ଧ ହେବା ପରେ ଜଣେ ବଳାତ୍କାରୀ ତାଙ୍କ ଭାବୀ ସ୍ୱାମୀଙ୍କ ନିକଟକୁ ଫଟୋ ପଠାଇ ଦେବାରୁ ବିବାହ ଭାଙ୍ଗିଯାଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତ ଫେରାର ଅଛନ୍ତି।

## ୮୦ ଫୁଟ୍ ବୋର୍‌ୱେଲ୍‌ରେ ବାଳକ

**ଦ୍ୱିତୀୟ ଦିନରେ ଉଦ୍ଧାର କାର୍ଯ୍ୟ**

**ରାୟପୁର, ୧୧।୬**



ଛତିଶଗଡ଼ ଜାଞ୍ଜଗିରି ଚମ୍ପା ଜିଲାର ପିହରିଡି ଗ୍ରାମର ୧୧ ବର୍ଷର ରାହୁଲ ସାହୁ ଶୁକ୍ରବାର ରାତିରେ ୮୦ ଫୁଟ ଗଭୀର ବୋର୍‌ୱେଲରେ ଖସିପଡ଼ିଛନ୍ତି। ରାହୁଲଙ୍କୁ ବୋର୍‌ୱେଲରୁ ସୁରକ୍ଷିତ ଭାବେ ବାହାର କରିବା ପାଇଁ ରେସ୍କ୍ୟୁ ଟିମ୍ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଦୁଇଦିନ ଧରି ଜାରି ରହିଛି। ନ୍ୟାଶନାଲ ଡିଜାଷ୍ଟର ରେସ୍ପନ୍ସ ଫୋର୍ସ (ଏନ୍‌ଡିଆର୍‌ଏଫ), ଷ୍ଟେଟ୍ ଡିଜାଷ୍ଟର ରେସ୍ପନ୍ସ ଫୋର୍ସ (ଏସ୍‌ଡିଆର୍‌ଏଫ୍) ଏବଂ ସେନାର ମିଳିତ ଉଦ୍ୟମରେ ଉଦ୍ଧାର କାର୍ଯ୍ୟ କରାଯାଉଛି। ଜିଲାପାଳ, ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍‌ର ଏସ୍‌ପି ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି। ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ଘଟଣା ଉପରେ ନଜର ରଖିଥିବାବେଳେ ଜେସିବି ସାହାଯ୍ୟରେ ଗାତ ଖୋଳା ଚାଲିଛି। ପାଇପ୍ ଜରିଆରେ ରାହୁଲଙ୍କୁ ଖାଦ୍ୟ ସମେତ ଅମ୍ଳଜାନ ଯୋଗାଯାଉଛି। ଶୁକ୍ରବାର ରାତିରେ ଘଟଣାର ସୂଚନା ପାଇ ଓଡ଼ିଶା ଏନ୍‌ଡିଆର୍‌ଏଫ୍ ଟିମ୍ ଉଦ୍ଧାର କାର୍ଯ୍ୟ ପାଇଁ ସେଠାରେ ପହଞ୍ଚିଥିଲା। ରିପୋର୍ଟ ଲେଖିବା ସମୟରେ ଉଦ୍ଧାର କାର୍ଯ୍ୟ ପାଇଁ ଜେସିବି ସହାୟତାରେ ୪୫ ଫୁଟର ଗାତ ଖୋଳାଯାଇଥିବାବେଳେ ରାହୁଲଙ୍କ ହାତ ଦେଖିବାକୁ ମିଳିଥିବା ଉଦ୍ଧାରକାରୀ ଦଳ କହିଛନ୍ତି। ସେହିପରି ଆଉ ୨୦ ଫୁଟ ଗାତ ଖୋଳାଗଲେ ତାଙ୍କୁ ସୁରକ୍ଷିତ ଭାବେ ବାହାର କରାଯିବ ବୋଲି କୁହାଯାଉଛି।

## ହସ୍ପିଟାଲରେ ନିଆଁ: ଅକ୍ସିଜେନ ଅଭାବରୁ ରୋଗୀ ମୃତ

**ନୂଆଦିଲ୍ଲୀ, ୧୧।୬**




ଦିଲ୍ଲୀର ରୋହିଣୀ ଅଞ୍ଚଳରେ ଥିବା ଏକ ହସ୍ପିଟାଲରେ ଶନିବାର ସକାଳେ ନିଆଁ ଲାଗିଯିବାରୁ ଅକ୍ସିଜେନ୍ ଯୋଗାଣ ବାଧାପ୍ରାପ୍ତ ହୋଇଥିଲା। ଫଳରେ ଅକ୍ସିଜେନ୍ ଅଭାବରୁ ଜଣେ ୬୪ ବର୍ଷୀୟ ରୋଗୀଙ୍କ ମୃତ୍ୟୁ ଘଟିଛି। ଶର୍ଟ ସର୍କିଟ ଯୋଗୁ ଶନିବାର ଭୋର ୫ଟା ସମୟରେ ବ୍ରହ୍ମ ଶକ୍ତି ହସ୍ପିଟାଲର ତୃତୀୟ ମହଲାରେ ନିଆଁ ଲାଗିଯାଇଥିଲା। ନିଆଁ ଲିଭାଇବାକୁ ୯ ଦମକଳ ଗାଡ଼ି ପହଞ୍ଚିଥିଲା। ସମସ୍ତଙ୍କୁ ନିରାପଦର ସହ ଉଦ୍ଧାର କରାଯାଇଥଲା। ଆଇସିୟୁରେ ଭେଣ୍ଟିଲେଟର ସପୋର୍ଟରେ ଥିବା ଜଣେ କିଡ୍‌ନୀ ରୋଗୀଙ୍କୁ ଉଦ୍ଧାର କରାଯାଇଥିଲେ ହେଁ ଅକ୍ସିଜେନ ଅଭାବ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ସ୍ଥାନୀୟ ଡିସିପି ପ୍ରଣବ ତୟାଲ କହିଛନ୍ତି। ହସ୍ପିଟାଲରେ ଅଗ୍ନି ନିର୍ବାପନ ବ୍ୟବସ୍ଥା କାର୍ଯ୍ୟ କରୁ ନ ଥିଲା ଏବଂ ଅଗ୍ନି ପ୍ରସ୍ଥାନ ଡୋର୍ ବନ୍ଦ ଥିଲା ବୋଲି ଡିସିପି କହିଛନ୍ତି।

## ୩୦ ଯବାନଙ୍କ ନାଁରେ ଚାର୍ଜଶିଟ୍

**ଗୁଆହାଟୀ, ୧୧।୬**

**ନାଗାଲାଣ୍ଡରେ ୧୪ ନାଗରିକଙ୍କୁ ହତ୍ୟା ମାମଲା**

ନାଗାଲାଣ୍ଡରେ ଗତବର୍ଷ ସୁରକ୍ଷା ବଳର ଅତର୍କିତ ଆକ୍ରମଣରେ ୧୪ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ମାମଲାରେ ନାଗାଲାଣ୍ଡ ପୋଲିସର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ସେନା ସ୍ୱତନ୍ତ୍ର ବଳର ଜଣେ ଅଫିସର ଓ ୨୯ ଯବାନଙ୍କ ନାଁରେ ଚାର୍ଜଶିଟ୍ ଦାଖଲ କରିଛି। ଯବାନମାନେ ଷ୍ଟାଣ୍ଡାର୍ଡ ଅପରେଶନ ପ୍ରୋସିଜ୍ୟୁର୍ (ଏସ୍‌ଓପି) ଏବଂ ନିୟମାବଳୀ ଅନୁପାଳନ କରି ନ ଥିଲେ ବୋଲି ଏସ୍‌ଆଇଟି ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛି।

ସୂଚନାଯୋଗ୍ୟ, ୨୦୨୧ ଡିସେମ୍ବର ୪ ରାତିରେ ନାଗାଲାଣ୍ଡର ମୋନ ଜିଲା ଅନ୍ତର୍ଗତ ଓଟିଙ୍ଗ ଅଞ୍ଚଳରେ କେତେଜଣ ଶ୍ରମିକ ଖଣି କାମ ସାରି ଏକ ପିକ୍‌ଅପ୍ ଟ୍ରକ୍‌ରେ ଫେରୁଥିବାବେଳେ ସେମାନଙ୍କୁ ଉଗ୍ରପନ୍ଥୀ ଭାବି ୨୧ ପାରା ସ୍ପେଶାଲ ଫୋର୍ସର ଯବାନମାନେ ଗୁଳି ଚଳାଇଥିଲେ। ଏଥିରେ ୧୪ ନିରୀହ ଲୋକଙ୍କର ମୃତ୍ୟୁ ଘଟିଥିଲା। ପରେ ଉତ୍ୟକ୍ତ ଲୋକଙ୍କ ଆକ୍ରମଣରେ ଜଣେ ଯବାନ ନିହତ ହୋଇଥିଲେ। ଯବାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଅନୁମତି ଦେବାକୁ ରାଜ୍ୟ ପୋଲିସ ପ୍ରତିରକ୍ଷା ମନ୍ତ୍ରଣାଳୟକୁ ଚିଠି ଲେଖିଥିଲା। ସେନାର କୋର୍ଟ ଅଫ୍ ଇନ୍‌କ୍ୱାରି ମଧ୍ୟ ସେନା ଗୁଳିକାଣ୍ଡ ଘଟଣାର ତଦନ୍ତ କରିଥିଲା। ଗୁଳି ଚଳାଇଥିବା ଯବାନଙ୍କ ବିରୋଧରେ ଟିଜିଟ ଥାନାରେ ଆଇପିସିର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଥିଲା। ଏତଦ୍ ବ୍ୟତୀତ ରାଜ୍ୟ ଅପରାଧ ଥାନାରେ ଅନ୍ୟ ଏକ ମାମଲା ଦାଏର ହୋଇଥିଲା। ଶନିବାର ମୋନ ଜିଲାର ଜିଲା ଓ ସେସନ୍ସ କୋର୍ଟରେ ଏସ୍‌ଆଇଟି ଚାର୍ଜଶିଟ୍ ଦାଖଲ କରିଛି।

## ହରିୟାଣାରେ କଂଗ୍ରେସକୁ ଝଟକା

**ନୂଆଦିଲ୍ଲୀ, ୧୧।୬**

**ରାଜ୍ୟ ସଭା ନିର୍ବାଚନ**

- ମହାରାଷ୍ଟ୍ରରୁ ଭାଜପାକୁ ୩, ଶାସକ ମେଣ୍ଟକୁ ୩ ଆସନ
- ହାରିଲେ ଅଜୟ ମାକେନ



ଅଜୟ ମାକେନ

ମହାରାଷ୍ଟ୍ରର ୬ ରାଜ୍ୟ ସଭା ଆସନ ପାଇଁ ହୋଇଥବା ନିର୍ବାଚନରେ ଶାସକ ଦଳ ଶିବସେନାକୁ ଝଟକା ଲାଗିଛି। ସେଠାରେ ବିରୋଧୀ ଦଳ ଭାଜପାର ୩ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଶୁକ୍ରବାର ନିର୍ବାଚନ ଅନୁଷ୍ଠିତ ହୋଇଥିଲେ ହେଁ ନିର୍ବାଚନ ନିୟମ ଉଲ୍ଲଂଘନକୁ ନେଇ ବିବାଦ ଦେଖାଦେବାରୁ ଦୀର୍ଘ ସମୟ ଭୋଟଗଣତି ବନ୍ଦ ରହିଥିଲା। ଫଳରେ ଶନିବାର ସକାଳେ ଫଳାଫଳ ପ୍ରକାଶ ପାଇଥିଲା। ଭାଜପାରୁ ଜିତିଥିବା ୩ ପ୍ରାର୍ଥୀ ହେଲେ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ, ଅନିଲ ବୋଣ୍ଡେ ଏବଂ ଧନଞ୍ଜୟ ମହାଦିକ୍। ଶିବସେନା ୨ ପ୍ରାର୍ଥୀ ଦେଇଥିବାବେଳେ କେବଳ ସଞ୍ଜୟ ରାଉତଙ୍କୁ ଜିତାଇବାରେ ସକ୍ଷମ ହୋଇଛି। ଦଳର ଦ୍ୱିତୀୟ ପ୍ରାର୍ଥୀ ସଞ୍ଜୟ ପାଓ୍ୱାର ହାରିଯାଇଛନ୍ତି। ସେହିପରି କଂଗ୍ରେସରୁ ଇମ୍ରାନ ପ୍ରତାପଗଡ଼ି ଏବଂ ଏନ୍‌ସିପିରୁ ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରଫୁଲ୍ଲ ପଟେଲ ରାଜ୍ୟ ସଭାକୁ ନିର୍ବାଚିତ ହୋଇଛନ୍ତି।

ହରିୟାଣାରେ କଂଗ୍ରେସର ରାଜ୍ୟ ସଭା ପ୍ରାର୍ଥୀ ଅଜୟ ମାକେନ ପରାଜିତ ହୋଇଛନ୍ତି। ସେଠାରେ ଭାଜପା ପ୍ରାର୍ଥୀ ଜିତିବା ସହ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କୁ ଜିତାଇବାରେ ସମର୍ଥ ହୋଇଛି। ମାକେନ ୩୦ ଭୋଟ ପାଇଥିଲେ ହେଁ ଗୋଟିଏ ଭୋଟ ନାକଚ ହୋଇଯାଇଥିଲା। ଭାଜପା ଏବଂ ଜେଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ କାର୍ତ୍ତିକେୟ ଶର୍ମା ଜିତିଯାଇଥିଲେ। ଭାଜପା ପ୍ରାର୍ଥୀ କିଷନ ଲାଲ ପନଓ୍ୱର ୩୧ ଭୋଟ ପାଇ ଜିତିଥିବାବେଳେ ଶର୍ମାଙ୍କୁ ୨୮ ଏବଂ ମାକେନଙ୍କୁ ୨୯ ଭୋଟ ମିଳିଥିଲା। ପନଓ୍ୱରଙ୍କୁ ମିଳିଥିବା ଅତିରିକ୍ତ ୧.୬୬ ଭୋଟ ସହାୟତାରେ ଶର୍ମା ଜିତିଯାଇଥିଲେ। ଫଳରେ କଂଗ୍ରେସକୁ ଶକ୍ତ ଝଟ୍‌କା ଲାଗିଛି।

୪ ରାଜ୍ୟର ୧୬ ରାଜ୍ୟ ସଭା ଆସନ ପାଇଁ ହୋଇଥିବା ନିର୍ବାଚନରେ ଭାଜପା ୮ ଆସନ ହାତେଇଥିବାବେଳେ କଂଗ୍ରେସକୁ ୫ ଆସନ ମିଳିଛି। ଏନ୍‌ସିପି ଏବଂ ଶିବସେନାକୁ ଗୋଟିଏ ଲେଖାଏ ଆସନ ମିଳିଥିବାବେଳେ ଭାଜପା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ହରିୟାଣାରେ ବିଜୟୀ ହୋଇଛନ୍ତି। ରାଜସ୍ଥାନର ୪ ଆସନ ମଧ୍ୟରୁ କଂଗ୍ରେସକୁ ୩ଟି ମିଳିଥିବାବେଳେ ଭାଜପା ଗୋଟିଏ ଆସନ ଜିତିଥିଲା। ଅନ୍ୟପକ୍ଷରେ କର୍ନାଟକରେ ଭାଜପାକୁ ୩ ଏବଂ କଂଗ୍ରେସକୁ ଗୋଟିଏ ଆସନ ମିଳିଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୩,୯୯,୮୧,୩୦୫ | ୬୩,୩୦,୩୪୭ | ୫୧,୨୬,୧୯,୯୦୦ |
| ଭାରତ | ୪,୩୨,୧୩,୪୩୫ | ୫,୨୪,୭୫୭ | ୪,୨୬,୪୮,୩୦୮ |
| ଓଡ଼ିଶା | ୧୨,୮୮,୬୭୦ | ୯୧୨୬(+୫୩) | ୧୨,୭୯,୨୯୧ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ‘ରାଧାମୋହନଙ୍କ ଜୈବିକ ଚାଷ ପଦ୍ଧତି ସମାଜ ପାଇଁ ବରଦାନ’

## ନଟବର ଷଡ଼ଙ୍ଗୀଙ୍କୁ ପ୍ରଥମ ‘ପ୍ରଫେସର ରାଧାମୋହନ ସ୍ମାରକୀ ସମ୍ମାନ’

ଭୁବନେଶ୍ୱର,୧୧।୬(ବ୍ୟୁରୋ)

ସମାଜର ବିଭିନ୍ନ ସ୍ରୋତରେ ନିଜକୁ ସାମିଲ କରି କୁସଂସ୍କାର ଦୂର କରିଥିଲେ ପ୍ରଫେସର ରାଧାମୋହନ। ସମାନତା ଆଣିବା ଦିଗରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। କେତେବେଳେ ଅଧ୍ୟାପକ ସାଜି ଛାତ୍ରୀଛାତ୍ରଙ୍କ ଭିତରେ ନୈତିକତା ଆଣିଛନ୍ତି ତ ଆଉ କେତେବେଳେ ପରିବେଶ ସୁରକ୍ଷା ଦିଗରେ ପ୍ରେରଣା ଦେଇଛନ୍ତି। ବିଶେଷକରି ଜୈବିକ ଚାଷ ପଦ୍ଧତି ମଣିଷ ସମାଜ ପାଇଁ ବରଦାନ ଥିଲା, ଯାହା ତାଙ୍କୁ ପରିଚିତ କରାଇଥିଲା। ଏହି ପ୍ରଚେଷ୍ଟା ତାଙ୍କୁ ପଦ୍ମଶ୍ରୀ ସମ୍ମାନ ଆଣି ଦେଇଥିଲା ବୋଲି ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି। ସମ୍ଭବ ଅନୁଷ୍ଠାନ ପକ୍ଷରୁ ଶନିବାର ସୂଚନାଭବନଠାରେ ପଦ୍ମଶ୍ରୀ ପ୍ରଫେସର ରାଧାମୋହନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱଭୂଷଣ କହିଲେ, ବର୍ତ୍ତମାନ ସମୟରେ ରାସାୟନିକ ସାର ପ୍ରୟୋଗଜନିତ ଖାଦ୍ୟ ମଣିଷକୁ ରୁଗ୍‌ଣ କରୁଛି। ଜୈବିକ ଚାଷକୁ ଆପଣେଇଲେ ଏହା ମଣିଷ ସମାଜ ପାଇଁ ବରଦାନ ସଦୃଶ କାମ କରିବ। ପ୍ରଫେସର ରାଧାମୋହନ ହେଉଛନ୍ତି ଜୈବିକ ଚାଷର ଆଦର୍ଶ ଓ ପ୍ରେରଣାଦାତା। ଏକ ସୁନ୍ଦର ଓ ସୁସ୍ଥ ସମାଜ ଗଠନ ଦିଗରେ ତାଙ୍କ ଦିଗ୍‌ଦର୍ଶନ ସହାୟକ ହେବ ବୋଲି ରାଜ୍ୟପାଳ କହିଛନ୍ତି।

କାର୍ଯ୍ୟକ୍ରମରେ ସମ୍ଭବର ସଭାପତି ଡ. ଭଗବାନ ପ୍ରକାଶ, ଭାରତ ସରକାରଙ୍କ ନିର୍ବାଚନ କମିଶନ ପରାମର୍ଶଦାତା ଡ. ଏ.କେ. ଯାଦବ ଓ ରାଧାମୋହନଙ୍କ କନ୍ୟା ପଦ୍ମଶ୍ରୀ ସାବରମତୀ ଉପସ୍ଥିତ ଥିଲେ। ଏହି ଅବସରରେ ନିଆଳି ନିକଟ ନରିଶସ୍ଥିତ ରାଜେନ୍ଦ୍ର ଦେଶୀ ଚାଷ ଗବେଷଣା କେନ୍ଦ୍ରର ପ୍ରମୁଖ ନଟବର ଷଡ଼ଙ୍ଗୀଙ୍କୁ ‘ପ୍ରଥମ ପ୍ରଫେସର ରାଧାମୋହନ ସ୍ମାରକୀ ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। ସେହିପରି ଜୈବିକ କୃଷି ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଜୀବନବ୍ୟାପୀ ଅବଦାନ ପାଇଁ ପ୍ରଫେସର ରାଧାମୋହନଙ୍କ ସ୍ତ୍ରୀ ବିଜୟଲକ୍ଷ୍ମୀ ଗଡ଼ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ପ୍ରଫେସର ରାଧାମୋହନଙ୍କ ଜୀବନୀ ଉପରେ ଏକ ସଂକ୍ଷିପ୍ତ ବୃତ୍ତଚିତ୍ର ‘ମୋହନିରୁ ରାଧାମୋହନ: ଏକ ବିସ୍ମୟକର ରୂପାନ୍ତରଣ’, ସ୍ମରଣିକା ‘ଲକ୍ଷେ ବର୍ଷର ଆୟୁଷ’ ଓ ରାଧାମୋହନଙ୍କ କଲମ ନିସୃତ ଲେଖାର ସଂକଳନ ‘କିଏ କହିବ, କ’ଣ ହେବ’ ଏବଂ ‘ତ୍ରୁଟି କେଉଁଠି’କୁ ଅତିଥିମାନେ ଉନ୍ମୋଚନ କରିଥିଲେ।




‘ସମ୍ଭବ’ ଅନୁଷ୍ଠାନ ପକ୍ଷରୁ ଶନିବାର ସୂଚନାଭବନରେ ଆୟୋଜିତ ପ୍ରଫେସର ରାଧାମୋହନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ଉପସ୍ଥିତ (ବାମରୁ) ଭାରତ ସରକାରଙ୍କ ନିର୍ବାଚନ କମିଶନ ପରାମର୍ଶଦାତା ଡ. ଏ.କେ. ଯାଦବ, ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ସମ୍ଭବର ସଭାପତି ଡ. ଭଗବାନ ପ୍ରକାଶ ଓ ରାଧାମୋହନଙ୍କ କନ୍ୟା ସାବରମତୀ।



ପ୍ରଫେସର ରାଧାମୋହନ ସ୍ମାରକୀ ସମ୍ମାନରେ ସମ୍ମାନିତ ନଟବର ଷଡ଼ଙ୍ଗୀ

# ହାତୀ ଲଢ଼େଇରେ ଦନ୍ତା ମୃତ

କେନ୍ଦୁଝର/ଆନନ୍ଦପୁର,୧୧।୬(ସ୍ୱ.ପ୍ର.)



କେନ୍ଦୁଝର ଜିଲା ଆନନ୍ଦପୁର ବନଖଣ୍ଡ ଅଧୀନ ହଦଗଡ଼ ହସ୍ତୀ ଅଭୟାରଣ୍ୟର ପିତାନାଉ କାଦପଟା ଜଙ୍ଗଲ ପାହାଡ ଉପରେ ଦୁଇ ହାତୀ ମଧ୍ୟରେ ଲଢ଼େଇ ହୋଇ ଗୋଟିଏ ଦନ୍ତାର ପ୍ରାଣ ଯାଇଛି। ଶନିବାର ଜଙ୍ଗଲ ମଧ୍ୟରୁ ଏକ ଦନ୍ତାର ମୃତଦେହ ଜବତ କରାଯାଇଛି। ହାତୀଙ୍କ ଚଳପ୍ରଚଳ ଉପରେ ବନବିଭାଗ ଟ୍ରାକିଂ କରି ନଜର ରଖିଥିବା ବେଳେ ଏହି ହାତୀର ମୃତ୍ୟୁ କେଉଁଦିନ ହେଲା ତାହା କିପରି ଜାଣିପାରିଲା ନାହିଁ ବୋଲି ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଲଢେଇ କରିଥିବା ଅନ୍ୟ ଦନ୍ତା କ୍ଷତବିକ୍ଷତ ହୋଇଥିବା ଆଶଙ୍କା ଥିବାରୁ ତାହାର ଅବସ୍ଥା ଉପରେ ନଜର ରଖାଯାଇଛି ବୋଲି ଆନନ୍ଦପୁର ଡିଏଫ୍‌ଓ ଅଜିତ୍ ଶତପଥୀ କହିଛନ୍ତି।

ଆନନ୍ଦପୁର ଡିଏଫ୍‌ଓ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ବ୍ୟବଚ୍ଛେଦ ପାଇଁ ବ୍ୟବସ୍ଥା କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଦନ୍ତାର ମୃତ୍ୟୁ ସମ୍ପର୍କରେ ଠିକ୍ ତଥ୍ୟ ହସ୍ତଗତ ହେବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ହାତୀ ମୃତ୍ୟୁ ଘଟଣାକୁ ନେଇ ଶାଳବଣି ମଣ୍ଡଳ ଭାଜପା ସଭାପତି ଟୁକୁନା ମହାନ୍ତ ଗୁରୁତର ଅଭିଯୋଗ ଆଣିଛନ୍ତି। ଦନ୍ତାର ମୃତ୍ୟୁ ପାଇଁ ହାତୀ ଦାନ୍ତ ଚୋରଙ୍କୁ ସିଧାସଳଖ ଦୋଷାରୋପ କରିଥିବାବେଳେ ଟୁଇଟ୍ ଯୋଗେ ମୁଖ୍ୟମନ୍ତ୍ରୀ, ୫ଟି ସଚିବ ଓ ପ୍ରଧାନମନ୍ତ୍ରୀଙ୍କଠାରେ ଅଭିଯୋଗ କରିଛନ୍ତି।

୧୯୧ ବର୍ଗ କି.ମି. ପରିମିତ ଅଞ୍ଚଳରେ ସାଳନ୍ଦୀ ନଦୀ ଅବବାହିକାରେ ହଦଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ୧୯୭୮ ମସିହାରେ ସ୍ଥାପନ ହୋଇଥିଲା। ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ ସୀମାକୁ ଲାଗିଥିବା ଏହି ଜୈବମଣ୍ଡଳରେ ହାତୀ, ବାଘ, ଭାଲୁ, ନୀଳଗାଇ, ଗୟଳ, ଭାଲୁ ଆଦି ବିଭିନ୍ନ ପ୍ରକାର ଜୀବଜନ୍ତୁ, ସରୀସୃପ, ପକ୍ଷୀ, କୀଟପତଙ୍ଗ ବସବାସ କରୁଛନ୍ତି। ଗତ ମାସ କେନ୍ଦୁଝରର ବନଖଣ୍ଡ ଚମ୍ପୁଆ ରେଞ୍ଜ୍‌ର ଯୋଡ଼ା ଫରେଷ୍ଟ ସେକ୍ସନ ଅଞ୍ଚଳରେ ମାଲବାହୀ ଟ୍ରେନ ଧକ୍କାରେ ଦୁଇ ଛୁଆ ହାତୀ ସମେତ ୩ହାତୀଙ୍କ ଶୋଚନୀୟ ମୃତ୍ୟୁ ଘଟିଥିଲା। ଫଳରେ ଜିଲାରେ ହାତୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ନିଆଁ ଲାଗି ଜଳିଗଲା ବସ୍

## ଅଳ୍ପକେ ବର୍ତ୍ତିଲେ ୩୦ ଯାତ୍ରୀ

କେନ୍ଦୁଝର, ୧୧।୬ (ସ୍ୱ.ପ୍ର.)

କେନ୍ଦୁଝର ଜିଲା କାଞ୍ଜିପାଣି ଘାଟିଠାରେ ଶୁକ୍ରବାର ବିଳମ୍ବିତ ରାତିରେ ପାଢ଼ୀ ନାମକ ଏକ ବସ୍ ନିଆଁ ଲାଗି ଜଳିଯାଇଛି। ବସ୍‌ରେ ଥିବା ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ପରେ ସେମାନେ ଅନ୍ୟ ଏକ ବସ୍‌ରେ ଘରକୁ ଫେରିଥିଲେ। ସୂଚନା ଅନୁଯାୟୀ, ବସ୍‌ଟି ସବୁଦିନ ଭଳି ରାଉରକେଲାରୁ ବାହାରି କେନ୍ଦୁଝର ଅଭିମୁଖେ ଆସୁଥିଲା। ରାତିରେ ସମସ୍ତ ଯାତ୍ରୀ ଶୋଇଯାଇଥିଲେ। କାଞ୍ଜିପାଣି ଘାଟିଠାରେ ହଠାତ୍ ବସ୍ ଇଞ୍ଜିନରୁ ଧୂଆଁ ବାହାରୁଥିବା ଗାଡ଼ି କର୍ମଚାରୀ ଦେଖିଥିଲେ। ଡ୍ରାଇଭର ବସ୍‌ଟିକୁ ରାସ୍ତାକଡ଼ରେ ରଖି ଯାତ୍ରୀମାନଙ୍କୁ ଓହ୍ଲାଇ ଯିବାକୁ କହିଥିଲେ। ସମସ୍ତ ଯାତ୍ରୀ ଗାଡ଼ିରୁ ଓହ୍ଲାଇ ପଡ଼ିବା ପରେ ହଠାତ୍ ନିଆଁ ଲାଗିଯାଇଥିଲା। ବସ୍‌ଟି ହୁତୁ ହୁତୁ ହୋଇ ଜଳିଥିଲା। ସ୍ଥାନୀୟ ପୋଲିସ ପହଞ୍ଚିବା ସହ ବାଂଶପାଳ ଓ କେନ୍ଦୁଝର ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ତିନି ଦମକଳ ପହଞ୍ଚି ନିଆଁ ଲିଭାଇଥିଲେ। ତେବେ ନିଆଁ ଲିଭିବା ବେଳକୁ ବସ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଏ ସମ୍ପର୍କରେ କାଞ୍ଜିପାଣି ଥାନା ଅଧିକାରୀ ବିକ୍ରମ କୁମାର ଭୂୟାଁ କହିଛନ୍ତି, ଖବର ପାଇବା ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚିବା ସହ ଦମକଳ ବିଭାଗକୁ ଖବର ଦେଇଥିଲୁ। ଯାତ୍ରୀମାନେ ସୁରକ୍ଷିତ ଅଛନ୍ତି।

# ୧ରୁ ବସ୍ ଧର୍ମଘଟ ଚେତାବନୀ

## ୩୦ ସୁଦ୍ଧା ଦାବି ପୂରଣ କର

ଭୁବନେଶ୍ୱର,୧୧।୬(ବ୍ୟୁରୋ)

ଆସନ୍ତା ଜୁଲାଇ ୧ ତାରିଖରୁ ସମଗ୍ର ରାଜ୍ୟରେ ଘରୋଇ ବସ୍ ଚଳାଚଳ ବନ୍ଦ ରହିବ। ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ଏଭଳି ଚେତାବନୀ ଦେଇଛି। ଶନିବାର ଘରୋଇ ବସ୍ ମାଲିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ଦିନ ଧରି ୮ ଦଫା ଦାବି ପୂରଣ ନ ହେବାରୁ ସର୍ବସମ୍ମତିକ୍ରମେ ଧର୍ମଘଟକୁ ଓହ୍ଲାଇବାକୁ ସଂଘ ନିଷ୍ପତ୍ତି ନେଇଛି।

୨୦୨୧ ନଭେମ୍ବର ୧୧ ତାରିଖରେ ତତ୍କାଳୀନ ପରିବହନ ମନ୍ତ୍ରୀ ଓ ସଚିବଙ୍କ ଉପସ୍ଥିତିରେ ନିଷ୍ପତ୍ତି ହୋଇଥିବା ଦାବିରୁ କୌଣସି ଗୋଟିଏ ବି ପୂରଣ ହୋଇନାହିଁ ବୋଲି ସଂଘ ଅଭିଯୋଗ କରିଛି।

ବସ୍ ପର୍‌ମିଟଗୁଡ଼ିକୁ ତୃତୀୟ ପକ୍ଷକୁ ହସ୍ତାନ୍ତର କରିବା ନିଷ୍ପତ୍ତି କାର୍ଯ୍ୟକାରୀ ନ କରିବା, ବସ୍‌ଗୁଡ଼ିକର ବଡିକୋଡ୍ ଆଇନ ଅନୁସାରେ ହୋଇଥିଲେ ମଧ୍ୟ ଉକ୍ତ ବସ୍‌ଗୁଡ଼ିକୁ ଦିନବେଳା ଚଳାଚଳ କରିବାକୁ ଦିଆଯାଉ ନାହିଁ। ମୋଟରଯାନ ଆଇନର ବ୍ୟବସ୍ଥା ଅନୁଯାୟୀ ବସ୍‌ଗୁଡ଼ିକର ଫିଟ୍‌ନେସ ଅବଧି ବଳବତ୍ତର ରହିଥିବା ପର୍ଯ୍ୟନ୍ତ ସ୍ଥାୟୀ ପର୍‌ମିଟ ଦେବାର ନିୟମ ସତ୍ତ୍ୱେ ଉକ୍ତ ବସ୍‌ଗୁଡ଼ିକୁ ପର୍‌ମିଟ ଦିଆଯାଉ ନାହିଁ। ମଙ୍ଗୁଳିଠାରୁ ସମ୍ବଲପୁର ପର୍ଯ୍ୟନ୍ତ ଜାତୀୟ ରାଜପଥ-୫୫ର ନିର୍ମାଣ କାର୍ଯ୍ୟରେ ବିଳମ୍ବ, ଯାତ୍ରୀବାହୀ ବସ୍‌ଗୁଡ଼ିକ ଜାତୀୟ ରାଜପଥ ଉପରେ ଯାତ୍ରୀ ଓହ୍ଲାଇବା ଓ ଚଢ଼ାଇବା ପାଇଁ ସରକାର କୌଣସି ସ୍ଥାନ ନିରୂପଣ ନ କରିବା, ଘରୋଇ ବସ୍‌ଗୁଡ଼ିକର ସାମାନ୍ୟ ତ୍ରୁଟି ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ନିକଟରେ ପରିବହନ କମିଶନରଙ୍କ ଦ୍ୱାରା ଜାରି କରାଯାଇଥିବା ନୂତନ ନିୟମ ଅନୁସାରେ ୫ ବର୍ଷ ସ୍ଥାୟୀ ପର୍‌ମିଟ ଥିବା ବସ୍ ଯଦି ୧ ବର୍ଷ ପାଇଁ ଅଫ୍‌ରୋଡ ହୁଏ ସେହି ବସ୍‌ର ପର୍‌ମିଟ ନବୀକରଣ ନ ହେବା, କୋଭିଡ୍ ସମୟରେ ବସ୍ ମାଲିକମାନଙ୍କୁ କୋହଳ ଋଣ ଯୋଗାଇ ଦେବା ପାଇଁ ସରକାର ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ନ କରିବା ଏବଂ ଯାତ୍ରୀବାହୀ ବସ୍‌ଗୁଡ଼ିକରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇବା ନିଷ୍ପତ୍ତି ପ୍ରତ୍ୟାହାର କରିବା ଭଳି ୮ ଦଫା ଦାବିକୁ ନେଇ ଘରୋଇ ବସ୍ ମାଲିକ ସଂଘ ସରକାରଙ୍କୁ ଚେତାବନୀ ଦେଇଛି।

ଦାବି ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ପରିବହନ ମନ୍ତ୍ରୀ, ସଚିବ, ପରିବହନ କମିଶନରଙ୍କୁ ସଂଘ ପକ୍ଷରୁ ଜଣାଇ ଦିଆଯାଇଛି। ରାଜ୍ୟ ସରକାର ଯଦି ଜୁନ୍ ୩୦ ତାରିଖ ମଧ୍ୟରାତ୍ର ସୁଦ୍ଧା ଏ ସମସ୍ତ ଦାବି ପୂଣ ନ କରନ୍ତି, ତେବେ ଜୁଲାଇ ୧ ତାରିଖରୁ ରାଜ୍ୟର ୧୪ ହଜାର ଘରୋଇ ବସ୍ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରହିବ ବୋଲି ସଂଘ ସଭାପତି ଲୋକନାଥ ପାଣି ଚେତାବନୀ ଦେଇଛନ୍ତି।

# ବଦଳିଲା ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ନିୟମାବଳୀ

- ପୁସ୍ତକ ବିବେଚନା ଅବଧି ୩ରୁ ୫ ବର୍ଷକୁ ବୃଦ୍ଧି
- ନିରପେକ୍ଷତା, ସ୍ୱଚ୍ଛତାକୁ ପ୍ରାଧାନ୍ୟ
- ଏକାଡେମୀ ସଦସ୍ୟଙ୍କୁ ଚୟନ ପ୍ରକ୍ରିୟାରେ ପ୍ରମୁଖତା ପ୍ରଦାନ
- ପୁସ୍ତକ ପ୍ରକାଶନ ବର୍ଷର ପ୍ରାମାଣିକତାକୁ ଗୁରୁତ୍ୱ
- ଲଗାତର ୨ ବର୍ଷ ବିଚାରକ ରହିବା ମନା
- କେନ୍ଦ୍ର, ଓଡ଼ିଶା ସାହିତ୍ୟ ଏକାଡେମୀ, ଜ୍ଞାନପୀଠ ପୁରସ୍କାର ବିଜେତା ବହିକୁ ନା
- ନିଜ ବହି ଦାଖଲ ଅନିଚ୍ଛୁକ ଲେଖକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା
- ଚୂଡ଼ାନ୍ତ ନିଷ୍ପତ୍ତି କାର୍ଯ୍ୟକାରୀ ପରିଷଦଠାରେ ନ୍ୟସ୍ତ

ଭୁବନେଶ୍ୱର, ୧୧।୬(ବ୍ୟୁରୋ)

ଦୀର୍ଘ ୬ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଓଡ଼ିଶା ସାହିତ୍ୟ ଏକାଡେମୀରେ ପ୍ରଚଳିତ ହୋଇ ଆସୁଥିବା ପୁରସ୍କାର ନିୟମାବଳୀକୁ ରଦ୍ଦ କରାଯାଇଛି। ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ଶୁକ୍ରବାରଠାରୁ ନୂଆ ନିୟମାବଳୀ ଲାଗୁ କରାଯାଇଛି। ୧୯୫୭ରେ ଏକାଡେମୀ ଗଠନଠାରୁ ଏ ପର୍ଯ୍ୟନ୍ତ ଯେଉଁ ନିୟମ ଆଧାରରେ ପୁରସ୍କାର ପ୍ରଦାନ ଦିଆଯାଉଥିଲା, ତାହା ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇ ନ ଥିଲା। ଏହାକୁ ନେଇ ଅନେକ ସମୟରେ ପ୍ରଶ୍ନ ଉଠିଥିଲା। ଏଥିଯୋଗୁ ଏକାଡେମୀର ପୁରସ୍କାର ପ୍ରଦାନ ପ୍ରକ୍ରିୟା ଶିଥିଳ ହୋଇଯାଇଥିଲା। କାର୍ଯ୍ୟକାରୀ ପରିଷଦର ପ୍ରସ୍ତାବ କ୍ରମେ ଏକାଡେମୀ ସଚିବ ଏ ପର୍ଯ୍ୟନ୍ତ ଅନୁସୃତ ପୁରସ୍କାର ନିୟମାବଳୀ ସହିତ ସଂଶୋଧିତ ନିୟମାବଳୀକୁ ସରକାରଙ୍କ ଅବଗତି ଓ ଅନୁମୋଦନ ପାଇଁ ପଠାଇଥିଲେ। ଉଭୟ ନିୟମାବଳୀର ତର୍ଜମା କରି ସରକାର ଏହାକୁ ଅନୁମୋଦନ କରିବା ସହ ତୁରନ୍ତ ଲାଗୁ କରିବାକୁ ୨୦୨୨ ମେ’ ୨ ତାରିଖରେ ନିର୍ଦ୍ଦେଶ ଦେଇଥିଲେ।

ଏହି ନୂତନ ନିୟମାବଳୀରେ ପୁରସ୍କାର ପ୍ରଦାନ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବା ଦିଗରେ ଗୁରୁତ୍ୱ ଦିଆଯାଇଛି। ଏଥିରେ ଏକାଡେମୀର ସଦସ୍ୟଙ୍କୁ ଅଂଶଗ୍ରହଣର ସୁଯୋଗ ମିଳିଛି। ପୁରସ୍କାରକୁ ନିରପେକ୍ଷ ତଥା ସ୍ୱଚ୍ଛ କରିବାର ଗୁରୁଦାୟିତ୍ୱ ସେମାନଙ୍କ ଉପରେ ନ୍ୟସ୍ତ କରାଯାଇଛି। ନୂଆ ନିୟମ ଅନୁଯାୟୀ ୩ ବର୍ଷ ପରିବର୍ତ୍ତେ ଅନ୍ୟୂନ ୫ ବର୍ଷ ପୂର୍ବରୁ ପ୍ରକାଶିତ ପୁସ୍ତକକୁ ପୁରସ୍କାର ନିମିତ୍ତ ବିଚାର ପାଇଁ ଗ୍ରହଣ କରାଯିବ। ଅଧିକରୁ ଅଧିକ ଉପଯୁକ୍ତ ବହିକୁ ପୁରସ୍କାର ପରିଧିକୁ ଆଣିବା ସକାଶେ ଏଭଳି ପଦକ୍ଷେପ ନିଆଯାଇଛି। ୧୧ଟି ବିଭାଗରେ ପୁରସ୍କାର ନିମନ୍ତେ ବିଜ୍ଞାପନ ଜରିଆରେ ପାଠକ, ଲେଖକ ଓ ପ୍ରକାଶକଙ୍କଠାରୁ ୩ ଖଣ୍ଡ ପୁସ୍ତକ ନିମନ୍ତେ ଆହ୍ୱାନ କରାଯିବ। ପ୍ରସ୍ତାବିତ ପୁସ୍ତକଗୁଡ଼ିକର ବିବରଣୀ କେଉଁ ଫର୍ମାଟ୍‌ରେ ଦିଆଯିବ ତାହା ବିଜ୍ଞାପନରେ ଉଲ୍ଲେଖ କରାଯିବ। ଏକାଡେମୀ ସାଧାରଣ ପରିଷଦ ସଦସ୍ୟ ଥିବା ଲେଖକ, କେନ୍ଦ୍ର ସାହିତ୍ୟ ଏକାଡେମୀ, ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଜ୍ଞାନପୀଠ ଦ୍ୱାରା ପୁରସ୍କୃତ ପୁସ୍ତକ, କୌଣସି ପୁସ୍ତକର ଛାୟାରେ ଲିଖିତ ପୁସ୍ତକ, ଅସମ୍ପୂର୍ଣ୍ଣ ପୁସ୍ତକ, କୌଣସି ଡିଗ୍ରୀ ପ୍ରାପ୍ତି ପାଇଁ ରଚିତ ସନ୍ଦର୍ଭ, ବିଚାରକାଳ ପୂର୍ବରୁ ମୃତ୍ୟୁବରଣ କରିଥିବା ଲେଖକଙ୍କ ପୁସ୍ତକ, ଭାରତୀୟ ନାଗରିକ ହୋଇ ନ ଥିବା ପୁସ୍ତକ, ଆଇଏସ୍‌ବିଏନ୍ ନମ୍ବର ଲିପିବଦ୍ଧ ହୋଇ ନ ଥିବା ପୁସ୍ତକକୁ ପୁରସ୍କାର ପାଇଁ ଗ୍ରହଣ କରାଯିବ ନାହିଁ।

ନୂଆ ନିୟମରେ ସାଧାରଣ ପରିଷଦ ଓ କାର୍ଯ୍ୟକାରୀ ପରିଷଦର ସଦସ୍ୟମାନେ ସମୀକ୍ଷକ/ବିଚାରକଙ୍କ ନାମ ପ୍ରସ୍ତାବ କରିବା ବ୍ୟବସ୍ଥା ରହିଛି। ପୁରସ୍କାର ପାଇଁ ବିଚାରଯୋଗ୍ୟ ପୁସ୍ତକ ବାଛିବା ସକାଶେ କାର୍ଯ୍ୟକାରୀ ପରିଷଦ ଅନ୍ୟାନ୍ୟ ୧୦ ଜଣ ବିଭିନ୍ନ ବିଭାଗରୁ ସାହିତ୍ୟିକଙ୍କୁ ନେଇ ଯାଞ୍ଚ କମିଟି ଗଠନ କରିବେ। ସାଧାରଣ ପରିଷଦ ଓ କାର୍ଯ୍ୟକାରୀ ପରିଷଦର ସଦସ୍ୟମାନେ ଏହି ଯାଞ୍ଚ କମିଟିରେ ଅନ୍ତର୍ଭୁକ୍ତ ହେବେ ନାହିଁ। ଏହି କମିଟି ଦ୍ୱାରା ଯାଞ୍ଚ କରାଯାଇ ଯୋଗ୍ୟ ପୁସ୍ତକଗୁଡ଼ିକୁ ନେଇ ଏକ ଭିତ୍ତି ତାଲିକା ପ୍ରସ୍ତୁତ କରାଯିବ। ସାଧାରଣ ପରିଷଦର ସଦସ୍ୟ ପ୍ରତ୍ୟେକ ବିଭାଗ ପାଇଁ ଜଣେ ବିଚାରକଙ୍କ ନାମ ପ୍ରସ୍ତାବ କରିବେ। କାର୍ଯ୍ୟକାରୀ ପରିଷଦର ସଦସ୍ୟ ପ୍ରତ୍ୟେକ ବିଭାଗ ପାଇଁ ୩ ଜଣ ବିଚାରକଙ୍କ ନାମ ପ୍ରସ୍ତାବ କରିବେ। ତେବେ କୌଣସି ବିଭାଗରେ ପୂର୍ବରୁ ଓଡ଼ିଶା ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ସାହିତ୍ୟିକ ଏବଂ ବିଶେଷ ମାନ୍ୟତାପ୍ରାପ୍ତ ସାହିତ୍ୟିକଙ୍କୁ ସେହି ବିଭାଗରେ ସମୀକ୍ଷକ କିମ୍ବା ବିଚାରକ ଭାବେ ଅଗ୍ରାଧିକାର ଦିଆଯିବ। ସର୍ବାଧିକ ପ୍ରସ୍ତାବିତ ହୋଇଥିବା ୩ ଜଣଙ୍କୁ ବିଚାରକ ଭାବେ ନିଆଯିବ। ଏହା ପର ୧୦ ଜଣଙ୍କୁ ସମୀକ୍ଷକ ଭାବେ ନିଆଯିବ। ଯଦି ଆବଶ୍ୟକ ସଂଖ୍ୟକ ବିଚାରକ/ସମୀକ୍ଷକ କୌଣସି ବିଭାଗ ପାଇଁ ସେହି ବର୍ଷ ନ ମିଳନ୍ତି, ତେବେ ଅନ୍ୟ ବିଭାଗର ସମୀକ୍ଷକଙ୍କୁ ସେହି ବିଭାଗ ପାଇଁ ଗ୍ରହଣ କରାଯାଇ ପାରିବ। ଯଦି କୌଣସି ବିଭାଗରେ ଅନ୍ୟୂନ ୧୦ ଯୋଗ୍ୟ ପୁସ୍ତକ ଭିତ୍ତି ତାଲିକା ପରିସରକୁ ଆସୁ ନାହିଁ ତାହା ହେଲେ ସେହି ବର୍ଷ ପାଇଁ ସେ ବିଭାଗ ପୁରସ୍କାର ବାତିଲ କରାଯିବ। ଗୋଟିଏ ବିଭାଗ ପାଇଁ ଜଣେ ବିଚାରକ/ସମୀକ୍ଷକ ଲଗାତର ୨ ବର୍ଷ ରହିପାରିବେ ନାହିଁ। ସମୀକ୍ଷକଙ୍କ ଦ୍ୱାରା ଚୟନ ହୋଇଥିବା ୫ଟି ପୁସ୍ତକକୁ ୩ ଜଣ ବିଚାରକଙ୍କ ପାଖକୁ ପଠାଯିବ। ସେମାନେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ କ୍ରମ ଅନୁସାରେ ରଖି ଏକାଡେମୀ ପକ୍ଷରୁ ପ୍ରଦତ୍ତ ଫର୍ମାଟ୍‌ରେ ୧ ମାସ ମଧ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବଙ୍କ ନାମ ଓ ଠିକଣାରେ ଗୋପନୀୟ ଉଲ୍ଲେଖ କରି ବନ୍ଦ ଲଫାପାରେ ପ୍ରଦାନ କରିବେ। ଏହାକୁ ସଚିବ କାର୍ଯ୍ୟକାରୀ ପରିଷଦ ବୈଠକରେ ଉପସ୍ଥାପନ କରିବେ। ୫ଟି ପୁସ୍ତକର ୩ ଜଣ ବିଚାରକଙ୍କ ଦ୍ୱାରା ପ୍ରଦତ୍ତ କ୍ରମକୁ ଯୋଗ କରି ଯେଉଁ ବହି ସର୍ବନିମ୍ନ ସଂଖ୍ୟାର କ୍ରମ ପାଇଥିବ ସେହି ବହି ଓ ଲେଖକଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ନିଷ୍ପତ୍ତି ଗ୍ରହଣ କରାଯିବ। ପୁସ୍ତକ ପ୍ରକାଶନର ମସିହାକୁ ଅଗ୍ରାଧିକାର ଦିଆଯିବ। କୌଣସି ପୁସ୍ତକକୁ ପୁରସ୍କୃତ କରିବା ପାଇଁ କୌଣସି ଅସାଧୁ ଉପାୟ ଅବଲମ୍ବନ କରାଯାଉଥିବା ପ୍ରମାଣିତ ହେଲେ ଉକ୍ତ ପୁସ୍ତକକୁ ପୁରସ୍କାରରୁ ବଞ୍ଚିତ କରିବା ପାଇଁ ଏକାଡେମୀର ଅଧିକାର ରହିବ।

ସ୍ୱଚ୍ଛତା ଓ ନିରପେକ୍ଷତା ଆଧାରରେ ପ୍ରବର୍ତ୍ତିତ ଏକାଡେମୀ ପୁରସ୍କାର ନୂଆ ନିୟମାବଳୀକୁ ଓଡ଼ିଶାର କୋଣ ଅନୁକୋଣରୁ ଲେଖିକା ଲେଖକମାନେ ସ୍ୱାଗତ କରିବା ସହିତ ଏକାଡେମୀ କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

JAYPEE UNIVERSITY OF INFORMATION TECHNOLOGY
(Established under H.P. Legislative Assembly Act No. 14 of 2002 and Approved by UGC under section 2(f) of UGC Act 1956)
Waknaghat, Tehsil Kandaghat, Distt Solan-173234, (H.P.) India
JAIPRAKASH SEWA SANSTHAN
2022 Admissions NOW OPEN!
UGC Approved NAAC Accredited NIRF Ranked



Programs on offer

Undergraduate Programs
B.Tech.
✓ Bioinformatics
✓ Biotechnology
✓ Civil Engineering
✓ Civil Engineering with Computer Application
✓ Computer Science & Engineering
✓ Electronics & Communication Engineering
✓ Electronics & Computer Engineering
✓ Information Technology
B.Sc.(Hons.)
✓ B.Sc.(Hons.) in Mathematics & Computing

Postgraduate Programs
M.Sc.
✓ Biotechnology (10 seats through GAT-B)
✓ Microbiology
M.Tech.
✓ Biotechnology
✓ Civil Engineering
✓ Computer Science & Engineering
✓ Electronics & Communication Engineering

Doctoral (Ph.D.)
Ph.D. programs are available in the Departments of Biotechnology & Bioinformatics; Civil Engineering; Computer Science & Engineering; Electronics & Communication Engineering; Humanities & Social Sciences; Mathematics; and Physics & Materials Science (Please browse the faculty profiles on our website for specialisations).

SALIENT FEATURES
• UGC Approved First State Private University of H.P. established in 2002 under Non Profitable Charitable Trust.
• NAAC accredited (2011 & 2017) and ranked amongst top Engineering Institutes by NIRF, MHRD, GoI.
• Excellent Placement record with Top multinationals.
• Academic MOUs with reputed foreign Universities.
• 8th semester studies for selected students in USA.
• University has TIED Cell supported by the Govt. of H.P. for supporting innovation skills among youths.
• 13 Patents granted and many more are in the pipeline.
• Scholarships to meritorious students.
• Sri Badrika Ashram Emerging Youth Scholarship for Himachal Domicile Students.
• 30% concession in tuition fees to wards of serving/retired Armed Forces and Paramilitary Personnel. 5% additional concession (35%) to wards of war widows, widows of personnel killed in action and persons with disabilities; in undergraduate programs.
• NCC Senior Wing for Boys and Girls.
• Vibrant Jaypee Youth Club (Student Body) with multifarious co-curricular activities.
• Well furnished girls and boys hostels.

Apply online through : www.getadmissions.com/jaypee
B.Tech. (10+2 Merit) through : admissions.juit.ac.in

CONTACT DETAILS
For All Admission related queries:
Landline Numbers: 01792-239257 01792-239360 01792-239362 01792-239379
Mobile Numbers: 7807846047, 7807846048, 7807846049, 7807846050
E-mail: admission2022@juitsolan.in Website: www.juit.ac.in

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ଆଜିର ମନ୍ତବ୍ୟ**

"ଭାଜପା ପାପ କରିଛି, ସେଥିପାଇଁ ସାଧାରଣ ଲୋକ କାହିଁକି ଭୋଗିବେ। କେତେକ ରାଜନୈତିକ ଦଳର ବ୍ୟକ୍ତି ହିଂସାକୁ ଉସୁକାଉଛନ୍ତି। ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। **–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**

**ପ୍ରଥମ ପୃଷ୍ଠାରୁ...**

## ଆଜି ବାରବାଟୀ ...

ପୂର୍ବରୁ ଅନେକ ଥର ବାରବାଟୀ ଭାରତ ପାଇଁ ଶୁଭ ସାବ୍ୟସ୍ତ ହୋଇଛି। ଏଠାରେ ଖେଳିଥିବା ଅଧିକାଂଶ ମ୍ୟାଚରେ ବିଜୟ ସ୍ୱାଦ ପାଇଛି ଟିମ୍ ଇଣ୍ଡିଆ। ତେବେ ଏଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତର ରେକର୍ଡ ଭଲ ନାହିଁ। ୨୦୧୫ ଅକ୍ଟୋବର ୫ରେ ଏଠାରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟି୨୦ ମ୍ୟାଚ ଖେଳାଯାଇଥିଲା। ସେଥିରେ ଦକ୍ଷିଣ ଆଫ୍ରିକା ଯେ କେବଳ ବିଜୟୀ ହୋଇଥିଲା ତା' ନୁହେଁ, ଭାରତକୁ ମାତ୍ର ୯୨ ରନରେ ଅଲ୍‌ଆଉଟ କରି ଦେଇଥିଲା। ଫଳରେ ଓଡ଼ିଶା ଦର୍ଶକ ନିରାଶ ଓ କ୍ରୋଧ ପ୍ରକାଶ କରିଥିଲେ ଏବଂ ମ୍ୟାଚ ବାଧାପ୍ରାପ୍ତ ହୋଇଥିଲା। ତେବେ ୨୦୧୯ରେ ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ପରବର୍ତ୍ତୀ ଟି୨୦ରେ ଭାରତ ବିଜୟୀ ହୋଇଥିଲା। ନୂଆଦିଲ୍ଲୀରେ ଅନୁଷ୍ଠିତ ପ୍ରଥମ ଟି୨୦ରେ ବିଜୟ ସହ ଦକ୍ଷିଣ ଆଫ୍ରିକା ୫ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି। ତେଣୁ ଭାରତ ପାଇଁ ଆଗାମୀ ମ୍ୟାଚର ଗୁରୁତ୍ୱ ବଢ଼ିଛି। ଶନିବାର ଅପରାହ୍ନରେ ଦକ୍ଷିଣ ଆଫ୍ରିକା ଏବଂ ସନ୍ଧ୍ୟାରେ ଭାରତୀୟ ଖେଳାଳିମାନେ ନେଟ୍‌ରେ ବେଶ୍ ଝାଳ ବୁହାଇଛନ୍ତି। ଏବେ କେବଳ ମ୍ୟାଚକୁ ଅପେକ୍ଷା। ଚଳିତ ସିରିଜର ପ୍ରଥମ ମ୍ୟାଚରେ ଭାରତ ୨୧୧ ରନ କରିଥିଲେ ହେଁ ବିଜୟ ସ୍ୱାଦ ପାଇ ନ ଥିଲା। ଦକ୍ଷିଣ ଆଫ୍ରିକା ଟପ୍ ଅର୍ଡର ଖେଳାଳିମାନେ ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିଲେ ମଧ୍ୟ ମିଡିଲ ଅର୍ଡରରେ ରସି ଭାନ୍ ଡର ଡୁସେନ ଓ ଡେଭିଡ ମିଲର ଚମତ୍କାର ପ୍ରଦର୍ଶନ କରି ଦଳକୁ ବିଜୟୀ କରାଇଥିଲେ। ନିକଟରେ ଶେଷ ହୋଇଥିବା ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ମଧ୍ୟ ମିଲର ଟପ୍ ଫର୍ମରେ ରହିଥିଲେ। ଗୁଜରାଟ ଟାଇଟନ୍ସକୁ ଚାମ୍ପିୟନ କରାଇବାରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। ସେହି ଫର୍ମକୁ ସେ ପ୍ରଥମ ଟି୨୦ରେ ଅପରିବର୍ତ୍ତିତ ରଖିଥିଲେ। ତେଣୁ ଆଗାମୀ ମ୍ୟାଚରେ ମିଲରଙ୍କ ଉପରେ ନିଶ୍ଚିତ ନଜର ରହିବ। ଡୁସେନ ବିଶେଷ ଚର୍ଚ୍ଚାକୁ ଆସୁ ନ ଥିଲେ ହେଁ ଦକ୍ଷିଣ ଆଫ୍ରିକା ଇନିଂସର ମେରୁଦଣ୍ଡ ରହିଥିଲେ। ଓପନର କ୍ୱିଣ୍ଟନ ଡି'କକ୍ ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ତେଣୁ ସେ ମଧ୍ୟ ଅଧିକ ସମୟ କ୍ରିଜ୍‌ରେ ରହିଲେ ଭାରତ ପାଇଁ ବିପଜ୍ଜନକ ସାବ୍ୟସ୍ତ ହେବେ। ଅଧିନାୟକ ଟେମ୍ବା ବଭୁମା ୮ ବଲ୍‌ରୁ ମାତ୍ର ୧୦ ରନ କରିବାକୁ ସକ୍ଷମ ହୋଇଥିଲେ। ତେଣୁ ସେ ନିଶ୍ଚିତ ବାରବାଟୀରେ ବଡ଼ ସ୍କୋର କରିବାକୁ ଚାହିଁବେ। ପୂର୍ବ ମ୍ୟାଚରେ ଭାରତୀୟ ବୋଲରଙ୍କ ପ୍ରଦର୍ଶନ ସମ୍ପୂର୍ଣ୍ଣ ଫିକା ରହିଥିଲା। ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ ଶାମିଙ୍କ ଅନୁପସ୍ଥିତିରେ ଭୁବନେଶ୍ୱର କୁମାରଙ୍କ ବୋଲିଂ ଉପରେ ଦଳ ଅନେକ ନିର୍ଭର କରୁଛି। ମାତ୍ର ସେ ଏବଂ ଡେଥ୍ ଓଭର ସ୍ପେଶାଲିଷ୍ଟ ହର୍ଷଲ ପଟେଲ ସବୁଠାରୁ ମହଙ୍ଗା ରହି ୪ ଓଭରରେ ୪୩ ରନ ଲେଖାଏ ବ୍ୟୟ କରିଥିଲେ। ମୁଖ୍ୟ ସ୍ପିନର ଯୁଜବେନ୍ଦ୍ର ଚହଲ ୨.୧ ଓଭରରେ ୨୬ ରନ ବ୍ୟୟ କରିଥିଲେ ମଧ୍ୟ ଉଇକେଟ ପାଇ ନ ଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଗୋଟିଏ ଓଭରରେ ୧୮ ରନ ଦେଇଥିଲେ। ଏ ସବୁକୁ ଆଗାମୀ ମ୍ୟାଚ ସମୟରେ ଟିମ୍ ମ୍ୟାନେଜମେଣ୍ଟକୁ ଦେଖିବାକୁ ପଡ଼ିବ। ପୂର୍ଣ୍ଣ ଶକ୍ତିସମ୍ପନ୍ନ ଦଳ ସହ ଖେଳୁଥିବା ଦକ୍ଷିଣ ଆଫ୍ରିକାକୁ ଝଟକା ଦେବାକୁ ହେଲେ ଭାରତୀୟ ବୋଲରଙ୍କୁ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ହେବ।

ଟପ୍ ଅର୍ଡରରେ ପ୍ରାୟ ସମସ୍ତ ଭାରତୀୟ ବ୍ୟାଟର ଭଲ ଟଚ୍‌ରେ ଅଛନ୍ତି। ଇଶାନ କିଶନଙ୍କଠାରୁ ଆରମ୍ଭ କରି ହାର୍ଦ୍ଦିକଙ୍କ ପର୍ଯ୍ୟନ୍ତ ୫ ଜଣ ଯାକ ଉପଯୋଗୀ ଅବଦାନ ଦେବାରୁ ଭାରତ ୨୦୦ରୁ ଊର୍ଦ୍ଧ୍ୱ ରନ କରିବା ସମ୍ଭବ ହୋଇଥିଲା। ତେଣୁ ବାରବାଟୀରେ ମଧ୍ୟ କିଶନ, ଋତୁରାଜ ଗାଏକ୍‌ୱାଡ, ଶ୍ରେୟାସ ଆୟାର, ଅଧିନାୟକ ଋଷଭ ପନ୍ତ ଓ ପାଣ୍ଡ୍ୟାଙ୍କ ବ୍ୟାଟ୍‌ରୁ ସେପରି ସ୍କୋର ଆଶା କରାଯାଉଛି। ଗତ ଆଇପିଏଲ୍‌ରେ ଖରାପ ନେତୃତ୍ୱ ଯୋଗୁ ପନ୍ତ ସମାଲୋଚିତ ହୋଇଥିଲେ। ତେଣୁ ଏଠାରେ ତାଙ୍କ ନେତୃତ୍ୱ ଦକ୍ଷତା ଉପରେ ନଜର ରହିଛି। ରୋହିତ ଶର୍ମା ଓ ଲୋକେଶ ରାହୁଲଙ୍କ ଅନୁପସ୍ଥିତିରେ ସେ ଯେଉଁ ସୁବର୍ଣ୍ଣ ସୁଯୋଗ ପାଇଛନ୍ତି ତାହାର ସଦୁପଯୋଗ କରିବା ଉଚିତ।

ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚ ଦେଖିବା ପାଇଁ ଓଡ଼ିଶା ଦର୍ଶକଙ୍କ ମନରେ ଅହେତୁକ ଉତ୍ସାହ ପରିଲକ୍ଷିତ ହୋଇଛି। ଅନ୍‌ଲାଇନ ଟିକେଟ ହେଉ କି କାଉଣ୍ଟରରେ ଦର୍ଶକମାନେ ସେମାନଙ୍କ ଉତ୍କଣ୍ଠାକୁ ଦେଖାଇ ସାରିଛନ୍ତି। ଦୁଇଦିନ ଧରି ଆକାଶ ମେଘାଚ୍ଛନ୍ନ ରହୁଥିଲେ ହେଁ ଓଡ଼ିଶା କ୍ରିକେଟ ପ୍ରେମୀଙ୍କ ଉତ୍ସାହରେ ଭଟ୍ଟା ପଡ଼ିନାହିଁ। ଶନିବାର ଦୁଇ ଦଳର ନେଟ୍ ପ୍ରାକ୍ଟିସ ସମୟରେ ଅନେକ ଦର୍ଶକ ଷ୍ଟାଡିୟମରେ ଉପସ୍ଥିତ ଥିଲେ। ଆଗାମୀ ମ୍ୟାଚ ରୋମାଞ୍ଚକ ହେବ ଏବଂ ଦକ୍ଷିଣ ଆଫ୍ରିକାକୁ ହରାଇ ଭାରତ ସିରିଜକୁ ପ୍ରତ୍ୟାବର୍ତ୍ତନ କରିବ ଏହି ଆଶାରେ ରହିଛନ୍ତି ବାରବାଟୀ ଦର୍ଶକ।

## ତାଲିକାରେ ନାହିଁ ..

ତେବେ ଗତ ୫ ବର୍ଷ ମଧ୍ୟରେ ପ୍ରାୟ ୧୦୦ ଥର ଡିଇଓମାନଙ୍କୁ କାର୍ଯ୍ୟରତ ନକଲି ଶିକ୍ଷକଙ୍କ ବାବଦରେ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ରାଜନୈତିକ ଚାପରେ କିମ୍ବା ନକଲି ଶିକ୍ଷକଙ୍କ ସହ ଭିତିରି ବୁଝାମଣା କରି ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ଫାଇଲ ଭିତରେ ଚାପି ଦିଆଯାଉଥିବା କୁହାଯାଉଛି। ୨୦୧୫ରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପତ୍ରସଂଖ୍ୟା ୨୦୭୧୦/ ୩୦।୧୧।୨୦୧୫ରେ ରାଜ୍ୟରେ କାର୍ଯ୍ୟରତ ନକଲି ପ୍ରମାଣପତ୍ର ଦାଖଲ କରି ଶିକ୍ଷକତା କରୁଥିବା ବ୍ୟକ୍ତିଙ୍କ ସବିଶେଷ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ନକଲି ଶିକ୍ଷକ ଚିହ୍ନଟ ଚାଲିଥିବାବେଳେ କାର୍ଯ୍ୟାନୁଷ୍ଠାନ ନୈରାଶ୍ୟଜନକ ରହିଛି। ଡିଇଓମାନେ ବିଭିନ୍ନ ଆଳ ଦେଖାଇ 'ତଦନ୍ତ ଚାଲିଥିବା' ଉତ୍ତର ଦେଇଆସୁଛନ୍ତି। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ସଚିବ ନାୟକ ତାଙ୍କ ନିର୍ଦ୍ଦେଶନାମାରେ ଏଥର ବି ଅନୁରୂପ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ନକଲି ଶିକ୍ଷକଙ୍କ ସମସ୍ତ ପ୍ରମାଣପତ୍ର ଯାଞ୍ଚ କରି ଓସିଏସ୍(ସିସିଏ) ଆଇନ-୧୯୬୨ର ଧାରା ୧୫ ଅନୁଯାୟୀ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସ୍ଥାନୀୟ ଥାନାରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ୪୯୮ ନକଲି ଶିକ୍ଷକଙ୍କ କ୍ଷେତ୍ରରେ ମାତ୍ର ୫୯ ମାମଲାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସୂଚନା ମିଳିଛି।

ତଥ୍ୟ ଅନୁସାରେ ବଲାଙ୍ଗୀର ଜିଲାର ୧୬୩, ଗଞ୍ଜାମର ୯୬, ଭଦ୍ରକର ୫୪, ଖୋର୍ଦ୍ଧାର ୩୬, ସୁନ୍ଦରଗଡ଼ର ୧୫, କଳାହାଣ୍ଡିର ୧୩, ରାୟଗଡ଼ାର ୧୨, ମୟୂରଭଞ୍ଜର ୧୨, କୋରାପୁଟର ୧୨, ଯାଜପୁରର ୧୦, ଗଜପତିର ୧୦, ଝାରସୁଗୁଡ଼ାର ୮, ମାଲକାନଗିରିର ୮, ନୟାଗଡ଼ର ୭, କନ୍ଧମାଳର ୭, ବାଲେଶ୍ୱରର ୭, ନବରଙ୍ଗପୁରର ୬, ଢେଙ୍କାନାଳର ୫, କଟକର ୪, କେନ୍ଦ୍ରାପଡ଼ାର ୪, ଜଗତସିଂହପୁରର ୪, ପୁରୀର ୩ ଏବଂ ନୂଆପଡ଼ା ଓ ସମ୍ବଲପୁର ଜିଲାର ଜଣେ ଲେଖାଏ ନକଲି ଶିକ୍ଷକଙ୍କ ନାମ ତାଲିକାରେ ରହିଛି। ଅନ୍ୟପକ୍ଷରେ ସମସ୍ତ ପ୍ରମାଣପତ୍ର ସହ କେତେଜଣ ନକଲି ଶିକ୍ଷକଙ୍କ ନାମରେ ଅଞ୍ଚଳବାସୀ ଅଭିଯୋଗ କରିଥିଲେ ହେଁ ସେମାନଙ୍କ ନାମ ତାଲିକାରେ ସ୍ଥାନ ପାଇନାହିଁ। ଏଠାରେ ଯାଜପୁର ଜିଲା କୋରେଇ ବ୍ଲକକୁ ଉଦାହରଣ ଭାବେ ନିଆଯାଇପାରେ। ଏହି ବ୍ଲକରେ ୫୦ରୁ ଊର୍ଦ୍ଧ୍ୱ ଶିକ୍ଷକ ନକଲି ପ୍ରମାଣପତ୍ର ଦାଖଲ କରିଥିବା ଅଭିଯୋଗ ହେଉଛି। ଏହି ବ୍ଲକର ବ୍ୟାସନଗର ତହସିଲ ଅଧୀନ ଅସନଝର ମୌଜାର ଜଣେ ଶିକ୍ଷକ କେନ୍ଦୁଝର ଜିଲା ଘସିପୁରା ତହସିଲ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ମଧୁକେଶରୀ ମୌଜାରେ ୨ ଡେସିମିଲ ବିଶିଷ୍ଟ ଘରବାଡ଼ି ଜମି ନେଇ ପଟ୍ଟାରେ ଶବର ଜାତି ଦର୍ଶାଇଛନ୍ତି। ସେହି ଜମି ପଟ୍ଟା ବଳରେ ଆଦିବାସୀ ପ୍ରମାଣପତ୍ର ହାସଲ କରି ଗଜପତି ଜିଲାର ଆର.ଉଦୟଗିରି ବ୍ଲକର ଏକ ସ୍କୁଲରେ ଶିକ୍ଷକତା କରୁଥିବା ଅନେକ ଥର ଅଭିଯୋଗ ହେଉଛି। ଉକ୍ତ ଶିକ୍ଷକଙ୍କ ଉପରେ ଜଣେ ପ୍ରଭାବଶାଳୀ ରାଜନେତାଙ୍କ ଆଶୀର୍ବାଦ ରହିଥିବାରୁ ବିଭାଗୀୟ ତାଲିକାରୁ ତାଙ୍କ ନାମ କଟାଯାଇଥିବା ଚର୍ଚ୍ଚା ହେଉଛି। ଏନେଇ ଗଜପତି ଜିଲା ଶିକ୍ଷାଧିକାରୀ ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ପଚାରିଲେ, ତଦନ୍ତ ଚାଲିଥିବା ସେ କହୁଛନ୍ତି। ସେହିପରି ସମ୍ବଲପୁର ଜିଲାର ବୁର୍ଲା ଏବଂ ରେଢାଖୋଲ ଅଞ୍ଚଳର ୨ ଶିକ୍ଷକଙ୍କ ପ୍ରମାଣପତ୍ର ତଦନ୍ତ କରିବାକୁ ଗତ ମେ ୬ରେ ଡିଇଇର ଯୁଗ୍ମ ନିର୍ଦ୍ଦେଶକ ସମ୍ବଲପୁର ଡିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହି ତାଲିକାରେ ସେହି ୨ ଜଣଙ୍କ ନାମ ନାହିଁ। ଏଥିରୁ ନକଲି ଶିକ୍ଷକ ତଦନ୍ତ କିପରି ଚାଲିଛି ତାହା ସ୍ପଷ୍ଟ ହେଉଛି।

## ନଦୀକୁ ଖସିଲା ତେଲ ...

ରାତ୍ରି ଭୋଜନ କରି ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥରେ ଯାତ୍ରା ଆରମ୍ଭ କରିଥିଲେ। ରାତି ପ୍ରାୟ ସାଢ଼େ ୧ଟା ସମୟରେ ବଡ଼ପଣ୍ଡୁସର ପୋଲ ନିକଟରେ ଦୀପକ ଚଳାଉଥିବା ଗାଡ଼ିଟି ପୋଲ ଅତିକ୍ରମ କରୁଥିବା ବେଳେ ସମୀର ଚଳାଉଥିବା ଟ୍ୟାଙ୍କର ହଠାତ୍ ଭାରସାମ୍ୟ ହରାଇ ପୋଲର ଗାର୍ଡ ୱାଲକୁ ଧକ୍କାଦେଇ ପ୍ରାୟ ୪୦ଫୁଟ୍ ତଳ ନଦୀ ଭିତରକୁ ଖସି ପଡ଼ିଥିଲା। ଡ୍ରାଇଭରଙ୍କ ନିଦରେ ଆଖି ପଡି ଯିବାରୁ ଏଭଳି ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି। ଦୁର୍ଘଟଣାର ଶବ୍ଦ ଶୁଣି ଦୀପକ ନିଜ ଟ୍ୟାଙ୍କରକୁ ପୋଲ ନିକଟରେ ରଖି ଅନ୍ୟ ସହଯୋଗୀ ଦୀପୁ ଓ ପଙ୍କଜଙ୍କ ସହ ନଦୀ ଭିତରକୁ ଯାଇ ଦୁଇ ବନ୍ଧୁଙ୍କୁ ଉଦ୍ଧାର କରିବାକୁ ଲାଗି ପଡିଥିଲେ। ଏହାର ୧୦ ମିନିଟ୍ ପରେ ଦୀପକ ଜଗ୍ ଆଣିବାକୁ ଆସୁଥିବାବେଳେ ଦୁର୍ଘଟଣାଗ୍ରସ୍ତ କଣ୍ଟେନରରେ ହଠାତ୍ ବିସ୍ଫୋରଣ ଘଟିଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ, କେହି କିଛି ଚିନ୍ତା କରିବା ପୂର୍ବରୁ ଟ୍ୟାଙ୍କରଟି ହୁତୁହୁତୁ ହୋଇ ଜଳି ଉଠିଥିଲା। ଫଳରେ ୨ ଉଦ୍ଧାରକାରୀଙ୍କ ସମେତ ୪ଜଣ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଦୀପକ କିଛି ବାଟ ଦୂରରେ ଥିବାରୁ ବର୍ତ୍ତିଯାଇଥିଲେ। ଖବର ପାଇ ନୟାଗଡ଼ ଦମକଳ ବାହିନୀ, ଇଟାମାଟି ଥାନା ପୋଲିସ ଅଧିକାରୀମାନେ ପହଞ୍ଚି ଆହତ ଦୀପକଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ନ ଆସିବାରୁ କଟକ ସ୍ଥାନାନ୍ତରିତ କରାଯାଇଥିଲା। ଟ୍ୟାଙ୍କରରୁ ୨ ମୃତଦେହ ଓ ନଦୀରୁ ଅନ୍ୟ ୨ ମୃତଦେହ ଜବତ କରାଯାଇଛି। ଟ୍ୟାଙ୍କରର ବିଭିନ୍ନ ଅଂଶ କଟାଯାଇ ୨ ମୃତଦେହ ବାହାର କରାଯାଇଛି। ଇଟାମାଟି ଥାନା ପୋଲିସ ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୧୨୧/୨୨) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ନିଆଁ ଲିଭାଇବା ପାଇଁ ଅଗ୍ନିଶମ କର୍ମଚାରୀଙ୍କୁ ପ୍ରାୟ ଦେଢ଼ଘଣ୍ଟା ସମୟ ଲାଗିଥିଲା। ନଦୀରେ ଅଳ୍ପ ପାଣି ଥିଲେ ମଧ୍ୟ ନିଆଁ ଜଳୁଥିଲା। ଏଥିପାଇଁ ଶନିବାର ସକାଳେ ଜାତୀୟ ରାଜପଥରେ ଯାନବାହନ ଚଳାଚଳ ପ୍ରାୟ ୩ ଘଣ୍ଟା ଧରି ବନ୍ଦ ରହିଥିଲା। ନିଆଁ ଲିଭାଇବା ପାଇଁ ପ୍ରାୟ ଏକ ହଜାର ଲିଟର ଫୋମ ଓ ୧୫ ହଜାର ଲିଟର ପାଣି ଲାଗିଥିଲା ବୋଲି ଇନ୍‌ଚାର୍ଜ ଫାୟାର ଅଫିସର ପ୍ରତାପ କୁମାର ପ୍ରଧାନ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଚଳିତ ପରିସ୍ଥିତିରେ ମଧ୍ୟ ଆପଣ ନିଜକୁ ଠିକ୍ ଭାବେ ଆଡ୍‌ଜଷ୍ଟ କରି ଚଳାଇ ନେଇପାରିବେ ନାହିଁ। ବିଭିନ୍ନ କାରଣକୁ ନେଇ ଅଟକି ରହିଯାଇଥିବା କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହେବ। କୃଷି, ବାଣିଜ୍ୟ ବ୍ୟବସାୟ, ପ୍ରଶାସନ ଓ ରାଜନୀତିରେ ଚେଷ୍ଟା ସଫଳ ହେବାର ଆଶା ରହିଛି। ଗୃହକୁ କିଛି ମୂଲ୍ୟବାନ୍ କିମ୍ବା ସୌଖୀନ ପଦାର୍ଥ ଆଣିପାରନ୍ତି।

**ବୃଷ** – ଆଜି ପ୍ରତ୍ୟେକ କାମ ଖର୍ଚ୍ଚାନ୍ତ ହୋଇ କରିବାକୁ ପଡ଼ିବ। ରାଜନୀତି ତଥା ସାମାଜିକ କ୍ଷେତ୍ରରେ ଓ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ଆନୁଷ୍ଠାନିକ କାମରେ ଲିପ୍ତ ରହିବା ହେତୁ ଟେନ୍‌ସନ୍ କିଛି ମାତ୍ରାରେ ଲାଗିରହିବ। ବିବାଦୀୟ ଘଟଣାର ଦିଗ ସାମୟିକ ବଦଳି ଯାଇପାରେ। ସନ୍ତାନହେତୁକ ଚିନ୍ତା ଦୂର ହେବ।

**ମିଥୁନ** – ଉଚ୍ଚବର୍ଗଙ୍କ ସାହାଯ୍ୟ ସହାନୁଭୂତି ସୁଯୋଗ ଲାଭ କରିବା ସାଙ୍ଗକୁ ଅନ୍ୟର ମାର୍ଗଦର୍ଶକ ହେବେ। ଅଫିସରେ ଅଟକି ରହିଥିବା କାମ ସମ୍ପର୍କରେ ଆଲୋଚନା ଅସମାପ୍ତ ରହିପାରେ। ଶିଳ୍ପ, ବ୍ୟବସାୟ, ପରିବହନ ସନ୍ତୋଷଜନକ ରହିବ। ସମ୍ପର୍କୀୟଙ୍କ ସହଯୋଗରେ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କର୍କଟ** – ବିଭିନ୍ନ ସମସ୍ୟାକୁ ନେଇ ମାନସିକ ଅସ୍ଥିରତା ଆଶଙ୍କା ଉପୁଜିବ। ବନ୍ଧୁଙ୍କ ପକ୍ଷପାତିତାକୁ ଅଣଦେଖା କରି ଅନ୍ୟମାନଙ୍କ ଦ୍ୱାରା ସମାଲୋଚିତ ହେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ। ଅଫିସିଆଲି କାର୍ଯ୍ୟବ୍ୟସ୍ତତା ଯୋଗୁ ଘରର କଥା ବୁଝିବାକୁ ସମୟ ମଧ୍ୟ ପାଇ ପାରିବେ ନାହିଁ।

**ସିଂହ** – ଆଜି ପରିବାରର କିଛି ଅଭାବ ଓ ଅସୁବିଧାକୁ ନେଇ ସରଗରମ ଆଲୋଚନା ହୋଇପାରେ। ପୁନଶ୍ଚ ଜମିଜମା, ଯାନବାହନ, ଦିଆନିଆକୁ କେନ୍ଦ୍ରକରି ବିତର୍କ ଦେଖାଦେବ। କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ଦ୍ୱାରା ଚାପଗ୍ରସ୍ତ କାରଣରୁ କିଛିଟା ହଇରାଣ ହୋଇ ପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ରହିଥିଲେ ମଧ୍ୟ ତାହା ନିୟନ୍ତ୍ରଣ ମଧ୍ୟରେ ରହିବ।

**କନ୍ୟା** – ଆଜି ଯେଉଁ କାମରେ ହାତଦେବେ ସଫଳତା ନିଶ୍ଚିତ। ଦୀର୍ଘଦିନ ହେଲା ଯେଉଁ କାମଟିକୁ ଆରମ୍ଭ କରିବାକୁ ମନ ବଳାଇଥିଲେ, ଆଜି ତାହା ସମ୍ପନ୍ନ କରିବେ। ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ସାଙ୍ଗକୁ ସାଙ୍ଗସାଥୀଙ୍କ ସହ ଭ୍ରମଣ ସୁଯୋଗ ଜୁଟିବ। ସଙ୍ଗଠନ, ଆନୁଷ୍ଠାନିକ କାମ ତଥା ପ୍ରଶାସନ କ୍ଷେତ୍ରରେ ଶୁଭଫଳ ପ୍ରାପ୍ତି।

**ତୁଳା** – ଆଜି ଦୁର୍ବଳତା ଜନିତ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। କଳା, ସାହିତ୍ୟ, ନୃତ୍ୟ, ସଙ୍ଗୀତ, ସାହିତ୍ୟ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ବିବାଦୀୟ ଘଟଣାରେ ନୀରବତା ଅବଲମ୍ବନ କଲେ ସମସ୍ୟା ପ୍ରାୟତଃ ଆଗକୁ ବଢ଼ିପାରିବ ନାହିଁ।

**ବିଛା** – ହାତରେ ବହୁତ କାମ ଥିଲେ ମଧ୍ୟ କୌଣସି କାମକୁ ପୂର୍ଣ୍ଣାଙ୍ଗ କରିପାରିବେ ନାହିଁ। ଯାହାଙ୍କଠାରୁ ଯାହା ପାଇବା ପ୍ରତିଶ୍ରୁତି ପାଇଥିଲେ ତାହା ନ ପାଇବା କାରଣରୁ କ୍ଷୁବ୍ଧ ହୋଇ ପାରନ୍ତି। ଜମିଜମା, ଆଇନ, ଅଦାଲତ, ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**ଧନୁ** – ଆଜି ଧୈର୍ଯ୍ୟର ସହ ସମୟକୁ ଅପେକ୍ଷା କରିପାରିଲେ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ସହକର୍ମୀ କିମ୍ବା ଆତ୍ମୀୟଙ୍କ ସହଯୋଗର ଅଭାବ ରହିବ ନାହିଁ। ଅଫିସରଙ୍କ ସମ୍ମୁଖରେ ମନ କଥା ପ୍ରକାଶ କରିବାରେ ପଛେଇ ଯିବେ ଓ ପରେ ମନସ୍ତାପ କରିବେ। ଆତ୍ମୀୟଙ୍କ ସମ୍ପର୍କରେ ଅବନତି ଦେଖା ଦେଇପାରେ।

**ମକର** – ନିଜ ସହ ଆଦୌ ପଟୁନଥିବା ଲୋକମାନେ ଗୁଣଗାନ ବଦଳରେ କୁତ୍ସାରଟନା କରିବେ। ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କିମ୍ବା ଅଫିସରେ କଳହ ସୃଷ୍ଟି ହୋଇପାରେ। ଅନ୍ୟମାନଙ୍କ ଘରୋଇ କଥାରେ କିମ୍ବା କାମରେ ମୁଣ୍ଡ ପୂରାଇବା ଠିକ୍ ହେବନାହିଁ। ସେବା ଓ ପରୋପକାର ହେତୁ ସାମାଜିକ ସ୍ତରରେ ଖୁସି ରହିବେ।

**କୁମ୍ଭ** – ଆଜି ଅର୍ଥାଭାବ, ଋଣ କିମ୍ବା ପୂର୍ବର ଶତ୍ରୁତାକୁ ନେଇ ମନରେ ଅସ୍ଥିରତା ସୃଷ୍ଟି ହୋଇପାରେ। ବିବାହ ପ୍ରସ୍ତାବ ସ୍ଥିରୀକୃତ ହେବାରେ ବନ୍ଧୁଙ୍କ ଭୂମିକା ଅବିସ୍ମରଣୀୟ ରହିବ। କେତେକ ଆକସ୍ମିକ ଅସୁବିଧା ଉପୁଜିବା କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ନୀଚ ସଂସର୍ଗରୁ ଦୂରେଇ ରହନ୍ତୁ, ଅନ୍ୟଥା ସମାଲୋଚିତ ହେବାକୁ ପଡ଼ିବ।

**ମୀନ** – କର୍ମକ୍ଷେତ୍ରରେ ମନ୍ଥର ଗତି ଦେଖାଦେଇପାରେ, କିନ୍ତୁ କୌଣସି କାମ ଅଟକିବ ନାହିଁ। ବ୍ୟବସାୟ କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ। ରାଜନୈତିକ ଚାପର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରେ ଉନ୍ନତି ଆଶଙ୍କା।


# classifieds Everyday 0674-2580101, 2549302




**BRIDE WANTED**

Fair female without child 40-45 for a handsome hr consultant age 54. ctcpkb@gmail.com/ 8999257106. D-721

**GROOM WANTED**

Age-58, ଗୋପାଳ, Govt. ଚାକିରିଆ unmarried ଝିଅଙ୍କୁ anycaste married/ unmarried ପୁଅ ଦରକାର। 8327715036. D-727

Govt. Teacher ଭାବେ କାର୍ଯ୍ୟରତ ଦରମା-୭୫୦୦୦/- ୪୨ବୟସ୍କା ଅବିବାହିତା ଖଣ୍ଡାୟତ ସୁନ୍ଦର ଝିଅଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7326057574. D-730

48 ବୟସ୍କା ଏକାକି ରହୁଥିବା Divorce Govt. ଚାକିରିଆ ବଣିଆ ଝିଅଙ୍କୁ ସନ୍ତାନ/ନିଃସନ୍ତାନ ପୁଅ ଦରକାର। 7749076723. D-726




**SALE**

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft.-570/-ରେ ଘରଯୋଗୀ ପ୍ଲଟ୍ ମିଳୁଛି। 9348232008, 9556055607. D-642

**Bhubaneswarରେ plot କିଣନ୍ତୁ ସଙ୍ଗେସଙ୍ଗେ ଘର କରନ୍ତୁ installment ସୁବିଧା ଅଛି। Contact: 9437250090, 7008265080, 8658227874, 0674-2911635.** D-697

200 ଫୁଟ ରାସ୍ତାକୁ ଲାଗି ନାଇଜର ବର୍ଗଫୁଟ ୨୫୦/- ଟଙ୍କାରେ ଜାଗାବିକ୍ରି ହେଉଛି। 7609803855. D-73614

**Gated society 30'road, gharabari, Patta immediate construction land (Bank finance available) @11,75,000/- near Sudhananda College, Bhubaneswar-Cuttack. 9437691481.** D-73260

Duplex house on corner plot for sale at Gadakana, Bhubaneswar. Contact owner: 9348695941. D-701

**Sameday registration & possesion plot near IIT Bhubaneswar @ 4.99lakh. 9777608369, 9777680369.** D-73259

Khordha Municipalityରେ PN College-Collectorate Office ମଧ୍ୟରେ boundary, electricity, Water ସହିତ plot ମିଳୁଅଛି। 9439101373, 7735888421. D-718

**Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/-. 8114929186.** D-73915

2BHK flat, renovated recently in prime location on Vivekanand Marg, BBSR. Ph: 8917520527. D-46554

**LAND FOR SALE- Area: A1.500Dec. BDA YellowZone, Hanspal Bhubaneswar. Contact: 91+7682954721. Brokers Excuse.** D-644

ଭୁବନେଶ୍ୱର ହଂସପାଳ ଛକ ପାଖରେ ମୋର ଘର ବିକ୍ରି କରାଯିବ। Contact: 9178660666. D-73820

**ଘରବାରି ପ୍ଲଟ୍ ଭୁବନେଶ୍ୱର ସମ୍ ହସ୍ପିଟାଲ ଠାରୁ ୪କି.ମି. ରେ ଘଙ୍ଗପାଟଣା, କଣ୍ଟାବାଡ଼ ଠାରେ ୩୦ଫୁଟ୍ ରୋଡ୍ ଇଲେକ୍ଟ୍ରି ସହ ମିଳୁଅଛି। 8658219495.** D-487

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-525

**Residential cum Commercial road side plot, Niali Road @750sqft. residential plots with Boundarywall, Electricity System, Homely Temple, Nakhara 7K.M., BBSR 12 K.M. 8249851363, 7809525452.** D-73919

**ଭୁବନେଶ୍ୱର Sum Hospital ଠାରୁ 6k.m. ଦୂରତାରେ କଣ୍ଟାବାଡ଼ NH 16 ରୁ 50mtr ଦୂରରେ boundary, electricity 30ft. ରୋଡ୍ ଥାଇ ଘରବାରି plot ମିଳୁଛି। 9348444368.** D-73261

7 Guntha Gharabari SC land near Salepur, Highway side. Clear title. SC customers only. Brokers Excuse. Owner contact: 9900677338 / 7829553888. D-593

**2& 3BHK ready to move flat for sale at Chintamaniswar & near Palm Heights Sum Hospital and a new construction 3BHK flat start at Nandan Vihar Patia, Bhubaneswar. Contact -9861882233, 9437231479.** D-73324

**ଭୁବନେଶ୍ୱର Sum Hospitalରୁ 6K.M. ଦୂରତାରେ 200' NH ପାଖରେ Electricity, 30'road, boundary ଘରବାରି ଥାଇ ଘର କରିବା ପାଇଁ plot ମିଳୁଛି। 9090963952.** D-73255

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-524

**Bhubaneswar KIIT ପାଖ ODM Global Schoolକୁ ଲାଗି କରି yellowzone ଘରବାରି, boundary plot ନେଇ immediate ଘର କରନ୍ତୁ। 9437033320.** D-73250




**Construct your home @850/-, 1330/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-73254




1BHK apartment first floor at NB Heights, Vaishnomata Vihar, Sudarpada. M: 9178472799. D-708

**2BHK with garage near Tankapani Road, Siridisai Temple. Contact: 7008860369.** D-71643

2BHK available for rent suitable for Official/ residential at Sriram Nagar, behind Puri Bus-Stand, Cuttack. Contact: 7008948849. D-73818




A2 SPA, a journey from tired to relaxed, address- 4th Floor, Above-Vishal, Palasuni. 9178760530, 9178760540. D-73815

Newly open full body massage ladies and gents. 7750077371. D-73911

Refreshments rejuvenation body massage therapy with experience the therapist, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73816

Newly open SPA positively health benefit with expert. Contact: 7749976301. D-73819

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73814

Newly open full body massage ladies and gents. 8327740003, 8093860513. D-73914

**Relax, Refresh your body, Mind at Saikrupa Spa with best therapies. 8984068077.** D-668

**AFFIDAVIT**

By virtue of an affidavit before Notary Public, Bhubaneswar on 09.06.2022, consequent upon my marriage to Amulya Kumar Pattanaik residing in Plot no-311/2260, Niladrivihar, PS- Chandrasekharpur, Bhubaneswar. I have changed my surname from Santa Patnaik to Santa Pattanaik. Henceforth, I shall be known as Santa Pattanaik for all purpose.
Santa Pattanaik.
D-73823


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ଆଜି କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କ କଳାହାଣ୍ଡି ଗସ୍ତ

ଭବାନୀପାଟନା,୧୧।୬(ସ୍ୱ.ପ୍ର.): କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ରବିବାର କଳାହାଣ୍ଡି ଗସ୍ତରେ ଆସୁଥିବା ଜଣାପଡିଛି। ରାଜ୍ୟର ଆକାଂକ୍ଷୀ ଜିଲା ଭାବେ କେନ୍ଦ୍ର ସରକାର କଳାହାଣ୍ଡି ଜିଲାକୁ ଘୋଷଣା କରିଛନ୍ତି। ଏହି ଜିଲାରେ କେନ୍ଦ୍ରୀୟ ଅନୁଦାନ କିପରି ଖର୍ଚ୍ଚ ହେଉଛି ତାହା ଉପରେ ସମୀକ୍ଷା କରିବା ପାଇଁ ସେ ଆସୁଥିବା ଜଣାପଡିଛି। ଏ ନେଇ ଜିଲା ଭାଜପା ଶିବିରରେ ଉତ୍ସାହ ଦେଖିବାକୁ ମିଳିଛି। ତାଙ୍କ ଗସ୍ତ କିପରି ସୁରୁଖୁରୁରେ ହେବ ସେଥିପାଇଁ ଶନିବାର ସଂଧ୍ୟାରେ ଭବାନୀପାଟଣା ସର୍କିଟହାଉସଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଦେବେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା,ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ଜୁନାଗଡ ଏନ୍‌ଏସି ଅଧ୍ୟକ୍ଷ ମୁକେଶ ଅଗ୍ରୱାଲ, ଧର୍ମଗଡ ଏନ୍‌ଏସି ଅଧ୍ୟକ୍ଷ ଅଶୋକ ମହାନ୍ତି,ଜିଲା ସଭାନେତ୍ରୀ ନିରୁପମା ନାଏକ,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର,ସୋନପୁର ପ୍ରଭାରୀ ଭବେନ୍ଦ୍ର ପଣ୍ଡା,ଜିଲା ଉପସଭାପତି ପ୍ରଶାନ୍ତ ସାହୁ, ଅଜୟ ପାଣିଗ୍ରାହୀ, ଜିଲା ସାଧାରଣ ସମ୍ପାଦକ ଜୟ ଶଙ୍କର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ୭୦.୪୨ ଲକ୍ଷ ଠକେଇରେ ଆନ୍ତଃ ରାଜ୍ୟ ଲିଙ୍କ୍

- ପଶ୍ଚିମବଙ୍ଗର କୁଚ୍‌ବିହାର ଗଲା ପୋଲିସ ଟିମ୍
- କୁଚ୍‌ବିହାର ଅଞ୍ଚଳର ଏକ ଆକାଉଣ୍ଟକୁ ଯାଇଛି ସବୁ ଟଙ୍କା
- ଅଭିଯୁକ୍ତମାନେ ଟଙ୍କାକୁ ନିଜ ଭିତରେ ବାଣ୍ଟି ନେଇଛନ୍ତି
- ଚେକ୍, ସୋନପୁର କଲେଜ ଅଧ୍ୟକ୍ଷଙ୍କ ଦସ୍ତଖତ ଓ ଷ୍ଟାମ୍ପ ନକଲି

ସୋନପୁର,୧୧।୬(ନି.ପ୍ର.)


ସୋନପୁର କଲେଜ

ନକଲି ଚେକ୍, କଲେଜ ଅଧ୍ୟକ୍ଷଙ୍କ ଜାଲ ଦସ୍ତଖତ ଓ ନକଲି ଷ୍ଟାମ୍ପ ଜରିଆରେ ସୋନପୁର କଲେଜର ଏକ ବ୍ୟାଙ୍କ ଆକାଉଣ୍ଟରୁ ୭୦ ଲକ୍ଷ ୪୨ ହଜାର ୯୦୦ ଟଙ୍କା ଉଠାଣ ହୋଇଛି। ଓଭର ରାଇଟିଂ ହୋଇଥିବା ସତ୍ତ୍ୱେ ବ୍ୟାଙ୍କ କର୍ତ୍ତୃପକ୍ଷ ଉକ୍ତ ନକଲି ଚେକ୍‌କୁ ମଞ୍ଜୁର କରିଛନ୍ତି। ଗତ ୭ ତାରିଖରେ ଆରଟିଜିଏସ୍ ମାଧ୍ୟମରେ ପଶ୍ଚିମବଙ୍ଗର କୁଚ୍‌ବିହାର ଅଞ୍ଚଳର ଏକ ଆଇସିଆଇସିଆଇ ବ୍ୟାଙ୍କ ଆକାଉଣ୍ଟରେ ଉକ୍ତ ଟଙ୍କା ଜମା ହୋଇଛି। ସୋନପୁର ଥାନା ପୋଲିସ ଏକ ଠକେଇ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଏହି ଠକେଇ ଘଟଣାରେ ଆନ୍ତଃରାଜ୍ୟ ଲିଙ୍କ୍ ଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି। ପୋଲିସ ସମ୍ପୃକ୍ତ ବ୍ୟାଙ୍କର ଶାଖା ପରିଚାଳକଙ୍କ ସମେତ ବ୍ୟାଙ୍କର ଅନ୍ୟ ୨ କର୍ମଚାରୀଙ୍କୁ ଅଟକ ରଖି ତଦନ୍ତ କରୁଛି। ସେହିପରି ଅଧିକ ତଦନ୍ତ ପାଇଁ ଏସ୍‌ପି ଅମରେଶ କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଶନିବାର ରାତିରେ କୁଚବିହାର ଅଭିମୁଖେ ଯିବେ ବୋଲି ଜଣାପଡିଛି। ସୋନପୁର କଲେଜକୁ ୨୦୧୮ ମସିହାରେ ଆନୁଷ୍ଠାନିକ ଉନ୍ନୟନ ଯୋଜନା(ଆଇଡିପି) ବିଶ୍ୱବ୍ୟାଙ୍କ ସହାୟତାରେ ୬.୮ କୋଟି ଟଙ୍କାର ଅନୁଦାନ ମିଳିଥିଲା। ଏହି ଟଙ୍କାରେ କଲେଜର ଭିତ୍ତିଭୂମିର ଉନ୍ନତି ସହ ଆଡମିନିଷ୍ଟ୍ରେଟିଭ୍ କୋଠା ନିର୍ମାଣ ହେଉଛି। ଆଇଡିପି ଅଧୀନରେ ଆସୁଥିବା ଟଙ୍କାକୁ ବ୍ୟାଙ୍କ ଅଫ ବରୋଦା ସୋନପୁର ଶାଖାରେ କଲେଜ ଅଧ୍ୟକ୍ଷଙ୍କ ନାମରେ ଖୋଲା ଯାଇଥିବା ଆକାଉଣ୍ଟରେ ଜମା କରାଯାଇଥିଲା। ସେହି ଆକାଉଣ୍ଟରୁ କେହି ୭୦ ଲକ୍ଷ ୪୨ହଜାର ୯ ଶହ ଟଙ୍କା ଉଠାଣ କରିଥିବା ଜଣାପଡିବା ପରେ କଲେଜ ଅଧ୍ୟକ୍ଷ ରାଜୀବ ଲୋଚନ ଆଚାର୍ଯ୍ୟ ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଠକେଇ ଘଟଣାରେ ବ୍ୟାଙ୍କ ଅଧିକାରୀଙ୍କ ଭୂମିକା ସନ୍ଦେହ ଘେରରେ ରହିଛି। ନକଲି ଚେକ୍ ଜରିଆରେ ଉକ୍ତ ଜମାଖାତାରୁ ଟଙ୍କା ଉଠାଣ ହୋଇଥିବା କଲେଜ ଜମାଖାତା ଅପଡେଟ୍ କରିବା ସମୟରେ ଜଣା ପଡିଥିଲା। କଲେଜ ଅଧ୍ୟକ୍ଷଙ୍କ ନିକଟରେ ଚେକ୍ ବହି ଥିବା ବେଳେ ଅଭିଯୁକ୍ତମାନେ ନକଲି ଚେକ୍ ବ୍ୟବହାର କରି ବାହାର ରାଜ୍ୟକୁ ଟଙ୍କା ନେଇ ଯିବାରେ ସକ୍ଷମ ହୋଇଛନ୍ତି। ଏପରିକି ସେହି ୭ ତାରିଖରେ କୁଚ୍‌ବିହାର ଅଞ୍ଚଳର ମୁଖ୍ୟ ଅଭିଯୁକ୍ତଙ୍କ ଆଇସିଆଇସିଆଇ ଆକାଉଣ୍ଟରୁ ଅନ୍ୟ ଅଭିଯୁକ୍ତଙ୍କ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର ହୋଇଥିବା ପୋଲିସ ତଦନ୍ତରୁ ଜାଣି ପାରିଛି। ଘଟଣାରେ ସୋନପୁରର କେଉଁ ବ୍ୟକ୍ତି ସହାୟତା କରିଛନ୍ତି ସେ ନେଇ ମଧ୍ୟ ତନାଘନା ଜାରି ରହିଛି। ଚେକ୍ ନେଇ ବ୍ୟାଙ୍କକୁ ଘଟଣା ଦିନ କିଏ ଆସିଥିଲେ ତାର ଅନୁସନ୍ଧାନ ଜାରି ରହିଛି। ବ୍ୟାଙ୍କ୍ ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରିବା ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ମୋବାଇଲ୍ ଟ୍ରାକିଂ କରାଯାଉଛି। ସୁରାଗ୍ ମିଳିଛି, ଖୁବ୍‌ଶୀଘ୍ର ଅଭିଯୁକ୍ତ ଓ ମାଷ୍ଟର ମାଇଣ୍ଡଙ୍କୁ ଗିରଫ କରାଯିବ ବୋଲି ସୁବର୍ଣ୍ଣପୁର ପୋଲିସ ଦୃଢୋକ୍ତି ପ୍ରକାଶ କରିଛି।

# ଆକାଉଣ୍ଟକୁ ଫେରିଲା ୮.୬୦ ଲକ୍ଷ ଟଙ୍କା

## ରାଉରକେଲା ସାଇବର ଠକେଇ ଘଟଣା

### ମିଳିନି ୨୪ ହଜାର ୯୯୯ ଟଙ୍କା

ରାଉରକେଲା ଅଫିସ,୧୧।୬

ରାଉରକେଲା ଛେଣ୍ଡ ସ୍ଥିତ ଏଲ୍. ବ୍ଲକର ଜଣେ ବ୍ୟକ୍ତି ସାଇବର ଠକେଇର ଶିକାର ହୋଇଥିଲେ। ଏ ନେଇ ରାଉରକେଲା ସାଇବର ଥାନାରେ ଅଭିଯୋଗ ହୋଇଥିଲା। ସାଇବର ପୋଲିସ ତଦନ୍ତ କରିବା ପରେ ଉକ୍ତ ବ୍ୟକ୍ତି ଜଣକ ୮ଲକ୍ଷ ୬୦ ହଜାର ଟଙ୍କା ଫେରିପାଇଛନ୍ତି। ଅବଶିଷ୍ଟ ୨୪ ହଜାର ୯୯୯ ଟଙ୍କା ମିଳି ନ ଥିବା ଜଣାପଡିଛି।

ଗତ ୧ ତାରିଖରେ ଛେଣ୍ଡ ସ୍ଥିତ ଏଲ ବ୍ଲକ୍‌ର ପରେଶ ଚନ୍ଦ୍ର ପ୍ରଧାନ (୫୮) ମୋବାଇଲର ୟେନୋ ଆପ୍‌ରେ କିଛି ସାମଗ୍ରୀ କିଣିବା ପାଇଁ ଓଟିପି ମେସେଜ ଆସିଥିଲା। ପରେଶ ଉକ୍ତ ଓଟିପିକୁ ମୋବାଇଲରେ ଦେବା ପରେ ତାଙ୍କ ଏସ୍‌ବିଆଇ ଆକାଉଣ୍ଟରୁ ପ୍ରଥମେ ୨୪ହଜାର ୯୯୯ ଟଙ୍କା କଟିଯାଇଥିଲା। ପରେ ୨ଲକ୍ଷ ୬୦ ହଜାର ଟଙ୍କା ଏବଂ ଅଳ୍ପ କିଛି ସମୟରେ ୬୦ ହଜାର ଟଙ୍କା ଏଭଳି ସମୁଦାୟ ୮ ଲକ୍ଷ ୮୪ ହଜାର ୯୯୯ ଟଙ୍କା ତାଙ୍କ ଆକାଉଣ୍ଟରୁ ଗାଏବ ହୋଇଯାଇଥିଲା। ଫଳରେ ପରେଶ ଉଦିତନଗର ସ୍ଥିତ ରାଉରକେଲା ସାଇବର ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଥିଲେ। ସାଇବର ପୋଲିସ ଏକ ମାମଲା (ନଂ.୧୧।୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ସାଇବର ପୋଲିସ ପ୍ରଥମେ ପରେଶଙ୍କ ୟେନୋ ୱେଲେଟ ଆକାଉଣ୍ଟକୁ ବନ୍ଦ କରି ଦେଇଥିଲା। ଯେଉଁ ମୋବାଇଲରୁ ୟେନୋ ମେସଜ୍ ଆସିଥିଲା ଉକ୍ତ ମେସେଜ୍‌କୁ ଫଲୋ କରି ତାଙ୍କ ଏସ୍‌ବିଆଇ ଆକାଉଣ୍ଟରୁ କଟିଥିବା ୮ଲକ୍ଷ ୮୪ହଜାର ୯୯୯ ଟଙ୍କାରୁ ପୋଲିସ ୮ଲକ୍ଷ ୬୦ ହଜାର ଟଙ୍କା ଉକ୍ତ ବ୍ୟକ୍ତିଙ୍କୁ ଫେରସ୍ତ କରାଇଥିଲା। ଅବଶିଷ୍ଟ ୨୪ହଜାର ୯୯୯ଟଙ୍କା ଫେରି ପାଇବା ପାଇଁ ପୋଲିସ ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ସିରୋଫେନା ଖେସ୍ ସୂଚନା ଦେଇଛନ୍ତି।

# 'ସବୁ ବର୍ଗର କଲ୍ୟାଣ ହିଁ ପ୍ରକୃତ ବିକାଶ'

## ହଜ୍‌ଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୧।୬(ବ୍ୟୁରୋ)



ଶାନ୍ତି ଓ ଭାଇଚାରା ପାଇଁ ଓଡ଼ିଶା ପ୍ରସିଦ୍ଧ। ବିଭିନ୍ନ କମ୍ୟୁନିଟି ମଧ୍ୟରେ ସଦ୍‌ଭାବ ପାଇଁ ଓଡ଼ିଶା ସାରା ଦେଶରେ ଆଦର୍ଶ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଶନିବାର ସୂଚନା ଭବନଠାରେ ଚଳିତବର୍ଷର ହଜ୍ ଯାତ୍ରୀଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ହଜ୍ ଯାତ୍ରାରେ ଯାଉଥିବା ହାଜି ଭଉଣୀଭାଇଙ୍କୁ ଭିଡିଓ ବାର୍ତ୍ତା ଜରିଆରେ ଶୁଭେଚ୍ଛା ଜଣାଇ କହିଲେ, ହଜ୍‌ରେ ମକ୍କାମଦିନା ଯିବା ସବୁ ମୁସଲମାନ ଭଉଣୀଭାଇଙ୍କ ପବିତ୍ର ସ୍ୱପ୍ନ। ଆଜି ସେମାନଙ୍କର ସେହି ସ୍ୱପ୍ନ ପୂରଣ ହୋଇଛି। ଆମେ ସବୁ ବର୍ଗର କଲ୍ୟାଣରେ ବିଶ୍ୱାସ କରୁ। ସବୁ ବର୍ଗର କଲ୍ୟାଣ ହିଁ ପ୍ରକୃତ ବିକାଶ। ଓଡ଼ିଶାର ସଂଖ୍ୟାଲଘୁ ଭଉଣୀଭାଇଙ୍କ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଲେ, ସଂଖ୍ୟାଲଘୁଙ୍କ ବିଭିନ୍ନ କାମକୁ ଗୋଟିଏ ବିଭାଗ ଅଧୀନରେ ରଖାଯାଇଛି। ଭୁବନେଶ୍ୱରରେ ହଜ୍ ଭବନ ନିର୍ମାଣ କରାଯାଇଛି। ବହୁମୁଖୀ ଗୋଷ୍ଠୀ କେନ୍ଦ୍ର କାର୍ଯ୍ୟ କରୁଛି। ସଂଖ୍ୟାଲଘୁ ବର୍ଗର ପିଲାମାନେ ଭଲ ସ୍କୁଲରେ ପାଠ ପଢ଼ିବା ପାଇଁ ବ୍ୟବସ୍ଥା କରାଯାଇଛି। ସମସ୍ତେ ମିଶି ଓଡ଼ିଶାର ସମୃଦ୍ଧି, ଓଡ଼ିଶାର ଗୌରବ ପାଇଁ କାମ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ।

ଚଳିତ ବର୍ଷ ରାଜ୍ୟ ହଜ୍ କମିଟି ଜରିଆରେ ୩୮୮ଜଣ ହଜ୍‌ଯାତ୍ରା ପାଇଁ ମନୋନୀତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୬୪ଜଣ ମହିଳା ଓ ୨୨୪ଜଣ ପୁରୁଷ ରହିଛନ୍ତି। ହଜ୍‌ଯାତ୍ରୀଙ୍କ ସୁବିଧା ନିମନ୍ତେ ସରକାରଙ୍କ ପକ୍ଷରୁ ୩ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। କାର୍ଯ୍ୟକ୍ରମରେ ସମସ୍ତ ହଜ୍‌ଯାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ସେମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ହଜ୍‌କିଟ୍ କ୍ରୟ ନିମନ୍ତେ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ସେହିପରି ଓଡ଼ିଆ ହଜ୍ ଗାଇଡ୍ ମଧ୍ୟ ଉନ୍ମୋଚନ କରାଯାଇଥିଲା।

ସମ୍ବର୍ଦ୍ଧନା ସଭାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସଂପ୍ରଦାୟ ଏବଂ ପଛୁଆବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା, ରାଜ୍ୟସଭା ସଦସ୍ୟ ମୁନା ଖାଁ, ବିଧାୟକ ଦେବୀ ପ୍ରସାଦ ମିଶ୍ର, ବିଭାଗୀୟ ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା, ଅନ୍ୟାନ୍ୟ ପଛୁଆବର୍ଗ ବିଭାଗର ନିର୍ଦ୍ଦେଶକ ଶିତାଂଶୁ କୁମାର ରାଉତ, ରାଜ୍ୟ ହଜ୍ କମିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ସୟଦ ମହମ୍ମଦ ଅକ୍‌ଦସ ପ୍ରମୁଖ ଉପସ୍ଥିତ ଥିଲେ।

# ବେକରେ ରଶି ବାନ୍ଧି ଯୁବକଙ୍କ ଆତ୍ମହତ୍ୟା

ଲହୁଣୀପଡା,୧୧।୬(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଜାଙ୍ଗଲା ଗ୍ରାମ ନିକଟରେ ଥିବା ଏକ ଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଶନିବାର ପୋଲିସ ଜବତ କରିଛି। ଜାଙ୍ଗଲା ଗ୍ରାମ ମୁଣ୍ଡାସାହିର ଗୋରା ମୁଣ୍ଡା (୪୦)ଶୁକ୍ରବାର ସକାଳୁ କାମକୁ ଯାଉଛି କହି ଘରୁ ଯାଇଥିଲେ। କିନ୍ତୁ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଜାଖୋଜି କରି ନିରାଶ ହୋଇଥିଲେ। ଶନିବାର ସକାଳୁ ଗ୍ରାମର କେତେକ ଲୋକ ଦେଖିଲେ ଯେ ଗୋରା ମୁଣ୍ଡା ଏକ ଗଛରେ ବେକରେ ରଶି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଲହୁଣୀପଡ଼ା ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବଣାଇ ଡାକ୍ତରଖାନା ପଠାଇଛି। ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

boyanika
ନିଳାଚଳ ଅର୍ବାନ ହାଟରେ
ରଜ ଉତ୍ସବ
ସ୍ୱତନ୍ତ୍ର ହସ୍ତତନ୍ତ ମେଳା
ସ୍ଥାନ - ନିଳାଚଳ ଅର୍ବାନ ହାଟ, ପୁରୀ
୧୨ ଜୁନ୍ ସନ୍ଧ୍ୟା ୦୬.୩୦ ଘଟିକା ସମୟରେ ଏହି ମେଳାର ଶୁଭ ଉଦ୍‌ଘାଟନ
ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ
Spl. Rebate Flat 30% in boyanika Stall
ତା.୧୨.୦୬ ରୁ ୦୯.୦୭.୨୦୨୨ ପର୍ଯ୍ୟନ୍ତ
ସମୟ ପୂର୍ବାହ୍ନ ୧୧.୦୦ ରୁ ରାତ୍ର ୯.୦୦ ପର୍ଯ୍ୟନ୍ତ।
ଆକର୍ଷଣୀୟ ସରକାରୀ ରିହାତି
ପ୍ରାୟୋଜକ : ହସ୍ତତନ୍ତ ଉନ୍ନୟନ ଆୟୋଗ, ବସ୍ତ୍ର ମନ୍ତ୍ରଣାଳୟ, ଭାରତ ସରକାର
ଆୟୋଜକ : ବୟନିକା
5% EXTRA CASHBACK SBI card
*Min. Trxn.: ₹2,500; Max. Cashback: ₹1,000 per card account. Validity: 07 Jun - 10 Jul 2022. T&C Apply.
in boyanika Stall

# ରଜରେ ଓଡ଼ିଶା ଛୁଇଁବ ମୌସୁମୀ

## ଚଳିତ ମାସରେ ଭଲ ବର୍ଷା

ଭୁବନେଶ୍ୱର, ୧୧।୬(ବ୍ୟୁରୋ)

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୪ରୁ ୫ ଦିନ ଭିତରେ ଓଡ଼ିଶା ଛୁଇଁବ। ଏଥିପାଇଁ ପାଗ ଧୀରେ ଧୀରେ ଅନୁକୂଳ ହେଉଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ମଙ୍ଗଳବାରଠାରୁ ରଜ ପର୍ବ ଆରମ୍ଭ ହେଉଛି। ଏହା ଭିତରେ ମୌସୁମୀ ଆଗମନର ସମ୍ଭାବନା ରହିଥିବାବେଳେ ଏବେଠୁ ରାଜ୍ୟରେ ପ୍ରାକ୍ ମୌସୁମୀର ପ୍ରଭାବ ଆରମ୍ଭ ହୋଇଯାଇଛି। ଗତ ଦୁଇଦିନ ହେବ ଓଡ଼ିଶା ଆକାଶରେ ବାଦଲ ଓ ପବନ ରହିଛି। ଏଥିସହ ବିଭିନ୍ନ ଅଞ୍ଚଳରେ ଝିପି ଝିପି ବର୍ଷା ହେଉଥିବାରୁ ରଜ ପାଗ ଭଳି ଅନୁଭବ ହେଉଛି। ରାଜ୍ୟବାସୀ ତାତିରୁ ଆଶ୍ୱସ୍ତ ହୋଇଛନ୍ତି। ଆଗାମୀ ୩ରୁ ୪ ଦିନ ମଧ୍ୟରେ ଆହୁରି ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ତଳକୁ ଖସିବ। ଜୁନ୍ ମାସରେ ଭଲ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ତେବେ ପୂର୍ବ ଆକଳନ ମୁତାବକ ଜୁନ୍ ୧୨ରେ ମୌସୁମୀ ବାୟୁ ଓଡ଼ିଶା ଛୁଇଁବା ସମ୍ଭବ ହୋଇନାହିଁ। ଉତ୍ତର-ପଶ୍ଚିମ ପବନର ପ୍ରଭାବ ଅଧିକ ଯୋଗୁ ରାଜ୍ୟରେ ତାପମାତ୍ରା ବୃଦ୍ଧିପାଉଥିଲା। ଏହା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁକୁ ଆଗକୁ ବଢ଼ିବାକୁ ଦେଉ ନ ଥିଲା। ତେଣୁ ମୌସୁମୀ ଆସିବାରେ ସାମାନ୍ୟ ବିଳମ୍ବ ହୋଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

ସେପଟେ ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟରେ ବିଭିନ୍ନ ଜିଲାକୁ ଝଡ଼ତୋଫାନ ଓ ବଜ୍ରପାତ ନେଇ ସତର୍କ କରାଇଛି ପାଣିପାଗ କେନ୍ଦ୍ର। କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକର ବିଭିନ୍ନ ସ୍ଥାନରେ ଝଡ଼ତୋଫାନ ସହ ବଜ୍ରପାତ ହେବ। ତେଣୁ ଏସବୁ ଜିଲାକୁ ପାଣିପାଗ କେନ୍ଦ୍ର ୟେଲୋ ୱାର୍ନିଂ ଜାରି କରିଛି। ରବିବାର କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ୧୦ ଜିଲାରେ ଝଡ଼ତୋଫାନ ହେବ ବୋଲି ସୂଚନା ଦିଆଯାଇଛି।

# 'ଗୁଣାତ୍ମକ ଶିକ୍ଷାରେ ଦେଶର ବିକାଶ'




- ଆଇଆଇଟି ପରିସରରେ କେନ୍ଦ୍ରୀୟ ବିଦ୍ୟାଳୟ ଉଦ୍‌ଘାଟିତ
- ସ୍ଥାୟୀ କ୍ୟାମ୍ପସ ପାଇଁ ଭୂମିପୂଜନ

ଜଟଣୀ,୧୧।୬(ଡି.ଏନ୍.ଏ.)

ଭୁବନେଶ୍ୱର ଆଇଆଇଟି ପରିସରରେ ଶନିବାର ନୂତନ କେନ୍ଦ୍ରୀୟ ବିଦ୍ୟାଳୟର ଉଦ୍‌ଘାଟନ କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି କେନ୍ଦ୍ରୀୟ ବିଦ୍ୟାଳୟ ଏବେ ଅସ୍ଥାୟୀ କ୍ୟାମ୍ପସରେ ଚାଲିବ। ଏହାସହ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଏହି କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ନିର୍ମାଣ ପାଇଁ ଭୂମି ପୂଜନ କରିଛନ୍ତି। ଏହି ଅବସରରେ ଅନୁଷ୍ଠିତ ଏକ ସଭାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଗୁଣାତ୍ମକ ଶିକ୍ଷା ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରିପାରିଲେ, ସେମାନେ ଦେଶର ବିକାଶ ଧାରାକୁ ଆଗେଇ ନେଇପାରିବେ। ଶିକ୍ଷାର ବିକାଶରେ ଦେଶର ବିକାଶ ହୋଇପାରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆ ଶିକ୍ଷା ନୀତି ମାଧ୍ୟମରେ ଶିକ୍ଷା ଏବଂ ଶିକ୍ଷାଦାନର ଶୈଳୀକୁ ପରିବର୍ତ୍ତନ ପୂର୍ବକ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି। ଆଇଆଇଟି କ୍ୟାମ୍ପସରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରିବା ସ୍ୱପ୍ନକୁ ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଭି.କେ.ତିୱାରୀ ସଫଳ କରିଥିବାରୁ କୃତଜ୍ଞତା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିଥିଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଖୋର୍ଦ୍ଧା ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ଭି.କେ.ତିୱାରୀ, କେନ୍ଦ୍ରୀୟ ବିଦ୍ୟାଳୟର ଡେପୁଟି କମିଶନର ଡ.ଏସ୍. ବୋଷ ପ୍ରମୁଖ ଯୋଗଦେଇଥିଲେ।

ଏହି ଅବସରରେ ଡ.ବୋଷ କହିଥିଲେ, ଏହି କେନ୍ଦ୍ରୀୟ ବିଦ୍ୟାଳୟ ଓଡ଼ିଶାର ୬୬ତମ ଓ ଖୋର୍ଦ୍ଧା ଜିଲାର ନବମ କେନ୍ଦ୍ରୀୟ ବିଦ୍ୟାଳୟ। ଏହାର ସ୍ଥାୟୀ କ୍ୟାମ୍ପସ ନିର୍ମାଣ ପାଇଁ ଆଇଆଇଟି ଭୁବନେଶ୍ୱର ପରିସରରେ ୧୦ଏକର ଜମି ଚିହ୍ନଟ କରାଯାଇଛି। ଏହାସହ କ୍ୟାମ୍ପସ ନିର୍ମାଣ ପାଇଁ ମୋଟ୍ ୨୫କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଆସନ୍ତା ୩ବର୍ଷ ମଧ୍ୟରେ କାର୍ଯ୍ୟ ସରିବ ବୋଲି ବୋଷ କହିଛନ୍ତି। ବର୍ତ୍ତମାନ ଅସ୍ଥାୟୀ ଗୃହରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ପାଠ ପଢିବା ପାଇଁ ବ୍ୟବସ୍ଥା କରାଯାଇଛି। ପ୍ରତି କ୍ଲାସରେ ୪୦ଜଣ ଛାତ୍ରୀଛାତ୍ର ପାଠ ପଢ଼ିବେ। ଆଗାମୀ ଦିନରେ ଯୁକ୍ତ ୨ ପର୍ଯ୍ୟନ୍ତ ଏହି ବିଦ୍ୟାଳୟରେ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରିବା ଲକ୍ଷ୍ୟ ରଖାଯାଇଥିବା ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଡ.ବୋଷ ଧନ୍ୟବାଦ ଦେଇଥିଲେ।

**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ ର ନଂ. ୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩ (୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ **ଦଖଲ**କୁ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା /ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶି ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **କାକଟପୁର ଶାଖା/** **ଋଣଗ୍ରହୀତା : ମେସର୍ସ ମା ଆସୋସିଏଟ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଦିଲ୍ଲୀପ କୁମାର ନାୟକ,** ପିତା: ଶ୍ରୀ ନବଘନ ନାୟକ, ସା: ପାଟସୁନ୍ଦରପୁର, ପୋ: ପାଟସୁନ୍ଦରପୁର, ଭାୟା: କାକଟପୁର, ଜିଲ୍ଲା: ପୁରୀ -୭୫୨୧୦୮/ **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଦିଲ୍ଲୀପ କୁମାର ନାୟକ, ୨) ଶ୍ରୀ ନବଘନ ନାୟକ, ୩) ଶ୍ରୀ ଦୁଃଶାସନ ନାୟକ,** ସା: ପାଟସୁନ୍ଦରପୁର, ପୋ: ପାଟସୁନ୍ଦରପୁର, ଭାୟା: କାକଟପୁର, ଜିଲ୍ଲା: ପୁରୀ -୭୫୨୧୦୮ | ୦୯.୦୬.୨୦୨୨ ସୁଦ୍ଧା ଟ.୩,୧୫,୧୧୮.୩୧ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୨୮.୦୧.୨୦୨୨ / ୦୯.୦୬.୨୦୨୨ | ୧) ଶ୍ରୀ ଦିଲ୍ଲୀପ କୁମାର ନାୟକ, ଶ୍ରୀ ପ୍ରଦିପ୍ତ କୁମାର ନାୟକ ଏବଂ ଶ୍ରୀ ନବଘନ ନାୟକଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବଲରା, ଥାନା: କାକଟପୁର, ତହସିଲ: କାକଟପୁର, ଜିଲ୍ଲା: ପୁରୀ, ଖାତା ନଂ.: ୪୪୧, ପ୍ଲଟ୍ ନଂ.: ୩୭୧୧, କ୍ଷେତ୍ର: ଏକର୦.୦୪ ଡିସିମିଲି, ଖାତା ନଂ.: ୫୫୮, ପ୍ଲଟ୍ ନଂ.: ୩୭୪୬, କ୍ଷେତ୍ର: ଏକର୦.୧୯ ଡିସିମିଲି, କିସମ: ବଗାୟତ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଲକ୍ଷ୍ମୀଧର ବିଶ୍ୱାଳ, ପୂର୍ବ: ରାମଚନ୍ଦ୍ର ରାଉତ, ପଶ୍ଚିମ: ଅଶୋକ ସେନାପତି, **୨) ଶ୍ରୀ ଦିଲ୍ଲୀପ କୁମାର ନାୟକ, ଶ୍ରୀ ପ୍ରଦିପ୍ତ କୁମାର ନାୟକ ଏବଂ ଶ୍ରୀ ନବଘନ ନାୟକ**ଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ମହାଦେବବସ୍ତ, ଥାନା: କାକଟପୁର, ତହସିଲ: କାକଟପୁର, ଜିଲ୍ଲା: ପୁରୀ, ଖାତା ନଂ.: ୭୦୭, ପ୍ଲଟ୍ ନଂ.: ୨୨୯୦, ୨୨୯୩, ୨୩୮୮, ୨୩୮୬, ୨୩୮୧, ୨୩୭୨, ୨୩୭୪, କ୍ଷେତ୍ର: ଏକର୧.୦୪ ଡିସିମିଲି, କିସମ: ପତିତ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ମହେଶ୍ୱର ନାୟକ, ପୂର୍ବ: ସୁଦର୍ଶନ ପ୍ରଧାନ, ପଶ୍ଚିମ: ସରକାରୀ ଜମି |
| **ଭଞ୍ଜନଗର ଶାଖା/** **ଋଣଗ୍ରହୀତା : ଶ୍ରୀ ପ୍ରଭଞ୍ଜନ ତ୍ରିପାଠୀ,** ପିତା: ଶ୍ରୀ ରାଧା ମୋହନ ତ୍ରିପାଠୀ, ସା: ଦଲକ, ବାଲିସାହି, ପୋ.: ଲମ୍ବାଇ, ଥାନା: ତାରାସିଙ୍ଗି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍ - ୭୬୧୧୩୧/ **ଗ୍ୟାରେଣ୍ଟିଦାତା: ଶ୍ରୀ ରାଧା ମୋହନ ତ୍ରିପାଠୀ,** ପିତା: ✓ ଖଲି ତ୍ରିପାଠୀ, ସା: ଦଲକ, ବାଲିସାହି, ପୋ.: ଲମ୍ବାଇ, ଥାନା: ତାରାସିଙ୍ଗି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍ - ୭୬୧୧୩୧ | ୧୦.୧୧.୨୦୨୧ ସୁଦ୍ଧା ଟ.୨,୧୭,୧୭୦/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୧୦.୧୧.୨୦୨୧ / ୦୭.୦୬.୨୦୨୨ | **ଶ୍ରୀ ରାଧା ମୋହନ ତ୍ରିପାଠୀ**ଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୯୫, ପ୍ଲଟ୍ ନଂ.: ୯୬୫, ବିକ୍ରୟ ଦଲିଲ ନଂ.: ୯୫/୧୯୮୩, ତାରିଖ: ୨୫.୦୩.୧୯୮୩, କିସମ: ଘରବାରୀ, କ୍ଷେତ୍ର: ଏକର୦.୦୧୬ ଡିସିମିଲି ଯାହା ୬୯୭ ବର୍ଗଫୁଟ, ସା: ଦଲକ, ବାଲିସାହି, ପୋ.: ଲମ୍ବାଇ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍ - ୭୬୧୧୩୧, **ସମୁଦାୟ କ୍ଷେତ୍ର: ୬୯୭ ବର୍ଗଫୁଟ,** ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ପୂର୍ବ: କନ୍ଧ ନାୟକଙ୍କ ଗୃହ, ଦକ୍ଷିଣ: କୃଷ୍ଣ ଚନ୍ଦ୍ର ରାଉତଙ୍କ ଜମି, ପଶ୍ଚିମ: ବାଞ୍ଛା ରାଉତଙ୍କ ଗୃହ |
| **ବଡ଼ଖୋଲି ଶାଖା/** **ଋଣଗ୍ରହୀତା : ଶ୍ରୀ ତ୍ରିଲୋଚନ ବାଡତ୍ୟା,** ପିତା: ଶ୍ୟାମଘନ ବାଡତ୍ୟା, ସା/ପୋ.: ଭେଟନଇ, ଥାନା: ଆସ୍କା, ଗଞ୍ଜାମ, ଓଡ଼ିଶା - ୭୬୧୧୧୬/ **ଗ୍ୟାରେଣ୍ଟିଦାତା: ଶ୍ରୀ ଶ୍ୟାମଘନ ବାଡତ୍ୟା,** ସା/ପୋ.: ଭେଟନଇ, ଥାନା: ଆସ୍କା, ଗଞ୍ଜାମ, ଓଡ଼ିଶା - ୭୬୧୧୧୬ | ୧୫.୧୧.୨୦୨୧ ସୁଦ୍ଧା ଟ.୭,୦୨,୩୪୧.୭୧ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୦୭.୧୨.୨୦୨୧ / ୦୭.୦୬.୨୦୨୨ | **ଶ୍ରୀ ଶ୍ୟାମଘନ ବାଡତ୍ୟା,** ପିତା: ଶ୍ରୀ ଗୋବିନ୍ଦ ବାଡତ୍ୟାଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭେଟନଇ, ତହସିଲ: ଆସ୍କା, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୯୦୪/୧୬୨, ପ୍ଲଟ୍ ନଂ.: ୩୮୫୧/୧୦୨୫୬, ପ୍ଲଟ୍ ନଂ.: ୪୦୦୪/୧୦୨୫୭, **ପ୍ଲଟ୍ ନଂ.: ୩୮୫୧/୧୦୨୫୬ର ଚାରିପାର୍ଶ୍ୱରେ:** ଉତ୍ତର: ରାସ୍ତା, ପୂର୍ବ: ଭାସ୍କର ମହାନ୍ତିଙ୍କ ଗୃହ, ଦକ୍ଷିଣ: ଉତ୍ତମ ସାହୁଙ୍କ ଜମି, ପଶ୍ଚିମ: କେଶବ ବାଡତ୍ୟାଙ୍କ ଗୃହ, **ପ୍ଲଟ୍ ନଂ.: ୪୦୦୪/୧୦୨୫୭ର ଚାରିପାର୍ଶ୍ୱରେ:** ଉତ୍ତର: ରାସ୍ତା, ପୂର୍ବ: ସାଇବା ବାଡତ୍ୟାଙ୍କ ଗୃହ, ଦକ୍ଷିଣ: ଉତ୍ତମ ସାହୁଙ୍କ ଜମି, ପଶ୍ଚିମ: ନିରଞ୍ଜନ ନାହାକଙ୍କ ଗୃହ |
| **ବାଲିଗୁଡ଼ା ଶାଖା/** **ଋଣଗ୍ରହୀତାମାନେ: ୧) ଶ୍ରୀମତୀ ସଂଯୁକ୍ତା ସାହୁ,** ସ୍ୱାମୀ: ବିନୋଦ କୁମାର ସାହୁ, **୨) ଶ୍ରୀ ବିନୋଦ କୁମାର ସାହୁ,** ପିତା: ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସାହୁ, ସା: ମେନ୍ ରୋଡ୍, ଦାଣ୍ଡପଦର, ଜିଲ୍ଲା: କନ୍ଧମାଳ, ପିନ୍ - ୭୬୨୧୦୩ | ୩୧.୦୩.୨୦୨୧ ସୁଦ୍ଧା ଟ.୧,୩୫,୨୯୮.୬୪ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୧୮.୧୧.୨୦୨୧ / ୦୮.୦୬.୨୦୨୨ | **ସଂଯୁକ୍ତା ସାହୁ**ଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବାଲିଗୁଡ଼ା, ଥାନା: ବାଲିଗୁଡ଼ା, ତହସିଲ: ବାଲିଗୁଡ଼ା, ଖାତା ନଂ.: ୭୬୯/୧୮୦୭, ପ୍ଲଟ୍ ନଂ.: ୩୨୩୩/୫୦୧୬, କ୍ଷେତ୍ର: ୦.୦୦୮ ହେକ୍ଟର, ଏହାର ଚାରିପାର୍ଶ୍ୱରେ ଉତ୍ତର: ଭୀମ ଦଳବେହେରା, ପୂର୍ବ: ଘଡେଇ ସାହୁ, ଦକ୍ଷିଣ: ପି ଡବ୍ଲୁ ଡି ରାସ୍ତା, ପଶ୍ଚିମ: ପର୍ଶୁରାମ ପଣ୍ଡା |

ସ୍ଥାନ: ଭୁବନେଶ୍ୱର, ତାରିଖ : ୧୦.୦୬.୨୦୨୨
କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

> ଈଶ୍ୱର ଯଦି ମୋ ପାଇଁ ନରକବାସର ବ୍ୟବସ୍ଥା କରନ୍ତି– ତେବେ ମୁଁ ଜାଣେ ନା– ମୁଁ ବା କାହିଁକି ସ୍ୱର୍ଗରେ ବାସ କରିବା ପାଇଁ ଅଭିଳାଷ କରିବି ? କାରଣ– ମୋ ଲାଗି କ'ଣ ଶୁଭ ବା ଭଲ ତାହା କେବଳ ତାଙ୍କୁ ହିଁ ଭଲ ଭାବେ ଜଣା । –ଶ୍ରୀଅରବିନ୍ଦ

# ବାହାରେ ପ୍ରଭାବ ନାହିଁ



ଆକାର ପଟେଲ

ନାଗରିକ ତଥା ଆଭ୍ୟନ୍ତରୀଣ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ଲାଗି ସାର୍ବଭୌମ ରାଷ୍ଟ୍ରଗୁଡ଼ିକର ପୂର୍ଣ୍ଣ କ୍ଷମତା ବା ଅଧିକାର ରହିଛି। ସେମାନେ ଯାହା ନ କରିବା ପାଇଁ ଚାହାନ୍ତି, ସେଥିରେ ସେମାନଙ୍କୁ ବାଧ କରାଯାଇପାରିବ ନାହିଁ। କିନ୍ତୁ ବହୁ ସମୟରେ ଏଥିରେ ବ୍ୟତିକ୍ରମ ହେଉଛି ଓ ମହାଶକ୍ତିମାନଙ୍କ ଚାପରେ ଏଭଳି କରିବାକୁ ସେମାନେ ବାଧ ହେଉଛନ୍ତି। ଦେଶ ବାହାରେ ପ୍ରଭାବ ରଖିଥିବା ଗୋଟିଏ ଦେଶକୁ ଏକ ମହାଶକ୍ତି କୁହାଯାଏ। ଏଭଳି ଶକ୍ତି ବାହ୍ୟ ପ୍ରଭାବକୁ ପ୍ରତିହତ କରିବା ସହ ତା'ଇଚ୍ଛାକୁ ଅନ୍ୟ ଉପରେ ଲଦି ଦେଇପାରେ। ଆମ ସମୟରେ ଆମେରିକା ଏଭଳି ଏକ ଶକ୍ତି । ସାରା ବିଶ୍ୱରେ ମିଲିଟାରି ଶକ୍ତିଠାରୁ ଆରମ୍ଭ କରି ବୃହତ୍ ଅର୍ଥ ବ୍ୟବସ୍ଥା ଏବଂ ଟେକ୍‌ନୋଲୋଜିରେ ଉତ୍କର୍ଷ ଥିବାରୁ ଏହାର ପ୍ରଭାବ ବଢିଛି। ରୁଷିଆ ଆମେରିକାଠାରୁ ଦୁର୍ବଳ ରହିଥିଲେ ମଧ୍ୟ ମିଲିଟାରୀ ଶକ୍ତି ଯୋଗୁ ଏହା ଏକ ପ୍ରମୁଖ ଶକ୍ତି ହୋଇପାରିଛି। ଏବେ ଶକ୍ତ ଅର୍ଥ ବ୍ୟବସ୍ଥା ଯୋଗୁ ଚାଇନା ମଧ୍ୟ ଏକ ବୃହତ୍ ଶକ୍ତି ପାଲଟିଛି। ଚାଇନାର ଅର୍ଥ ବ୍ୟବସ୍ଥା ଆମ ମୋଟ ଘରୋଇ ଉତ୍ପାଦ(ଜିଡିପି) ଠାରୁ ୬ଗୁଣ ଅଧିକ ଓ ବଜେଟରେ ମିଲିଟାରୀ ପାଇଁ ଯାହା ବ୍ୟୟବରାଦ କରୁଛି ତାହା ଆମଠାରୁ ୪ଗୁଣ ବେଶି। ବର୍ତ୍ତମାନ ଆମେରିକା କିମ୍ବା ଚାଇନା ପାଖରେ ଯେଉଁ ଆର୍ଥିକ ଶକ୍ତି ରହିଛି ତାହା ଭାରତର ନାହିଁ। ଚାଇନା ପରେ ଆମ ସେନା ବିଶ୍ୱର ଦ୍ୱିତୀୟ ବୃହତ୍ତମ । କିନ୍ତୁ ଏହା ମୁଖ୍ୟତଃ ଏକ ରକ୍ଷଣାତ୍ମକ ଆର୍ମି ଭାବେ ଦେଶ ଭିତରେ ବିଭିନ୍ନ କାର୍ଯ୍ୟକଳାପ, ସନ୍ତ୍ରାସବାଦୀ କିମ୍ବା ବିଦ୍ରୋହୀଙ୍କ ବିରୋଧରେ ବିଶେଷକରି କଶ୍ମୀର ଉପରେ ଧ୍ୟାନ ଦେଉଛି। ଭାରତର ମିଲିଟାରୀର ଶକ୍ତି ଥିଲେ ମଧ୍ୟ ଦେଶ ବାହାରେ ତା'ଶକ୍ତିକୁ ଯେତିକି ପ୍ରଦର୍ଶନ କରିବା କଥା ସେପରି ଚେଷ୍ଟା କରୁନାହିଁ। ତେବେ ଭାରତ ପାଖରେ ଦୁଇଟି ଉପାୟ ରହିଛି,ଯେଉଁଥିରେ ଏହା ବିଶ୍ୱକୁ ପ୍ରଭାବିତ କରିପାରିବ। ପ୍ରଥମଟି ହେଉଛି, ଏକ ଜନବହୁଳ ଗଣତନ୍ତ୍ର ଭାବେ ଏହା ଅନ୍ୟ ଗଣତନ୍ତ୍ରଗୁଡ଼ିକ ସହ ମିଶି ସହଯୋଗଭିତ୍ତିରେ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରସାର କଲେ ବିଶ୍ୱକୁ ପ୍ରଭାବିତ କରିପାରିବ। ଦ୍ୱିତୀୟରେ, ଏକ ଆକାଂକ୍ଷୀ ଶକ୍ତି ଭାବେ ଚାଇନା ଭଳି ଏହାର ଅର୍ଥ ବ୍ୟବସ୍ଥାକୁ ମଜଭୁତ କଲେ ବାଣିଜ୍ୟ ଓ ନିବେଶ କ୍ଷେତ୍ରରେ ବିଶ୍ୱକୁ ପ୍ରଭାବିତ କରିବାକୁ ସକ୍ଷମ ହେବ। କିନ୍ତୁ ଆମେ ଏ ଦୁଇଟି କ୍ଷେତ୍ରରେ ବିଫଳ ହୋଇଛୁ।

ଆମେ ଆମ ଗଣତନ୍ତ୍ରକୁ କେବଳ ମୁକ୍ତ ଓ ସ୍ୱଚ୍ଛ ନିର୍ବାଚନ ଏବଂ ମତାଧିକାର କାର୍ଯ୍ୟକଳାପ ବୋଲି ବିଚାର କରୁ, କିନ୍ତୁ ବିଶ୍ୱର ଅନ୍ୟ ସବୁ ଗଣତାନ୍ତ୍ରିକ ଦେଶ ଏହାକୁ ଏଭଳି ଦେଖନ୍ତି ନାହିଁ । ଗଣତନ୍ତ୍ର କହିଲେ ବାକ୍ ସ୍ୱାଧୀନତା, ଧର୍ମୀୟ ସ୍ୱାଧୀନତା ଏବଂ ଭୋଟ ଅଧିକାର ଭଳି ଆର୍ଥିକ, ସାମାଜିକ ତଥା ସାଂସ୍କୃତିକ ଅଧିକାରକୁ ବୁଝାଏ। ଏହିସବୁ ବିଷୟରେ ଯାଞ୍ଚ କରୁଥିବା ବିଭିନ୍ନ ବୈଶ୍ୱିକ ସୂଚକାଙ୍କଗୁଡ଼ିକ ସହ ମୁଁ ଏକମତ ଓ ଏଥିରେ ଦର୍ଶାଯାଇଛି ଯେ, ଭାରତ ଏକ ଆଂଶିକ ଗଣତାନ୍ତ୍ରିକ ଦେଶ। ଏହି କାରଣରୁ ଆମେ ଆମ ପର୍ଯ୍ୟାପ୍ତ ଶକ୍ତିକୁ ବ୍ୟବହାର କରିପାରୁନାହୁଁ। ଏହା ଯୋଗୁ ମଧ୍ୟ ଭାରତରେ ମାନବ ଅଧିକାର ସ୍ଥିତି ଓ ସଂଖ୍ୟାଲଘୁ ପ୍ରତି ଆମ ବ୍ୟବହାର ସମ୍ପର୍କରେ ଅନ୍ୟ ରାଷ୍ଟ୍ରଗୁଡ଼ିକଠାରୁ ଶୁଣିବାକୁ ପଡୁଛି। ଅର୍ଥ ବ୍ୟବସ୍ଥାକୁ ଦେଖାଯାଉ। ବାଂଲାଦେଶ ମୁଣ୍ଡପିଛା ଜିଡିପିରେ ଆମକୁ ଟପିଯାଇଛି। ଏହି ଦେଶ ୨୦୧୪ରେ ପ୍ରାୟ ୫୦% ଆମ ଠାରୁ ପଛରେ ଥିଲା, କିନ୍ତୁ ଏବେ ଆଗକୁ ଚାଲିଯାଇଛି । ବେରୋଜଗାରୀ ଓ ବ୍ୟୟ ସମ୍ପର୍କିତ ସରକାରୀ ତଥ୍ୟରୁ ଜଣାପଡେ ଯେ,ଏଠାରେ ଏତେ ଶୀଘ୍ର ସ୍ଥିତି ସୁଧୁରିବ ନାହିଁ। ବିଗତ କିଛି ବର୍ଷ ହେଲା ଆମେ ଯେଉଁ ଧାରାରେ ଚାଲିଛୁ, ସେଥିରୁ ସ୍ପଷ୍ଟ ହେଉଛି, ଆଗକୁ ଆମେ ଆର୍ଥିକ କ୍ଷେତ୍ରରେ ଚାଇନା ଓ ଆମେରିକା ଭଳି ହୋଇପାରିବୁ ନାହିଁ। ଆମ ଚାରିପାଖରେ ଜର୍ମାନୀ, ଜାପାନ, ତାଇୱାନ ଏବଂ ଦକ୍ଷିଣ କୋରିଆ ଟେକ୍‌ନୋଲୋଜି ଓ ଅର୍ଥ ବ୍ୟବସ୍ଥାରେ ବିକାଶ ଆଣିଥିବାରୁ ସେମାନଙ୍କର ବିଶ୍ୱକୁ ପ୍ରଭାବିତ କରିବାର ଶକ୍ତି ରହିଛି । ଏହିସବୁ ଦେଶର ମୋଟ କ୍ଷେତ୍ରଫଳ କିମ୍ବା ଲୋକସଂଖ୍ୟା ଠାରୁ ଭାରତ ବହୁତ ବଡ଼ । କିନ୍ତୁ ଆମ ଦୁର୍ବଳ ଅର୍ଥ ବ୍ୟବସ୍ଥା ଯୋଗୁ ଆମର ତାଙ୍କ ଭଳି ବିଶ୍ୱକୁ ପ୍ରଭାବିତ କରିବାର ଶକ୍ତି ନାହିଁ। ମନେରଖିବା ଉଚିତ ଯେ, ୨୦୦୦ ପରେ ବିଶ୍ୱରେ ଚାଇନାର ପ୍ରଭାବ ଅଧିକ ସମ୍ପ୍ରସାରିତ ହୋଇଛି। ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ରହିଛି ଏହାର ଭିଟୋ କ୍ଷମତା , କିନ୍ତୁ ତାହା ଚାଇନା ଶକ୍ତି ବୃଦ୍ଧିର ଉତ୍ସ ନୁହେଁ। ଚାଇନା ଏହାର ଅର୍ଥ ବ୍ୟବସ୍ଥାରୁ ପ୍ରାୟ ସବୁ ଶକ୍ତି ପାଇଛି।

ଭାରତ ସରକାର ଏବଂ ଶାସକ ଦଳକୁ କାହିଁକି କିଛି ଗଲ୍ଫ ଦେଶର ଦାବି ଆଗରେ ନରମିବାକୁ ପଡ଼ିଲା, ସେ ସମ୍ପର୍କରେ ଅନୁଧ୍ୟାନ କଲାବେଳେ ଆମେ ଏହି ସବୁ ବିଷୟ ଉପରେ ବିଚାର କରିବା ଉଚିତ। ଦାବି ଯୁକ୍ତିଯୁକ୍ତ ଥିଲା କି ନାହିଁ, ତାହା ବିଷୟ ନୁହେଁ ; ଭାଜପା ଭାରତକୁ ଏହି ଅନାବଶ୍ୟକ ସମସ୍ୟାରେ ପକାଇବାକୁ ଚାହୁଁଥିଲା କି ନାହିଁ ସେଥିରେ କିଛି କଥା ନାହିଁ। କିନ୍ତୁ ଅନ୍ୟମାନେ ଏହା ସମ୍ପର୍କରେ ଲେଖିଛନ୍ତି। ଭାଜପା ସରକାର ଯାହା ଚାହୁଁ ନ ଥିଲା ତାହା କରିବାକୁ କାହିଁକି ବାଧ ହେଲା ତାହା ହିଁ ମୁଖ୍ୟ ବିଷୟ। ଆମର ପ୍ରଭାବ ନ ଥିବାରୁ ବାହ୍ୟଚାପ ଯୋଗୁ ଏଭଳି ଘଟିଲା। ଏବେ ବିଶ୍ୱରେ ଆମେ ଅସୁରକ୍ଷିତ। ଭାଜପା ଏଥିରୁ ଶିକ୍ଷା ପାଇବା ଦରକାର। ବାହ୍ୟଚାପକୁ ପ୍ରତିରୋଧ କରିବା ଲାଗି ଏହା ଅନ୍ତର୍ନିହିତ ସମ୍ବଳଗୁଡ଼ିକୁ ଉପଯୋଗ କରିବା ସହ ମାନବ ଅଧିକାର ଓ ସଂଖ୍ୟାଲଘୁଙ୍କ ଅଧିକାରଗୁଡ଼ିକୁ ଅଧିକ ବ୍ୟବସ୍ଥିତ କରି ଗଣତନ୍ତ୍ରକୁ ମଜଭୁତ କରିବାକୁ ପଡ଼ିବ। ଏହା ମଧ୍ୟ ସ୍ୱଳ୍ପ ସମୟରେ କରାଯାଇପାରିବ। ଭାରତକୁ ଏକ ପ୍ରମୁଖ ଆର୍ଥିକ ଶକ୍ତି କରିବା ପାଇଁ ଲମ୍ବା ସମୟ ଲାଗିବ, କିନ୍ତୁ ବିଗତ ବର୍ଷମାନଙ୍କରେ ବିଶେଷକରି ୨୦୧୬ରୁ କ'ଣ ସବୁ ତ୍ରୁଟି ହୋଇଛି ତାହାକୁ ଆକଳନ କରିବା ଦରକାର। ଯଦି ଭାରତ ଏହି ଦୁଇଟିରୁ କୌଣସିଟିକୁ କରିବାକୁ ଚାହେଁ ନାହିଁ, ତେବେ ଆଉ ଏକ ତୃତୀୟ ଉପାୟ ରହିଛି ; ଯେଉଁଥିରେ ବାହ୍ୟ ପ୍ରଭାବକୁ କମାଯାଇପାରିବ। ଭାଜପା ଏଭଳି କାମ କରିବା ଉଚିତ ନୁହେଁ, ଯେଉଁଥିରେ ବିଶ୍ୱ ଆମ ଉପରେ କିଛି କହିବାକୁ ସୁଯୋଗ ପାଇବ କିମ୍ବା ଆମେ ଚାହୁଁ ନ ଥିବା ବିଷୟକୁ କରିବା ଲାଗି ଆମକୁ ବାଧ କରିବ।

Email:aakar.patel@gmail.com

# ଧର୍ମୀୟ ଭାବାବେଗ ଓ ରାଜନୀତି



ଡ. ଛାୟାକାନ୍ତ ଷଡ଼ଙ୍ଗୀ

୧୯୫୦ ମସିହାରେ ଯେତେବେଳେ ଭାରତୀୟ ସମ୍ବିଧାନ କାର୍ଯ୍ୟକାରୀ ହେଲା, ସେତେବେଳେ ଏହାର ମୁଖବନ୍ଧରେ 'ସେକ୍ୟୁଲାର' ଶବ୍ଦଟି ନ ଥିଲା। ୧୯୭୬ରେ ୪୨ତମ ସମ୍ବିଧାନ ସଂଶୋଧନରେ ଏହି ଶବ୍ଦଟି ଯୋଡ଼ି ଦିଆଗଲା। ସମ୍ବିଧାନର ଧାରା ୨୫ରେ ଭାରତୀୟ ନାଗରିକମାନଙ୍କୁ ନିଜ ଇଚ୍ଛା ଅନୁସାରେ ଧର୍ମ ଆଚରଣ ଓ ତା'ର ପ୍ରଚାରପ୍ରସାର କରିବା ସ୍ୱାଧୀନତା ଦିଆଯାଇଛି। ଧାରା ୨୬ରେ ଧାର୍ମିକ ଗୋଷ୍ଠୀ ବା ସମ୍ପ୍ରଦାୟଗୁଡ଼ିକୁ ଧର୍ମାନୁଷ୍ଠାନ ପରିଚାଳନା କରିବା ଅଧିକାର ଦିଆଯାଇଛି। ସେହି ଅନୁସାରେ ମୁସଲମାନ୍, ଖ୍ରୀଷ୍ଟିଆନ୍, ଶିଖ୍ ଆଦି ସମ୍ପ୍ରଦାୟ ସେମାନଙ୍କ ଧର୍ମାନୁଷ୍ଠାନଗୁଡ଼ିକୁ ନିଜେ ପରିଚାଳିତ କରୁଛନ୍ତି। ମାତ୍ର ବିଭିନ୍ନ ରାଜ୍ୟରେ ହିନ୍ଦୁମାନଙ୍କ ମନ୍ଦିରଗୁଡ଼ିକୁ ସରକାର ବିଶେଷ ଆଇନ ତିଆରି କରି ନିୟନ୍ତ୍ରଣ କରୁଛନ୍ତି। ଧର୍ମ ନିରପେକ୍ଷତାର ମର୍ମ ହେଉଛି ସରକାର କୌଣସି ଧାର୍ମିକ ଗୋଷ୍ଠୀ ବା ସମ୍ପ୍ରଦାୟ ପ୍ରତି ପକ୍ଷପାତ କରିବ ନାହିଁ ଓ ସେମାନଙ୍କ ପୂଜା ପଦ୍ଧତି ରୀତିନୀତି ସମ୍ପର୍କରେ ପକ୍ଷଭୁକ୍ତ ହେବନାହିଁ। ମାତ୍ର ଭାରତରେ ମସ୍‌ଜିଦ ଓ ଚର୍ଚ୍ଚ ପରିଚାଳନା କ୍ଷେତ୍ରରେ ସରକାର ହସ୍ତକ୍ଷେପ କରୁ ନ ଥିବା ବେଳେ ବିଭିନ୍ନ ଆଇନ ତିଆରି କରି ହିନ୍ଦୁ ମନ୍ଦିରର ପରିଚାଳନା କ୍ଷେତ୍ରରେ ହସ୍ତକ୍ଷେପ କରୁଛନ୍ତି। ଏକ ଧର୍ମନିରପେକ୍ଷ ରାଷ୍ଟ୍ରରେ ଏହା କେତେଦୂର ଠିକ୍, ତାହା ବିତର୍କର ବିଷୟ।

ନିକଟରେ କର୍ଣ୍ଣାଟକ ସରକାର ଘୋଷଣା କରିଛନ୍ତି, ହିନ୍ଦୁ ମନ୍ଦିରଗୁଡ଼ିକୁ ସେମାନଙ୍କ ନିଜ ପରିଚାଳନାଗତ ଅଧିକାର ଉପରେ ଯେଉଁ ସବୁ ଆଇନଗତ ପ୍ରତିବନ୍ଧକ ଅଛି ସେ ସବୁକୁ ଉଠାଇ ଦିଆଯିବ। ମାତ୍ର ଏହି ପ୍ରସଙ୍ଗରେ କର୍ଣ୍ଣାଟକ କଂଗ୍ରେସ ଅଧ୍ୟକ୍ଷ ଶିବକୁମାର ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି, ସରକାର ମନ୍ଦିର ପରିଚାଳନାରୁ ଦୂରେଇ ଗଲେ ରାଜକୋଷର ପ୍ରଭୂତ କ୍ଷତି ଘଟିବ, କାରଣ ରାଜ୍ୟର ମନ୍ଦିର ପାଣ୍ଠିରୁ ରାଜକୋଷକୁ ପ୍ରଚୁର ଅର୍ଥ ଆସେ। ଭକ୍ତମାନଙ୍କଠାରୁ ସଂଗୃହୀତ କୋଟି କୋଟି ଟଙ୍କାର ଦାନ ଓ ଦକ୍ଷିଣା ସରକାର ଆର୍ଥିକ ସଙ୍କଟ ସମୟରେ ଉପଯୋଗ କରିପାରନ୍ତି। କିଛିମାସ ତଳେ ଇଣ୍ଡିଆନ୍ ଏକ୍ସପ୍ରେସ୍‌ରେ ବିଶିଷ୍ଟ ସ୍ତମ୍ଭକାର ଏ. ସୂର୍ଯ୍ୟପ୍ରକାଶ ପ୍ରଶ୍ନ ଉଠାଇଛନ୍ତି। ''ମସ୍‌ଜିଦ୍, ଚର୍ଚ୍ଚ ଓ ଗୁରୁଦ୍ୱାରଗୁଡ଼ିକରେ ଗଚ୍ଛିତ ଅର୍ଥରାଶିକୁ ସରକାରୀ ବିତ୍ତକୋଷକୁ ଅଣାଯାଇ ପାରିବ କି ? ଯଦି ସବୁ ଧର୍ମ ପ୍ରତି ସମାନ ଆଚରଣ ଧର୍ମନିରପେକ୍ଷତାର ମୂଳଭିତ୍ତି, ଧାରା ୨୬ ଅନୁସାରେ ହିନ୍ଦୁ ମନ୍ଦିରଗୁଡ଼ିକୁ ସରକାରୀ ନିୟନ୍ତ୍ରଣରୁ ମୁକ୍ତ କରି ହିନ୍ଦୁମାନଙ୍କୁ ମନ୍ଦିର ପରିଚାଳନା କରିବା ଅଧିକାର କାହିଁକି ଦିଆଯାଉନାହିଁ। ଏହି ପ୍ରଶ୍ନଟି ଯଥାର୍ଥ। ସରକାର ସବୁ ଧର୍ମର ଅନୁଷ୍ଠାନଗୁଡ଼ିକ ପାଇଁ ସମାନ ଆଇନ ନ କରିବା ଦ୍ୱାରା ଆଜି ଏହି ପ୍ରଶ୍ନ ଉଠିବା ସ୍ୱାଭାବିକ। କର୍ଣ୍ଣାଟକ ସରକାର ହିନ୍ଦୁମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏବେ ମନ୍ଦିରଗୁଡ଼ିକୁ ସରକାରୀ ନିୟନ୍ତ୍ରଣରୁ ମୁକ୍ତ କରିବା ଲାଗି ଘୋଷଣା କରିଛନ୍ତି। କାରଣ ଭୋଟରମାନଙ୍କ ମଧ୍ୟରେ ହିନ୍ଦୁମାନେ ହେଉଛନ୍ତି ସଂଖ୍ୟାଗରିଷ୍ଠ। ସେହି ଭୋଟରମାନଙ୍କୁ ସନ୍ତୁଷ୍ଟ କରି ଆକର୍ଷିତ କରିବା ହେଉଛି ସରକାରଙ୍କ ଲକ୍ଷ୍ୟ।



ଜନସାଧାରଣଙ୍କ ଧର୍ମୀୟ ଭାବାବେଗକୁ ରାଜନୈତିକ ସ୍ୱାର୍ଥ ନିମନ୍ତେ ଉପଯୋଗ କରିବାର ଧାରା ଏବେ ସମଗ୍ର ଭାରତରେ ପରିଲକ୍ଷିତ ହେଲାଣି। ଯେଉଁ ନେତାମାନେ ଦିନେ କୌଣସି ମନ୍ଦିରରେ ପାଦ ପକାଉ ନ ଥିଲେ, ସେମାନେ ଏବେ ମନ୍ଦିର ଗଲେଣି, ପୂଜାର୍ଚ୍ଚନା କଲେଣି, ମନ୍ଦିର ଉଦ୍‌ଘାଟନ ଉତ୍ସବରେ ଯୋଗ ଦେଲେଣି। ଜନସାଧାରଣଙ୍କ ଧର୍ମୀୟ ଭାବାବେଗକୁ ରାଜନୈତିକ ସ୍ୱାର୍ଥରେ ଉପଯୋଗ କରିବାର ଦୃଶ୍ୟ ଅତୀତରେ ବିଶିଷ୍ଟ ସାହିତ୍ୟିକ ମନୋଜ ଦାସଙ୍କ ଦୃଷ୍ଟିରୁ ଖସିଯାଇ ନାହିଁ। ତେଣୁ ସେ ଲେଖିଛନ୍ତି ଏକ କାଳଜୟୀ ଗଳ୍ପ 'ବାବୁଲପୁରର ଷଣ୍ଢ'। ହଠାତ୍ ଓକିଲ ପ୍ରିୟନାଥ ବଡାଳ ନିଷ୍ପତ୍ତି ନେଲେ ସେ ଅବଶିଷ୍ଟ ଜୀବନ ଗାଁରେ କଟାଇବେ। ନିଃସନ୍ତାନ ପରଲୋକଗତ ମାମୁଙ୍କଠାରୁ ପ୍ରାପ୍ତ କୋଠରିରେ ରହିବେ। ଦିନେ ଗାଁକୁ ପ୍ରବେଶ କରନ୍ତେ ରାସ୍ତା ମଝିରେ ଏକ ବିରାଟକାୟ ଷଣ୍ଢ ଆଖିବୁଜି ପାକୁଳି କରି ବସିଥାଏ। ଯେତେ ହର୍ନ ବଜାଇଲେ ମଧ୍ୟ ଷଣ୍ଢଟି ଉଠୁ ନ ଥାଏ। ସେ ଶୁଣିଲେ ସେହି ଷଣ୍ଢର ମାଲିକ କେହି ନାହାନ୍ତି। ଗାଁ ମନ୍ଦିରରେ ପୂଜା ପାଉଥିବା ମହାଦେବ ହେଉଛନ୍ତି ତା'ର ମାଲିକ। ଏଣୁ ଷଣ୍ଢଟିକୁ ରାସ୍ତାରୁ ଉଠାଇବା ପାଇଁ ମାଲିକକୁ ଖୋଜିବାର ଆବଶ୍ୟକତା ନ ଥିଲା। ଏଣୁ ରାସ୍ତା ଅବରୋଧ ହଟାଇବା ପାଇଁ ସେ ପହଞ୍ଚିଲେ ଥାନାରେ। ସେଠାରେ ସେ ଖବର ଦିଅନ୍ତେ ଦୁଇଜଣ କନଷ୍ଟେବଲ ସେଠି ପହଞ୍ଚିଲେ। ହଠାତ୍ ଷଣ୍ଢଟି ଠିଆ ହେଲା ଓ ମନ୍ଥର ଗତିରେ ଚାଲିବାକୁ ଲାଗିଲା। କନଷ୍ଟେବଲ ଦ୍ୱୟ ତା'ର ଉଭୟ ପାର୍ଶ୍ୱରେ ଚାଲୁଥାନ୍ତି। କ୍ରମେ ଲୋକଙ୍କ ଭିଡ଼ ବଢ଼ିଲା। ସମସ୍ତେ ଚାଲିଲେ ଷଣ୍ଢ ପଛରେ। ସମସ୍ତଙ୍କ କଣ୍ଠରୁ ନିର୍ଗତ ହେଉଥାଏ, ''ଜୟ ବାଲୁଙ୍କେଶ୍ୱର ମହାଦେବକି ଜୟ! ଜୟ ମହାଦେବଙ୍କ ଷଣ୍ଢ କି ଜୟ।''ରାସ୍ତାରେ ଜଣେ ବିଧବା ବୁଢ଼ୀ ଷଣ୍ଢ ବେକରେ ମଲ୍ଲୀହାରଟିଏ ପକାଇଦେଲା। ଜଣେ ଗୃହସ୍ଥ ତା' ଉପରେ ଭକ୍ତିରେ ହଳଦୀପାଣି ଢାଳିଦେଲା। ଆଉ ଜଣେ ତାକୁ ବନ୍ଧାକୋବି ଖାଇବାକୁ ଦେଲା। ସମଗ୍ର ଗାଁଟିକୁ ପ୍ରଦକ୍ଷିଣ କଲା ପରେ ଷଣ୍ଢଟି ତା' ପୂର୍ବସ୍ଥାନକୁ ଆସି ଶୋଇପଡ଼ି ପୁଣି ପାକୁଳେଇବା ଆରମ୍ଭ କଲା। ସମସ୍ତେ ଉଚ୍ଚକଣ୍ଠରେ କହୁଥାନ୍ତି 'ମହାଦେବଙ୍କ ଷଣ୍ଢ କି ଜୟ!' ଓକିଲବାବୁ ଅନୁଭବ କଲେ ଯେ ସମଗ୍ର ଗ୍ରାମବାସୀ ଷଣ୍ଢଟିକୁ ବହୁତ ଭକ୍ତି କରନ୍ତି। ସଙ୍ଗେ ସଙ୍ଗେ ତାଙ୍କ କଣ୍ଠରୁ ମଧ୍ୟ ନିର୍ଗତ ହେଲା ସେହି ପଦ 'ମହାଦେବଙ୍କ ଷଣ୍ଢକି ଜୟ।' ତା' ସାଙ୍ଗକୁ ସେ ସମସ୍ତଙ୍କୁ ସମ୍ବୋଧନ କରି କହିଲେ– ''ଭାଇ ଓ ଭଉଣୀମାନେ! ଆଜି ଆମ ପାଇଁ ଏକ ସ୍ମରଣୀୟ ସନ୍ଧ୍ୟା। ଆମ ଗ୍ରାମର ଗୌରବ ଏହି ଷଣ୍ଢ। ଏହି ଷଣ୍ଢର ଛାୟାତଳେ ଆମେ ଏକଜୁଟ ହେବା।'' ଏହିଭଳି ଏକ ପ୍ରେରଣାପ୍ରଦ ଭାଷଣ ଦେଇ ସମସ୍ତଙ୍କୁ ପ୍ରଭାବିତ କଲେ ଓକିଲ ପ୍ରିୟନାଥ। ଓକିଲବାବୁଙ୍କ ହଠାତ୍ ପରିବର୍ତ୍ତନର କାରଣ ସମ୍ପର୍କରେ ଗାଳ୍ପିକ ଯାହା ସୂଚନା ଦେଇଛନ୍ତି, ତାହା ହେଉଛି ଗୁରୁତ୍ୱପୂର୍ଣ୍ଣ। ତାହା ହେଲା ସାଧାରଣ ନିର୍ବାଚନ ଆସନ୍ନ ଥାଏ ଓ ଓକିଲବାବୁ ଥାଆନ୍ତି ଆଶାୟୀ ପ୍ରାର୍ଥୀ। ଜନସାଧାରଣଙ୍କ ଧର୍ମୀୟ ଭାବାବେଗକୁ ନିଜ ରାଜନୈତିକ ସ୍ୱାର୍ଥରେ ଉପଯୋଗ କରିବା ପାଇଁ ସଙ୍ଗେସଙ୍ଗେ ସେ ମଧ୍ୟ ପାଲଟିଗଲେ ଜଣେ ଶିବଭକ୍ତ। ଆଜି ମଧ୍ୟ ଭାରତବର୍ଷରେ ଏହି ଧାରାର ଅନ୍ତ ହୋଇନାହିଁ ବରଂ ବଢ଼ିଛି।

ସେକ୍ୟୁଲାର ଶବ୍ଦର ବ୍ୟବହାର ଆରମ୍ଭ ହୋଇଥିଲା ୟୁରୋପରେ। ପ୍ରାଚୀନକାଳରେ ମଣିଷର ଦୁଃଖ ସମୟରେ ଧର୍ମ ସାନ୍ତ୍ୱନା ଦେଉଥିଲା। ଚର୍ଚ୍ଚଗୁଡ଼ିକ ଜ୍ଞାନ ଚର୍ଚ୍ଚାର କେନ୍ଦ୍ର ଥିଲା। ପାଦ୍ରୀମାନେ ଈଶ୍ୱର ଓ ମୃତ୍ୟୁ ପରବର୍ତ୍ତୀ ଜୀବନ ଉପରେ ବେଶି ଗୁରୁତ୍ୱ ଦେଉଥିଲେ। କ୍ରମେ ଏହି ସ୍ଥିତି ବିରୋଧରେ ପ୍ରତିକ୍ରିୟା ପ୍ରକାଶ ପାଇଲା। ଆସିଲା ଏକ ବୌଦ୍ଧିକ ପରିବର୍ତ୍ତନ। ତାକୁ କୁହାଗଲା ନବଜାଗରଣ (ରେନେସାଁ)। ରାଷ୍ଟ୍ରକୁ ଧର୍ମଠାରୁ ବିଚ୍ଛିନ୍ନ କରାଗଲା। ରାଷ୍ଟ୍ରର ଦାୟିତ୍ୱ ହେଲା ଅତିପ୍ରାକୃତିକ ଶକ୍ତିର ସାହାଯ୍ୟ ଉପରେ ନିର୍ଭର ନ କରି ଏହି ସଂସାରରେ ମିଳୁଥିବା ସମ୍ବଳ ସାହାଯ୍ୟରେ ଲୋକଙ୍କ ମଙ୍ଗଳ ସାଧନ କରିବା। ଶାସନତନ୍ତ୍ରକୁ ଧର୍ମୀୟ ଭାବାବେଗରୁ ମୁକ୍ତ ରଖାଗଲା। ତାକୁ କୁହାଗଲା ସେକ୍ୟୁଲାରିଜମ, ଯାହାକୁ ଆମେ ଭାରତରେ ଧର୍ମନିରପେକ୍ଷତା କହୁଛୁ। ମାତ୍ର ବିଡ଼ମ୍ବନାର ବିଷୟ ଯେ, ଭାରତର ସମ୍ବିଧାନରେ ସେକ୍ୟୁଲାର ଶବ୍ଦଟି ସିନା ଅଛି, ଶାସନତନ୍ତ୍ର ଧର୍ମୀୟ ଭାବାବେଗରୁ ମୁକ୍ତ ହୋଇନାହିଁ। ସବୁ ରାଜ୍ୟରେ ଆବିର୍ଭାବ ହେଲେଣି ଅନେକ ପ୍ରିୟନାଥ।

ମୋ: ୭୦୦୮୩୬୯୯୨୦

# ଆର୍ମିର ଉଡ଼ନ୍ତା ରାଣୀ

ବ୍ୟକ୍ତିତ୍ୱ



ଅଭିଳାଷା ବାରାକ୍

ଇଣ୍ଡିଆନ୍ ଆର୍ମିର ଲଢୁଆ ହେଲିକପ୍ଟରର ପ୍ରଥମ ମହିଳା ପାଇଲଟ କ୍ୟାପଟେନ୍ ଅଭିଳାଷା ବାରାକ୍‌ଙ୍କର ପିଲାବେଳେ ସାମରିକ କ୍ଷେତ୍ରରେ ସେବା କରିବାର ଅଭିଳାଷ ନ ଥିଲା। କିନ୍ତୁ ପିତା କଲୋନେଲ୍ ଏସ୍. ଓମ୍ ସିଂ ୨୦୧୧ରେ ସେନାରୁ ଅବସର ନେବା ପରେ ତାଙ୍କ ମନରେ ପରିବର୍ତ୍ତନ ଆସିଥିଲା। ୨୦୧୩ରେ ସେହି ଇଚ୍ଛା ଆହୁରି ବଳବାନ୍ ହେଲା ଯେତେବେଳେ ତାଙ୍କ ବଡ଼ଭାଇ ଇଣ୍ଡିଆନ ମିଲିଟାରୀ ଏକାଡେମୀ ପରେଡ୍‌ରେ ଭାଗ ନେଉଥିବା ବେଳର ଦୃଶ୍ୟ ସେ ଦେଖିଲେ। ମିଲିଟାରୀ କ୍ୟାଣ୍ଟନମେଣ୍ଟରେ ବଢ଼ିଥିବା ଅଭିଳାଷାଙ୍କ ଚାରିପାଖରେ ସେନା ୟୁନିଫର୍ମ ପିନ୍ଧା ଲୋକଙ୍କୁ ଦେଖିବା ତାଙ୍କ ପାଇଁ ସାଧାରଣ ଘଟଣା ଲାଗୁଥିଲା। କିନ୍ତୁ ଯେତେବେଳେ ନିଜେ ସେନା ପୋଷାକଧାରୀ ହେଲେ ସେତେବେଳେ ଦାୟିତ୍ୱ ପ୍ରତି ତାଙ୍କ ପ୍ରତିବଦ୍ଧତା ବଢ଼ିଥିଲା। ନିକଟରେ ଆର୍ମିର ଲଢୁଆ ହେଲିକପ୍ଟରର ପ୍ରଥମ ମହିଳା ପାଇଲଟ ହୋଇ ସେ ଇତିହାସ ରଚିଥିବାରୁ ଅଭିଳାଷାଙ୍କ ବ୍ୟକ୍ତିତ୍ୱ ଏବେ ଆକର୍ଷଣୀୟ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଭାରତୀୟ ବାୟୁସେନା ଓ ନୌସେନାରେ ମହିଳାମାନେ ହେଲିକପ୍ଟର ଉଡ଼ାଇ ଆସୁଥିବାରୁ ୨୦୨୧ ପ୍ରାରମ୍ଭରେ ମହିଳା ପାଇଲଟ ନିଯୁକ୍ତି ନେଇ ଆର୍ମି ନିଷ୍ପତ୍ତି ନେଇଥିଲା। ପୂର୍ବରୁ ମହିଳା ଅଧିକାରୀମାନେ ଆର୍ମିର ବିମାନଚଳାଚଳ କ୍ଷେତ୍ରରେ କେବଳ ସ୍ଥଳ ସ୍ତରରେ କାର୍ଯ୍ୟ କରୁଥିଲେ।

ତାମିଲନାଡୁର ୱେଲିଙ୍ଗଟନ୍‌ରେ ୧୯୯୪ରେ ଅଭିଳାଷା ଜନ୍ମଗ୍ରହଣ କରିଥିଲେ। ହେଲେ ହରିୟାଣାର ରୋହତକ୍ ହେଉଛି ତାଙ୍କ ନିଜ ସହର। ପିତା ଆର୍ମିରେ ଚାକିରି କରିଥିବାରୁ ତାଙ୍କ ପଢ଼ା ବିଭିନ୍ନ ସ୍ଥାନରେ ହୋଇଥିଲା। ହିମାଚଳ ପ୍ରଦେଶର ସନୱାରସ୍ଥିତ ଲରେନ୍ସ ସ୍କୁଲରେ ତାଙ୍କ ପ୍ରାଥମିକ ଶିକ୍ଷା ହୋଇଥିଲା। ପରେ ଦିଲ୍ଲୀ ବସନ୍ତବିହାରସ୍ଥିତ ଟାଗୋର ଇଣ୍ଟରନ୍ୟାଶନାଲ ସ୍କୁଲରେ ପଢ଼ିଥିଲେ। ଦିଲ୍ଲୀ ଟେକ୍ନୋଲୋଜିକାଲ ୟୁନିଭର୍ସିଟିରୁ ଇଲେକ୍‌ଟ୍ରୋନିକ୍ସ ଆଣ୍ଡ୍ କମ୍ୟୁନିକେଶନ ଇଞ୍ଜିନିୟରିଂରେ ସେ ବିଟେକ୍ କରିଥିଲେ। ୨୦୧୪ରେ ସେ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ (ଡିଆର୍‌ଡିଓ)ରେ ଟ୍ରେନି ଭାବେ ଯୋଗ ଦେଇଥିଲେ। ସେ ମଧ୍ୟ ଭାରତ ସରକାରଙ୍କ ଇଲେକ୍‌ଟ୍ରୋନିକ୍ସ ଆଣ୍ଡ୍ ଇନ୍‌ଫର୍ମେଶନ ଟେକ୍ନୋଲୋଜିରେ ଇଣ୍ଟର୍ନ ଭାବେ କାର୍ଯ୍ୟ କରିଥିଲେ। ତେବେ ଅଭିଳାଷା ୨୦୧୮ରେ ଭାରତୀୟ ଆର୍ମିର ଚେନ୍ନାଇଠାରେ ଅଫିସର ଟ୍ରେନିଂ ଏକାଡେମୀରେ ଯୋଗଦେଇ ସେନାରେ କ୍ୟାରିୟର ଆରମ୍ଭ କରିଥିଲେ। କର୍ ଅଫ୍ ଆର୍ମି ଏୟାର ଡିଫେନ୍ସରେ ତାଙ୍କ କାର୍ଯ୍ୟ ବରିଷ୍ଠଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଦ୍ୱାରା ଆର୍ମି ଏୟାର ଡିଫେନ୍ସକୁ ପ୍ରେଜେଣ୍ଟେଶନ୍ ଅଫ୍ କଲର୍ସ ଦିଆଯିବା ବେଳେ ଅଭିଳାଷାଙ୍କୁ କଣ୍ଟିନ୍‌ଜେଣ୍ଟ କମାଣ୍ଡର ଭାବେ ଚୟନ କରାଯାଇଥିଲା। ପରେ ସେ ଆର୍ମି ଏୟାର ଡିଫେନ୍ସ ୟଙ୍ଗ ଅଫିସର୍ସ କୋର୍ସରେ 'ଏ' ଗ୍ରେଡ୍ ପାଇଥିଲେ। ସେହିପରି ଏୟାର ଟ୍ରାଫିକ୍ ମ୍ୟାନେଜ୍‌ମେଣ୍ଟ ଏବଂ ଏୟାର ଲ' ପାଠ୍ୟକ୍ରମରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ପଦୋନ୍ନତି ପାଇଁ ନିଜକୁ ପ୍ରସ୍ତୁତ କରିଦେଇଥିଲେ। ସବୁଠାରୁ ସ୍ମରଣୀୟ ମୁହୂର୍ତ୍ତ ତାଙ୍କ ପାଇଁ ଆସିଥିଲା ଯେତେବେଳେ ସେ ଅଫିସର୍ସ ଟ୍ରେନିଂ ଏକାଡେମୀରୁ ଉତ୍ତୀର୍ଣ୍ଣ ହେବା ପରେ ଆର୍ମି ଏଭିଏସନ୍ କର୍ ପାଇଁ ଇଚ୍ଛା ବ୍ୟକ୍ତ କରିଥିଲେ। ଫର୍ମ ପୂରଣ ବେଳେ ତାଙ୍କ ବିଶ୍ୱାସ ଥିଲା ସେ ନିଶ୍ଚୟ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବେ। ତାହା ହିଁ ହେଲା। ସେ ଇଣ୍ଡିଆନ୍ ଆର୍ମିର ପ୍ରଥମ ମହିଳା ଲଢୁଆ ପାଇଲଟ ଭାବେ ମେ' ୨୬ରେ ଘୋଷିତ ହେଲେ। ଇତିହାସରେ ଏପରି ନିଜ ନାମକୁ ଲେଖିବା ପରେ ସେ ଆତ୍ମହରା ହୋଇଥିଲେ। ସେ ଏକ ସାକ୍ଷାତ୍‌କାରରେ କହିଛନ୍ତି, ତାଙ୍କ ହୃଦୟ କହୁଥିଲା ନିଶ୍ଚିତ ଇଣ୍ଡିଆନ୍ ଆର୍ମିରେ ମହିଳା ଲଢୁଆ ପାଇଲଟ ଭାବେ ଯୋଗ ଦେବା ଡେରି ହେବ ନାହିଁ। ତେବେ ସେ ସେହି ସ୍ଥାନରେ ପ୍ରଥମେ ରହିବା ତାଙ୍କ ପରିବାର ମଧ୍ୟରେ ସେନା ଅଫିସର ହେବାର ଯେଉଁ ଧାରା ଗଢ଼ି ଆସିଥିଲା, ତାହାକୁ ଆଗକୁ ନେବାରେ ସକ୍ଷମ ହୋଇଥିବାରୁ ଖୁସି ବ୍ୟକ୍ତ କରିଛନ୍ତି। ନାସିକ୍‌ରେ ତାଙ୍କୁ ମିଶାଇ ୧୫ ଜଣ ପ୍ରଶିକ୍ଷଣ ନେଉଥିଲେ। ସେମାନଙ୍କ ମଧ୍ୟରୁ ଅଭିଳାଷା ନିଜକୁ ଆଗୁଆ ବୋଲି ପ୍ରମାଣିତ କରିଥିବାରୁ ତାଙ୍କୁ ସବୁଆଡୁ ଶୁଭେଚ୍ଛା ଛୁଟିବାରେ ଲାଗିଛି। ବାସ୍ତବରେ ଜଣେ ନିଜ କ୍ଷେତ୍ରରେ ଉତ୍କର୍ଷ ଲଭିବାକୁ ଚାହିଁଲେ ଆଶାର ଆକାଶରେ ଉଡ଼ିବା ସମ୍ଭବ ହୋଇଥାଏ। ଏଣୁ ଅଭିଳାଷା ଯୁବପିଢ଼ିଙ୍କ ପାଇଁ ପ୍ରେରଣା ପାଲଟିବା ସ୍ୱାଭାବିକ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଛତୁରୁ ପ୍ରସ୍ତୁତ ବିସ୍କୁଟ, ଆଚାର ଆଦି ଖାଇଛନ୍ତି କି? ଏଭଳି ଆଇଟମ୍ ପ୍ରସ୍ତୁତ କରୁଛନ୍ତି ଟେହରି ଗଢ଼ୱାଲର କୁଲଦୀପ ବିଷ୍ଟ ଏବଂ ତାଙ୍କ ସାଥୀ ପ୍ରମୋଦ ଜୁୟାଲ। ଭୌମକୋଟି ଗାଁର ଏହି ଦୁଇଜଣ ଯୁବକ ଚାକିରି ଛାଡ଼ି ଛତୁଚାଷ କରୁଛନ୍ତି ଓ ସେଥିରୁ ଆଚାର,ବିସ୍କୁଟ, ଜାମ୍ ଆଦି ପ୍ରସ୍ତୁତ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। କୁଲଦୀପ ଗାଜିଆବାଦରେ ଏମ୍‌ବିଏ ଡିଗ୍ରୀ ହାସଲ କରି ବ୍ୟାଙ୍କ ଚାକିରି କରିଥିଲେ। ତାଙ୍କ ସାଙ୍ଗ ପ୍ରମୋଦ ମଧ୍ୟ ଚାକିରି କରିଥିଲେ। ତେବେ କୁଲଦୀପ ଛତୁଚାଷ କରିବା ଲାଗି ପ୍ରମୋଦଙ୍କୁ କହିଲା ପରେ ସେମାନେ ୪୦ ହଜାର ଟଙ୍କାରେ ୨୦୧୭ରେ ଏକ ଭଡ଼ା ଘରେ ଚାଷ ଆରମ୍ଭ କରିଥିଲେ । ଦିନରେ ଚାକିରି ଓ ରାତିରେ ଛତୁଚାଷର ଯତ୍ନ ନେବା ଥିଲା ସେମାନଙ୍କ କାମ। ପରେ ଉତ୍ପାଦନ ବଢ଼ିବାରୁ ପ୍ରଶିକ୍ଷଣ ନେଇ ସେମାନେ ଡେରାଡୁନ ଏବଂ ଟେହରିରେ ଚାଷ ଆରମ୍ଭ କରିଦେଲେ। ତଟକା ଛତୁ ବିକ୍ରି କରିବା ପରେ ଯାହା ବଳେ ସେଥିରୁ ସେମାନେ କିଛି ଖାଦ୍ୟଦ୍ରବ୍ୟ ତିଆରି କରିବାରେ ଲାଗିଲେ। ଏବେ ଛତୁ ଆଚାର,ବିସ୍କୁଟ, ଜାମ୍ ଆଦି ପ୍ରସ୍ତୁତ କରିବା ପରେ ଚ୍ୟବନପ୍ରାସ୍ ପାଇଁ ଯୋଜନା କରୁଛନ୍ତି। ଏହି ସବୁ ଉତ୍ପାଦ 'ଫଙ୍ଗୋ' ବ୍ରାଣ୍ଡରେ ବିକ୍ରି କରାଯାଉଛି। କୁଲଦୀପ ମାର୍କେଟିଂ ସମ୍ଭାଳୁଥିବା ବେଳେ ପ୍ରମୋଦ ଅର୍ଡର ରଖୁଛନ୍ତି। ଦୁଇ ବନ୍ଧୁ ଗତବର୍ଷ ଛତୁଚାଷରୁ ୪୦ ଲକ୍ଷ ଟଙ୍କା ଲାଭ କରିଥିଲେ। କୁଲଦୀପ ୨,୫୦୦ ଲୋକଙ୍କୁ ଛତୁଚାଷ ସମ୍ପର୍କରେ ପ୍ରଶିକ୍ଷଣ ଦେଇସାରିଲେଣି। ତାଙ୍କ ଗାଁର ୪୦ଜଣ ଛତୁ ଉତ୍ପାଦନ ସହ ଯୋଡ଼ି ହୋଇଛନ୍ତି। ଭୌମକୋଟିକୁ ମସରୁମ୍ ଗାଁ କରିବା ଲାଗି ସ୍ୱପ୍ନ ଦେଖିଛନ୍ତି କୁଲଦୀପ।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଜୁନ୍ ୧୯୯୭

- ପୌର ନିର୍ବାଚନ ସମୟରେ ହିଂସାକାଣ୍ଡ ରୋକିବାରେ ପ୍ରଧାନମନ୍ତ୍ରୀ ବିଫଳ ହୋଇଥିବା ଦର୍ଶାଇ ନେପାଳ ବୈଦେଶିକ ମନ୍ତ୍ରୀ ପଦରୁ ପ୍ରକାଶ ଚନ୍ଦ୍ର ଲୋହାନୀଙ୍କ ଇସ୍ତଫା ପ୍ରଦାନ।
- ଜମ୍ମୁ-କଶ୍ମୀରରେ ହୋଇଥିବା ଶକ୍ତିଶାଳୀ ଗ୍ରେନେଡ୍ ବିସ୍ଫୋରଣରେ ୮ ଉଗ୍ରବାଦୀ ଓ ୨ ନିରାପତ୍ତାରକ୍ଷୀଙ୍କ ସମେତ ୧୪ ଜଣଙ୍କ ମୃତ୍ୟୁ।
- ପ୍ରଖ୍ୟାତ ଐତିହାସିକ, ଗବେଷକ ଓ ପ୍ରତ୍ନତତ୍ତ୍ୱବିତ୍ ପଦ୍ମଶ୍ରୀ ଡ. ସତ୍ୟନାରାୟଣ ରାଜଗୁରୁଙ୍କ ୯୪ ବର୍ଷ ବୟସରେ ପରଲୋକ।

## sudoku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | 4 | 1 | | | | 6 |
| | | | | 8 | | 3 | 4 | |
| | | 8 | | 9 | 2 | | 7 | |
| | | | | 7 | | | | 8 |
| 1 | | | 3 | | 4 | | | |
| | | 6 | | | | | 2 | 3 |
| | | 4 | | 6 | | | | |
| | | | 2 | | | | | 9 |
| 8 | | | | | | 5 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 6 | 2 | 3 | 9 | 8 | 4 | 7 |
| 8 | 7 | 9 | 1 | 6 | 4 | 3 | 2 | 5 |
| 2 | 3 | 4 | 8 | 5 | 7 | 6 | 1 | 9 |
| 1 | 6 | 3 | 7 | 4 | 2 | 9 | 5 | 8 |
| 7 | 9 | 2 | 6 | 8 | 5 | 1 | 3 | 4 |
| 4 | 8 | 5 | 3 | 9 | 1 | 7 | 6 | 2 |
| 3 | 5 | 1 | 4 | 7 | 8 | 2 | 9 | 6 |
| 9 | 2 | 7 | 5 | 1 | 6 | 4 | 8 | 3 |
| 6 | 4 | 8 | 9 | 2 | 3 | 5 | 7 | 1 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ବ୍ରିଟିଶ୍ ଆଇନ ଉଚ୍ଛେଦ କରାଯାଉ

ମହାଶୟ,

ଭାରତୀୟମାନେ ଜାଣିଶୁଣି ଇଂରେଜମାନଙ୍କ ହାତକୁ ଶାସନ ଟେକି ଦେଇଥିଲେ। ଯାହାଫଳରେ ଗୋଟିଏ ବେପାରୀ ଜାତି ବେପାର କରିବାକୁ ଆସି ଭାରତକୁ ୨୦୦ରୁ ଅଧିକ ବର୍ଷ ଶାସନ କରିବାକୁ ସକ୍ଷମ ହେଲା। ଇଂରେଜମାନେ ଭାରତକୁ ଶାସନ କରିବା ନାମରେ ଲୁଣ୍ଠନ କରି ନିଜେ ଧନଶାଳୀ ହେଉଥିଲେ। ଭାରତୀୟମାନଙ୍କୁ ମରଣ ମୁହଁକୁ ଠେଲି ଦେଇଥିଲେ। ଓଡ଼ିଶା ଏବଂ ବଙ୍ଗଳାରେ ଦୁର୍ଭିକ୍ଷ ପଡ଼ି ଲକ୍ଷ ଲକ୍ଷ ଲୋକ ଅନାହାର ମୃତ୍ୟୁବରଣ କରିଥିଲେ। ଏହା ବ୍ରିଟିଶ୍ ଶାସନ ପାଇଁ କଳଙ୍କିତ ଅଧ୍ୟାୟ ଥିଲା। ଦୁର୍ଭାଗ୍ୟଜନକ ଘଟଣା ହେଲା ଦେଶ ସ୍ୱାଧୀନତା ଲାଭ କରିବାର ୭୫ବର୍ଷ ଅତିବାହିତ ହେବା ପରେ ମଧ୍ୟ ଇଂରେଜ ସରକାରଙ୍କ ଦ୍ୱାରା ଆକ୍ରୋଶମୂଳକ ଏବଂ ଅମାନବୀୟ ଆଇନ ଏପର୍ଯ୍ୟନ୍ତ ଦେଶରେ ବଳବତ୍ତର ରହିଛି। ସରକାର ବିନା ବିଚାରରେ ଦେଶବାସୀଙ୍କ ଉପରେ ଏହା ପ୍ରୟୋଗ କରି କାରାଗାରରେ ନିର୍ଯାତନା ଦେବା କେତେଦୂର ଠିକ୍। ବ୍ରିଟିଶ୍‌ମାନଙ୍କ ରାଜଦ୍ରୋହ ଆଇନ ଧାରା ପରିସରଭୁକ୍ତ ଆଇନ ନୁହଁ। ଭାରତୀୟମାନଙ୍କୁ ଦମନକରି ଭୟଙ୍କର ଅମାନବୀୟ ନିର୍ଯାତନା ଦେଇ କଣ୍ଠରୋଧ କରିବାକୁ ସେମାନେ ରାଜଦ୍ରୋହ ଆଇନ ପ୍ରଣୟନ କରିଥିଲେ। କଳାପାଣିର ବନ୍ଦୀ ବ୍ରିଟିଶ ଶାସନର ରାଜଦ୍ରୋହ ପରିସରଭୁକ୍ତ ଆଇନ ଥିଲା। ଦେଶବାସୀଙ୍କ ସମ୍ମାନ ଦୃଷ୍ଟିରୁ ସେହି ଆଇନ ଉପରେ ସରକାର ଏବଂ ବିଚାର ବିଭାଗ ସମୀକ୍ଷା କରି ଉଚ୍ଛେଦ କରିବାର ସମୟ ଆସିଛି। ଏହି ଆଇନ ଉଚ୍ଛେଦ କରି ଏକ ଇତିହାସ ସୃଷ୍ଟି କରାଯାଉ। ଭାରତୀୟମାନଙ୍କ ସମ୍ମାନ ରହୁ।

– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପାଷାଣ ସମାନ ଜଡ଼ ପାଲଟିଛି
ଯେତେ ଶତ ଅନୁଭବ
ନବ ନବ ରସେ ଗାଇ ଉଠୁ ତାହା
ତୁମରି ରୂପର ସ୍ତବ।
(ରୂପର ସ୍ତବ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ସୁନନ୍ଦା


@ ରମାକାନ୍ତ


@ ହୃଷୀକେଶ


@ ଅମିତ୍


@ ଚିନ୍ମୟ


@ ଲୋଚନ

# ନଷ୍ଟ ହେଲା ୧କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ରାଉନ୍‌ସୁଗାର

■ମାମଲା ବିଚାର ଶେଷ ପୂର୍ବରୁ ଏହା ପ୍ରଥମ ଘଟଣା

■ହାଇକୋର୍ଟ ଏସ୍‌ଓପି ଜାରି କରି ନିର୍ଦ୍ଦେଶ ଦେଇଥିଲେ



ଭୁବନେଶ୍ୱର,୧୧।୬(ବ୍ୟୁରୋ)

୨୦୨୦ରେ ବାଲେଶ୍ୱରରୁ ଜଣେ ଏମ୍‌ବିଏ ଛାତ୍ରଙ୍କଠାରୁ ଜବତ ହୋଇଥିବା ୧କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ରାଉନ୍‌ସୁଗାରକୁ କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ନଷ୍ଟ କରିଛି। ପୂର୍ବରୁ ମାମଲାର ବିଚାର ଶେଷ ପରେ ଜବତ ବ୍ରାଉନ୍‌ସୁଗାର କିମ୍ବା ଗଞ୍ଜେଇକୁ ନଷ୍ଟ କରାଯାଉଥିଲା। ହେଲେ ଏହି ମାମଲାର ବିଚାର ଶେଷ ପୂର୍ବରୁ ହାଇକୋର୍ଟଙ୍କ ଅନୁମତିକ୍ରମେ ଜବତ ନିଶାଦ୍ରବ୍ୟକୁ ନଷ୍ଟ କରାଯାଇଛି। ଓଡ଼ିଶାରେ ଏହା ପ୍ରଥମ ଘଟଣା। ଗତ ୩ବର୍ଷ ମଧ୍ୟରେ ସ୍ୱତନ୍ତ୍ର ଚଢ଼ାଉ କରାଯାଇ ଏସ୍‌ଟିଏଫ୍ ଏବଂ ବିଭିନ୍ନ ଜିଲା ପୋଲିସ ଦ୍ୱାରା ୪.୫ହଜାର କୁଇଣ୍ଟାଲ ଗଞ୍ଜେଇ ଓ ୧୦୪ କେଜି ବ୍ରାଉନ୍‌ସୁଗାର ଜବତ କରାଯାଇଛି। ବିଭିନ୍ନ କୋର୍ଟରେ ଏହି ମାମଲାଗୁଡ଼ିକ ବିଚାରାଧୀନ ରହିଛି। ବିଭିନ୍ନ ଥାନା ଏବଂ କୋର୍ଟର ମାଲଖାନାରେ ଜବତ ନିଶାଦ୍ରବ୍ୟଗୁଡ଼ିକ ଗଚ୍ଛିତ ରଖାଯାଇଛି। ବିଭିନ୍ନ କାରଣରୁ ମାମଲାର ବିଚାର ଶେଷ ହେବାରେ ବିଳମ୍ବ ହେଉଥିବାରୁ ଏଭଳି ନିଶାଦ୍ରବ୍ୟ ଅଧିକ ଦିନ ମାଲ୍‌ଖାନାରେ ରହିବା ବିପଦ ଆଶଙ୍କାକୁ ବଢ଼ାଉଛି। ତେଣୁ ଏଗୁଡ଼ିକୁ ଆସନ୍ତା ୩ରୁ ୬ ମାସ ମଧ୍ୟରେ ନଷ୍ଟ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ୟୁନିୟନ୍ ଅଫ୍ ଇଣ୍ଡିଆ ବନାମ୍ ମୋହନଲାଲ ମାମଲାରେ ୨୦୧୬ ଜାନୁୟାରୀ ୨୮ରେ ସୁପ୍ରିମକୋର୍ଟ ରାୟ ପ୍ରକାଶ କରି ଟ୍ରାଏଲ ପୂର୍ବରୁ ବ୍ରାଉନ୍‌ସୁଗାର ନଷ୍ଟ କରାଯାଇପାରିବ ବୋଲି ନିର୍ଦ୍ଦେଶ ଦେଇଥିଲେ। ହେଲେ କିଛି ବ୍ୟବସ୍ଥା ଓ ବୈଷୟିକ ତ୍ରୁଟି ପାଇଁ ଏହାକୁ ପୋଲିସ ପକ୍ଷରୁ କାର୍ଯ୍ୟକାରୀ କରାଯାଇପାରୁ ନ ଥିଲା। ତେଣୁ ମାମଲାର ବିଚାର ପୂର୍ବରୁ ନିଶାଦ୍ରବ୍ୟ ନଷ୍ଟ କରିବାକୁ ଅନୁମତି ଦେବାକୁ ଏସ୍‌ଟିଏଫ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ହାଇକୋର୍ଟ ଏନେଇ ୨୦୨୨ ଜାନୁୟାରୀ ୩୧ରେ ରାୟ ପ୍ରକାଶ କରି ନିଶାଦ୍ରବ୍ୟ ନଷ୍ଟ କରିବାକୁ ଏକ ଏସ୍‌ଓପି ଜାରି କରିଥିଲେ। ଏଥିସହ ଉକ୍ତ ଏସ୍‌ଓପିକୁ ପାଳନ କରି ଟ୍ରାଏଲ ପୂର୍ବରୁ ନିଶାଦ୍ରବ୍ୟକୁ ନଷ୍ଟ କରିବାକୁ ପୋଲିସକୁ ଅନୁମତି ଦେବାପାଇଁ ତଳ କୋର୍ଟକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ବାଲେଶ୍ୱର କୋର୍ଟ ୨୦୨୦ ଅଗଷ୍ଟ ୧୮ରେ (ନଂ.୨୨/୨୦୧୮) ମାମଲାରେ ଜବତ ହୋଇଥିବା ୧ କେଜି ୩୦୫ ଗ୍ରାମ ବ୍ରାଉନ୍‌ସୁଗାରକୁ ଡ୍ରଗ୍ସ ନିଷ୍କ୍ରିୟକାରୀ କମିଟିକୁ ହସ୍ତାନ୍ତର କରିଥିଲେ। ଏସ୍‌ଟିଏଫ୍ ଏସ୍‌ପିଙ୍କ ନେତୃତ୍ୱରେ ଗଠିତ କମିଟିରେ ଡିଏସ୍‌ପି, ଖୋର୍ଦ୍ଧା ଉପଜିଲାପାଳ ଓ ଖୋର୍ଦ୍ଧା ଅବକାରୀ ଏସ୍‌ପି ରହିଛନ୍ତି। ଶୁକ୍ରବାର ସଦସ୍ୟଙ୍କ ସହ ରାଜ୍ୟ ଫୋରେନ୍‌ସିକ୍ ଲାବୋରେଟୋରୀର ଅଧିକାରୀ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟଙ୍କ ଉପସ୍ଥିତିରେ ଖୋର୍ଦ୍ଧାର ଏକ ସରକାରୀ ସ୍ୱୀକୃତିପ୍ରାପ୍ତ ବର୍ଜ୍ୟବସ୍ତୁ ପରିଚାଳନା ସଂସ୍ଥାରେ ଉକ୍ତ ବ୍ରାଉନ୍‌ସୁଗାରକୁ କୋର୍ଟଙ୍କ ଏସ୍‌ଓପି ଅନୁଯାୟୀ ଜାଳି ନଷ୍ଟ କରାଯାଇଛି।



ଆଇକନିକ୍ ଉଇକ୍ ପାଳନ ଅବସରରେ ଶନିବାର ଦେଶ ନିର୍ମାଣରେ ଆୟକର ବିଭାଗର ଯୋଗଦାନକୁ ନେଇ ପୁରୀ ବ୍ଲୁ-ଫ୍ଲାଗ୍ ବେଳାଭୂମିରେ ପଦ୍ମଶ୍ରୀ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ତିଆରି କରିଥିବା ବାଲୁକାକଳା।

# ଆଇକନିକ୍ ଉଇକ୍ ପାଳିଲା ଆୟକର ବିଭାଗ

ପୁରୀ ଅଫିସ,୧୧।୬

ଭାରତ ସ୍ୱାଧୀନତା ପ୍ରାପ୍ତିର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜାଦୀ କା ଅମୃତ ମହୋତ୍ସବ ଜୁନ ୬ରୁ ୧୨ତାରିଖ ଯାଏ କେନ୍ଦ୍ର ଅର୍ଥ ମନ୍ତ୍ରାଳୟ ଦ୍ୱାରା ଆଇକନିକ୍ ଉଇକ୍ ଭାବେ ପାଳନ କରାଯାଉଛି। ଏହି କ୍ରମରେ ପୁରୀ ବ୍ଲୁ-ଫ୍ଲାଗ୍ ବେଳାଭୂମିରେ ପଦ୍ମଶ୍ରୀ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ନିର୍ମିତ ବାଲୁକାକଳାକୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଭିଡିଓ କନଫରେନ୍ସିଂ ଜରିଆରେ ଉଦ୍‌ଘାଟନ କରିଛନ୍ତି। ଉକ୍ତ ବାଲୁକା କଳାରେ ୧୯୪୭ ମସିହାରୁ ୨୦୨୨ ପର୍ଯ୍ୟନ୍ତ ଦେଶ ନିର୍ମାଣରେ ଆୟକର ବିଭାଗର ଯୋଗଦାନକୁ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଆୟକର ବିଭାଗ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟ, ଚିତ୍ରାଙ୍କନ, ପଦଯାତ୍ରା, ସାଇକେଲ ଯାତ୍ରା, ବୃକ୍ଷରୋପଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଆୟକର ବିଭାଗର ମୁଖ୍ୟ କମିଶନର ୱାଇ ରାଜେନ୍ଦ୍ର କହିଛନ୍ତି, ୧୯୪୭ରେ ଦେଶରୁ ୮୮ କୋଟି ଟଙ୍କାର ଆୟକର ସଂଗ୍ରହ ହୋଇଥିଲା। ୨୦୨୨ରେ ଏହି ସଂଖ୍ୟା ୧୪ ଲକ୍ଷ ୯ ହଜାର କୋଟିରେ ପହଞ୍ଚିଛି। ବିଗତ ୭୫ ବର୍ଷ ମଧ୍ୟରେ ଆୟକର ବିଭାଗର ପ୍ରଚେଷ୍ଟା ଦେଶର ପ୍ରଗତି ପାଇଁ ରାସ୍ତା ଖୋଲିଛି। ସେହିଭଳି ପ୍ରତ୍ୟକ୍ଷ କର ସଂଗ୍ରହରେ ମଧ୍ୟ ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇଛି ବୋଲି ସେ କହିଛନ୍ତି। ଏହି ଅବସରରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ପଥର ଶିଳ୍ପୀ ଅଶୋକ କୁମାର ମହାପାତ୍ର, ପଟଚିତ୍ର ଶିଳ୍ପୀ ବନମାଳୀ ମହାପାତ୍ର, ସ୍ୱାଧୀନତା ସଂଗ୍ରାମୀ ସୋମନାଥ ପାତ୍ର ଓ ବରିଷ୍ଠ କରଦାତା ହରମୋହନ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ଧୀରେନ୍ଦ୍ର ମିଶ୍ର, ଫଗୁ ଓରାମ ଓ ଆଶୁତୋଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଅତିଥିମାନେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ୩ କମ୍ପାନୀର ୨ ନିର୍ଦ୍ଦେଶକ ଗିରଫ

ଭୁବନେଶ୍ୱର, ୧୧।୬(ବ୍ୟୁରୋ)



## ଲୋନ୍ ଆପ୍ ଦ୍ୱାରା ଠକେଇ ମାମଲା

■ନୋଟିସ ପାଇ ଇଓଡବ୍ଲ୍ୟୁରେ ହାଜର ହୋଇଥିଲେ

■ପୂର୍ବରୁ ଗିରଫ ହୋଇଥିଲେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩

ଗ୍ରାହକଙ୍କୁ ଆପ୍ ଦ୍ୱାରା ଲୋନ୍ ଦେଇ ପରବର୍ତ୍ତୀ ସମୟରେ ମାନସିକ ନିର୍ଯାତନା ଦେବା ସହ ଅଧିକ ଟଙ୍କା ଆଦାୟ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଶୁକ୍ରବାର ଆଉ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କର୍ନାଟକ ଉଡୁପି ଜିଲାର ରକ୍ସିତ୍ ଓ ସୁଶାନ୍ତ। ଶନିବାର ସେମାନଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ରକ୍ସିତ୍ ଓ ସୁଶାନ୍ତଙ୍କୁ ଇଓଡବ୍ଲ୍ୟୁ ନୋଟିସ ଦେଇଥିଲା। ସେମାନେ ଭୁବନେଶ୍ୱରସ୍ଥିତ ଇଓଡବ୍ଲ୍ୟୁ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଜେରା କରାଯାଇଥିଲା। ଠକେଇର ପ୍ରମାଣ ମିଳିବାରୁ ଇଓଡବ୍ଲ୍ୟୁ ଉଭୟଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ରକ୍ସିତ୍ ଓ ସୁଶାନ୍ତ ହେଉଛନ୍ତି ୩ଟି କମ୍ପାନୀର ନିର୍ଦ୍ଦେଶକ। ଉକ୍ତ କମ୍ପାନୀଗୁଡ଼ିକ ହେଲା ମୁଡ୍‌ମେଟ୍ ଟେକ୍ନୋଲୋଜିସ୍ ପ୍ରାଇଭେଟ ଲିମିଟେଡ୍, ୟେଲୋ ଟିଉନ୍ ଟେକ୍ନୋଲୋଜିସ୍ ପ୍ରାଇଭେଟ ଲିମିଟେଡ୍ ଓ ପିଙ୍କ୍‌ଲିଫ୍ ଆରିୟାନ କମ୍ୟୁନିକେଶନ୍ସ ପ୍ରାଇଭେଟ ଲିମିଟେଡ୍। ଏଥିସହ ଅଭିଯୁକ୍ତଦ୍ୱୟ ବେଙ୍ଗାଲୁରୁରେ ଏକ କଲ୍ ସେଣ୍ଟରକୁ ମଧ୍ୟ ଚଳାଉଥିଲେ। ଉକ୍ତ କଲ୍ ସେଣ୍ଟର ମାଧ୍ୟମରେ ସେମାନେ ଲୋନ ନେଇଥିବା ଗ୍ରାହକଙ୍କୁ ନିର୍ଯାତନା ଦେବା ସହ ଧମକ ଦେଉଥିଲେ ବୋଲି ଇଓଡବ୍ଲ୍ୟୁ ସୂଚନା ଦେଇଛି। ଏହି ମାମଲାରେ ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ତଥା ମହାଗ୍ରାମ ପେମେଣ୍ଟ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ରାମ ଶ୍ରୀରାମ ପଠାଡ଼େ ଏବଂ ତାଙ୍କର ଦୁଇ ସହଯୋଗୀ ଜାଭେଦ୍ ମହମ୍ମଦ ସୈଫ ଓ ତରୁଣ ଦୁଡ଼େଜା ଗିରଫ ହୋଇ ଏବେ ଜେଲ୍‌ରେ ଅଛନ୍ତି। ଫଳରେ ଗିରଫ ସଂଖ୍ୟା ୫ରେ ପହଞ୍ଚିଛି।

ଅନ୍ୟପକ୍ଷରେ ପୂର୍ବରୁ 'ମହାଗ୍ରାମ ପେମେଣ୍ଟ୍ସ ପ୍ରାଇଭେଟ ଲିମିଟେଡ'ର ୪ ଆକାଉଣ୍ଟରେ ଥିବା ୬ କୋଟି ୫୭ ଲକ୍ଷ ୩୪ ହଜାର ୮୨୯ ଟଙ୍କା ଫ୍ରିଜ୍ କରିଛି ଇଓଡବ୍ଲ୍ୟୁ। ଏହି ସଂସ୍ଥା ବିଭିନ୍ନ ମାଧ୍ୟମରେ ଜୋଜୋ ଓ କୋକୋ ଲୋନ୍ ଆପ୍ ଦ୍ୱାରା ଲୋକଙ୍କୁ ଟଙ୍କା ଦେଇ ବହୁଗୁଣା ଆଦାୟ କରୁଥିଲା। ମୁଖ୍ୟ ଅଭିଯୁକ୍ତ ଶ୍ରୀରାମଙ୍କ ସହଯୋଗୀମାନେ ଉପରୋକ୍ତ କମ୍ପାନୀରେ ଆକାଉଣ୍ଟ ଖୋଲିବାକୁ ସାଧାରଣ ଲୋକଙ୍କୁ ପ୍ରବର୍ତ୍ତାଉଥିଲେ। ଏଥିସହ ସେମାନଙ୍କ ନାମରେ ସିମ୍ କାର୍ଡ ସହ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ଦାୟିତ୍ୱରେ ଥିଲେ। ଏଥିପାଇଁ ୨ରୁ ୩ ଲକ୍ଷ ଟଙ୍କା ସିମ୍ ମାଲିକଙ୍କୁ ଦିଆଯାଉଥିଲା। ଉକ୍ତ ସିମ୍ ସବୁକୁ ଅଭିଯୁକ୍ତଦ୍ୱୟ ନିଜ ମୋବାଇଲରେ ଚଲାଇବା ସହ ତାଙ୍କ କମ୍ପାନୀରେ ଭିନ୍ନ ଭିନ୍ନ ଆକାଉଣ୍ଟ ଖୋଲୁଥିଲେ। 'ମହାଗ୍ରାମ ପେମେଣ୍ଟ୍ସ ପ୍ରାଇଭେଟ ଲିମିଟେଡ୍' ଏହି ସହଯୋଗୀଙ୍କ ଆକାଉଣ୍ଟ ଦ୍ୱାରା ଟଙ୍କା ନେଉଥିଲା। ତଦନ୍ତବେଳେ ବାଟବଣା କରିବାକୁ ଗ୍ରାହକଙ୍କଠାରୁ ମାଷ୍ଟରମାଇଣ୍ଡ ଯାଏ ଏହିପରି ୩ରୁ ୪ଟି ମାଧ୍ୟମ ଦେଇ ଠକେଇ ଟଙ୍କା କାରବାର ହେଉଥିଲା। ତେବେ ରାଜ୍ୟର ବିଭିନ୍ନ ଜିଲାର ଅନେକ ଲୋକ ଏନେଇ ଅଭିଯୋଗ କରିବା ପରେ ଇଓଡବ୍ଲ୍ୟୁ ଏପ୍ରିଲ୍ ୨୧ରେ ଏକ ମାମଲା ( ନଂ.୯/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ୨ ଜଣଙ୍କଠାରୁ ୨୫ ହଜାର ଟଙ୍କା ଲୁଟିନେଲେ ସାଇବର ଠକ

ଭୁବନେଶ୍ୱର,୧୧।୬(ବ୍ୟୁରୋ)

ଯେତେ ସଚେତନତା କଲେ ବି ଲୋକ ସୁଧୁରୁନାହାନ୍ତି। ଲୋଭରେ ସାଇବର ଠକଙ୍କ ହାବୁଡ଼ରେ ପଡି ତଳିତଳାନ୍ତ ହେଉଛନ୍ତି। ଦିନକରେ ୨ଜଣଙ୍କଠାରୁ ସାଇବର ଠକମାନେ ୨୫ହଜାର ଟଙ୍କା ଲୁଟି ନେଇଛନ୍ତି। ପ୍ରଥମ ଘଟଣାକ୍ରମରେ, ଜଣେ ଯୁବତୀ ମୋବାଇଲ ଫୋନ୍ କିଣିବାକୁ ଯାଇ ୧୧ ହଜାର ଟଙ୍କା ହରାଇଛନ୍ତି। ଯୁବତୀ ଜଣକ ଅନ୍‌ଲାଇନ୍‌ରେ ୫ଶହ ଟଙ୍କା ଦେଇ ମୋବାଇଲ ଅର୍ଡର କରିଥିଲେ। ପରେ ତାଙ୍କୁ ଜଣେ ଯୁବକ ୧୫ ଶହ ଟଙ୍କା ମାଗିଥିଲେ। ଏହିଭଳି ଭାବରେ ତାଙ୍କଠାରୁ ୧୧ ହଜାର ୫୦୦ ଟଙ୍କା ନେଇଯାଇଥିଲେ ମଧ୍ୟ ମୋବାଇଲ ଫୋନ୍ ପାଇପାରି ନ ଥିଲେ। ଅପରପକ୍ଷରେ ଜଣେ ସ୍କୁଲ ଛାତ୍ର ୱିଣ୍ଡ ଆପ୍‌ରେ ଗେମ୍ ଖେଳିବା ସମୟରେ ସାଇବର ଠକମାନେ ତାଙ୍କ ଆକାଉଣ୍ଟରୁ ୧୪ ହଜାର ଟଙ୍କା ନେଇଯାଇଛନ୍ତି। ଠକେଇର ଶିକାର ହୋଇଥିବା ଯୁବତୀ ଓ ସ୍କୁଲ ଛାତ୍ର ସାଇବର ଥାନାରେ ଅଭିଯୋଗ କରିଛନ୍ତି।

# ଓଡ଼ିଶୀନୃତ୍ୟକୁ ବିଶ୍ୱବିଦିତ କରିଥିଲେ ଗୁରୁ ପଙ୍କଜଚରଣ



ଭୁବନେଶ୍ୱର,୧୧।୬(ବ୍ୟୁରୋ)

ପାରମ୍ପରିକ ଧାରାରୁ ଓଡ଼ିଶୀ ନୃତ୍ୟକୁ ନୂଆ ଶୈଳୀରେ ପରିବେଷଣ କରିଥିଲେ ଆଦିଗୁରୁ ପଙ୍କଜ ଚରଣ ଦାସ। ନିଜର ତ୍ୟାଗ ଓ ସମର୍ପଣ ଭାବ ନେଇ ସହସ୍ରାଧିକ ଛାତ୍ରୀଛାତ୍ରଙ୍କୁ ସେ ଏହି ଧାରାରେ ନୃତ୍ୟ ଶିକ୍ଷା ଦେଇଥିଲେ। ନୃତ୍ୟ ଦ୍ୱାରା ଓଡ଼ିଶୀକୁ ରାଜ୍ୟ, ଦେଶ ଓ ବିଦେଶରେ ପ୍ରଚାର ପ୍ରସାର କରିବା ସହ ବିଶ୍ୱବିଦିତ କରିବାରେ ତାଙ୍କ ଅବଦାନ ଅତୁଳନୀୟ ଥିଲା ବୋଲି ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶନିବାର ଗୁରୁଙ୍କ ୧୯ତମ ଶ୍ରାଦ୍ଧ ଦିବସରେ ଉତ୍କଳ ସଂଗୀତ ମହାବିଦ୍ୟାଳୟ ପରିସରସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଭାଗୀୟ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ବିଜେଡ଼ି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ପୂର୍ବତନ ପ୍ରଶାସକ ଦେବରାଜ ସେନାପତି, ପୂର୍ବତନ କର୍ପୋରେଟର ନରେନ୍ ସାହୁ, ଗୁରୁଚରଣ ସାହୁ, ସତ୍ୟବ୍ରତ ଜେନା ଓ ସ୍ୱର୍ଗତ ଦାସଙ୍କ ପରିବାର ସଦସ୍ୟ ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ କର୍ପୋରେଟର ଉମାନାଥ ମିଶ୍ରଙ୍କୁ 'ଗୁରୁ ପଙ୍କଜ ଚରଣ ଦାସ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।


## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର
## ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, +୨ ନାମଲେଖା ବିଜ୍ଞାପନ

**Student Academic Management System**

No. RR-9: ଚଳିତ ୨୦୨୨-୨୩ ଶିକ୍ଷା ବର୍ଷରେ, SAMS ମାଧ୍ୟମରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ +୨ ପ୍ରଥମ ବର୍ଷ (ଧନ୍ଦାମୂଳକ) ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ନିର୍ଦ୍ଧାରିତ ତାରିଖ:

| | | |
|---|---|---|
| ୧. | ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର +୨ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ www.samsodisha.gov.in ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ CAF ଉପଲବ୍ଧ ହେବାର ତାରିଖ | ତା୧୭।୦୫।୨୦୨୨ରିଖ (ପୂର୍ବାହ୍ନ ୧୧.୩୦ ଘଟିକା) |
| ୨. | www.samsodisha.gov.in ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ CAF ଆବେଦନ କରିବାର ଶେଷ ତାରିଖ | ତା୨୪।୦୬।୨୦୨୨ରିଖ (ରାତ୍ର ୧୧.୫୯ ଘଟିକା) |
| ୩. | ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଦେବା ନିମନ୍ତେ www.samsodisha.gov.in ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ ଆଡ୍‌ମିଟ୍ କାର୍ଡ଼ ଡାଉନ୍‌ଲୋଡ୍ ପାଇଁ ଉପଲବ୍ଧ ହେବାର ତାରିଖ | ତା୨୮।୦୬।୨୦୨୨ରିଖ |
| ୪. | ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଅନୁଷ୍ଠିତ ହେବାର ତାରିଖ | ତା୦୪।୦୭।୨୦୨୨ରିଖରୁ ତା୦୯।୦୭।୨୦୨୨ରିଖ ପର୍ଯ୍ୟନ୍ତ |
| ୫. | ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଅନୁଷ୍ଠିତ ହେବା ପରେ, ନାମଲେଖା ପାଇଁ ମେରିଟ୍ ତାଲିକା ପ୍ରକାଶନ ହେବାର ତାରିଖ | ତା୧୪।୦୭।୨୦୨୨ରିଖ |

ପରବର୍ତ୍ତୀ ସମୟରେ, ଅନ୍ୟ କୌଣସି +୨ ଇ-ଆଡମିଶନ କାର୍ଯ୍ୟକଳାପ ସମ୍ବନ୍ଧରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଦ୍ୱାରା SAMS ୱେବ୍‌ସାଇଟ www.samsodisha.gov.in ମାଧ୍ୟମରେ ପ୍ରକାଶନ କରାଯିବ।

ଦୟାକରି ଧ୍ୟାନ ଦିଅନ୍ତୁ ଯେ, ଯେଉଁ ପ୍ରାର୍ଥୀ ଦଶମ ବୋର୍ଡ଼ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ ନାହିଁ, ସେ ମହାବିଦ୍ୟାଳୟ ଦ୍ୱାରା ପରିଚାଳିତ ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test)ରେ ଯୋଗ୍ୟତା ହାସଲ କରିଥିଲେ ମଧ୍ୟ +୨ ପାଠ୍ୟକ୍ରମରେ ନାମଲେଖା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ।

ବି.ଦ୍ର.:
(କ) ଯେଉଁ ପ୍ରାର୍ଥୀ ଦଶମ ବୋର୍ଡ଼ ଫଳାଫଳକୁ ଅପେକ୍ଷା କରିଥିବେ (ପ୍ରକାଶିତ ହୋଇନଥିବ) କିମ୍ବା ଦଶମ ବୋର୍ଡ଼ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ତଥା ପ୍ରାର୍ଥୀଙ୍କ ବୟସ ତା୦୧।୦୭।୨୦୨୨ରିଖ ସୁଦ୍ଧା ୨୦ ବର୍ଷରୁ ଉର୍ଦ୍ଧ୍ୱ ହୋଇ ନ ଥିବ, ସେ ସାଧାରଣ ଦକ୍ଷତା ପରୀକ୍ଷା-୨୦୨୨ ଦେବା ନିମନ୍ତେ ଅନ୍‌ଲାଇନ୍ ମାଧ୍ୟମରେ CAF ଆବେଦନ କରିପାରିବେ।
(ଖ) ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ନିମ୍ନଲିଖିତ ବିଷୟରେ ଅନୁଷ୍ଠିତ ହେବ:- ଓଡ଼ିଶୀ କଣ୍ଠ ସଙ୍ଗୀତ, ହିନ୍ଦୁସ୍ତାନୀ କଣ୍ଠ ସଂଗୀତ, ଓଡ଼ିଶୀ ନୃତ୍ୟ, ଛଉ ନୃତ୍ୟ, ଓଡ଼ିଶୀ ପଖାଉଜ (ମର୍ଦ୍ଦଳ), ତବଲା, ବଂଶୀ, ସିତାର, ବେହେଲା ଓ ନାଟକ।

ସ୍ୱା./- ଅଧ୍ୟକ୍ଷ, ଉ.ସ.ମ.

ଅଧିକ ବିବରଣୀ ନିମନ୍ତେ ଦୟାକରି ଇ-ଆଡମିଶନ ହେଲ୍ପଲାଇନ (ଟୋଲ୍ ଫ୍ରି ନମ୍ବର) ସହିତ ଯୋଗାଯୋଗ କରନ୍ତୁ - ୧୫୫୩୩୫/୧୮୦୦-୩୪୫-୬୭୭୦ କିମ୍ବା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର (Help Desk)।

OIPR-03011/11/0012/2223



**CLASSIFIED DISPLAY** ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385 8637280816, 7894447167, 9338226625

**ALL EDITION - B/W (Everyday)**
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mudra Finance
Mob. 9470149388
Whatsapp: 9470149608



**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint Venture)
Corporate Office, Burla, Dist.- Sambalpur (Odisha) - 768017

**NOTICE INVITING TENDER**

TP Western Odisha Distribution Limited invites tender quotations (in 2 part bidding) from eligible vendors for the following packages:
1. **TPWODL/SK/O/SU/052: 11KV, LT & DTR, Works for providing Power Supply to Un-Electrified Households (UEHHs) under PMAY-G & BGJY Scheme on turnkey basis.**
2. **TPWODL/SK/O/SU/053: LT Line works for providing supply to unelectrified households (UE HH) under PMAY-G and BIJU Gramin Jyoti Yojna (BGJY) Schemes on turnkey basis.**
3. **TPWODL/AB/O/SITC/061: RC for SITC of WTI and OTI monitoring system for Transformers.**
4. **TPWODL/AK/O/SER/060: RC for SITC of adderssable type fire detection and alarm system for substations.**
5. **TPWODL/RP/O/SU/059: PO for supply of Thermovision Camera to TPWODL.**
6. **TPWODL/NP/O/SU/044: RC for supply of RS Joist Pole.**

Interested bidders to submit Tender Participation Fee and Authorization letter through email on or before **20th June 2022, 17.00 hrs.** (for Sl. No. 1 to 5) & **21st June 2022, 15.00 hrs.** (for Sl. No. 6) after which link from e-Tender system shall be shared. For detailed tender documents of all above-mentioned tender, please visit tender section on website: **www.tpwesternodisha.com**. Further details for participating in tender is given in the tender document.
All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.

**Sd./- Chief Contracts and Stores**

## ସଂକ୍ଷେପରେ

### ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ

ପୁରୁଣା ଭୁବନେଶ୍ୱର, ୧୧।୬ (ଡି.ଏନ୍.ଏ.) ସ୍ଥାନୀୟ ଶ୍ରୀରାମନଗର ସ୍ଥିତ ରୁଚିକା ସମାଜ ମଙ୍ଗଳ ସଙ୍ଗଠନ ସଭାଗୃହରେ ଶନିବାର ଶ୍ରୀରାମନଗର-ସାମନ୍ତରାପୁର ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ମେୟର ସୁଲୋଚନା ଦାସ ଯୋଗଦେଇ ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତାଭାବେ ସୋଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡା. ଅଶୋକ ମହାପାତ୍ର ଯୋଗଦେଇ ବରିଷ୍ଠ ନାଗରିକଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ। ମଞ୍ଚ ସଭାପତି ଡ.ହୃଷିକେଶ ମିଶ୍ର ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ହଳଧର ମଲିଆ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିଭାବେ ସ୍ଥାନୀୟ କର୍ପୋରେଟର ଚନ୍ଦ୍ରଶେଖର ମଲିଆ, ୫୯ ନମ୍ବର ୱାର୍ଡ କର୍ପୋରେଟର ବୀରଞ୍ଚି ନାରାୟଣ ମହାସୁପକାର ଯୋଗଦେଇଥିଲେ। ଏହି ଅବସରରେ ମଞ୍ଚର ଏକ ସ୍ମରଣିକା ଉନ୍ମୋଚନ ହୋଇଥିଲା। ୮୦ବର୍ଷରୁ ଉର୍ଦ୍ଧ୍ୱ ୫ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରବୀନ୍ଦ୍ର ନାଥ ପରିଡ଼ା ଧନ୍ୟବାଦ ଦେଇଥିଲେ।

### ପିଣ୍ଡିକି ୟୁଥ୍ କ୍ଲବର ବାର୍ଷିକୋତ୍ସବ

**ବାରଙ୍ଗ,୧୧।୬ (ଡି.ଏନ୍.ଏ.):** ଦାରୁଠେଙ୍ଗ ଗ୍ରାମର ଶହୀଦ ପିଣ୍ଡିକି ବାହୁବଳେନ୍ଦ୍ର ୟୁଥ କ୍ଲବର ୩୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାବା ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ଥିବା ଯାତ୍ରାପଡିଆରେ କ୍ଲବ ସମ୍ପାଦକ ପବିତ୍ରମୋହନ ବଳିଆରସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସରପଞ୍ଚ ତପନ କୁମାର ଚକ୍ରବର୍ତ୍ତୀ, ନାରାୟଣ ମାଝି, ସମିତିସଭ୍ୟ ଅଜିତ କୁମାର ଶ୍ରୀଚନ୍ଦନ, ଆନନ୍ଦ ମାଝି, ଅଧାପକ ମାନସ ପାତ୍ରଙ୍କ ସମେତ ଗ୍ରାମର ମରୁବିମାନେ ଅତିଥିଭାବେ ଯୋଗଦେଇଥିଲେ। ଶହୀଦ ପିଣ୍ଡିକି ବାହୁବଳେନ୍ଦ୍ରଙ୍କର ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅତିଥିମାନେ ଉପସ୍ଥିତ ଯୁବକମାନଙ୍କୁ ପରାମର୍ଶ ଦେଇଥିଲେ। ପରେ ଗ୍ରାମର ଯୁବକଙ୍କ ଦ୍ୱାରା ଆୟୋଜିତ ଦୁଇଦିନିଆ ଡ୍ରାମା ମହୋତ୍ସବର ପ୍ରଥମ ରାତିକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ପ୍ରଥମ ରାତିରେ 'ଆଖି ଅବୁଝାକୁ ଲୁହ ଅବୁଝା' ସାମାଜିକ ନାଟକ ମଞ୍ଚସ୍ଥ ହୋଇଥିବାବେଳେ ଦ୍ୱିତୀୟ ରାତିରେ 'ତୋ ନାଁରେ ମୋ ନାଁ ଦେଇଛି ଯୋଡି' ଶୀର୍ଷକ ନାଟକ ମଞ୍ଚସ୍ଥ ହେବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି। କ୍ଲବର ବରିଷ୍ଠ ସଦସ୍ୟ ବିଷ୍ଣୁ ପାତ୍ର ଧନ୍ୟବାଦ ଦେଇଥିଲେ।

### ଆଦିଗୁରୁ ପଙ୍କଜଚରଣ ଦାସଙ୍କ ଶ୍ରାଦ୍ଧ ଦିବସ

**ଭୁବନେଶ୍ୱର,୧୧।୬(ବ୍ୟୁରୋ):** ଆଦିଗୁରୁ ପଙ୍କଜଚରଣ ଦାସଙ୍କର ୧୯ତମ ଶ୍ରାଦ୍ଧ ଦିବସ ଶନିବାର ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସର ଉତ୍କଳ ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଶ୍ରାଦ୍ଧୋତ୍ସବରେ ଡ. ସ୍ନେହପ୍ରଭା ସାମନ୍ତରାୟ, ଗୁରୁ ରାମହରି ଦାସ, ବିଜୟଲକ୍ଷ୍ମୀ ଦାସ, ପଦ୍ମଶ୍ରୀ ଅରୁଣା ମହାନ୍ତି, ଗୁରୁ ଧନେଶ୍ୱର ସ୍ୱାଇଁ, ଗୁରୁ କେଶବ ଚନ୍ଦ୍ର ରାଉତ, ଗୁରୁ ନିରଞ୍ଜନ ପାତ୍ର, ବିଜୟ କୁମାର ଜେନା, ଡ. ମୃତ୍ୟୁଞ୍ଜୟ ରଥ ଓ ଗୁରୁ ରତିକାନ୍ତ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବେଙ୍ଗାଲୁରୁର ନୃତ୍ୟଶିଳ୍ପୀ ସୋନାଲିକା ପାଢ଼ୀଙ୍କୁ 'ନୃତ୍ୟରତ୍ନ ସମ୍ମାନ', ଗୁରୁ ବିଜୟ କୁମାର ଦାଶ ଓ ମନୋଜ କୁମାର ପ୍ରଧାନଙ୍କୁ 'ଯୁଗ ଗନ୍ଧର୍ବ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଶୁଭଲକ୍ଷ୍ମୀ ପାଢ଼ୀ ଆଦିଗୁରୁ ପଙ୍କଜ ଚରଣ ଦାସଙ୍କ ସଂଯୋଜିତ 'ଶଙ୍କରା ଭରଣମ୍', 'ପଲ୍ଲବୀ' ଓ ଅଭିନୟରେ 'ରାଧାରାଣୀ ସାଙ୍ଗେ ନାଚେ ମୁରଲୀ ପାଣି' ପରିବେଷଣ କରିଥିଲେ। ପରେ ନୃତ୍ୟଶିଳ୍ପୀ ସୋନାଲିକା ପାଢ଼ୀ 'ମଧୁରାଷ୍ଟକମ୍', ମନୋଜ କୁମାରଙ୍କ 'ଅଷ୍ଟଶମ୍ଭୁ', ଗୁରୁ ବିଜୟ ଦାଶଙ୍କ 'କିରୁବାଣୀ ପଲ୍ଲବୀ' ଓ ଅଭିନୟରେ 'ଅନାଲୋ ଶ୍ୟାମ କି ରଙ୍ଗେ ନାଚନ୍ତି ତ୍ରିଭଙ୍ଗ', ଗୁରୁ ଲିଙ୍ଗରାଜ ପ୍ରଧାନ ଓ ସଂଯୁକ୍ତା ଦତ୍ତ ପ୍ରଧାନଙ୍କ ଦଳ ଆଦିଗୁରୁଙ୍କ ଲୋକନୃତ୍ୟ ପରିବେଷଣ କରିଥିଲା।

# ପାଇକ ସ୍ମାରକୀ ନିର୍ମାଣ ଖୁବ୍‌ଶୀଘ୍ର

**ବରୁଣେଇ ପାହାଡ଼ରେ ହେବ ଶହେଫୁଟର ବକ୍ସିଙ୍କ ପ୍ରତିମୂର୍ତ୍ତି**

- ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ
- ପାଚେରି ନିର୍ମାଣ କରିବାକୁ ନିର୍ଦ୍ଦେଶ

ଖୋର୍ଦ୍ଧା ଅଫିସ,୧୧।୬

ଖୋର୍ଦ୍ଧା ବରୁଣେଇ ପାହାଡ଼ ପାଦଦେଶରେ ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଏନେଇ ସବୁଜ ସଙ୍କେତ ମିଳିଛି। ଶନିବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରସ୍ତାବିତ ଏହି ନିର୍ମାଣ ସ୍ଥଳ ପରିଦର୍ଶନ କରିଥିଲେ। ୯.୬୮୫ ଏକର ଜମିରେ ନିର୍ମାଣ ହେବାକୁ ଥିବା ଏହି ସ୍ମାରକୀ ସ୍ଥଳର ଜମିଜମା ସମ୍ପର୍କରେ ଜିଲା ପ୍ରଶାସନ ସହ ଆଲୋଚନା କରିଛନ୍ତି। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ନକ୍ସା ଅନୁସାରେ ନିର୍ମାଣ ସ୍ଥଳର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ବୁଝାଇଥିଲେ। ଦୀର୍ଘଦିନ ଧରି ଜମିଜମାକୁ ନେଇ ଘରୋଇ ଶିକ୍ଷାନୁଷ୍ଠାନ, ଶିଳ୍ପସଂସ୍ଥା ପରେ ଜଙ୍ଗଲ ବିଭାଗ ସହିତ ଜମିଜମା ବିବାଦ ତୁଟିଥିବା ନେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଆଶ୍ୱସ୍ତି ପ୍ରକାଶ କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ନିର୍ମାଣ ସ୍ଥଳ ଚାରିପଟେ ପାଚେରି ନିର୍ମାଣ ଲାଗି ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ପ୍ରଶାସନର ସହଭାଗିତାରେ କାର୍ଯ୍ୟ କରିବାକୁ ଆଇଓସିଏଲ ନୋଡାଲ ଅଫିସରଙ୍କୁ ପରାମର୍ଶ ଦେଇଥିଲେ। ପରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ମା'ବରୁଣେଇଙ୍କ ପାଦଦେଶରୁ ଆଶୀର୍ବାଦ ନେଇ ସେଠାର ନିର୍ମାଣ ଚାଲିଥିବା ବରୁଣେଇ ସ୍ମାର୍ଟ ପାର୍କ ପରିଦର୍ଶନ କରିଥିଲେ। ସ୍ମାର୍ଟ ପାର୍କରେ ଚାଲିଥିବା ନିର୍ମାଣ ସମ୍ପର୍କରେ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ସେଠାରେ ପିଣ୍ଡିରେ ୧୩ ସୂର୍ଯ୍ୟ ନମସ୍କାର ପ୍ରତିମୂର୍ତ୍ତି ଥିବା ଦେଖି ଖୁସି ହୋଇଥିଲେ। ବରୁଣେଇ ପ୍ରକୃତିର ଗନ୍ତାଘର। ପାହାଡ଼ ଉପରେ ବକ୍ସି ଜଗବନ୍ଧୁଙ୍କ ଶହେଫୁଟର ପ୍ରତିମୂର୍ତ୍ତି ସ୍ଥାପନ ଓ ପାଦଦେଶରୁ ପାହାଡ଼ ଉପରକୁ ରୋପ୍‌ୱେ ସହ ସଂଯୋଗ କରାଯିବ। ପର୍ଯ୍ୟଟକଙ୍କୁ ଆକୃଷ୍ଟ ସହ ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି ଘଟିବ ବୋଲି ପ୍ରଧାନ କହିଥିଲେ। ଆଇଓସିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ବିନୟ ମିଶ୍ର, ଡିଜିଏମ୍ ରାଜେଶ ଗୌରବ, ଆଇଓସିଏଲ୍‌ର ନିର୍ଦ୍ଦେଶକ (ଅବୈତନିକ) ସୁଦୀପ ରାୟଙ୍କ ସମେତ ଆଇଓସିଏଲ, ଇଆଇଏଲ୍‌ର ଅନ୍ୟ ଅଧିକାରୀ, ତହସିଲଦାର ଇପ୍‌ସିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ କଳିଙ୍ଗ ଫାଉଣ୍ଡେଶନର ଉପଦେଷ୍ଟା ଇଂ. ଶିଶିର ନାୟକ, ସମ୍ପାଦକ କୃଷ୍ଣ ଶ୍ରୀଚନ୍ଦନ, ପିଣ୍ଡିକି ବାହୁବଳେନ୍ଦ୍ର ସଙ୍ଗଠନର ଉପସଭାପତି ଅମରେନ୍ଦ୍ର ମହାପାତ୍ର, ପ୍ରଦୀପ ବିଶ୍ୱାଳ, ଐତିହ୍ୟ ଗବେଷକ ପ୍ରାଧାପକ ଗୋପାଳ କୃଷ୍ଣ ଦାସ ପ୍ରମୁଖ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋକପାତ କରିଥିଲେ। ବରୁଣେଇ ପର୍ଯ୍ୟଟନ କ୍ଷେତ୍ରର ବିକାଶ, ରୋପ୍‌ୱେ ନିର୍ମାଣ, ଅତ୍ୟାଧୁନିକ ସେବା ଉପଲବ୍ଧ ଲାଗି ପ୍ରସ୍ତାବ ଦେବା ସହ ପାଇକ ସ୍ମାରକୀ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ଅନୁରୋଧ କରିଥିଲେ। ଆଇଓସିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ମିଶ୍ର କହିଥିଲେ, କେନ୍ଦ୍ରମନ୍ତ୍ରୀ ଏହି ନିର୍ମାଣ ସ୍ଥଳ ପରିଦର୍ଶନ ସହ ଜିଲା ପ୍ରଶାସନ ସହିତ ଆଲୋଚନା କରିଛନ୍ତି। ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ। ଏନେଇ କଳିଙ୍ଗ ପାଇକ ସଙ୍ଗଠନର ସମ୍ପାଦକ କୃଷ୍ଣଚନ୍ଦ୍ର କହିଥିଲେ, ପାଇକ ବିଦ୍ରୋହ ହେଉଛି ଏ ଜାତିର ଅସ୍ମିତା। ପାଇକ ବୀରଙ୍କ ବଳିଦାନ, ତ୍ୟାଗ ଅତୁଳନୀୟ। ପାଇକ ସ୍ମାରକୀ ନିର୍ମାଣ ହେଲେ ଓଡ଼ିଆ ଜାତିର ଗୌରବ ବିଶ୍ୱ ଦରବାରରେ ପ୍ରତିଫଳିତ ହେବ। ଅନ୍ତର୍ଜାତୀୟସ୍ତରରେ ଏହାର ସମ୍ମାନ ମଧ ବଢ଼ିବ।




ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପରିପ୍ରେକ୍ଷୀରେ ଶନିବାର ଭୁବନେଶ୍ୱରକୁ ଶିଶୁ ଶ୍ରମିକମୁକ୍ତ କରିବା ପାଇଁ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ, କମିଶନରେଟ ପୋଲିସ ଓ ଚାଇଲ୍ଡଲାଇନ୍ ପକ୍ଷରୁ ସହର ପରିକ୍ରମା ଅଭିଯାନକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟମାନେ ଉଦ୍‌ଘାଟନ କରୁଛନ୍ତି।

# 'ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ'ର କମିଟି ଗଠିତ

## ମଦ ବିରୋଧୀ ଆନ୍ଦୋଳନକୁ ଜୋର୍‌ଦାର କରିବାକୁ ଚିଠା ପ୍ରସ୍ତୁତ

ଭୁବନେଶ୍ୱର,୧୧।୬ (ଡି.ଏନ୍.ଏ.)

'ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ'ର ଏକ କମିଟି ଶନିବାର ଅଭିଯାନର କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପଦ୍ମଚରଣ ନାୟକଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଗଠିତ କମିଟି ଦ୍ୱାରା ମଦ ବିରୋଧୀ ଆନ୍ଦୋଳନକୁ ଅଧିକ ଜୋର୍‌ଦାର କରିବାକୁ ଏକ ଚିଠା ପ୍ରସ୍ତୁତ କରାଯାଇଛି। ବାରଙ୍ଗ ବ୍ଲକ ଅନ୍ତର୍ଗତ ପାଟପୁର ଦଳିତ ସାହିରେ ମଦ ଦୋକାନ ଉଠାଇବା ପାଇଁ ଚାଲିଥିବା ଆନ୍ଦୋଳନ ଓ କାକଟପୁର ବ୍ଲକ ଅନ୍ତର୍ଗତ କଣ୍ଟାପଡା ହରିଜନ ସାହି ନିକଟରେ ବେଆଇନ ଭାବେ ଖୋଲାଥିବା ମଦ ଦୋକାନ ବିରୋଧରେ ଚାଲିଥିବା ଆନ୍ଦୋଳନକୁ ସମ୍ପୂର୍ଣ୍ଣ ବିରୋଧ କରାଯାଇଥିଲା। ସେମାନଙ୍କୁ ପୋଲିସ ଓ ଅବକାରୀ ବିଭାଗର ଅଧିକାରୀମାନେ ହତାଶ କରୁଥିବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି ହୋଇଥିଲା। ବୈଠକରେ ରାଜଶ୍ରୀ ବିଶ୍ୱାଳ, ଗୀତାଞ୍ଜଳି ସ୍ୱାଇଁ, ଅପର୍ଣ୍ଣା ନାୟକ, ରମାକାନ୍ତ ମଣ୍ଡଳ, ଗିରିଜା ନାୟକ, ଅର୍ଜୁନ ସାମନ୍ତରାୟ, ମଳୟ ତ୍ରିପାଠୀ, କନକଲତା ଭଞ୍ଜ, ଅରୁଣ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଭୁବନେଶ୍ୱର ସାଂଗଠନିକ ଜିଲାର ଆନ୍ଦୋଳନ ପରିଚାଳନା ପାଇଁ ସଭାପତି ଭାବେ ନୀଳମଣି ମିଶ୍ର, କାର୍ଯ୍ୟକାରୀ ସଭାପତି ଭାବେ ରାଜଶ୍ରୀ ବିଶ୍ୱାଳ, ଉପସଭାପତି ଭାବେ ପ୍ରଭାସିନୀ ନାୟକ ଓ ଗୀତାଞ୍ଜଳି ସ୍ୱାଇଁ, ସମ୍ପାଦକ ଭାବେ ଦୁର୍ଗାପ୍ରସାଦ ସାହୁ, ସହ ସମ୍ପାଦିକା ଭାବେ ବାସନ୍ତୀ ଆଚାର୍ଯ୍ୟ ଓ ଲକ୍ଷ୍ମୀପ୍ରିୟା ବେହେରା, ଗଣମାଧ୍ୟମ ସମ୍ପାଦକ ଭାବେ ଅରୁଣ ସ୍ୱାଇଁ, କୋଷାଧ୍ୟକ୍ଷ ଭାବେ ସତ୍ୟନାରାୟଣ ସାମନ୍ତସିଂହାରଙ୍କୁ ନେଇ ଏକ ୯ ଜଣିଆ କମିଟି ଗଠନ ହୋଇଛି।




ଇନଷ୍ଟିଚ୍ୟୁଟ ଅଫ୍ କ୍ୱାଲିଟି ଆଣ୍ଡ୍ ଏନ୍‌ଭାରମେଣ୍ଟ ମ୍ୟାନେଜମେଣ୍ଟ ସର୍ଭିସ ପକ୍ଷରୁ ଶନିବାର ହୋଟେଲ ନ୍ୟୁ ମାରିଅନରେ ଅନୁଷ୍ଠିତ ଜାତୀୟ ସେମିନାର ଏବଂ କଳିଙ୍ଗ ଏନ୍‌ଭାରମେଣ୍ଟ ଏକ୍ସିଲେନ୍ସ ଆୱାର୍ଡ ଉତ୍ସବରେ ଉପସ୍ଥିତ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିମାନେ।

# ୨୫ ବନ୍ୟା ଆଶ୍ରୟସ୍ଥଳରେ ହେବ ମକ୍‌ଡ୍ରିଲ

**ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ବୈଠକ**

କଟକ ଅଫିସ, ୧୧।୬

ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ବନ୍ୟା ଓ ବାତ୍ୟାକୁ ମୁକାବିଲା କରିବା ସହ ଧନଜୀବନକୁ ସୁରକ୍ଷା ଦେବା ପାଇଁ ଜିଲାର ୨୫ଟି ବନ୍ୟା ଆଶ୍ରୟସ୍ଥଳୀରେ ଆସନ୍ତା ୧୯ ତାରିଖରେ ମକ୍‌ଡ୍ରିଲ କରାଯିବ। ଏଥିରେ ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ, ପଞ୍ଚାୟତିରାଜ ବିଭାଗର ସଦସ୍ୟାସଦସ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା, ସାମାଜିକ ଅନୁଷ୍ଠାନ ଏବଂ ସରକାରୀ ଅଧିକାରୀମାନେ ତାଲିମ ନେବେ। ସେମାନେ ସମ୍ଭାବ୍ୟ ପ୍ରାକୃତିକ ବନ୍ୟା ଓ ବାତ୍ୟା ସମୟରେ ଅଞ୍ଚଳବାସିନ୍ଦାଙ୍କୁ ସଚେତନ କରାଇବେ।

ଉକ୍ତ ମକ୍‌ଡ୍ରିଲ୍ ସଫଳତାର ସହ କରାଯିବା ନିମନ୍ତେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ଜରୁରିକାଳୀନ ଅଧିକାରୀ ଏନ୍.ଏନ୍. ରାଜଲକ୍ଷ୍ମୀ ଓଝାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ପ୍ରକଳ୍ପ ଅଧିକାରୀ ସଚ୍ଚିଦାନନ୍ଦ ପତି ଯୋଗଦେଇ ମକ୍‌ଡ୍ରିଲ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। ସହକାରୀ ଜିଲାପାଳ ଶଶାଙ୍କ ଶେଖର ମିଶ୍ର ସ୍ୱାଗତ ଭାଷଣ ଓ ଜିଲା ସଂଯୋଜିକା ମମତା ସାହୁ ଧନ୍ୟବାଦ ଦେଇଥିଲେ।

# ପଠାଣି ସାମନ୍ତଙ୍କ ଶ୍ରାଦ୍ଧବାର୍ଷିକୀ

ଭୁବନେଶ୍ୱର,୧୧।୬ (ବ୍ୟୁରୋ)

ଜ୍ୟୋତିର୍ବିଜ୍ଞାନୀ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖର ସିଂହ ମର୍ଦ୍ଦରାଜ (ପଠାଣି ସାମନ୍ତ)ଙ୍କ ୧୧୮ତମ ଶ୍ରାଦ୍ଧବାର୍ଷିକୀ ଶନିବାର ପାଳିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପଠାଣି ସାମନ୍ତ ପ୍ଲାନେଟୋରିୟମସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସମ୍ବାଦର ସମ୍ପାଦକ ତଥା ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ କହିଲେ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ପ୍ରଣୟନ ହେବା ପୂର୍ବରୁ ଆମ ପୂର୍ବପୁରୁଷମାନେ ନିଜ ଅନ୍ତର୍ନିହିତ ପ୍ରତିଭା ବଳରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରି ତାହାକୁ ପ୍ରୟୋଗ କରି ସମାଜର ହିତ ସାଧନ କରିଛନ୍ତି। ଅନ୍ୟତମ ଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ବିଜେଡ଼ି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଅଧାପକ ରମେଶ ଚନ୍ଦ୍ର ପାତାଳ ସିଂହ, ପୂର୍ବତନ ପ୍ରଶାସକ ଦେବରାଜ ସେନାପତି, ପୂର୍ବତନ କର୍ପୋରେଟର ରମାନାଥ ସାମନ୍ତରାୟ, ନରେନ୍ ସାହୁ, ଉମାନାଥ ମିଶ୍ର, ଗୁରୁଚରଣ ସାହୁ, ମାନସ ରଞ୍ଜନ ମହାନ୍ତି, ସତ୍ୟବ୍ରତ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ପଟ୍ଟନାୟକ, ବିଧାୟକ ସାମଲ ଓ ଗାୟକ ଆହ୍ଲାଦ ଛୋଟରାୟଙ୍କୁ 'ପଠାଣି ସାମନ୍ତ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିପରି ରାଜ୍ୟ ଗ୍ରନ୍ଥାଗାରରେ ପଠାଣି ସାମନ୍ତଙ୍କ ଶ୍ରାଦ୍ଧୋତ୍ସବ ଅବସରରେ ଏକ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଓ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା ଏହାର ସଂଯୋଜନା କରିଥିଲେ।

# ଭଲ ମଣିଷ ଗଢ଼ିବାକୁ ଶୋଭନୀୟ ସମାଜର ଆହ୍ୱାନ



ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ଉତ୍ସବରେ ଉପସ୍ଥିତ ଅତିଥି।

**କୁମାରଭାଇଙ୍କ ୨୯ତମ ଶ୍ରଦ୍ଧାଞ୍ଜଳି ଉତ୍ସବ**

କଟକ ଅଫିସ,୧୧।୬

ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ ପକ୍ଷରୁ କଟକ ବିଡାନାସୀସ୍ଥ ଯୁଗସ୍ରଷ୍ଟା ଶୋଭନୀୟ ଶିକ୍ଷାଶ୍ରମ କାର୍ଯ୍ୟାଳୟ ପରିସରରେ ପ୍ରତିଷ୍ଠାତା ଶ୍ରୀ କୁମାରଭାଇଙ୍କ ୨୯ତମ ଶ୍ରଦ୍ଧାଞ୍ଜଳି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସର୍ବଧର୍ମ ସମନ୍ୱୟ ଦିବସ ସଭା ଆନ୍ଦୋଳନର ନିର୍ଦ୍ଦେଶିକା-ସମ୍ପାଦିକା ଡ. ଅରୁନ୍ଧତୀ ଦେବୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲା ଜଜ୍ ଉମାଚରଣ ମିଶ୍ର ଯୋଗଦେଇ କୁମାରଭାଇ ଜଣେ ଦେବଅଂଶୀ ଥିଲେ। ଭଲ ମଣିଷ ହେବାକୁ ତାଙ୍କ ପ୍ରଦର୍ଶିତ ପଥ ସର୍ବଦା ଅନୁସରଣୀୟ କହିବା ସହ ଭଲ ମଣିଷ କୌଣସି ପଦପଦବୀ ଏପରିକି ରାଷ୍ଟ୍ରପତି- ପ୍ରଧାନମନ୍ତ୍ରୀଙ୍କଠାରୁ ବଡ଼ ବୋଲି କହିଥିଲେ। ମହାବୋଧି ସୋସାଇଟି ଓଡ଼ିଶାର ସମ୍ପାଦକ ସୌରେନ୍ଦ୍ର ମହାପାତ୍ର ଶୋଭନୀୟ ସମାଜ ନିର୍ମାଣ ହେଲେ ବ୍ୟଭିଚାର ହଟିଯିବ ବୋଲି କହିଥିଲେ। ପଣ୍ଡିତ ହୃଷୀକେଶ ରଥ ତାଙ୍କ ଚେତନାଦୀପ୍ତ ବାଣୀର ବ୍ୟାଖ୍ୟା କରିଥିଲେ। ପଣ୍ଡିତ ବେଣୁଧର ନାଥଶର୍ମା, ଜ୍ଞାନୀ ହରିଜିନ୍ଦର ସିଂ, ସୁପ୍ରିୟା ରଥ ଓ ବେଦବିଦୂଷୀ ଲୀତା ଦାସ ପ୍ରମୁଖ ଗୀତା, ବୌଦ୍ଧବାଣୀ, ଗୁରୁବାଣୀ ଏବଂ ବେଦପାଠ କରିଥିଲେ। ଡ. ପ୍ରଦୀପ୍ତ ମିଶ୍ରଙ୍କ ଦ୍ୱାରା ରଚିତ 'ଦିବ୍ୟ ସାନିଧ' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। 'ୟେ ଜଗନ୍ନାଥ ଜୀ କା ଦେଶ ହୈ' ଓ 'ଚେତନା ସୂର୍ଯ୍ୟ' ଶିକ୍ଷାପ୍ରଦ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିକ୍ଷାଶ୍ରମ ଅଧକ୍ଷା ବନଲତା ଦେବୀ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ, ଅନୁଗାମୀ, କର୍ମୀ, ସାଧକ, ଶିକ୍ଷାବିତ୍, ଭକ୍ତମାନେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଆଡ୍‌ଭୋକେଟ୍ ସୁରେନ୍ଦ୍ର ପତ୍ରୀ, ରମାକାନ୍ତ ମିଶ୍ର, ଗୋପାଳ ଚନ୍ଦ୍ର ନନ୍ଦ, ସମାଜବିଜ୍ଞାନୀ ନିରାକାର ବେହୁରା, ଅଧାପକ ଇନ୍ଦ୍ରମଣି ନାୟକ, ଦୟାନିଧି ରାଉତ, ତ୍ରିନାଥ ମହାନ୍ତି, ଶରତ ଦାସ ପ୍ରମୁଖ ଯୋଗଦେଇଥିଲେ।

# 'ପକ୍ଷୀ ପାଇଁ ବସାଟିଏ'

ଭୁବନେଶ୍ୱର,୧୧।୬ (ବ୍ୟୁରୋ)

ସାମାଜିକ ଅନୁଷ୍ଠାନ ଅଙ୍କୁର ଫାଉଣ୍ଡେଶନ ପକ୍ଷରୁ ଶନିବାର 'ପକ୍ଷୀ ପାଇଁ ବସାଟିଏ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଆଇଆର୍‌ସି ଭିଲେଜସ୍ଥିତ ବିଏମ୍‌ସି ପାର୍କରେ ଏହାକୁ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରିଛନ୍ତି। ପକ୍ଷୀଙ୍କୁ ସୁରକ୍ଷିତ ଆବାସ ଦେବା ଲାଗି ଏହି ଯୋଜନା ସମସ୍ତଙ୍କ ପାଇଁ ଅନୁକରଣୀୟ ହେବ ବୋଲି ମେୟର କହିଥିଲେ। ଅନ୍ୟତମ ଅତିଥି ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାସ ଏହି କାର୍ଯ୍ୟକ୍ରମ ପରିବେଶ ସୁରକ୍ଷା ଦିଗରେ ଏକ ବଡ଼ ପଦକ୍ଷେପ ବୋଲି କହିଥିଲେ।

ଆଗାମୀ ଦିନରେ ପକ୍ଷୀଙ୍କ ବସା ଓ ଆହାର ଯୋଗାଇବାକୁ ରାଜଧାନୀର ବିଭିନ୍ନ ପାର୍କରେ ଏଭଳି କାର୍ଯ୍ୟକ୍ରମ ସମ୍ପ୍ରସାରଣ କରାଯିବ ବୋଲି ଅଙ୍କୁର ଫାଉଣ୍ଡେଶନର ପ୍ରତିଷ୍ଠାତା ସମ୍ପାଦିକା ଚିନ୍ମୟୀ ପଣ୍ଡା କହିଥିଲେ। ବ୍ୟାପକ ସହରୀକରଣ ଓ କଂକ୍ରିଟ୍ ବଳୟ ଭିତରେ ପକ୍ଷୀମାନଙ୍କ ପାଇଁ ବସା ବାନ୍ଧିବାର ସୁଯୋଗ ସଙ୍କୁଚିତ ହୋଇଚାଲିଛି। ପକ୍ଷୀମାନଙ୍କୁ ସୁରକ୍ଷିତ ଭାବରେ ବସା ବାନ୍ଧି ରହିବାର ସୁଯୋଗ ସୃଷ୍ଟି କରିବା ଫାଉଣ୍ଡେଶନର ମୂଳ ଲକ୍ଷ୍ୟ। କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ମାନସୀରାଣୀ ସୁନ୍ଦରରାୟ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଅୟସକାନ୍ତ ମିଶ୍ର, ସୁମିତ୍ରା ପାଢ଼ୀ ସହଯୋଗ କରିଥିଲେ।



ମେୟର ସୁଲୋଚନା ଦାସ 'ପକ୍ଷୀ ପାଇଁ ବସାଟିଏ' କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।




ଗୁରୁ ପଙ୍କଜ ଚରଣ ଓଡ଼ିଶୀ ରିସର୍ଚ୍ଚ ଫାଉଣ୍ଡେଶନ ପକ୍ଷରୁ ଆଦିଗୁରୁ ପଙ୍କଜ ଚରଣ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଶନିବାର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ସମ୍ବର୍ଦ୍ଧିତ କଳାକାର।




ସୁର ବିବର୍ତ୍ତନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଶନିବାର ଆୟୋଜିତ 'ସଜରେ ସଜରେ ରଜ ଉତ୍ସବ' କାର୍ଯ୍ୟକ୍ରମରେ ଜଣେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ

ନିଶ୍ଚିନ୍ତକୋଇଲି,୧୧।୬(ସ୍ୱ.ପ୍ର.): ନେମାଳ ଥାନା ଅଧୀନ ଦାଉଦପୁର ପଞ୍ଚାୟତ ନାହାଳପୁରଠାରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ବୁଲେଟ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ନିଶ୍ଚିନ୍ତକୋଇଲି ଥାନା ବୁହାଲୋ ପଞ୍ଚାୟତ ସାଧକନଗର ଗ୍ରାମର ମନୋଜ କୁମାର ସାହୁ(୨୭)ଙ୍କ ମୃତ୍ୟୁ ଘଟିଥିବାବେଳେ ଅଶୋକ କୁମାର ସାହୁ(୨୫) ଗୁରୁତର ହୋଇଛନ୍ତି। ଉଭୟ ଏକ ବୁଲେଟ୍(ନଂ. ଓଡ଼ି୦୫ଏଟି-୨୨୨୭)ରେ ନରେନ୍ଦ୍ରପୁରକୁ ବିବାହ ଉତ୍ସବରେ ଯୋଗଦେବାକୁ ଯାଇଥିଲେ। ସେଠାରୁ ବିଳମ୍ବିତ ରାତିରେ ଫେରିବାବେଳେ ଭାରସାମ୍ୟ ହରାଇ ବୁଲେଟ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ମନୋଜ ଓ ଅଶୋକ ରାସ୍ତାରେ ପଡିଯିବାରୁ ପଥରରେ ସେମାନଙ୍କ ମୁଣ୍ଡ ମାଡ ହୋଇଯାଇଥିଲା। ଶନିବାର ସକାଳେ ସ୍ଥାନୀୟ ଲୋକେ ପ୍ରାତଃ ଭ୍ରମଣରେ ଆସୁଥିଲାବେଳେ ଉଭୟ ତଳେ ପଡିଥିବା ଦେଖିବାକୁ ପାଇଥିଲେ। ଚିକିତ୍ସା ଲାଗି ସେମାନଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ମନୋଜଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅଶୋକଙ୍କ ଅବସ୍ଥା ଗୁରୁତର ହେବାରୁ କଟକର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ମନୋଜଙ୍କ ବଡଭାଇ ନେମାଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। କଟକ ବଡ ଡାକ୍ତରଖାନାରେ ମନୋଜଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିଲା। ତାଙ୍କ ବିୟୋଗରେ ସରପଞ୍ଚ ରମାକାନ୍ତ ମହାନ୍ତି, ପୂର୍ବତନ ଅଧକ୍ଷା ସବିତା ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ‘ସାଲିସବିହୀନ ମଣିଷ ଥିଲେ ମନମୋହନ ଚୌଧୁରୀ’

କଟକ ଅଫିସ,୧୧।୬: ମନମୋହନ ଚୌଧୁରୀ ଦେଶ ସ୍ୱାଧୀନତା ସଂଗ୍ରାମରେ ଜଣେ ଆଗଧାଡ଼ିର କର୍ମୀ ଥିଲେ। ୧୯୪୨ ମସିହା ମହାତ୍ମା ଗାନ୍ଧୀଙ୍କ କର ବା ମର ଡାକରାରେ ଚୌଧୁରୀ ଯୋଗଦେଇ ଜେଲ୍ ଯାଇଥିଲେ। ଏଥିସହ ଚୌଧୁରୀ ସାଲିସବିହୀନ ମଣିଷ ଓ ସୁନ୍ଦର ଚିତ୍ରକର ଭାବେ ପରିଚିତ ଥିଲେ ବୋଲି କଟକ ଜିଲା ସର୍ବୋଦୟ ମଣ୍ଡଳ ସଭାପତି କୈଳାସ ଚନ୍ଦ୍ର ବରାଳ କହିଛନ୍ତି। ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ମନମୋହନ ଚୌଧୁରୀଙ୍କର ପୁଣ୍ୟତିଥି ଥୋରିଆସାହିସ୍ଥିତ ଗୁଣନିଧି ଭବନଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ବରାଳ ଅଧକ୍ଷତା କରି ଉପରୋକ୍ତ ବିଷୟରେ କହିଥିଲେ। ସେହିପରି ଆଦିତ୍ୟ ପଟ୍ଟନାୟକ, ଗଜେନ୍ଦ୍ର ପାଣି, ଲକ୍ଷ୍ମୀପ୍ରିୟା ମହାନ୍ତି, ରେଣୁକା ସାହୁ, ସୁଚିତ୍ରା ଦାସ, ଡ. ସୌଦାମିନୀ ନାୟକ, ଡ. ବସନ୍ତ କୁମାରୀ ନନ୍ଦ, ରାଜକିଶୋର ସିଂ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ରମାକାନ୍ତ ମଣ୍ଡଳ ପ୍ରାରମ୍ଭିକ ସୂଚନା ଓ ସନ୍ତୋଷ ବେହୁରିଆ ଧନ୍ୟବାଦ ଦେଇଥିଲେ।

# ରଥଯାତ୍ରା ପାଇଁ ପାର୍କିଂ ଟେଣ୍ଡରରେ ପାତରଅନ୍ତର

- ବିତ୍ତଶାଳୀ ଲୋକଙ୍କୁ ଅଗ୍ରାଧିକାର ମିଳୁଥିବା ଅଭିଯୋଗ
- ଯାନ୍ତ୍ରିକ ତ୍ରୁଟି କହିଲା ପ୍ରଶାସନ

ପୁରୀ ଅଫିସ,୧୧।୬: ରଥଯାତ୍ରା ପାଇଁ ପାର୍କିଂ, ଜୋତାଷ୍ଟାଣ୍ଡ ଓ ଉଠା ଦୋକାନୀଙ୍କଠାରୁ ଶୁଳ୍କ ଆଦାୟ କରିବା ପାଇଁ ପୁରୀ ମ୍ୟୁନିସିପାଲିଟି ଟେଣ୍ଡର ବିଜ୍ଞପ୍ତି ପ୍ରକାଶ କରିଛି। ତେବେ ଟେଣ୍ଡର ଡକାଯିବା ପୂର୍ବରୁ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ପାତରଅନ୍ତର କରି ଟେଣ୍ଡର ବାଣ୍ଟୁଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଦୁଇ ଦିନ ତଳେ ପୁରୀ ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ଉପରୋକ୍ତ ସେବା ଲାଗି ଟେଣ୍ଡରର ଏକ ତାଲିକା ଲଗାଯାଇଥିଲା। ଯେଉଁଥିରେ ଉଭୟ ଦୁଇଚକିଆ ଓ ଚାରିଚକିଆ ଯାନର ପାର୍କିଂସ୍ଥଳୀ ପାଇଁ ଟେଣ୍ଡର ଡକାଯାଇଥିବା ଦର୍ଶାଯାଇଥିଲା। ସର୍ବମୋଟ୍ ୨୩ଟି ଟେଣ୍ଡର ପାଇଁ ମ୍ୟୁନିସିପାଲିଟି ଜନସାଧାରଣଙ୍କୁ ଆମନ୍ତ୍ରଣ ଦେଇଥିଲା। ମାତ୍ର ଶନିବାର ଜିଲା ପ୍ରଶାସନର ଅନଲାଇନ୍ ପୋର୍ଟାଲରେ ପ୍ରକାଶ ପାଇଥିବା ତାଲିକା ସମ୍ପୂର୍ଣ୍ଣ ଅଫଲାଇନ୍ ତାଲିକାଠାରୁ ଭିନ୍ନ ଅଛି। ଟେଣ୍ଡରରେ ଅଂଶଗ୍ରହଣ କରିବାକୁ ଥିବା ଲୋକେ ଅନ୍‌ଲାଇନ ତାଲିକାରେ ୨୩ଟି ଟେଣ୍ଡରରୁ କମ୍ ଥିବା ଦେଖି ଅସନ୍ତୋଷ ପ୍ରକାଶ କରିବା ସହ ଆର୍ ଆଣ୍ଡ ଟି ଓଡ଼ିଶା ଗ୍ରୁପ ପକ୍ଷରୁ ଟୁଇଟ୍ ଯୋଗେ ଅଭିଯୋଗ କରାଯାଇଛି।


R & T Odisha Group
@CorruptionGOVT
ରଥଯାତ୍ରା ନିମନ୍ତେ ୧୫ରୁ ଉର୍ଧ ଶୁଣିବା ଅନୁଯାଇ ପାର୍କିଙ୍ଗ ଟେଣ୍ଡର ବାହାରିଥିବା ବେଳେ ମୁନିସପାଲିଟି ନୋଟିସ ବୋର୍ଡ଼ ମାରି ଚିରି-ଦିଆଗଲା | ଏବଂ ଅନ-ଲାଇନରେ ମାତ୍ର ୮ଟି ଟେଣ୍ଡର ବାହାର କରାଯାଇଛି | ଏହି ଲିଷ୍ଟରେ ଚାରିଚକିଆ ଯାନ ପାର୍କିଙ୍ଗ ଟେଣ୍ଡର ନାହିଁ | ପ୍ରଶ୍ନ ଏଠି କାହାର କରକମଳରେ ଫିକ୍ସିଙ୍ଗ ହେଉଛି ଟେଣ୍ଡର @Puriulbeo ||

ଅଭିଯୋଗ ହେଉଛି ଯେ, ଟେଣ୍ଡରର ସଂଖ୍ୟାକୁ ଜାଣିଶୁଣି କମାଇ ଦିଆଯାଇ ବିତ୍ତଶାଳୀ ଲୋକଙ୍କୁ ଟେଣ୍ଡର ଦିଆଯାଉଛି। ଫଳରେ ଟେଣ୍ଡର ସର୍ବସାଧାରଣ ଉଦ୍ଦେଶ୍ୟରେ ଉପଲବ୍ଧ ହେଉ ନାହିଁ। ବିଶେଷ କରି ଚାରିଚକିଆ ଯାନ ପାର୍କ ପାଇଁ ଟେଣ୍ଡର ତାଲିକାକୁ ଅନ୍‌ଲାଇନରେ ସାମିଲ କରାଯାଇ ନ ଥିବାରୁ ମ୍ୟୁନିସିପାଲିଟିର ସ୍ୱଚ୍ଛତା ଓ ନିରପେକ୍ଷତା ନେଇ ପ୍ରଶ୍ନ ଉଠୁଛି। ଏ ସମ୍ପର୍କରେ ଯୁବନେତା ଆଲୋକ କୁମାର ଦାସ କହିଛନ୍ତି, ରଥଯାତ୍ରା ଲାଗି ହୋଇଥିବା ପାର୍କିଂ ଭଳି ସବୁ ଟେଣ୍ଡରରେ ମ୍ୟୁନିସିପାଲିଟି ସବୁ ଦଳକୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରୁଛି। ଏଣୁ ଦଳ ଭିତରେ ଥିବା ମୁଷ୍ଟିମେୟ ଲୋକଙ୍କୁ ଟେଣ୍ଡର ମିଳୁଛି। ସାଧାରଣ ଲୋକେ ପାର୍କିଂ ଷ୍ଟାଣ୍ଡ ଓ ସମସ୍ତ ପ୍ରକାର ଟେଣ୍ଡରିଂରୁ ବଞ୍ଚିତ ହେଉଛନ୍ତି। ମ୍ୟୁନିସିପାଲିଟି ଭୁଲ୍‌ରେ ଟେଣ୍ଡରର ସଂଖ୍ୟା କମାଇବାକୁ ଚେଷ୍ଟା କରିଛି, ଅଥବା ଜାଣିଶୁଣି କାହାରି ଫାଇଦା ପାଇଁ ଏପରି କରିଛି। ସାଧାରଣ ଲୋକେ ଟେଣ୍ଡର ପ୍ରକ୍ରିୟାରେ ସାମିଲ ହେବାର ସୁଯୋଗ ପାଆନ୍ତୁ ବୋଲି ସେ କହିଛନ୍ତି। ଏ ନେଇ ପୁରୀ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ କହିଛନ୍ତି, ଯାନ୍ତ୍ରିକ ତ୍ରୁଟି ହେତୁ ଏଭଳି ହୋଇଛି। ଟେଣ୍ଡର ତାଲିକାର ଗୋଟିଏ ପୃଷ୍ଠାକୁ ଭୁଲବଶତଃ ଅପଲୋଡ୍ କରାଯାଇପାରି ନ ଥିଲା। ଫଳରେ ସାଧାରଣରେ ଭ୍ରମ ଧାରଣା ସୃଷ୍ଟି ହୋଇଛି। ଟେଣ୍ଡର ପ୍ରକ୍ରିୟା ସ୍ୱଚ୍ଛ ଭାବେ ସମ୍ପାଦିତ ହେବ।

ସଦ୍ୟ ପ୍ରକାଶିତ ଟେଣ୍ଡର ତାଲିକାରେ ମୁକ୍ତାକାଶ ରଙ୍ଗମଞ୍ଚ ଓ ମୁଣ୍ଡିଆମରାଠାରେ ଜୋତାଷ୍ଟାଣ୍ଡ, ଭୋଳାନାଥ ବିଦ୍ୟାଳୟ ନିକଟରେ ସାଇକେଲ ଷ୍ଟାଣ୍ଡ, ମଶାଣିଚଣ୍ଡୀ, କୃଷକ ବଜାର, ଜିଲା ସ୍କୁଲ, ମୋଚିସାହି, ନୀଳାଦ୍ରି ବିଚ୍, ବ୍ଲୁଫ୍ଲାଗ୍ ବିଚ୍, ନୀଳାଚଳ ଅଶୋକ, ଦିଗବାରେଣୀ ଖୁଣ୍ଟିଠାରେ ଦୁଇଚକିଆ ଯାନ ଷ୍ଟାଣ୍ଡ ପାଇଁ ଟେଣ୍ଡର ଡକାଯିବ। ସେହିଭଳି ଫ୍ଲୋରିସ୍ ଇଣ୍ଡିଆ, ଭୂଦାନ ଛକ, ଏସ୍‌ସିଏସ୍ କଲେଜ୍, ସଂସ୍କୃତ ବିଶ୍ୱବିଦ୍ୟାଳୟ, ଇନ୍‌ଡୋର ଷ୍ଟାଡିୟମ୍, ହେଲିପ୍ୟାଡ୍, ବଳିଆପଣ୍ଡା, ଷ୍ଟରଲିଂ ରୋଡ୍ ଓ ଦିଗବାରେଣୀ ଖୁଣ୍ଟିଠାରେ ଚାରିଚକିଆ ଯାନ ଷ୍ଟାଣ୍ଡ ପାଇଁ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ, ରଥଯାତ୍ରା ସମୟରେ ପାର୍କିଂ ବାବଦକୁ ଜୋତା ପାଇଁ ୫ ଟଙ୍କା, ଆସବାବପତ୍ର ବାବଦକୁ ଜଣକା ୧୦ ଟଙ୍କା, ସାଇକେଲକୁ ୫ ଟଙ୍କା, ଦୁଇଚକିଆ ଯାନକୁ ୧୦ ଟଙ୍କା ଓ ଚାରିଚକିଆ ଯାନ ବାବଦକୁ ୫୦ ଟଙ୍କା ଦେବାକୁ ପଡ଼ିବ।

# ‘ଗଙ୍ଗାଧର ରଥ ଥିଲେ ପ୍ରେରଣାର ଉତ୍ସ’



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ବୃନ୍ଦ।

କଟକ ଅଫିସ, ୧୧।୬

ଗଙ୍ଗାଧର ରଥ ମାନବବାଦୀ ଚେତନାର ପ୍ରସାରରେ ନିଷ୍ପାପର ଭାବେ କାର୍ଯ୍ୟ କରୁଥିଲେ। ଆଇନ ଓ ସାହିତ୍ୟର ସମନ୍ୱୟ ଥିଲା ଗଙ୍ଗାଧରଙ୍କ ଜୀବନ ଧାରା। ସେ ସାହିତ୍ୟ ସାଧନା କରିବା ସହିତ ଲେଖକ ଓ ଆଇନଜ୍ଞ ସୃଷ୍ଟି ପାଇଁ ଯଥେଷ୍ଟ ପ୍ରୋତ୍ସାହନ ଦେଉଥିଲେ। ସେ ବାସ୍ତବରେ ପ୍ରେରଣାର ଉତ୍ସ ଥିଲେ ବୋଲି ଓଡ଼ିଶା ହାଇକୋର୍ଟର ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ କହିଛନ୍ତି। ସାହିତ୍ୟ ଏକାଡେମୀ ପକ୍ଷରୁ ଗଙ୍ଗାଧର ରଥଙ୍କ ଜନ୍ମଶତବାର୍ଷିକୀ ଅବସରରେ ଏକ ଆଲୋଚନାଚକ୍ର କଟକ ଶତାବ୍ଦୀ ଭବନଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜଷ୍ଟିସ ଷଡ଼ଙ୍ଗୀ ଉଦ୍‌ଘାଟନ କରି ଉପରୋକ୍ତ ବିଷୟରେ କହିଥିଲେ। ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ ସଦସ୍ୟ ତଥା କବି ଅମରେଶ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀ ଗଙ୍ଗାଧର ରଥ ଫାଉଣ୍ଡେଶନର ସମ୍ପାଦକ ସୁସ୍ମିତା ରଥ କହିଥିଲେ, ଆଇନ ଓ ସାହିତ୍ୟ ସାଧନା ସହ ଉନ୍ନତ ସାମାଜିକ ଜୀବନଯାପନରେ ଗଙ୍ଗାଧର ଥିଲେ ଜଣେ ଆଦର୍ଶପୂର୍ଣ୍ଣ ବ୍ୟକ୍ତିତ୍ୱ। ସେହିପରି ପୌରୁଷର ସମ୍ପାଦକ ଅସିତ ମହାନ୍ତି ଯୋଗଦେଇ ଗଙ୍ଗାଧର ଜଣେ ଅନନ୍ୟ ବ୍ୟକ୍ତିତ୍ୱ ଥିଲେ ବୋଲି କହିଥିଲେ। ଏକାଡେମୀର କାର୍ଯ୍ୟକ୍ରମ ଅଧିକାରୀ ମିହିର କୁମାର ସାହୁ ସ୍ୱାଗତ ଭାଷଣ, ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ ଓ ଗବେଷକ କମଳ ମାହୁନ୍ତ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଡ. ବୈଜୟନ୍ତୀ ମିଶ୍ର ଉତ୍ସବର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ।



କଟକ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ଗଳ୍ପ ସଂକଳନ ‘ଛାଇ ଆଲୁଅ’ ଉନ୍ମୋଚନ କରୁଛନ୍ତି।

# ଗଳ୍ପ ସଂକଳନ ‘ଛାଇ ଆଲୁଅ’ ଉନ୍ମୋଚିତ

କଟକ ଅଫିସ, ୧୧।୬

ଗପଘର ଓ ଆମ ସଂସ୍କୃତି ମିଳିତ ଆନୁକୂଲ୍ୟରେ ଗାଳ୍ପିକା ନଳିନୀ ନାୟକଙ୍କ ଗଳ୍ପ ସଂକଳନ ‘ଛାଇ ଆଲୁଅ’ ଶୁକ୍ରବାର କଟକ ଶ୍ରୀରାମଚନ୍ଦ୍ର ଭବନରେ ଉନ୍ମୋଚିତ ହୋଇଯାଇଛି। ମୁଖ୍ୟ ଅତିଥି ସାହିତ୍ୟିକ ପ୍ରଫେସର ବୈଷ୍ଣବ ଚରଣ ସାମଲ ଏହାକୁ ଉନ୍ମୋଚନ କରି କହିଥିଲେ, ୧୪ଟି ଗଳ୍ପକୁ ନେଇ ପ୍ରସ୍ତୁତ ଏହି ସଂକଳନ ହୃଦୟସ୍ପର୍ଶୀ ହୋଇଛି। ଶିଶୁ ସାହିତ୍ୟିକ ଡ. ମହେଶ୍ୱର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଲେଖିକା ଡ. ବୈଜୟନ୍ତୀ ମିଶ୍ର ଯୋଗଦେଇ ପୁସ୍ତକର ସମୀକ୍ଷା କରିଥିଲେ। ପୁସ୍ତକର ପ୍ରକାଶକ ବିଜୟିନୀ ପବ୍ଲିକେଶନର ଦିଲୀପ କୁମାର ବେଉରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. କୈଳାସ ଚନ୍ଦ୍ର ନାୟକ, ଅଧ୍ୟାପକ ପ୍ରସନ୍ନ କୁମାର ସ୍ୱାଇଁ, ବିନୟ କୁମାର ପୃଷ୍ଟି, ଡ. ବିବେକାନନ୍ଦ ତ୍ରିପାଠୀ, ବଳରାମ ମିଶ୍ର, ଡ. ସୁଦର୍ଶନ ପଟ୍ଟନାୟକ, ଦିବାକର ମିଶ୍ର, ଫନି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ‘ଗପଘର’ର ଆବାହକ ତଥା ଗାଳ୍ପିକ ରବିନାରାୟଣ ଦାଶ ପ୍ରାରମ୍ଭିକ ସୂଚନା ଓ ଆମ ସଂସ୍କୃତିର ସମ୍ପାଦକ ସଚ୍ଚିକାନ୍ତ ନାଥ ଧନ୍ୟବାଦ ଦେଇଥିଲେ।

# ସ୍କୁଲ ଘର ଭାଙ୍ଗିଦେଲେ ଦୁର୍ବୃତ୍ତ

କଟକ ସଦର,୧୧।୬(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ପୁରୁଣା ଆଜବେଷ୍ଟସ ଘରକୁ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଥିବା ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀ ସରସ୍ୱତୀ କାନୁନ୍‌ଗୋଙ୍କ ନିକଟରେ ଅଭିଯୋଗ ହୋଇଛି। କରୋନା ପାଇଁ ପ୍ରାଥମିକ ବିଦ୍ୟାଳୟ ପ୍ରାୟ ଦେଢବର୍ଷ ହେବ ବନ୍ଦ ରହିଥିଲା। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଉତ୍ତର ପାର୍ଶ୍ୱର ପାଇଖାନା ନିକଟରେ ଥିବା ଆଜବେଷ୍ଟସ ଘରକୁ ଭାଙ୍ଗି ଦେଇଥିଲେ। ପରେ ଇଟା, କାଠ, ଲୁହା କବାଟ ଓ ଝରକା ସହିତ ପୁରୁଣା ଆଜବେଷ୍ଟସକୁ ନେଇଯାଇଥିଲେ। ସମସ୍ତଙ୍କ ଅଜ୍ଞତାରେ ଏତେ ବଡ଼ ଘର ଭଙ୍ଗାଯାଇ ସାମଗ୍ରୀ ନିଆଯିବା ଘଟଣାକୁ କେହି ସହଜରେ ଗ୍ରହଣ କରିପାରୁନାହାନ୍ତି। ଏ ସମ୍ପର୍କରେ କାନୁନ୍‌ଗୋ କହିଛନ୍ତି, ସ୍ଥାନୀୟ ସିଆର୍‌ସିସିଙ୍କୁ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛି। ରିପୋର୍ଟ ମିଳିବା ପରେ କାହାର ସମ୍ପୃକ୍ତି ରହିଛି, ତାହା ଜଣାପଡିବ।

# ‘ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଥିଲେ ଆଧୁନିକତାର ବାର୍ତ୍ତାବହ’

କଟକ ଅଫିସ, ୧୧।୬

ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଥିଲେ ଆଧୁନିକତାର ବାର୍ତ୍ତାବହ। ଭାଷା-ସାହିତ୍ୟ, ସଂସ୍କୃତି, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ତାଙ୍କର ବିଶେଷ ଅବଦାନ ରହିଛି ବୋଲି ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି କିଶୋର କୁମାର ବାଶା କହିଛନ୍ତି। ସାହିତ୍ୟ ଏକାଡେମୀ ଓ ଉତ୍କଳ ସାହିତ୍ୟ ସମାଜର ମିଳିତ ଆନୁକୂଲ୍ୟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ଅବସରରେ ଏକ ଆଲୋଚନାଚକ୍ର ଶ୍ରୀରାମଚନ୍ଦ୍ର ଭବନଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରି ବାଶା ଉପରୋକ୍ତ ବିଷୟରେ କହିଥିଲେ। ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ପ୍ରଶାସକ ପ୍ରଦୀପ ବିଶ୍ୱାଳ ଓ ଅଧ୍ୟାପକ ଅଭିରାମ ବିଶ୍ୱାଳ ଯୋଗଦେଇଥିଲେ। ସାହିତ୍ୟ ଏକାଡେମୀର କାର୍ଯ୍ୟକ୍ରମ ଅଧିକାରୀ ମିହିର ସାହୁ ସ୍ୱାଗତ ଭାଷଣ, ଏକାଡେମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା, ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ବ୍ରହ୍ମାନନ୍ଦ ବିଶ୍ୱାଳ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ ସଂଗଠନ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ଧନ୍ୟବାଦ ଦେଇଥିଲେ।

# ଜଳ ଯୋଗାଣ ବନ୍ଦ, ଗ୍ରାମବାସୀ ହନ୍ତସନ୍ତ

## ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି

ବାରଙ୍ଗ,୧୧।୬ (ଡି.ଏନ୍.ଏ.)

ରାଜଧାନୀ ଉପକଣ୍ଠ ଦାରୁଠେଙ୍ଗ ଓ ଚନ୍ଦକା ପଞ୍ଚାୟତର ବିଭିନ୍ନ ଗ୍ରାମରେ ପାନୀୟ ଜଳ ଯୋଗାଣରେ ବାଧା ସୃଷ୍ଟି ହୋଇଛି। ଫଳରେ ସାଧାରଣ ଲୋକ ପାଣିଟିକେ ପାଇବା ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଦାରୁଠେଙ୍ଗରେ ଗ୍ରାମ୍ୟ ପାନୀୟଜଳ ଯୋଗାଣ ପ୍ରାୟ ଏକ ସପ୍ତାହ ହେବ ବନ୍ଦ ରହିଛି। ଏହି ଗ୍ରାମର ତଳସାହି, ମଝିସାହି ସମେତ ୪ଟି ସାହିର ଲୋକମାନେ ପାଣି ନ ପାଇ ହଇରାଣ ହେଉଛନ୍ତି। ସେହିପରି ଚନ୍ଦକା ପଞ୍ଚାୟତର ସୁନ୍ଦରପୁର ଗ୍ରାମକୁ ମଧ୍ୟ ଏକ ସପ୍ତାହ ଧରି ଜଳ ଯୋଗାଣ ବନ୍ଦ ରହିଛି। ଏହି ଗ୍ରାମର ଆଦିବାସୀ ସାହି ସହ ଅନ୍ୟ ଏକ ସାହିକୁ ଜଳଯୋଗାଣ ବନ୍ଦ ରହିଥିବାରୁ ପାଣିମୁନ୍ଦେ ପାଇବା ପାଇଁ ଲୋକମାନେ ନାନା ଅସୁବିଧା ଭୋଗୁଛନ୍ତି। ପ୍ରବଳ ଖରା ସହ ଗୁଳୁଗୁଳି ରହିବା ଯୋଗୁ ପିଇବା ପାଣି ପାଇଁ କୂଅ ଓ ନଳକୂପ ଉପରେ ଗ୍ରାମବାସୀ ନିର୍ଭର କରୁଛନ୍ତି। ଅନ୍ୟପଟେ ପଞ୍ଚାୟତରେ ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରଠାରୁ କୂଅ ଓ ନଳକୂପର ବ୍ୟବହାର କମ୍ ହୋଇଯାଇଛି। ଫଳରେ ଏବେ ଏହି କୂଅ ଓ ନଳକୂପ ବ୍ୟବହାର କରିବାରୁ ଜଳ ଦୂଷିତ ହୋଇଯାଇଛି। ତେବେ ପ୍ରକଳ୍ପଗୁଡିକରେ ମୋଟର ପୋଡିଯାଇଥିବା ବେଳେ ନୂଆ ମୋଟର ସଂଯୋଗ ହୋଇଛି। ହେଲେ ସେଗୁଡ଼ିକରେ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ଜଳଯୋଗାଣ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରୁ ନାହିଁ। ଏ ନେଇ ଗ୍ରାମବାସୀ ଗ୍ରାମ୍ୟ ଜଳ ବିଭାଗକୁ ଅଭିଯୋଗ କରିବା ସହ ତୁରନ୍ତ ବିଦ୍ୟୁତ୍ ସଂଯୋଗ କରି ଜଳ ଯୋଗାଣର ବ୍ୟବସ୍ଥା କରନ୍ତୁ ବୋଲି ଦାବି କରିଛନ୍ତି। ଅନ୍ୟପଟେ ପ୍ରକଳ୍ପରେ ବିଦ୍ୟୁତ୍ ସଂଯୋଗ କରିବା ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କେହି ଗୁରୁତ୍ୱ ଦେଉନାହାନ୍ତି ବୋଲି ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗର କନିଷ୍ଠଯନ୍ତ୍ରୀ ସମନ୍ୱୟା ତ୍ରିପାଠୀ କହିଛନ୍ତି।

# ଦର୍ଶକଙ୍କୁ ୩ ସ୍ତରରେ ଯାଞ୍ଚ କରାଯିବ

କଟକ ଅଫିସ, ୧୧।୬

କଟକ ବାରବାଟୀ ଷ୍ଟାଡିୟମରେ ଟି-୨୦ ମ୍ୟାଚ୍ ଦେଖିବା ପାଇଁ ରବିବାର ଅପରାହ୍ନ ୩ଟାରେ ଦର୍ଶକଙ୍କୁ ଷ୍ଟାଡିୟମରେ ପ୍ରବେଶ କରିବାକୁ ଦିଆଯିବ। ତେଣୁ ସୁରକ୍ଷା ଦୃଷ୍ଟିରୁ ଶନିବାର ରାତିରୁ ପୋଲିସ ଷ୍ଟାଡିୟମକୁ ନିଜ ହେପାଜତକୁ ନେଇଛି। ଷ୍ଟାଡିୟମ ଭିତର ଓ ଚତୁଃପାର୍ଶ୍ୱରେ ଫୋର୍ସ ମୁତୟନ କରାଯାଇଛି। ଖେଳ ଶେଷ ପର୍ଯ୍ୟନ୍ତ ଷ୍ଟାଡିୟମ କଡା ସୁରକ୍ଷା ବଳୟ ଭିତରେ ରହିବ। ରବିବାର ଷ୍ଟାଡିୟମ ଭିତରକୁ ଯିବାବେଳେ ପ୍ରବେଶ ଦ୍ୱାରଠାରୁ ଗ୍ୟାଲେରି ପର୍ଯ୍ୟନ୍ତ ଓଡ଼ିଶା କ୍ରିକେଟ୍ ଆସୋସିଏସନ(ଓସିଏ) ଓ ପୋଲିସ ପକ୍ଷରୁ ୩ ସ୍ତରରେ ଦର୍ଶକଙ୍କୁ ଯାଞ୍ଚ କରାଯିବ। ଏଥିପାଇଁ ଦର୍ଶକମାନେ ଟିକେଟ ସହ ପରିଚୟପତ୍ର ସାଙ୍ଗରେ ଆଣିବା ବାଧ୍ୟତାମୂଳକ। ଦର୍ଶକମାନେ ଟିକେଟ ନମ୍ବର ଅନୁଯାୟୀ ସିଟ୍‌ରେ ବସିବେ ଓ ଟିକେଟ ପଛପଟେ ଲେଖାଥିବା ନିୟମାବଳୀ ଅନୁସରଣ କରିବେ। କୌଣସି ପ୍ରକାର ଟିକେଟ ଜାଲିଆତି କିମ୍ବା ବେଆଇନ କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ ବୋଲି କୁହାଯାଇଛି।

ଶନିବାର ଉଭୟ ଦଳର ଖେଳାଳିମାନେ ଷ୍ଟାଡିୟମରେ ଅଭ୍ୟାସ କରିଥିଲେ। ହାତରେ ତ୍ରିରଙ୍ଗା, ମୁଣ୍ଡରେ ଭାରତ ମାନଚିତ୍ର ଆଙ୍କି ଭାରତୀୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିବାକୁ ବିହାର ମୁଜାଫରପୁରରୁ କଟକ ଆସିଛନ୍ତି କ୍ରିକେଟପ୍ରେମୀ ସୁଧୀର କୁମାର ଚୌଧୁରୀ। ଏନେଇ ସେ କହିଛନ୍ତି, କରୋନା ମହାମାରୀ ପରେ କଟକରେ ପ୍ରଥମଥର ପାଇଁ ଅନ୍ତର୍ଜାତୀୟ ସ୍ତରର ଟି-୨୦ ମ୍ୟାଚ୍ ହେବାକୁ ଯାଉଛି। ଏଠାରେ ଖେଳାଳିଙ୍କୁ ଦେଖିବା ପାଇଁ ଦର୍ଶକଙ୍କ ଭିଡ ଲାଗିଥାଏ। ଅନ୍ୟ ରାଜ୍ୟ ତୁଳନାରେ କଟକରେ କ୍ରିକେଟ୍‌ର କିଛି ଅଲଗା କ୍ରେଜ୍ ଦେଖିବାକୁ ମିଳେ। ସେହିପରି କ୍ରିକେଟ୍‌କୁ ଭଲ ପାଉଥିବା ମଧ୍ୟପ୍ରଦେଶର ଧରମବୀର ପାଲ କହିଛନ୍ତି, ୧୫୦ରୁ ଊର୍ଦ୍ଧ୍ୱ ମ୍ୟାଚ୍ ମୁଁ ଦେଖିଛି। କଟକ ମୋ ଦ୍ୱିତୀୟ ଘର ପରି। ଆଗରୁ ଅନେକ ଥର ମ୍ୟାଚ୍ ଦେଖିବା ପାଇଁ କଟକ ଆସିଛି। ଖେଳରେ ହାରିବା ଜିତିବା ଲାଗି ରହିଥାଏ। ହେଲେ ଭାରତୀୟ ଦଳ ପ୍ରତି ଭଲ ପାଇବା କେବେ କମିନାହିଁ।

ଗାଡି ପାର୍କିଂ ପାଇଁ ସ୍ଥାନ ଚିହ୍ନଟ କରାଯାଇଛି। ବାଲିଯାତ୍ରା ପଡିଆରେ ସାଧାରଣ ଦର୍ଶକ ଗାଡି ପାର୍କିଂ କରିବାକୁ ଥିବାବେଳେ ଓସିଏ ସଦସ୍ୟ ଓ ଅନ୍ୟ ନିମନ୍ତ୍ରିତ ଅତିଥି କ୍ରିକେଟ ଏକାଡ଼େମୀ ପାର୍ଶ୍ୱ ୧ ନମ୍ବର ଗେଟ୍, ମିଡିଆ ଓ ପ୍ରେସ୍ କେମ୍ବ୍ରିଜ୍ ସ୍କୁଲ୍ କ୍ୟାମ୍ପସ, ବିସିସିଆଇ ଅଫିସିଆଲ, ମ୍ୟାଚ ରେଫରି ଓ ଅମ୍ପାୟାର୍- ସେଣ୍ଟ ଜାଭିୟର୍ସ ସ୍କୁଲ୍ କ୍ୟାମ୍ପସରେ ଗାଡି ପାର୍କିଂ କରିବେ।

### କେଉଁ ଗ୍ୟାଲେରି ପାଇଁ କେଉଁଠି ପାର୍କିଂ

| | |
|---|---|
| ୧ନଂ. ଗ୍ୟାଲେରି | ଗେଟ୍ ନମ୍ବର ୯ (ହର୍ଷ ଗେଟ୍ ପାର୍ଶ୍ୱ) |
| ୨ନଂ. ଗ୍ୟାଲେରି | ଗେଟ୍ ନମ୍ବର ୧୦(ଏନ୍‌ସିସି ଅଫିସ ପାର୍ଶ୍ୱ) |
| ୩ନଂ. ଗ୍ୟାଲେରି | ଗେଟ୍ ନମ୍ବର ୧୨(୨ ଓ ୩ ନମ୍ବର ଟିକେଟ୍ କାଉଣ୍ଟର ମଝି) |
| ୪ନଂ. ଗ୍ୟାଲେରି | ଗେଟ୍ ନମ୍ବର ୧୩( ଆଇପିଏସ୍ କ୍ୱାର୍ଟର୍ସ ସମ୍ମୁଖ) |
| ୫ନଂ. ଗ୍ୟାଲେରି | ଗେଟ୍ ନମ୍ବର ୨( ଆର୍ମି ଅଫିସ୍ ପାର୍ଶ୍ୱ) |
| ୭ନଂ.ଗ୍ୟାଲେରି ଓ ସ୍ପେଶାଲ୍ ଏନ୍‌କ୍ଲୋଜର | ବାରବାଟୀ ପ୍ୟାଲେସ୍ ପାର୍ଶ୍ୱ(ଗେଟ୍-ଏ), ଗେଟ୍ ନମ୍ବର ୪( ଆଦିତ୍ୟ କ୍ୟାଣ୍ଟିନ ପାର୍ଶ୍ୱ) |
| ସ୍ପେଶାଲ୍ ଏନ୍‌କ୍ଲୋଜର | ଗେଟ୍ ନମ୍ବର ୫(ହର୍ଷ ଗେଟ୍ ପାର୍ଶ୍ୱ) |
| ଓସିଏ ବକ୍ସ, ନ୍ୟୁ ପାଭିଲିୟନ୍, ପୁରୁଣା ପାଭିଲିୟନ୍ | ଗେଟ୍ ନମ୍ବର ୧( ୱାଇଏମ୍‌ସିଏ ସମ୍ମୁଖ) |
| କର୍ପୋରେଟ୍ ବକ୍ସ, ଅଲିମ୍ପିକ୍ ବକ୍ସ(ଏ) | ଗେଟ୍ ନମ୍ବର ୬(ହର୍ଷ ଗେଟ୍) |

### ପୋଲିସ ସୁରକ୍ଷା ବଳୟରେ ବାରବାଟୀ ଷ୍ଟାଡିୟମ

# କଡ଼ା ସୁରକ୍ଷାରେ ଅଭ୍ୟାସ ସାରିଲେ ଖେଳାଳି



ଭୁବନେଶ୍ୱରର ମେ ଫେୟାର ହୋଟେଲରୁ କଟକ ବାରବାଟୀ ଷ୍ଟାଡିୟମ ଅଭିମୁଖେ କଡ଼ା ସୁରକ୍ଷା ମଧ୍ୟରେ ବାହାରିଥିବା ଦକ୍ଷିଣ ଆଫ୍ରିକା ଟିମ୍‌ର ଖେଳାଳିମାନେ।

ଭୁବନେଶ୍ୱର,୧୧।୬(ବ୍ୟୁରୋ)

### ଖେଳାଳି ଯିବା ସମୟରେ ଟ୍ରାଫିକ୍ ଜାମ୍

କଟକ ବାରବାଟୀ ଷ୍ଟାଡିୟମରେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ କ୍ରିକେଟ୍ ମ୍ୟାଚ୍ ଖେଳାଯିବ। ଶନିବାର ଉଭୟ ଦଳର ଖେଳାଳି ବାରବାଟୀ ଷ୍ଟାଡିୟମରେ ଅଭ୍ୟାସ କରିଛନ୍ତି। ଉଭୟ ଦଳର ସମସ୍ତ ଖେଳାଳିଙ୍କୁ କମିଶନରେଟ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଷ୍ଟାଡିୟମ ନିଆଯାଇଥିଲା। ଖେଳାଳିଙ୍କ ବସ୍ ଯାଉଥିବା ସମୟରେ ଜୟଦେବ ବିହାର, ବାଣୀବିହାର, ରସୁଲଗଡ଼, ପଳାଶୁଣୀ ଆଦି ଛକରେ କିଛି ସମୟ ଟ୍ରାଫିକ୍ ଜାମ ହୋଇଥିଲା। ଏପରି କି ରାସ୍ତା ପାର୍ଶ୍ୱରେ ଲୋକମାନେ ଖେଳାଳିଙ୍କୁ ଦେଖିବା ପାଇଁ ଅପେକ୍ଷା କରିଥିବା ଦେଖିବାକୁ ମିଳିଥିଲା। ପ୍ରଥମେ ଦକ୍ଷିଣ ଆଫ୍ରିକା ଖେଳାଳିଙ୍କ ବସ୍ ପ୍ରାୟ ସାଢ଼େ ୧୧ଟାରେ ବାହାରିଥିଲା। ଏଥିପାଇଁ ଜୟଦେବ ବିହାରଠୁ ରସୁଲଗଡ଼ ଏବଂ ସେଠାରୁ କଟକ ଯିବା ରାସ୍ତାରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ବସ୍ ସତ୍‌ସଙ୍ଗ ବିହାର ଓଭରବ୍ରିଜ୍ ଉପରକୁ ଉଠିବା ପାଇଁ ଖଣ୍ଡଗିରି ପଟୁ କିଛି ସମୟ ପାଇଁ ଗାଡ଼ି ଚଳାଚଳ ବନ୍ଦ କରିଦିଆଯାଇଥିଲା। ଓଭରବ୍ରିଜ ଉପରେ ଦର୍ଶକମାନେ ଛିଡ଼ା ହୋଇ ଭିଡ଼ ଜମାଇଥିଲେ। ବସ୍‌ର ଆଗ, ପଛ ଓ ପାର୍ଶ୍ୱରେ ଏସ୍କର୍ଟ ଭ୍ୟାନ ରହିଥିଲା। ରସୁଲଗଡ଼, ପଳାଶୁଣୀ ଆଦି ଛକରେ ବ୍ୟାରିକେଡ୍ କରାଯାଇଥିଲା। ଦକ୍ଷିଣ ଆଫ୍ରିକା ଟିମ୍ ଅଭ୍ୟାସ ସାରି ପ୍ରାୟ ୩ଟା ୧୫ରେ ହୋଟେଲକୁ ଆସିଥିଲା। ପ୍ରାୟ ୪ଟା ବେଳେ ଭାରତୀୟ ଖେଳାଳିଙ୍କ ବସ୍ ହୋଟେଲରୁ ବାରବାଟୀ ଅଭିମୁଖେ ବାହାରିଥିଲା। ହେଲେ ଏହା ପୂର୍ବରୁ ଭିଡ଼ ସୃଷ୍ଟି ହୋଇଥିଲା। କିଛି ସମୟ ପାଇଁ ରସୁଲଗଡ, ବାଣୀବିହାର ଓ ଆଚାର୍ଯ୍ୟବିହାର ଆଦି ରାସ୍ତାରେ ଟ୍ରାଫିକ୍ ଜାମ ହୋଇଥିଲା। ଜାତୀୟ ରାଜପଥକୁ ଲାଗି ରହିଥିବା ରାସ୍ତାରେ ମଧ୍ୟ ଭିଡ଼ ସୃଷ୍ଟି ହୋଇଥିଲା। ରାତି ପ୍ରାୟ ୮ଟାରେ ଅଭ୍ୟାସ ସାରି ଭାରତୀୟ ଟିମ୍ ହୋଟେଲ ଫେରିଥିଲା।




**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୧୧।୬।୨୦୨୨

| ୮,୨୬,୧୦୮ ଟଙ୍କା | |
|---|---|
| ସୁନା | ୧୫୦ ମିଲି ଗ୍ରାମ |
| ରୁପା | ୩ ଗ୍ରାମ |

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ରାଷ୍ଟ୍ର ସେବିକା ସମିତି, ପୁରୀ ବିଭାଗ ପକ୍ଷରୁ ଶାରୀରିକ କାର୍ଯ୍ୟକ୍ରମ ପ୍ରଦର୍ଶନ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ୟୁନିଟ୍-୮, ସକାଳ ୭ଟା ୩୦।
- ଜାତୀୟସ୍ତରୀୟ ବିଶାଳ ହସ୍ତଶିଳ୍ପ ପ୍ରଦର୍ଶନୀ, ଏକାମ୍ର ହାଟ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା।
- ଭାବ ଉତ୍ତରଣ ସାହିତ୍ୟ ପରିଷଦର ବାର୍ଷିକ ଉତ୍ସବ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୦ଟା।
- ତ୍ରିଭଙ୍ଗ କଳା ନିକେତନ ପକ୍ଷରୁ ଭାରତ କଳା ସଂସ୍କୃତି ଆୱାର୍ଡ-୨୦୨୨, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ଅଲ୍ ଓଡ଼ିଶା ମିନି ଟ୍ରକ ଓନର୍ ଆସୋସିଏଶନ ପକ୍ଷରୁ ଓଡ଼ିଶା ମୋ ପରିବାର-ଜୀବନ ବିନ୍ଦୁ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ବ୍ୟାସକବି ଫକୀରମୋହନ ସ୍ମୃତି ସଂସଦ ଆନୁକୂଲ୍ୟରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ୧୦୪ତମ ଶ୍ରାଦ୍ଧ ବାର୍ଷିକୀ ସମାରୋହ, ପୂର୍ବାହ୍ନ ୧୧ଟା ୩୦।
- ନୃତ୍ୟ ପ୍ରତିଭା ପକ୍ଷରୁ ୧୦ମ ରଜ ପ୍ରତିଭା ଉତ୍ସବ, ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୩ଟା।
- ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ କବିସନ୍ଧି, ବୁଦ୍ଧ ମନ୍ଦିର, ୟୁନିଟ୍-୪, ଟ୍ରାଫିକ ଛକ, ସନ୍ଧ୍ୟା ୬ଟା।
- ଶତାବ୍ଦୀର କଳାକାର ପକ୍ଷରୁ ସେମାନେ ଶୃଗାଳ, ବିଜୁ ନାଟ୍ୟକେନ୍ଦ୍ର, ନୟାପଲ୍ଲୀ, ସନ୍ଧ୍ୟା ୭ଟା।

**କଟକ**

- କବି ନନ୍ଦକିଶୋର ସାମଲଙ୍କ ୯୮ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।

**ପୁରୀ**

- ରାଷ୍ଟ୍ର ସେବିକା ସମିତି, ପୁରୀ ବିଭାଗ ପକ୍ଷରୁ ଶାରୀରିକ କାର୍ଯ୍ୟକ୍ରମ ପ୍ରଦର୍ଶନ, ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, ୟୁନିଟ୍-୮, ସକାଳ ୭ଟା ୩୦।

**ବାଲିଅନ୍ତା**

- ପିକକ୍ ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଶ୍ରମିକ ନିରୋଧୀ ଦିବସ ପାଳନ, ସତ୍ୟଭାମାପୁର ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହ, ଅପରାହ୍ନ ୩ଟା।

# ବିଶ୍ୱବିଦ୍ୟାଳୟ ନିଯୁକ୍ତିରେ ସଂରକ୍ଷଣ ନିୟମ ଉଲ୍ଲଂଘନ

**ଭୁବନେଶ୍ୱର,୧୧।୬(ବ୍ୟୁରୋ)**

ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଅର୍ଥନୀତି ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ଆଇନର ଉଲ୍ଲଂଘନ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ହାଇକୋର୍ଟରେ ଏକ ରିଟ୍ ପିଟିଶନ ଦାଖଲ ହୋଇଛି। ହାଇକୋର୍ଟ ଏହାକୁ ଗ୍ରହଣ କରିବା ସହ ଜୁଲାଇ ୧୪କୁ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି। ଅର୍ଥନୀତି ବିଭାଗରେ ମୋଟ ୨୪ଜଣ ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ନିଯୁକ୍ତି ଦେବା ପାଇଁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି)ଙ୍କୁ ଅନୁରୋଧ କରାଯାଇଥିଲା। ଏଥିମଧ୍ୟରୁ ୭ଟି ଅଣସଂରକ୍ଷିତ ପଦବୀ ଥିବାବେଳେ ୪ ଅଣସଂରକ୍ଷିତ ମହିଳା, ୨ ଏସ୍‌ଇବିସି, ୪ ଅନୁସୂଚିତ ଜାତି ଏବଂ ୭ଟି ଅନୁସୂଚିତ ଉପଜାତି ବର୍ଗ ପାଇଁ ସଂରକ୍ଷିତ ରହିଥିଲା। ବିଶ୍ୱବିଦ୍ୟାଳୟର ବିଭିନ୍ନ ପଦବୀ ପାଇଁ ଓପିଏସ୍‌ସି ବିଜ୍ଞାପନ ପ୍ରକାଶ କରିବା ସହ ଏକ ସ୍ୱଚ୍ଛ ପ୍ରକ୍ରିୟାରେ ୨୧ଜଣ ପ୍ରାର୍ଥୀଙ୍କୁ ଚୟନ କରିଥିଲେ। ଏଥି ମଧ୍ୟରୁ ୭ଜଣ ଅଣସଂରକ୍ଷିତ, ୪ଜଣ ଅଣସଂରକ୍ଷିତ-ମହିଳା, ୨ଜଣ ଏସ୍‌ଇବିସି, ୨ ଜଣ ଅନୁସୂଚିତ ଜାତି ଏବଂ ୬ ଜଣ ଅନୁସୂଚିତ ଉପଜାତି ବର୍ଗରେ ଚୟନ ହୋଇଥିଲେ। ଏମାନଙ୍କୁ ଉଚ୍ଚ ଶିକ୍ଷା ବିଭାଗ ତରଫରୁ ବିଶ୍ୱବିଦ୍ୟାଳୟ ଆବଣ୍ଟନ କରାଗଲା। କିନ୍ତୁ ଯେଉଁମାନେ ଯେଉଁ ବର୍ଗରେ ମନୋନୀତ ହୋଇଥିଲେ ସେଥିରେ ସେମାନଙ୍କୁ ନିଯୁକ୍ତି ଦିଆଯାଇ ନ ଥିବା ଉକ୍ତ ରିଟ୍ ପିଟିଶନରେ ଉଲ୍ଲେଖ କରାଯାଇଛି।

ଆବେଦନକାରୀ ଡ. ବିଭୁନନ୍ଦିନୀ ଦାସ ତାଙ୍କ ପିଟିଶନରେ ଦର୍ଶାଇଛନ୍ତି ଯେ, ସେ ଅଣସଂରକ୍ଷିତ ମହିଳା ବର୍ଗରେ ଓପିଏସ୍‌ସିଙ୍କ ଦ୍ୱାରା ଚୟନ ହୋଇଛନ୍ତି। କିନ୍ତୁ ଉଚ୍ଚ ଶିକ୍ଷା ବିଭାଗ ବିଶ୍ୱବିଦ୍ୟାଳୟ ଆବଣ୍ଟନବେଳେ ତାଙ୍କୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଏକ ଅଣସଂରକ୍ଷିତ ପଦବୀରେ ନିଯୁକ୍ତି ଦେଇଛନ୍ତି। ସେହିପରି ଅନ୍ୟ କେତେଜଣ ପ୍ରାର୍ଥୀ ଅଣସଂରକ୍ଷିତ ବର୍ଗରେ ଚୟନ ହୋଇଥିଲେ ମଧ୍ୟ

**ହାଇକୋର୍ଟରେ ମାମଲା, ଜୁଲାଇ ୧୪ରେ ଶୁଣାଣି**

ସେମାନଙ୍କୁ ଏସ୍‌ଇବିସି ବର୍ଗରେ ଖାଲିଥିବା ପଦବୀରେ ନିଯୁକ୍ତି ଦିଆଯାଇଛି। ଏହା ସଂରକ୍ଷଣ ନିୟମର ବିରୁଦ୍ଧାଚରଣ କରୁଛି। ସେହିପରି ପ୍ରତ୍ୟେକ ବିଶ୍ୱବିଦ୍ୟାଳୟ ଏକ ସ୍ୱାଧୀନ ଏବଂ ସ୍ୱତନ୍ତ୍ର ଅନୁଷ୍ଠାନ ହୋଇଥିବାରୁ ଏଠାରେ କେନ୍ଦ୍ରୀୟ ଲୋକ ସେବା ଆୟୋଗ (ୟୁପିଏସ୍‌ସି) ଙ୍କ କ୍ୟାଡର ନୀତି ଲାଗୁ ହୋଇପାରିବ ନାହିଁ। ଆର୍. କେ. ସଭରୱାଲ ଏବଂ ପଞ୍ଜାବ ସରକାରଙ୍କ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ୧୯୯୫ ମସିହାର ଶୁଣାଣି ଅନୁସାରେ ପଦବୀଭିତ୍ତିକ ସଂରକ୍ଷଣ ନୀତି ଲାଗୁ ହେବା କଥା। ଏହି ନୀତି ଅନୁସାରେ ଯେଉଁ ପ୍ରାର୍ଥୀ ଯେଉଁ ବର୍ଗରେ ଚୟନ ହୋଇଛନ୍ତି ସେହି ପ୍ରାର୍ଥୀ କେବଳ ସେହି ବର୍ଗରେ ହିଁ ନିଯୁକ୍ତି ପାଇବେ। ପୁଣି ଯେଉଁ ପଦବୀ ଯେଉଁ ବର୍ଗ ପାଇଁ ପ୍ରଯୁଜ୍ୟ ସେଠାରେ ସେହି ବର୍ଗରେ ଚୟନ ହୋଇଥିବା ପ୍ରାର୍ଥୀ ହିଁ ନିଯୁକ୍ତ ହୋଇପାରିବେ। ଏଠାରେ ତାହାକୁ ଗୁରୁତ୍ୱ ଦିଆଯାଇନାହିଁ। ଏଥିସହ ଉଚ୍ଚ ଶିକ୍ଷା ବିଭାଗ ଆଉ ଏକ ନିୟମ ଉଲ୍ଲଂଘନ କରିଥିବା ସେ ଦର୍ଶାଇଛନ୍ତି। ଅନ୍‌ଲାଇନ୍ ଦରଖାସ୍ତ ଦାଖଲ ପରେ ପ୍ରାର୍ଥୀମାନେ ସେମାନଙ୍କ ବିଶ୍ୱବିଦ୍ୟାଳୟ ପସନ୍ଦ ପରିବର୍ତ୍ତନ କରିବାର କୌଣସି ସୁଯୋଗ ନ ଥିଲା। କିନ୍ତୁ ଚୟନ ପ୍ରାର୍ଥୀଙ୍କ ସୂଚୀ ପ୍ରକାଶ ପରେ ୧୦ ନଂ. କ୍ରମରେ ଥିବା ଜଣେ ପ୍ରାର୍ଥୀଙ୍କୁ ଇମେଲ୍ ଓ ଫୋନ ମାଧ୍ୟମରେ ତାଙ୍କର ପସନ୍ଦ ପରିବର୍ତ୍ତନ କରିବାକୁ ଦିଆଗଲା। ତାଙ୍କ ବଦଳରେ ୧୩ ନଂ. କ୍ରମରେ ଥିବା ଆଉ ଜଣେ ପ୍ରାର୍ଥୀଙ୍କୁ ଅବସ୍ଥାପିତ କରାଗଲା। ଉଚ୍ଚ ଶିକ୍ଷା ବିଭାଗ ତରଫରୁ କୌଣସି ସାର୍ବଜନୀନ ବିଜ୍ଞାପନ ପ୍ରକାଶ କରା ନ ଯାଇ କେବଳ ଜଣେ ପ୍ରାର୍ଥୀଙ୍କୁ ଏହିପରି ସୁଯୋଗ କିପରି ଦିଆଗଲା ବୋଲି ଡ. ଦାସ ଅଭିଯୋଗରେ ପ୍ରଶ୍ନ ଉଠାଇଛନ୍ତି।

# ନବବଧୂ ହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

**ଟାଙ୍ଗୀ(ଖୋର୍ଦ୍ଧା),୧୧।୬(ଡି.ଏନ୍.ଏ.)**

ଫେସ୍‌ବୁକ୍‌ରେ ପ୍ରେମ। ଆଉ ବିବାହର ୩ ମାସ ପରେ ଯୌତୁକ ପାଇଁ ଜଣେ ବଧୂଙ୍କୁ ହତ୍ୟା କରାଯାଇଥିବା ନେଇ ଟାଙ୍ଗୀ ଥାନାରେ ଅଭିଯୋଗ ହୋଇଛି। ମୃତା ହେଲେ ପିଙ୍କି ବେହେରା। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଶନିବାର ଥାନାରେ ମାମଲା (ନଂ.୨୯୦/୨୨)ରୁଜୁ ପରେ ପୋଲିସ ମୃତାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ମଙ୍ଗଳାଯୋଡ଼ି ଗ୍ରାମର ଦୀପକ ବେହେରା। ସୂଚନା ମୁତାବକ, ମଙ୍ଗଳାଯୋଡ଼ି ଗ୍ରାମର ଦୀପକଙ୍କ ସହିତ କଣାସ ଥାନା ଅନ୍ତର୍ଗତ ଅଁଳାଯୋଡ଼ି ଗ୍ରାମର ପିଙ୍କିଙ୍କ ଫେସବୁକ୍‌ରେ ପ୍ରେମସମ୍ପର୍କ ଗଢ଼ିଉଠିଥିଲା। ପରେ ଉଭୟଙ୍କର ବିବାହ ହୋଇଥିଲା। ତେବେ ବିବାହର କିଛିଦିନ ପରେ ଯୌତୁକ ପାଇଁ ଶାଶୁଘର ଲୋକେ ପିଙ୍କିଙ୍କୁ ନିର୍ଯାତନା ଦେଇଆସୁଥିଲେ। ଶୁକ୍ରବାର ରାତିରେ ପିଙ୍କିଙ୍କ ମୃତ୍ୟୁ ହୋଇଥିବା ନେଇ ବାପଘର ଲୋକେ ଜାଣିବାକୁ ପାଇଥିଲେ। ଏହାପରେ ଘଟଣାସ୍ଥଳରେ ମା'ବାପା ପହଞ୍ଚିବା ସହ ତାଙ୍କ ଝିଅକୁ ମାରିଦିଆଯାଇଛି ବୋଲି ଥାନାରେ ଅଭିଯୋଗ କରିଥିଲେ। ଖବର ପାଇ ଶନିବାର ପୋଲିସ, ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଚଳାଇଛନ୍ତି।

# ମହିଳାଙ୍କୁ ତହସିଲ କର୍ମଚାରୀଙ୍କ ଅସଦାଚରଣ

**ବୋଲଗଡ଼,୧୧।୬(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ଼ ତହସିଲର ଜଣେ କର୍ମଚାରୀ ଜମିପଟ୍ଟା ଦେବା ଆଳରେ ଜଣେ ମହିଳାଙ୍କୁ ଅସଦାଚରଣ କରିଥିବା ନେଇ ଅଭିଯୋଗ ହୋଇଛି। ବୋଲଗଡ଼ ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ଏହି ଥାନା ଅଞ୍ଚଳର ଜଣେ ମହିଳା ୨୦୧୩ ମସିହାରେ ଛାଡ଼ପତ୍ର ପରେ ବାପଘରେ ରହିଆସୁଥିଲେ। ମା'ବାପାଙ୍କ ମୃତ୍ୟୁ ପରେ ମହିଳା ଜଣଙ୍କ ୨୦୨୦ରେ ପୈତୃକ ସମ୍ପତ୍ତିକୁ ନିଜ ନାମରେ ପଞ୍ଜୀକୃତ କରିବା ପାଇଁ ତହସିଲ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ଉକ୍ତ ସମୟରେ କେତେଜଣ କର୍ମଚାରୀ ସମ୍ପତ୍ତି କରାଇଦେବା ପାଇଁ ୨୦ ହଜାର ଟଙ୍କା ନେଇଥିଲେ। ଗତ ୧୩ ଜାନୁୟାରୀରେ ମହିଳା ଜଣଙ୍କ ପଟ୍ଟାରେ ଭୁଲ୍ ଥିବା ଜାଣିବାକୁ ପାଇଥିଲେ। ସେଥିରେ ତାଙ୍କ ବାପାଙ୍କ ନାମ ସ୍ଥାନରେ ସ୍ୱାମୀଙ୍କ ନାଁ ରହିଥିବାରୁ ସଂଶୋଧନ ପାଇଁ ଆବେଦନ କରିଥିଲେ। ଗତ ମାର୍ଚ୍ଚରେ ସେ ଏନେଇ ତହସିଲ କାର୍ଯ୍ୟାଳୟ ଯାଇଥିବା ବେଳେ ତହସିଲ କାର୍ଯ୍ୟାଳୟର ଜଣେ କର୍ମଚାରୀ ତାଙ୍କୁ ପଟ୍ଟା ଦେବା ଆଳରେ ତହସିଲ ପଛପଟ ସରକାରୀ ବାସଭବନକୁ ଡକାଇ ଅସଦାଚରଣ କରିଥିଲେ। ଏନେଇ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିବା ସହ ଅସଦାଚରଣ ସମୟର ଏକ ଅଡିଓ ରେକର୍ଡ ଦାଖଲ କରିଛନ୍ତି।



ପୁରୀ ରଥଖଳାରେ ନନ୍ଦିଘୋଷ ରଥର ଫାଟି ଯାଇଥିବା ଅଖ ବଦଳାଯାଇ ନୂତନ ଅଖକୁ ଚକ ସହ ସଂଯୋଗ କରାଯାଉଛି।

# ନନ୍ଦିଘୋଷ ରଥ ଚକର ଅଖ ବଦଳିଲା

**ପୁରୀ ଅଫିସ,୧୧।୬**

ନନ୍ଦିଘୋଷ ରଥର ସାନ ଉଛଳା ତଥା ପଛ ବ୍ରେକ ଚକର ଅଖରେ ଫାଟ ଦେଖାଯିବା ପରେ ଏହାକୁ ବଦଳି କରାଯାଇଛି। ଶୁକ୍ରବାର ନନ୍ଦିଘୋଷ ରଥର କଣ୍ଟା ବାଡାଇବା ସମୟରେ ଅଖରେ ଫାଟ ଦେଖାଦେଇଥିବାରୁ ଓଝା ସେବକମାନେ ଅଖ, ଦଣ୍ଡା, କୁଡୁକାକୁ ବାନ୍ଧି ରଖିବା ପାଇଁ କ୍ଲାମ୍ପ ଲଗାଇଥିଲେ। ଏହା ପ୍ରଶାସନର ଦୃଷ୍ଟିକୁ ଆସିବାରେ ରଥ ନିର୍ମାଣ ଯାଞ୍ଚ ବା ଟେକ୍ନିକାଲ କମିଟି ରିପୋର୍ଟ ଦେବାପରେ ରଥ ନିର୍ମାଣ ଏକ୍ସପର୍ଟ କମିଟି ଅନୁଧ୍ୟାନ କରି ନନ୍ଦିଘୋଷ ରଥର ଫାଟିଥିବା ସାନ ଉଛଳା ବା ପଛ ବ୍ରେକ ଅଖ ବଦଳାଯିବା ଆବଶ୍ୟକ ବୋଲି ଅନୁଭବ କରିଥିଲେ। ରଥଯାତ୍ରା ସମୟରେ ଏହି ଅଖ ସମସ୍ୟା ସୃଷ୍ଟି କରିବା ଆଶଙ୍କା

**ରଥ ନିର୍ମାଣ ଏକ୍ସପର୍ଟ କମିଟି ଅନୁଧ୍ୟାନ କରିଥିଲା**

ଥିବାରୁ ଏହାକୁ ବଦଳାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଫଳରେ ନନ୍ଦିଘୋଷ ରଥର ପଛ ବ୍ରେକ୍ ଚକର ଅଖକୁ ସମ୍ପୂର୍ଣ୍ଣ ବଦଳାଯାଇଛି। ବୈଷୟିକ ଟିମ୍, ମହାରଣା ସେବକ, ଭୋଇ ସେବକ, ଓଝା ବେସକ, ରେଳ କର୍ମଚାରୀ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ କାର୍ଯ୍ୟ ସମ୍ପନ୍ନ କରାଯାଇଛି। ଫାଟ ସୃଷ୍ଟି ହୋଇଥିବା ଅଖକୁ ମେଶିନ ସାହାଯ୍ୟରେ ବାହାର କରାଯାଇ ନୂତନ ଅଖକୁ ଚକ ସହ ସଂଯୋଗ କରାଯାଇଛି। ଶୁକ୍ରବାର ନନ୍ଦିଘୋଷ ରଥର ମୁଖ୍ୟ ମହାରଣା ବିଜୟ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନୂଆ ଅଖ ତିଆରି କରାଯାଇଥିଲା। ପରେ ବିଳମ୍ବିତ ରାତିରେ ରାସ୍ତାକୁ ଭାଇବ୍ରେଟର ସାହାଯ୍ୟରେ ଖୋଳାଯାଇ ଫାଟ ଥିବା ଅଖକୁ କଢ଼ାଯାଇ ନୂତନ ଅଖ ଲଗାଯାଇଛି। ପୂର୍ବତଟ ରେଳବାଇର ମେକାନିକାଲ ଟିମ୍ ସହାୟତାରେ ଜ୍ୟାକ ଲଗାଯାଇ ଦୁଇ ଚକ ତଳ ରାସ୍ତାକୁ ଖନନ କରାଯାଇଥିଲା। ପରେ ଦୁଇ ଚକ ଓ ଭାଙ୍ଗିଯାଇଥିବା ଅଖ ବାହାର କରାଯାଇ ପ୍ରସ୍ତୁତ ହୋଇଥିବା ନୂତନ ଅଖ ସହ ଚକ ସଂଯୋଗ କରାଯାଇଥିଲା। ପରେ ଅଖ, ଦଣ୍ଡା, କୁଡୁକାକୁ ବାନ୍ଧି ରଖିବା ପାଇଁ କଣ୍ଟା ପିଟାଯାଇଥିଲା। ଏହି ଅଖ ପରିବର୍ତ୍ତନ ଯୋଗୁ ଶନିବାର ରଥ ନିର୍ମାଣ କାର୍ଯ୍ୟ ସାମାନ୍ୟ ବାଧାପ୍ରାପ୍ତ ହୋଇଥିଲା। ତେବେ ରଥ ପ୍ରତି ଆଉ ବିପଦ ନ ଥିବା ମହାରଣା ଓ ରେଲୱେ ବୈଷୟିକ ଟିମ୍ ପକ୍ଷରୁ କୁହାଯାଇଛି।

# ମହାପ୍ରଭୁଙ୍କ ଜଳକ୍ରୀଡ଼ା ନୀତି ସମ୍ପନ୍ନ

**ପୁରୀ ଅଫିସ,୧୧।୬**

ରୁକ୍ମିଣୀ ହରଣ ଏକାଦଶୀ ଶନିବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଚଳିତବର୍ଷର ଚତୁର୍ଥ ତଥା ଶେଷ ଜଳକ୍ରୀଡ଼ା ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରର ଦ୍ୱାରଫିଟା ହୋଇ ମହାପ୍ରଭୁଙ୍କ ମଙ୍ଗଳ ଆଳତି, ମଇଲମ, ଅବକାଶ ପୂଜା ପରେ ଅନ୍ୟାନ୍ୟ ନୀତି ହୋଇ ଆଳଟ ଲାଗି, ଚନ୍ଦନ ଲାଗି ପରେ ବେଶ ବଢିଥିଲା। ପରେ ମହାପ୍ରଭୁଙ୍କ ଯାତ ଭୋଗ ଅନୁଷ୍ଠିତ ହୋଇଥିଲା। ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କ ପରିବର୍ତ୍ତେ ଦୋଳଗୋବିନ୍ଦ ଆଜ୍ଞାମାଳ ପାଇ ମହାଜନ ସେବକଙ୍କ ହାତରେ ପାଲିଙ୍କିକୁ ବିଜେ ହୋଇଥିଲେ। ପରେ ଶ୍ରୀମନ୍ଦିର ପରିସରରେ ଥିବା ରୋହିଣୀ କୁଣ୍ଡ ନିକଟସ୍ଥ ଜଳକ୍ରୀଡ଼ା ମଣ୍ଡପକୁ ବିଜେ କରିଥିଲେ। ମଣ୍ଡପରେ ଥିବା ଜଳକୁଣ୍ଡରେ ଦୋଳଗୋବିନ୍ଦ ବିଜେ କରିଥିଲେ। ପରେ ମୁଦିରସ୍ତ ଠାକୁରଙ୍କୁ ପ୍ରସାଦ ଲାଗି କରିଥିଲେ। ପରେ ଚନ୍ଦନପାଣି ପିଚିକାରି ନୀତି ବଢିଥିଲା। ନୀତି ସମ୍ପନ୍ନ ପରେ ଠାକୁର ଓ ଠାକୁରାଣୀଙ୍କ ନିକଟରେ ପଞ୍ଚ ଉପଚାରରେ ଶୀତଳ ଭୋଗ ମଣୋହି କରାଯାଇଥିଲା। ଭୋଗ ପରେ ଠାକୁରଙ୍କୁ ଜଳରୁ ଅଣାଯାଇ ଶ୍ରୀଅଙ୍ଗ ପୋଛାଯିବା ସହ ମଇଲମ କରାଯାଇ ମାଳଫୁଲ ଲାଗି ବେଶ ବଢିଥିଲା। ପରେ ବନ୍ଦାପନା ହୋଇ ଠାକୁର ପାଲିଙ୍କିରେ ବିଜେ ହୋଇ ବାହୁଡିଥିଲେ। ଏହାପରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ହୋଇଥିଲା। ତେବେ ଭିତର ଚନ୍ଦନବେଳେ ଜଳକ୍ରୀଡ଼ା ମଣ୍ଡପରେ ୪ଥର ମହାପ୍ରଭୁଙ୍କ ଜଳକ୍ରୀଡା ନୀତି ହୋଇଥାଏ।

# ରଥରେ ପଡ଼ିଲା ଛନ୍ଦା ଗୟଳ



ରୂପକାର ସେବକମାନେ ନାଟଗୋଡ ଖୋଦେଇ କରୁଛନ୍ତି।

**ପୁରୀ ଅଫିସ,୧୧।୬**

ଶ୍ରୀନହରସ୍ଥିତ ଅସ୍ଥାୟୀ ରଥଖଳାରେ ଶନିବାର ସୁଦ୍ଧା ତାଳଧ୍ୱଜ ରଥ ଏବଂ ନନ୍ଦିଘୋଷ ରଥର ଉଭୟ ପାର୍ଶ୍ୱରେ ତିନିଟି ଲେଖାଏ ୬ଟି ଗୟଳ ପଡି ଉଭୟ ପାର୍ଶ୍ୱରେ ଦୁଇଟି ଲେଖାଏ ଛନ୍ଦା ଗୟଳ ପଡ଼ିଛି। ସେହିପରି ଦେବଦଳନ ରଥର ଉଭୟ ପାର୍ଶ୍ୱରେ ୨ଟି ଲେଖାଏ ପୋଲ-ଗୟଳ ପଡି ୨ଟି ଲେଖାଁଏ ଛନ୍ଦା ଗୟଳ ପଡ଼ିଛି (ଏହି ଛନ୍ଦା ଗୟଳ ରଥର ଦୁଇପାର୍ଶ୍ୱ ନିରାଡ଼ି ସହ ସଂଯୋଗ ହୋଇ ଦଣ୍ଡା ଉପରୁ ଖମ୍ବୀ ବା ଟାଣ ଦିଆଯାଇ ଛନ୍ଦା ଗୟଳ ସହ ସଂଯୋଗ ହୋଇଛି)। ତିନିରଥର ଦୁଇଟି ଲେଖାଏ ଧୂଳି ଦଣ୍ଡା ନିର୍ମାଣ ସହ ୫ଟି ଲେଖାଏ ଶେଣୀ ଚଉପଟ ଶେଷ ହୋଉଛି। ନନ୍ଦିଘୋଷ ରଥର ତ୍ରୁଟି ଥିବା

**ରଥ ଖଳାରୁ...**

ବ୍ରେକ ଅଖ ବଦଳାଯାଇଛି। ତିନିରଥର ରୂପକାର ସେବକମାନେ ତିନିରଥର ୬ଟି ନାଟ ଗୋଡରେ ଗନ୍ଧର୍ବ ରୂପ ଖୋଦେଇ ଶେଷକରି ଆଉ ୨ଟି ଲେଖାଏ ନାଟ ଗୋଡ଼ରେ ଗନ୍ଧର୍ବ ରୂପ ଖୋଦେଇ ଜାରି ରଖିବା ସହ ତିନିରଥର ଗୋଟିଏ ଲେଖାଁଏ ସିଂହାସନରେ କୁମ୍ଭ, ଡାଳି ଲତା ଏବଂ ପଦ୍ମପାଖୁଡ଼ା ଖୋଦେଇ ଶେଷ କରି ପଲିସ୍ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦି ଅସ୍ଥାୟୀ କମାରଶାଳରେ ତିନିରଥର କମାର ସେବକମାନେ ତିନିରଥର ପୋଟଳ ପାଇଁ ଗୋଡି ଛାଲ କଣ୍ଟା ନିର୍ମାଣ ସହ ଭୂଇଁ ବିଡିଆ, ଆଗ ଅଗ ପାତେଳି ଏବଂ ଚଉରସ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

# ମଧ୍ୟପ୍ରଦେଶରୁ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୧।୬(ବ୍ୟୁରୋ)**

**କିଟି କ୍ୟାଶ୍ ନାଁରେ ଠକେଇ**

- ୭ ଦିନରେ ୧୦ ପ୍ରତିଶତ ସୁଧ ଦେବାକୁ କହି ଠକୁଥିଲେ
- ୧୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହରାଇବା ପରେ ହୋଇଥିଲା ଅଭିଯୋଗ
- ବିଭିନ୍ନ ଆକାଉଣ୍ଟରେ ଥିବା ୩୦ଲକ୍ଷ ଟଙ୍କା ଅଚଳ କଲା ପୋଲିସ

ଅଧିକ ସୁଧର ଲୋଭ ଦେଖାଇ କିଟି କ୍ୟାଶ୍ ଅନ୍‌ଲାଇନ୍ ଡଟ୍ କମ୍ ନାମରେ ବିଭିନ୍ନ ୱେବସାଇଟ ଓ ୟୁଟ୍ୟୁବରେ ଆକର୍ଷଣୀୟ ବିଜ୍ଞାପନ ଦିଆଯାଉଥିଲା। ଏହାକୁ ଦେଖି ସୁଧ କାରବାରରେ ପୁଞ୍ଜି ଖଟାଇବା ପାଇଁ ଆଗ୍ରହୀ ଜମାକାରୀ ଯୋଗାଯୋଗ କରିବା ପରେ ସେମାନଙ୍କୁ କିଟି କ୍ୟାଶ ଗ୍ରୁପ୍‌ରେ ମିଶାଯାଉଥିଲା। ପରେ ଜମାକାରୀଙ୍କୁ ଆକାଉଣ୍ଟ ଡିଟେଲ୍ସ ପଠାଇ ଉକ୍ତ ଆକାଉଣ୍ଟରେ ଟଙ୍କା ପଠାଇବାକୁ କହୁଥିଲେ। ଏପରି କି ଜମା ଟଙ୍କାର ସପ୍ତାହକୁ ୧୦ ପ୍ରତିଶତ ସୁଧ ଦେବାକୁ ପ୍ରଲୋଭନ ଦେଉଥିଲେ। ଅଧିକ ସୁଧର ପ୍ରଲୋଭନ ଦେଖାଇ ଜମାକାରୀଙ୍କ ବିଶ୍ୱାସ ଜନ୍ମାଇବା ନିମନ୍ତେ ପ୍ରତିଦିନ ଜୁମ ମିଟିଂ କରାଇବା ସହିତ ଗ୍ରାହକ ସେବା ପାଇଁ ଏକ ମୋବାଇଲ ନମ୍ବର ଉପଲବ୍ଧ କରାଇଥିଲେ। ହେଲେ ପରବର୍ତ୍ତୀ ସମୟରେ ସୁଧ କିମ୍ବା ମୂଳ ଜମା ଫେରାଉ ନ ଥିଲେ। ୧୧,୭୨,୮୦୫ ଟଙ୍କା ଠକେଇର ଶିକାର ହେବା ପରେ ଜଣେ ବ୍ୟକ୍ତି ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲା ସାଇବର ଏବଂ ଅର୍ଥନୈତିକ ଅପରାଧ ପୋଲିସ ଷ୍ଟେଶନରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୋଲିସ କିଟି କ୍ୟାଶ୍ ଡଟ୍ କମ୍ ଚଳାଉଥିବା ଅଭିଯୁକ୍ତଙ୍କୁ ମଧ୍ୟପ୍ରଦେଶରୁ ଗିରଫ କରିଛି। ଠକ ଜଣଙ୍କ ହେଲେ ଗୌରବ ବିଶ୍ୱକର୍ମା। ଏହି ମାମଲାରେ ସାଇବର ପୋଲିସ କିଟି କ୍ୟାଶ ଗ୍ରୁପର ବିଭିନ୍ନ ଆକାଉଣ୍ଟରେ ଥିବା ପାଖାପାଖି ୩୦ଲକ୍ଷ ଟଙ୍କା ଅଚଳ କରିଛି। ଏଥିସହ ଏହି ର୍‍ୟାକେଟରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ସହ ଏହାର ମୁଖ୍ୟ ବାଲା ଅଗ୍ରୱାଲ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ବାଲା ତାଙ୍କ ସହଯୋଗୀଙ୍କ ସହିତ ଭିନ୍ନ ଭିନ୍ନ ସିମ୍ କାର୍ଡ, ବ୍ୟାଙ୍କ ଆକାଉଣ୍ଟ ଏବଂ ହ୍ୱାଟସ୍‌ଆପ ସହାୟତାରେ କିଟି କ୍ୟାଶ ଗ୍ରୁପ ମାଧ୍ୟମରେ ବହୁ ସାଧାରଣ ଲୋକଙ୍କୁ ଠକିଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଶୈଳଶ୍ରୀ ବିହାରର ରଞ୍ଜନ ସାହୁ ଅନ୍‌ଲାଇନ ପ୍ଲାଟଫର୍ମ କିଟି କ୍ୟାଶ ବିଷୟରେ ଜଣେ ବ୍ୟକ୍ତିଙ୍କ ଠାରୁ ଜାଣିବାକୁ ପାଇଥିଲେ। ଏପରି କି ଉକ୍ତ ସଂସ୍ଥାରେ ଟଙ୍କା ନିବେଶ କଲେ ୭ ଦିନରେ ୧୦ ପ୍ରତିଶତ ସୁଧ ମିଳିବ ବୋଲି ଜାଣିବା ପରେ ରଞ୍ଜନ କିଟି କ୍ୟାଶ ଅନ୍‌ଲାଇନ ଡଟ୍ କମ୍ ସାଇଟକୁ ଯାଇ ଆପ୍‌କୁ ଡାଉନଲୋଡ କରି ରେଜିଷ୍ଟ୍ରେଶନ କରିଥିଲେ। ପରେ ରଞ୍ଜନ ଏବଂ ତାଙ୍କ ସ୍ତ୍ରୀ ଠକଙ୍କ କଥାରେ ପଡ଼ି କିଟି କ୍ୟାଶ ଅନ୍‌ଲାଇନ ଡଟ୍ କମ୍ ଆକାଉଣ୍ଟରେ ୧୧ ଲକ୍ଷ ୭୨ ହଜାର ୮୦୫ ଟଙ୍କା ଜମା କରିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ କୌଣସି ସୁଧ ନ ଆସିବାରୁ ଠକାମିର ଶିକାର ହେବା ଜାଣି ସାଇବର ଥାନାରେ ଅଭିଯୋଗ କରିଥିଲେ।

# ସେନାପଟା, ବାହୁଟ ସେବା ଲାଗି ଶ୍ରୀକ୍ଷେତ୍ର ଗଲା ବଉଳକାଠ

**ସାକ୍ଷୀଗୋପାଳ,୧୧।୬(ଡି.ଏନ୍.ଏ.):**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେନାପଟା ଓ ବାହୁଟ ସେବା ନିମନ୍ତେ ଆବଶ୍ୟକ ବଉଳ କାଠ ଶଗଡ଼ିକୁ ସାକ୍ଷୀଗୋପାଳରୁ ଶ୍ରୀକ୍ଷେତ୍ର ପଠାଯାଇଛି। ସକାଳୁ ରଥ ନିର୍ମାଣ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ଶ୍ରୀମନ୍ଦିର ଭୋଇ ସେବକ ଓ ମନ୍ଦିର କର୍ମଚାରୀମାନେ ସାକ୍ଷୀଗୋପାଳରେ ପହଞ୍ଚିଥିଲେ। ସାକ୍ଷୀଗୋପାଳ ରତ୍ନଚିରା ନଦୀ ତଟସ୍ଥ ବାଳିଆଖିଆ ବଗିଚାରୁ ଚଳିତବର୍ଷ ଚିହ୍ନଟ ବଉଳ ବୃକ୍ଷକୁ ପୂଜାର୍ଚ୍ଚନା ପରେ ନିର୍ଦ୍ଧାରିତ ୮ ହାତ ଲମ୍ବ ୩ ଫୁଟ୍ ମାପରେ କଟାଯାଇ ଶଗଡ଼ି ଯୋଗେ ଶ୍ରୀକ୍ଷେତ୍ରକୁ ପଠାଯାଇଥିଲା। ଏହି ଉପଲକ୍ଷେ ସତ୍ୟବାଦୀ ସଂସ୍କୃତି ସୁରକ୍ଷା ମଞ୍ଚ ପକ୍ଷରୁ ଏକ ଆଧ୍ୟାତ୍ମିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ ପଣ୍ଡା ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ତହସିଲଦାର ଜୟନ୍ତ ଜୟସିଂ, ବିଡିଓ କ୍ଷୀରୋଦ ବେହେରା, ଆଇଆଇସି ବିଜୟ କେତନ ବେହେରା, ଉତ୍ତର ପାର୍ଶ୍ୱ ମଠର ମଠାଧୀଶ ମହନ୍ତ ନାରାୟଣ ରାମାନୁଜ ଦାସ, ଶ୍ରୀମନ୍ଦିର ରଥ ନିର୍ମାଣ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ ଉପସ୍ଥିତ ଥିଲେ। ସଂକୀର୍ତ୍ତନ ସହ ଶ୍ରଦ୍ଧାଳୁମାନେ କାଠ ଶଗଡ଼ିକୁ ସାକ୍ଷୀଗୋପାଳ ବଜାର ପରିକ୍ରମା କରିଥିଲେ। ଏହି ଅବସରରେ ସୁଧର୍ମା ମହାସଂଘ ଶ୍ରୀରାଧା ମଣ୍ଡଳ ସତ୍ୟବାଦୀ, ଭାଗବତ ବାସୁଦେବ ମହିଳା ସଂକୀର୍ତ୍ତନ ମଣ୍ଡଳୀ, ଚାରିଭାୟା ପଡ଼ା ଓ ଗୋପାଳଜୀଉ ସଂକୀର୍ତ୍ତନ ମଣ୍ଡଳୀ ଚାଷପଡ଼ା, ଜାତୀୟ ପାରାଆଥ୍‌ଲେଟ୍ ଜୟନ୍ତୀ ବେହେରା, ଭୋଇ ସର୍ଦ୍ଦାର ରବି ଭୋଇ, ଶଗଡ଼ିଆ ବାନାମ୍ବର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସତ୍ୟବାଦୀ ସାହିତ୍ୟ ସଂସଦ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷାବିତ୍ ଅଶୋକ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କବିତା ପାଠୋତ୍ସବରେ ସ୍ଥାନୀୟ କବୟିତ୍ରୀ ଓ କବି ବୃନ୍ଦ ଶ୍ରୀଜଗନ୍ନାଥ ଓ ସତ୍ୟବାଦୀ ସଂସ୍କୃତି ପରମ୍ପରା ଉପରେ ଆଧାରିତ କବିତା ପାଠ କରିଥିଲେ। ସତ୍ୟବାଦୀ ସେବା ଟ୍ରଷ୍ଟ ପକ୍ଷରୁ ଆଇନଜୀବୀ ସୁଶାନ୍ତ କୁମାର ରଥ ସିଦ୍ଧବକୁଳ ପୀଠରେ ବଉଳ ଚାରା ରୋପଣର ଆୟୋଜନ କରିଥିଲେ। ସତ୍ୟବାଦୀ ସଂସ୍କୃତି ସୁରକ୍ଷା ମଞ୍ଚର ସମ୍ପାଦକ କିଶୋର ଚନ୍ଦ୍ର ମହାପାତ୍ର, ସହ ସମ୍ପାଦକ ପ୍ରଶାନ୍ତ କୁମାର ବିଶ୍ୱାଳ ପ୍ରମୁଖ ସଦସ୍ୟ ବୃନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଇନଜୀବୀ ଅଞ୍ଜନ ହୋତା ସଂଯୋଜନା କରିଥିଲେ। ଡ. ଅଭିମନ୍ୟୁ ବରାଳ, କବି ଶଶିକାନ୍ତ ବିଶ୍ୱାଳ, ସରପଞ୍ଚ ଚିନ୍ମୟ ରାଉତ, ଗୁରୁକୁଳ ଆଥଲେଟ୍ ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ବନମାଳୀ ଉପସ୍ଥିତ ରହି ସହଯୋଗ କରିଥିଲେ।



ସତ୍ୟବାଦୀରୁ ଶ୍ରୀକ୍ଷେତ୍ର ଅଭିମୁଖେ ବାହାରିଥିବା ବଉଳ କାଠ ।

# ୨୨ ବିରୋଧୀ ନେତାଙ୍କୁ ଚିଠି ଲେଖିଲେ ମମତା

ନୂଆଦିଲ୍ଲୀ,୧୧।୬

ସଦ୍ୟସମାପ୍ତ ରାଜ୍ୟ ସଭା ନିର୍ବାଚନ ଫଳାଫଳରୁ ବିରୋଧୀ ଦଳଗୁଡ଼ିକ ମଧ୍ୟରେ ସମନ୍ୱୟର ଅଭାବ ସ୍ପଷ୍ଟ ହୋଇଛି। ଆଗାମୀ ରାଷ୍ଟ୍ରପତି ନିର୍ବାଚନକୁ ଦୃଷ୍ଟିରେ ରଖି ମିଳିତ ରଣନୀତି ପ୍ରସ୍ତୁତି ନିମନ୍ତେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀ ଶନିବାର ସମସ୍ତ ଅଣଭାଜପା ମୁଖ୍ୟମନ୍ତ୍ରୀ ଓ ଅନ୍ୟ ବିରୋଧୀ ଦଳ ନେତାମାନଙ୍କ ବୈଠକ ଡାକିଛନ୍ତି। ଜୁନ୍ ୧୫ରେ ମିଳିତ ବିରୋଧୀ ଦଳ ବୈଠକ ଅନୁଷ୍ଠିତ ହେବ। ସମସ୍ତ ବିରୋଧୀ ଦଳକୁ ଏକାଠି କରି ଭାରତୀୟ ରାଜନୀତିର ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିବା ଲାଗି ରାଷ୍ଟ୍ରପତି ନିର୍ବାଚନ ସବୁଠୁ ଭଲ ସୁଯୋଗ ବୋଲି ମମତା ତାଙ୍କ ପତ୍ରରେ ଲେଖିଛନ୍ତି। ସମ୍ପ୍ରତି ଦେଶର ଗଣତନ୍ତ୍ର ଖରାପ ସମୟ ଦେଇ ଯାଉଛି। ତେଣୁ ବିରୋଧୀ ଦଳଗୁଡ଼ିକର ଫଳପ୍ରଦ ମିଳିତ ସ୍ୱର ସମୟର ଆବଶ୍ୟକତା ବୋଲି ସେ ବିଶ୍ୱାସ କରୁଥିବା କହିଛନ୍ତି।

ମମତା ୨୨ ଜଣ ବିରୋଧୀ ନେତା ଓ ଅଣଭାଜପା ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ, ପଞ୍ଜାବ ମୁଖ୍ୟମନ୍ତ୍ରୀ



ଭଗୱନ୍ତ ମାନ୍, ଆର୍‌ଜେଡି ଅଧ୍ୟକ୍ଷ ଲାଲୁ ଯାଦବ, ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା, ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ, ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର, ଆର୍‌ଏଲ୍‌ଡି ରାଷ୍ଟ୍ରୀୟ ଅଧ୍ୟକ୍ଷ

## ରାଷ୍ଟ୍ରପତି ନିର୍ବାଚନ ପାଇଁ ୧୫ରେ ମିଳିତ ବୈଠକ

ଜୟନ୍ତ ଚୌଧରୀ, କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ, ଏମ୍‌ପି ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି ଦେବେଗୌଡ଼ା, ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବଦୁଲା, ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତି, ଶିରୋମଣି ଅକାଳୀ ଦଳ ନେତା ସୁଖବୀର ସିଂ ବାଦଲ, ସିକିମ୍ ଡେମୋକ୍ରାଟିକ୍ ଫ୍ରଣ୍ଟ ଅଧ୍ୟକ୍ଷ ପୱନ ଚାମଲିଙ୍ଗ୍ ଏବଂ ଆଇୟୁଏମ୍‌ଏଲ୍ ଅଧ୍ୟକ୍ଷ କେ.ଏମ୍. କାଦର ମୋହିଦ୍ଦିନ୍।

ରାଜ୍ୟ ସଭାର ୫୭ ଆସନ ଲାଗି ହୋଇଥିବା ନିର୍ବାଚନରେ ଭାଜପା ୨୪ ଆସନରୁ ମାତ୍ର ୨୦ଟିରେ ଜିତିପାରିବ ବୋଲି ଆକଳନ କରାଯାଇଥିଲା। ତେବେ ଏହି ଦଳ ୨୨ଟିରେ ଜିତିଥିବାବେଳେ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କୁ ଜିତାଇପାରିଛି। ଫଳରେ ଏହା ବିରୋଧୀ ଶିବିରର ଅସନ୍ତୁଷ୍ଟ ବିଧାୟକଙ୍କୁ ନିଜ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେବା ଲାଗି ଆକୃଷ୍ଟ କରିପାରିଥିବା ସ୍ପଷ୍ଟ ହୋଇଛି। ଭାଜପାର ଏହି ଆଶାତୀତ ସଫଳତା ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଶାସକ ଏନ୍‌ଡିଏର ଶକ୍ତି ବୃଦ୍ଧି କରିବା ସହ ବିରୋଧୀଙ୍କ ପାଇଁ ବଡ଼ ଝଟ୍‌କା ହୋଇଛି। ମହାରାଷ୍ଟ୍ର, କର୍ନାଟକ ଏବଂ ହରିୟାଣାରେ ବିରୋଧୀ ଦଳଗୁଡ଼ିକ ମଧ୍ୟରେ ସମନ୍ୱୟ ନ ଥିବା ଏଥିରୁ ପ୍ରମାଣିତ ହୋଇଛି। ତେଣୁ ଆଗାମୀ ରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀଙ୍କୁ ହରାଇବାକୁ ହେଲେ ସମସ୍ତ ବିରୋଧୀ ଦଳଙ୍କୁ ଏକାଠି କରି ରଖିବା ଜରୁରୀ ହୋଇପଡ଼ିଛି।

# ସମ୍ବିଧାନ, ଗଣତାନ୍ତ୍ରିକ ସଂସ୍ଥାକୁ ସୁରକ୍ଷା ଦେଇପାରୁଥିବା ରାଷ୍ଟ୍ରପତି ଆବଶ୍ୟକ: ସୋନିଆ

ନୂଆଦିଲ୍ଲୀ,୧୧।୬

ଆଗାମୀ ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ କେତେକ ବିରୋଧୀ ଦଳ ନେତାଙ୍କୁ ଭେଟିଛନ୍ତି। ସେ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର ଏବଂ ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀଙ୍କ ସହ ଆଲୋଚନା କରିବା ପରେ ଅନ୍ୟ ନେତାମାନଙ୍କ ସହ ସମନ୍ୱୟ ରକ୍ଷା କରିବା ଲାଗି ବରିଷ୍ଠ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଦାୟିତ୍ୱ ଦେଇଛନ୍ତି। ଶାସକ ଦଳ ଚଳାଇଥିବା ଅରାଜକତାରୁ ସମ୍ବିଧାନ, ଗଣତାନ୍ତ୍ରିକ ସଂସ୍ଥା ଓ ନାଗରିକମାନଙ୍କୁ ସୁରକ୍ଷା ଦେଇପାରୁଥିବା ବ୍ୟକ୍ତି ରାଷ୍ଟ୍ରପତି ହେବା ଦେଶ ଚାହେଁ। ରାଷ୍ଟ୍ରପତି



ପଦ ଲାଗି କଂଗ୍ରେସ କୌଣସି ନାମ ପ୍ରସ୍ତାବ ଦେଇନାହିଁ। ରାଷ୍ଟ୍ରପତି ଭାବେ ଏଭଳି ବ୍ୟକ୍ତି ନିର୍ବାଚିତ ହେବା ଉଚିତ, ଯିଏ ଭାରତର ଆଘାତପ୍ରାପ୍ତ ସାମାଜିକ ବ୍ୟବସ୍ଥାକୁ ହିଲିଂ ଟଚ୍ ଦେଇପାରିବେ ବୋଲି କଂଗ୍ରେସ ଅଧ୍ୟକ୍ଷା କହିଛନ୍ତି।

# ଜାତୀୟ ଦଳ ଗଢ଼ିବେ କେସିଆର୍

ହାଇଦ୍ରାବାଦ,୧୧।୬

ଅଣଭାଜପା ଏବଂ ଅଣକଂଗ୍ରେସ ଆଞ୍ଚଳିକ ଦଳଗୁଡ଼ିକୁ ଏକାଠି କରି ମେଣ୍ଟ ଗଠନ ଲାଗି ଉଦ୍ୟମ ଚଳାଇଥିବା ଟିଆର୍‌ଏସ୍ ଅଧ୍ୟକ୍ଷ ତଥା ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଏକ ଜାତୀୟ ଦଳ ଗଠନ ଲାଗି ଯୋଜନା କରିଛନ୍ତି। ଦେଶରେ ରାଜନୈତିକ ଶୂନ୍ୟସ୍ଥାନ ରହିଥିବା କେସିଆର୍ ବିଶ୍ୱାସ କରୁଛନ୍ତି। ତେଣୁ ଏକ ଜାତୀୟ ଦଳ ଗଠନ କରିବା ଲାଗି କେସିଆର୍ ଶୁକ୍ରବାର ରାତିରେ ତାଙ୍କ ଦଳର ବରିଷ୍ଠ ନେତା, ମନ୍ତ୍ରୀ ଓ ବିଧାୟକମାନଙ୍କ ସହ ମାରାଥନ୍ ବୈଠକ କରିଥିଲେ। ଏହି ଦଳର ନାମ



ତେଲଙ୍ଗାନା ମୁଖ୍ୟମନ୍ତ୍ରୀ
କେ. ଚନ୍ଦ୍ରଶେଖର ରାଓ

ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) କିମ୍ବା ଜୟ ଭାରତ ବା ନୟା ଭାରତ ରଖିବା ପାଇଁ ପ୍ରସ୍ତାବ ରହିଛି। ଆସନ୍ତା ୧୯ ତାରିଖରେ

## ୧୯ରେ ଭାରତ ରାଷ୍ଟ୍ର ସମିତି ଗଠନ ନିଷ୍ପତ୍ତି

ଦଳର କାର୍ଯ୍ୟନିର୍ବାହୀ ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଜୁଲାଇ ୨ ଓ ୩ରେ ହାଇଦ୍ରାବାଦରେ ଭାଜପାର ଜାତୀୟ କାର୍ଯ୍ୟକାରିଣୀ ଅନୁଷ୍ଠିତ ହେବାକୁ ଥିବାବେଳେ ସେଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଶୀର୍ଷ ଭାଜପା ନେତାମାନେ ଯୋଗଦେବେ। ଏହା ପୂର୍ବରୁ କେସିଆର୍ ଜାତୀୟ ଦଳ ଶୁଭାରମ୍ଭ କରିବାକୁ ଯୋଜନା ରଖିଛନ୍ତି। ଜାତୀୟ ରାଜନୀତିରେ ପ୍ରଭାବ ବିସ୍ତାର କରିବାକୁ ହେଲେ ଏକ ପ୍ଲାଟଫର୍ମର ଆବଶ୍ୟକତା ଥିବା ନିର୍ବାଚନୀ ରଣନୀତିକାର ପ୍ରଶାନ୍ତ କିଶୋର କେସିଆର୍‌ଙ୍କୁ ପରାମର୍ଶ ଦେଇଥିଲେ।



ଆର୍‌ଜେଡି ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବଙ୍କ ୭୫ତମ ଜନ୍ମଦିନ ପାଳନ ଅବସରରେ ପାଟନାରେ ତାଙ୍କ ସହ 'ଗରିବୋ କା ମସିହା' ପୁସ୍ତକ ଉନ୍ମୋଚନ କରୁଛନ୍ତି ଦୁଇପୁଅ ତେଜ ପ୍ରତାପ ଓ ତେଜସ୍ୱୀ ଯାଦବ।

# କଂଗ୍ରେସ ଚିନ୍ତାଧାରାର ବଳିଷ୍ଠ ଉପସ୍ଥାପନ କରନ୍ତୁ ମୁଖପାତ୍ର: ଶରତ



ଭୁବନେଶ୍ୱର, ୧୧।୬(ବ୍ୟୁରୋ)

ଗଣମାଧ୍ୟମ ବିଭାଗର ମୁଖପାତ୍ରମାନେ ବିତର୍କରେ ଭାଗନେଲା ବେଳେ କଂଗ୍ରେସର ଚିନ୍ତାଧାରା ଓ ପାର୍ଟିର ନିଷ୍ପତ୍ତିକୁ ବଳିଷ୍ଠ ଭାବରେ ଉପସ୍ଥାପନ କରିବା ଆବଶ୍ୟକ। ଏଥିସହିତ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ସମସ୍ତ ଜନବିରୋଧୀ ନିଷ୍ପତ୍ତିକୁ ତଥ୍ୟ ସମ୍ବଳିତ ଆକାରରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉପସ୍ଥାପନ କରିବା ପାଇଁ ନବନିଯୁକ୍ତ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି। ଆଗାମୀ ଦିନରେ କଂଗ୍ରେସ ସାମାଜିକ ଗଣମାଧ୍ୟମକୁ ଅଧିକ କ୍ରିୟାଶୀଳ କରିବା ପାଇଁ ସେ ସାମାଜିକ ଗଣମାଧ୍ୟମର ଚେୟାରମ୍ୟାନ ଅଭିଷେକ ମହାନନ୍ଦଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ପ୍ରଦେଶ କଂଗ୍ରେସ ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଗଣେଶ୍ୱର ବେହେରା, ମୁଖପାତ୍ର ତଥା ବିଧାୟକ ତାରାପ୍ରସାଦ ବାହିନୀପତି ଏବଂ ମୁଖପାତ୍ର ତଥା ସେବାଦଳର ଅଧ୍ୟକ୍ଷ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଓ ଅନ୍ୟ ମୁଖପାତ୍ରମାନେ ଶନିବାର ନୂତନ ସଭାପତିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରିଛନ୍ତି। ସଭାପତି ଗଣମାଧ୍ୟମର ସମସ୍ତ ମୁଖପାତ୍ରମାନଙ୍କ ସହିତ ଦୀର୍ଘ ସମୟଧରି ଆଲୋଚନା କରିଛନ୍ତି । ଏହି ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ମୁଖପାତ୍ର ମନୋରଞ୍ଜନ ଦାଶ, ଅମିୟ ପାଣ୍ଡବ, ପଦ୍ମାକର ଗୁରୁ, ନିଶିକାନ୍ତ ମିଶ୍ର, ପ୍ରଶାନ୍ତ ଶତପଥୀ, ଜ୍ଞାନଦେବ ବେଉରା, ସୁଦର୍ଶନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପିସିସି ସଭାପତିଙ୍କୁ କଂଗ୍ରେସ ଗଣମାଧ୍ୟମ ବିଭାଗର ସମ୍ବର୍ଦ୍ଧନା

# ନିରଞ୍ଜନଙ୍କୁ ସାମାଜିକ ବାସନ୍ଦ ଦାବିକଲେ ୨ ବିଜେଡି ଜିଲା ପରିଷଦ ସଭ୍ୟା

ବଲାଙ୍ଗୀର ଅଫିସ,୧୧।୬

ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଆଦିବାସୀ ସଂରକ୍ଷଣ କୋଟା କାଟିବା ପ୍ରସଙ୍ଗକୁ ନେଇ ଆଦିବାସୀ ସଂଘ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲା। ଯେଉଁ ଆଦିବାସୀ ବିଜେଡିରୁ ପ୍ରାର୍ଥୀ ହେବେ ତାଙ୍କୁ ସାମାଜିକ ବାସନ୍ଦ କରାଯିବ ବୋଲି କୁହାଯାଇଥିଲା। ଏହି ମର୍ମରେ ବିଜେଡି ପ୍ରାର୍ଥୀ ହୋଇଥିବା କେତେକଙ୍କୁ ଆଦିବାସୀ ସମାଜ ପକ୍ଷରୁ ବାସନ୍ଦ କରାଯାଇଥିବା ଅଭିଯୋଗ ହୋଇଥିଲା। ସେତେବେଳେ ଆଦିବାସୀ ନେତା ନିରଞ୍ଜନ ବିଶି ଏହି ପ୍ରସଙ୍ଗରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିଲେ। ବିଜେଡି ନେତା, ଦଳ ଏବଂ ପ୍ରାର୍ଥୀଙ୍କୁ ସାମାଜିକ ବାସନ୍ଦ କରିବାକୁ କହିଥିଲେ। ମାତ୍ର କିଛିଦିନ ତଳେ ସେ ନିଜେ ବିଜେଡିରେ ଯୋଗଦେଇ ରାଜ୍ୟ ସଭାକୁ ଯାଇଛନ୍ତି। ତାଙ୍କର ଏଭଳି କାର୍ଯ୍ୟ ଯୋଗୁ ତାଙ୍କୁ ମଧ୍ୟ ଆଦିବାସୀ ସମାଜରୁ ବାସନ୍ଦ କରାଯାଉ ବୋଲି ବିଜେଡି ଜିଲା ପରିଷଦ ସଭ୍ୟା ମମତା କୁମରା ଓ ବିଶେଶ୍ୱରୀ ବରିହା ଗଣମାଧ୍ୟମ ଜରିଆରେ ଦାବି କରିଛନ୍ତି।

ଜିଲା ପରିଷଦ ସଭ୍ୟା କୁମରା କହିଛନ୍ତି ଯେ, ପଞ୍ଚାୟତ ନିର୍ବାଚନ ସମୟରେ ବିଜେଡିରୁ ସେ ପ୍ରାର୍ଥୀ ହେବାରୁ ଆଦିବାସୀ ସମାଜରୁ ତାଙ୍କ ପରିବାରକୁ ବାସନ୍ଦ କରାଯାଇଥିଲା। ସେତେବେଳେ ତାଙ୍କ ଶାଶୁଙ୍କ ପରଲୋକ ଘଟିଥିଲା। ଆଦିବାସୀ ସମାଜର କୌଣସି ଲୋକ ଶାଶୁଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗଦେଇ ନ ଥିଲେ। ବହୁକଷ୍ଟରେ ଶ୍ୱଶୁର, ସ୍ୱାମୀ ଓ ପରିବାର ଲୋକେ ଶାଶୁଙ୍କ ଅନ୍ତ୍ୟେଷ୍ଟିକ୍ରିୟା କରିଥିଲେ। ସେହିପରି ଜିଲା ପରିଷଦ ସଭ୍ୟା ବରିହା କହିଛନ୍ତି, ବିଜେଡିରୁ ପ୍ରାର୍ଥୀ ହୋଇଥିବାରୁ ତାଙ୍କୁ ମଧ୍ୟ ଆଦିବାସୀ ସମାଜରୁ ବାସନ୍ଦ କରାଯାଇଥିଲା। ଏବେ ଖୋଦ୍ ଆଦିବାସୀ ନେତା ବିଶି ବିଜେଡି ଟିକେଟରେ ରାଜ୍ୟ ସଭାକୁ ଯାଇଛନ୍ତି। ସମାନ ନୀତିରେ ତାଙ୍କୁ ମଧ୍ୟ ଆଦିବାସୀ ସମାଜରୁ ବାସନ୍ଦ କରାଯାଉ ବୋଲି ଦୁଇ ଜିଲା ପରିଷଦ ସଭ୍ୟା କହିଛନ୍ତି। ଏ ନେଇ ନିରଞ୍ଜନଙ୍କୁ ତାଙ୍କ ମୋବାଇଲ ନମ୍ବର (୯୩୩୭୯୨୨୨୦୪)ରେ ଯୋଗାଯୋଗ କରାଯାଇଥିଲା। ରିଙ୍ଗ୍ ହେବା ସତ୍ତ୍ୱେ ସେ ଫୋନ୍ ରିସିଭ୍ ନ କରିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# କ୍ରସ୍ ଭୋଟିଂ: କୁଲଦୀପ ବିଷ୍ଣୋଇ କଂଗ୍ରେସରୁ ବହିଷ୍କୃତ

ନୂଆଦିଲ୍ଲୀ,୧୧।୬

ହରିୟାଣାରେ ରାଜ୍ୟ ସଭା ନିର୍ବାଚନ ବେଳେ କ୍ରସ୍ ଭୋଟିଂ କରିଥିବା କଂଗ୍ରେସ ବିଧାୟକ କୁଲଦୀପ୍ ବିଷ୍ଣୋଇଙ୍କୁ ସମସ୍ତ ଦଳୀୟ ପଦବୀରୁ ବହିଷ୍କୃତ କରାଯାଇଛି। କଂଗ୍ରେସ କାର୍ଯ୍ୟକାରୀ କମିଟିର ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଥିବା କୁଲ୍‌ଦୀପଙ୍କୁ ଶନିବାର କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଉକ୍ତ ପଦବୀ ସମେତ ଅନ୍ୟାନ୍ୟ ପଦପଦବୀରୁ ବହିଷ୍କାର କରିଛନ୍ତି। ରାଜ୍ୟ ସଭା ନିର୍ବାଚନରେ କୁଲ୍‌ଦୀପ୍‌ଙ୍କ କ୍ରସ୍ ଭୋଟିଂ ଏବଂ ଅନ୍ୟ ଜଣେ ବିଧାୟକଙ୍କ ଭୋଟ ନାକଚ କାରଣରୁ ଦଳୀୟ ପ୍ରାର୍ଥୀ ଅଜୟ ମାକେନ ହାରିଯାଇଥିଲେ। ଫଳରେ ଭାଜପା-ଜେଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ କାର୍ତ୍ତିକେୟ ଶର୍ମା ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ଶୁକ୍ରବାର ହରିୟାଣାର ୯୦ ବିଧାୟକଙ୍କ ମଧ୍ୟରୁ ୮୯ ଜଣ ଭୋଟ ଦେଇଥିଲେ। ସ୍ୱାଧୀନ ବିଧାୟକ ବଳରାଜ କୁଣ୍ଡୁ



ଅନୁପସ୍ଥିତ ରହିଥିଲେ। ଜଣେ ବିଧାୟକ ବାଲାଟରେ ୧,୨, ୩ ଲେଖିବା ପରିବର୍ତ୍ତେ ଟିକ୍ ଚିହ୍ନ ଦେଇଥିବାରୁ ତାହା ନାକଚ ହୋଇଥିଲା। ଅବଶିଷ୍ଟ ୮୮ ଭୋଟରୁ ୨୮ ଭୋଟ ପାଇଥିବା ଶର୍ମା ଭାଜପା ପ୍ରାର୍ଥୀଙ୍କ ବଳକା ଭୋଟ ସହାୟତାରେ ଜିତିଯାଇଥିଲେ। କାର୍ତ୍ତିକେୟ ଶର୍ମା ହେଉଛନ୍ତି ପୂର୍ବତନ କଂଗ୍ରେସ ମନ୍ତ୍ରୀ ବିନୋଦ ଶର୍ମାଙ୍କ ପୁଅ ଏବଂ କଂଗ୍ରେସ ନେତା କୁଲଦୀପ୍ ଶର୍ମାଙ୍କ ଜ୍ୱାଇଁ। ସେ ଜଣେ ବ୍ୟବସାୟୀ ଏବଂ ଆଇଟିଭି ମିଡିଆ ନେଟୱର୍କର ମାଲିକ ତଥା ପରିଚାଳନା ନିର୍ଦ୍ଦେଶକ।

# ସମବାୟ ନିର୍ବାଚନକୁ ଅସିଦ୍ଧ ଘୋଷଣା ଦାବି

ଭୁବନେଶ୍ୱର,୧୧।୬(ବ୍ୟୁରୋ)

ଚଳିତ ସମବାୟ ନିର୍ବାଚନରେ ପ୍ରାଥମିକ ସ୍ତରରେ ହେଉଥିବା ଲ୍ୟାମ୍ପ ଓ ପ୍ୟାକ୍ସ ନିର୍ବାଚନରେ ଶାସକ ବିଜେଡି ସରକାରୀ କର୍ମଚାରୀଙ୍କ ସହାୟତାରେ ନିର୍ବାଚନକୁ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ କରିବା ସହିତ ଚାଷୀମାନଙ୍କୁ ଧୋକାଦେଉଛି । ଅନେକ ପ୍ରାଥମିକ ସମବାୟ ସମିତିରେ ଶାସକ ଦଳକୁ ନିର୍ବାଚିତ କରିବା ପାଇଁ ଅନ୍ୟ ସମସ୍ତଙ୍କ ପ୍ରାର୍ଥୀପତ୍ରକୁ ବିଭିନ୍ନ ମିଥ୍ୟା ଆଳ ଦେଖାଇ ନାକଚ କରି ଦିଆଯାଉଛି। ଅନ୍ୟପକ୍ଷରେ ସୋସାଇଟିଗୁଡ଼ିକୁ ଅପ୍ରତିଦ୍ୱନ୍ଦ୍ୱୀ ନିର୍ବାଚିତ ଘୋଷଣା କରାଯାଉଛି । ନିର୍ବାଚନ ଅଧିକାରୀ ସ୍ଥଳ ବିଶେଷରେ ବିଜୁ ଜନତା ଦଳର ପ୍ରାର୍ଥୀମାନଙ୍କର ପ୍ରାର୍ଥୀପତ୍ର କାଏମ ରଖିବା ବେଳେ ବିରୋଧୀମାନଙ୍କ ନାମାଙ୍କନ ନାକଚ କରି ଚାଲିଛନ୍ତି। ଏହା ଏକ ସମ୍ପୂର୍ଣ୍ଣ ଅସାମ୍ବିଧାନିକ ବ୍ୟବସ୍ଥା ହୋଇଥିବାରୁ ଏହି ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ପାଇଁ ଭାଜପା ସମବାୟ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ପବିତ୍ର ମୋହନ ଦାଶ ଦାବି କରିଛନ୍ତି । ଏହି ନିର୍ବାଚନରେ ହେଉଥିବା ବିଭିନ୍ନ ଅନିୟମିତତାକୁ ନେଇ ଶନିବାର ରାଜ୍ୟ ସମବାୟ ନିର୍ବାଚନ କମିଶନଙ୍କୁ ଭେଟି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ



ସମବାୟ ନିର୍ବାଚନ କମିଶନଙ୍କୁ ଭାଜପା ସଦସ୍ୟମାନେ ଦାବିପତ୍ର ଦେଉଛନ୍ତି।

କରିବାକୁ ଭାଜପା ପକ୍ଷରୁ ଦାବି କରାଯାଇଛି । ସମବାୟ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନେ ଶାସକ ବିଜେଡିକୁ ଜିତାଇବାର ପ୍ରୟାସ ଆରମ୍ଭ କରି ସାରିଛନ୍ତି । ସମବାୟ ନିର୍ବାଚନକୁ ଅବାଧ, ମୁକ୍ତ, ସ୍ୱଚ୍ଛ ଏବଂ ନିରପେକ୍ଷ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ସମବାୟ ନିର୍ବାଚନ କମିଶନଙ୍କ ସମେତ ନିର୍ବାଚନ ଅଧିକାରୀମାନେ ଶାସକ ବିଜେଡି ପ୍ରାର୍ଥୀଙ୍କୁ ଅପ୍ରତିଦ୍ୱନ୍ଦ୍ୱୀ ନିର୍ବାଚିତ କରାଇବା ଦାୟିତ୍ୱରେ ଲାଗି ପଡ଼ିଛନ୍ତି । ଏପରିକି ବିନା ନାମାଙ୍କନପତ୍ରରେ ମଧ୍ୟ ପ୍ରାର୍ଥୀଙ୍କ ନାମକୁ ସ୍ଥାନୀୟ ନିର୍ବାଚନ ଅଧିକାରୀମାନେ ଘୋଷଣା କରିବାକୁ ପଛାଉନାହାନ୍ତି । ନିର୍ବାଚନ ସମ୍ବନ୍ଧୀୟ ଅଭିଯୋଗ ଶୁଣିବାକୁ କେହି ଉପସ୍ଥିତ

## ସମବାୟ ନିର୍ବାଚନ କମିଶନଙ୍କୁ ଭେଟିଲା ଭାଜପା

ନାହାନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସମବାୟ ନିର୍ବାଚନ କମିଶନ ପାଟି ଓ ଦାନ୍ତବିହୀନ ହୋଇପଡ଼ିଛନ୍ତି ବୋଲି ଦାଶ କହିଛନ୍ତି । ଅନେକ ଘଟଣା ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ହେଉଥିବାର ଅଭିଯୋଗମାନ ହସ୍ତଗତ ହୋଇଛି ।

ନିର୍ବାଚନ କମିଶନ ବିହିତ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ କୋର୍ଟର ଦ୍ୱାରସ୍ଥ ହେବୁ ବୋଲି ଦାଶ କହିଛନ୍ତି । ରାଜ୍ୟର ସମବାୟ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ଧ୍ୱସ୍ତ ବିଧ୍ୱସ୍ତ କରାଯାଇଛି । ଖୋଲାଖୋଲି ଭାବେ ସମସ୍ତ ଆଇନ ଓ ନିୟମକୁ ଜଳାଞ୍ଜଳି ଦେଇ ଚଳିତ ସମବାୟ ନିର୍ବାଚନ ହେଉଥିବା କାରଣରୁ ଏହି ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ସେ ଦାବି କରିଛନ୍ତି। ଏହି ଅବସରରେ ରାଜ୍ୟ ଗଣମାଧ୍ୟମ ସହମୁଖ୍ୟ ସୁଜିତ୍ କୁମାର ଦାସ୍, ସମବାୟ ପ୍ରକୋଷ୍ଠ ସହସଂଯୋଜକ ପ୍ରିୟବ୍ରତ ସ୍ୱାଇଁ ଉପସ୍ଥିତ ଥିଲେ ।

# ଓଡ଼ିଶାରେ ଜାତିଭିତ୍ତିକ ଜନଗଣନା ହେଉ
## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଶ୍ରୀକାନ୍ତ

ଭୁବନେଶ୍ୱର,୧୧।୬(ବ୍ୟୁରୋ)

ଓଡ଼ିଶାରେ ଜାତିଭିତ୍ତିକ ଜନଗଣନା କରାଇବା ପାଇଁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖିଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଜାତିଭିତ୍ତିକ ଜନଗଣନାକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ସମର୍ଥନ ଘୋଷଣା କରିସାରିଛନ୍ତି। ପାର୍ଲାମେଣ୍ଟର ଉଭୟ ଗୃହରେ ସର୍ବସମ୍ମତି କ୍ରମେ ଜାତିଭିତ୍ତିକ ଜନଗଣନା ପ୍ରସ୍ତାବ ଗୃହୀତ ହୋଇଥିଲେ ହେଁ ସାରା ଦେଶରେ ଏହାକୁ କାର୍ଯ୍ୟକାରୀ କରାଇବାକୁ କେନ୍ଦ୍ର ସରକାର ମଙ୍ଗୁନାହାନ୍ତି । କାହିଁକି ଜାତିଭିତ୍ତିକ ଜନଗଣନା କରିବାକୁ ଚାହିଁଲେ ନାହିଁ ତାହା ଏବେ



ବି ଅସ୍ପଷ୍ଟ ରହିଛି। ପ୍ରତି ୧୦ ବର୍ଷରେ ଦେଶରେ ଜନଗଣନା ହୁଏ। ଏହି ଜନଗଣନାରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ଗଣନା କରାଯାଇଥାଏ। ଏଥିରେ କେବଳ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଆଉ ଏକ କଲମ ଯୋଡ଼ାହେବା କଥା। ଏହାଦ୍ୱାରା ଓବିସିଙ୍କ ଚିତ୍ର ସ୍ପଷ୍ଟ ହୋଇପାରନ୍ତା। ଓଡ଼ିଶାରେ ଜାତିଭିତ୍ତିକ ଜନଗଣନା କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯାଉ ବୋଲି ଶ୍ରୀକାନ୍ତ କହିଛନ୍ତି। ବାଚସ୍ପତି ନିର୍ବାଚନ ପାଇଁ ଜୁନ୍ ୧୩ ତାରିଖରେ ବିଧାନସଭାରେ ବୈଠକ ଡକାଯାଇଛି। ଏହି ବୈଠକରେ ଜାତିଭିତ୍ତିକ ଜନଗଣନା ପ୍ରସ୍ତାବକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଆଗତ କରାଯାଇ ପାରିତ କରିବାକୁ ସେ ଦାବି କରିଛନ୍ତି। ସମସ୍ତ ରାଜନୈତିକ ଦଳର ସମର୍ଥନ ଥିବାରୁ ଏହାକୁ ସର୍ବସମ୍ମତକ୍ରମେ ଗୃହୀତ କରାଯାଇ ପାରିବ। ବିଦେଶ ଗସ୍ତ ପୂର୍ବରୁ ଏହି ଐତିହାସିକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବାକୁ ଶ୍ରୀକାନ୍ତ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## ଆୟକର ରିଟର୍ନରେ ବୃଦ୍ଧି

ନୂଆଦିଲ୍ଲୀ: ଆର୍ଥିକ ବର୍ଷ ୨୦୨୦-୨୧ ତୁଳନାରେ ୨୦୨୧-୨୨ରେ ଆୟକର ରିଟର୍ନ ପରିମାଣ ବୃଦ୍ଧି ପାଇଥିବା ଶନିବାର କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ (ସିବିଡିଟି) ଅଧକ୍ଷା ସଂଗୀତା ସିଂହ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆର୍ଥିକ ବର୍ଷ ୨୦୨୧-୨୨ରେ ଆୟକର ରିଟର୍ନ ୭.୧୪ କୋଟି ଟଙ୍କା ରହିଥିବା ବେଳେ ଏହାର ପୂର୍ବ ଆର୍ଥିକ ବର୍ଷରେ ଉକ୍ତ ପରିମାଣ ୬.୯ କୋଟି ଟଙ୍କା ରହିଥିଲା। ସଂଶୋଧିତ ରିଟର୍ନ ଦାଖଲରେ ମଧ ବୃଦ୍ଧି ଘଟିଛି। ଆର୍ଥିକ ଗତିବିଧିରେ ବୃଦ୍ଧି ହେଉଥିବାରୁ କିଣାବିକାରେ ମଧ ବୃଦ୍ଧି ଘଟୁଛି। ଯେପର୍ଯ୍ୟନ୍ତ ଅର୍ଥବ୍ୟବସ୍ଥାରେ ବୃଦ୍ଧି ଘଟିବ ନାହିଁ, ସେ ପର୍ଯ୍ୟନ୍ତ ଟିକସରେ ବୃଦ୍ଧି ହେବ ନାହିଁ ବୋଲି ଅଧକ୍ଷା କହିଛନ୍ତି। ସୂଚନାଯୋଗ୍ୟ, ଆର୍ଥିକ ବର୍ଷ ୨୦୨୧-୨୨ ପାଇଁ ଟିକସ ସଂଗ୍ରହ ୧୪ ଲକ୍ଷ କୋଟି ଟଙ୍କାରୁ ଅଧିକ ରହିଛି।

**ସଂକ୍ଷେପରେ**

## ଆର୍‌ବିଏଲ୍‌ର ନୂତନ ଏମ୍‌ଡି ନିଯୁକ୍ତ

**ନୂଆଦିଲ୍ଲୀ,୧୧।୬:** ଘରୋଇ କ୍ଷେତ୍ରର ଆର୍‌ବିଏଲ୍ ବ୍ୟାଙ୍କ ପକ୍ଷରୁ ଶନିବାର ଆର୍ . ସୁବ୍ରମଣ୍ୟକୁମାରଙ୍କୁ ମ୍ୟାନେଜିଂ ଡାଇରେକ୍ଟର ଏବଂ ଚିଫ୍ ଏକ୍‌ଜିକ୍ୟୁଟିଭ ଅଫିସର ନିଯୁକ୍ତ କରାଯାଇଛି। ସୁବ୍ରମଣ୍ୟକୁମାର ୩ ବର୍ଷ ପାଇଁ ଏହି ଦାୟିତ୍ୱରେ ରହିବେ। ଏନେଇ ବ୍ୟାଙ୍କ ପକ୍ଷରୁ ଶେୟାର ବଜାରକୁ ଦିଆଯାଇଛି। ଆର୍‌ବିଏଲ୍‌ର ପୂର୍ବତନ ପୂର୍ଣ୍ଣକାଳିକ ଏମ୍‌ଡି ଏବଂ ସିଇଓ ବିଶ୍ୱବୀର ଆହୁଜାଙ୍କ ପଦବୀ ଛାଡ଼ିବାର ପ୍ରାୟ ୬ମାସ ପରେ ସୁବ୍ରମଣ୍ୟକୁମାର ନିଯୁକ୍ତ କରାଯାଇଛି। ମଧ୍ୟବର୍ତ୍ତୀ ସମୟରେ ରାଜୀବ ଆହୁଜା ବ୍ୟାଙ୍କର ଅନ୍ତରୀଣ ସିଏଓ ଏବଂ ଏମ୍‌ଡି ଦାୟିତ୍ୱରେ ରହିଥିଲେ। ରାଜୀବଙ୍କ କାର୍ଯ୍ୟକାଳ ଜୁନ୍ ୨୪ରେ ଶେଷ ହେବାକୁ ଯାଉଛି।

# ଚିକେନ୍ ରପ୍ତାନି ଉପରେ ମାଲେସିଆର କଟକଣା

**ନୂଆଦିଲ୍ଲୀ,୧୧।୬**



ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଫଳରେ ବିଭିନ୍ନ ଦ୍ରବ୍ୟର ବଜାର ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି କୃଷିଜାତ ଦ୍ରବ୍ୟ ଏହାଦ୍ୱାରା ପ୍ରଭାବିତ ହୋଇଛି। ବୈଶ୍ୱିକ ବଜାରରେ ଦରବୃଦ୍ଧିକୁ ନଜରରେ ରଖି କେତେକ ଏସୀୟ ଦେଶ ଘରୋଇ ଖାଦ୍ୟ ନିରାପତ୍ତାକୁ ଦୃଷ୍ଟିଦେଇ ଆବଶ୍ୟକ ଦ୍ରବ୍ୟ ରପ୍ତାନି ଉପର କଟକଣା ଲଗାଉଛନ୍ତି। ପ୍ରଥମେ ଇଣ୍ଡୋନେସିଆ ଏହି ଟ୍ରେଣ୍ଡ୍ ଆରମ୍ଭ କରିଥିଲା। ବିଶ୍ୱର ଅଗ୍ରଣୀ ପାମ୍ ତୈଳ ଉତ୍ପାଦନକାରୀ ତଥା ରପ୍ତାନିକାରୀ ଦେଶ ଇଣ୍ଡୋନେସିଆ ରପ୍ତାନି ଉପରେ କଟକଣା ଲଗାଇଥିଲା। ପରେ ଗହମ ଉତ୍ପାଦନ କ୍ଷେତ୍ରରେ ଅନ୍ୟତମ ଅଗ୍ରଣୀ ଦେଶ ଭାରତ ମଧ ଗହମ ରପ୍ତାନି ଉପରେ କଟକଣା ଲଗାଇଥିଲା। ବର୍ତ୍ତମାନ ମାଲେସିଆ ମଧ ଏହି ଧାରାରେ ସାମିଲ ହୋଇଛି। ଚିକେନ୍ ରପ୍ତାନି କ୍ଷେତ୍ରରେ ପ୍ରମୁଖ ଦେଶ ମାଲେସିଆ ମଧ ଏହା ଉପରେ ପ୍ରତିବନ୍ଧକ ଲଗାଇଛି। ତେବେ ଏହି କଟକଣାର ପ୍ରଭାବ ସିଧାସଳଖ ଚାଷୀ ଏବଂ ଉତ୍ପାଦନକାରୀଙ୍କ ଉପରେ ପଡ଼ିଛି। ପ୍ରମୁଖ ଖାଦ୍ୟଶସ୍ୟ ଚାଉଳ ରପ୍ତାନୀ ଉପରେ ମଧ ଆଗକୁ କଟକଣା ଲଗାଯାଇପାରେ। ଭାତ ହେଉଛି ବିଶ୍ୱର ଅଧାରୁ ଊର୍ଦ୍ଧ୍ୱ ଜନସଂଖ୍ୟାର ପ୍ରାଥମିକ ଖାଦ୍ୟ। ଗତ ମାସରୁ ଏନେଇ ସମସ୍ୟା ଦେଖା ଦେବା ଆରମ୍ଭ ହୋଇଥିଲେ ମଧ ଭିଏତ୍‌ନାମ ସହିତ ଚାଉଳ ଦରକୁ ନେଇ ବୁଝାମଣା କରିବା ସମ୍ପର୍କରେ ଥାଇଲାଣ୍ଡର ଜଣେ ସରକାରୀ ଅଧିକାରୀ ସୂଚନା ଦେବା ପରେ ଏହି ଚିନ୍ତା ବୃଦ୍ଧି ପାଇଛି। ସୂଚନାଯୋଗ୍ୟ, ଏହି ୨ ଦେଶ ବିଶ୍ୱର ଦୁଇ ପ୍ରମୁଖ ଚାଉଳ ରପ୍ତାନିକାରୀ। ଅଧିକାରୀଙ୍କ ସୂଚନା ଅନୁସାରେ, ଏହି ବୁଝାମଣାରୁ ଦୁଇ ଦେଶର ବାର୍ଗେନିଂ ପାୱାର ବୃଦ୍ଧି ହେବ। ଏନେଇ ସିଙ୍ଗାପୁରର

### ଇଣ୍ଡୋନେସିଆ, ଭାରତ ପରେ ଲଗାଇଲା ଅଙ୍କୁଶ

ଜଣେ ଫୁଡ୍ ସିକ୍ୟୁରିଟି ସ୍ପେଶିଆଲିଷ୍ଟ ରିଚାର୍ଡ ସ୍କିନେର କହିଛନ୍ତି, ଗୋଟିଏ ଦେଶ ରପ୍ତାନି ଉପରେ କଟକଣା ଲଗାଇବା ପରେ ଅନ୍ୟ ଦେଶ ମଧ ପ୍ରତିବନ୍ଧକ ଲଗାଇବାକୁ ଭାବନ୍ତି। ଏହାଦ୍ୱାରା ରପ୍ତାନିର ସମ୍ପୂର୍ଣ୍ଣ ପ୍ରବାହ ପ୍ରଭାବିତ ହୋଇଥାଏ ବୋଲି ସେ କହିଛନ୍ତି। ମାଲେସିଆ ଚିକେନ୍ ରପ୍ତାନି ଉପରେ କଟକଣା ଲଗାଇବା ପରେ ଏହାର ପ୍ରଭାବ ପଡ଼ୋଶୀ ଦେଶ ସିଙ୍ଗାପୁର ଉପରେ ଦେଖିବାକୁ ମିଳିଛି। ମାଲେସିଆର ଏହି କଟକଣା ପରେ ସିଙ୍ଗାପୁରରେ ଅନ୍ୟ ପ୍ରକାର ମାଂସ ଏବଂ ଫ୍ରୋଜେନ୍ ମିଟ୍ ଖାଇବା ପାଇଁ ଲୋକେ ବାଧ ହେଉଥିବା ଏବଂ ଯଥେଷ୍ଟ ଦର ବୃଦ୍ଧି ଘଟିଥିବା ସ୍କିନେର କହିଛନ୍ତି।

# ନିସ୍‌ରେ ଶିକ୍ଷକ ପ୍ରଶିକ୍ଷଣ ଶିବିର




**ଭୁବନେଶ୍ୱର,୧୧।୬**

ମଦନପୁରସ୍ଥିତ ନିସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜ୍‌ନେସ୍ ଆଡ୍‌ମିନିଷ୍ଟ୍ରେଶନରେ 'କମ୍ପ୍ୟୁଟର ସାଇନ୍ସରେ ସାମ୍ପ୍ରତିକ ଧାରା ଓ ସମ୍ଭାବନା ଏକ ଅନ୍ତର୍ଦୃଷ୍ଟି' ଶୀର୍ଷକରେ ଏକ ଶିକ୍ଷକ ପ୍ରଶିକ୍ଷଣ ଶିବିର ସପ୍ତାହେ ବ୍ୟାପୀ ଚାଲିଥିଲା। କାର୍ଯ୍ୟକ୍ରମ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ପ୍ରଶିକ୍ଷଣ ଶିବିରରେ ଆଇଆଇଟି, ଭୁବନେଶ୍ୱରର ପ୍ରଦ୍ୟୋତ ବିଶ୍ୱାଳ, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫୁଲ୍ଲ କୁମାର ବେହେରା, ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଆଲୋକ ରଞ୍ଜନ ତ୍ରିପାଠୀ, ବୀର ସୁରେନ୍ଦ୍ର ସାଏ ବିଶ୍ୱବିଦ୍ୟାଳୟ ବୁର୍ଲାର ମାନସ ରଞ୍ଜନ କବାଟ ଓ ଡି.ଚନ୍ଦ୍ରଶେଖର ରାଓ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସେମାନଙ୍କର ସାରଗର୍ଭକ ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନିସ୍ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ସୁଭାଷ ଚନ୍ଦ୍ର ନାୟକ, ଆଡଭାଇଜର ପ୍ରତାପ କୁମାର ତ୍ରିପାଠୀ, ଡେପୁଟି ଡାଇରେକ୍ଟର ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଡିନ୍(ସାଧାରଣ ପ୍ରଶାସନ) ବିଷ୍ଣୁ ପାଲ୍, ଜଏଣ୍ଟ ରେଜିଷ୍ଟ୍ରାର ଭବାନୀ ଶଙ୍କର ରଥ, କମ୍ପ୍ୟୁଟର ସାଇନ୍ସ ବିଭାଗର ଡିନ୍ ସୂର୍ଯ୍ୟକାନ୍ତ ମହାପାତ୍ର, ବିଭାଗୀୟ ମୁଖ୍ୟ ପ୍ରଭାକର ମିଶ୍ର ଓ ପ୍ରଶାସନିକ ଅଧିକାରୀ ପୀତାମ୍ବର ଚୟନୀଙ୍କ ସମେତ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ଥିଲେ ।

## 'ଭାରତୀୟ ଅର୍ଥନୀତିରେ ସୁଧାର ଆସୁଛି'

**ନୂଆଦିଲ୍ଲୀ,୧୧।୬:** କୋଭିଡ୍ ମହାମାରୀର ୩ଟି ଲହରକୁ ସାମ୍ନା କରିବା ସତ୍ତ୍ୱେ ଭାରତୀୟ ଅର୍ଥବ୍ୟବସ୍ଥା ଦୃଢ଼ ଭାବରେ ପୂର୍ବ ସ୍ଥିତିକୁ ଫେରିବା ଜାରି ରଖିଛି ବୋଲି ଆମେରିକୀୟ ଟ୍ରେଜେରି ତଥ୍ୟରୁ ସୂଚନା ମିଳିଛି। ୨୦୨୧ ବର୍ଷର ମଧଭାଗରେ କୋଭିଡ୍ ୨ୟ ଲହର ଭାରତର ବିକାଶ ଉପରେ ବହୁ ମାତ୍ରାରେ ପ୍ରଭାବ ପକାଇଥିଲା। ତେଣୁ ଦେଶର ଆର୍ଥିକ ସୁଧାରରେ ବିଳମ୍ବ ଦେଖାଦେଉଥିବା ଟ୍ରେଜେରିର ଅର୍ଦ୍ଧ-ବାର୍ଷିକ ତଥ୍ୟରୁ ଜଣାଯାଇଛି। ଏହାଛଡ଼ା ଟ୍ରେଜେରି ପକ୍ଷରୁ ଭାରତର ଟିକାକରଣ ପ୍ରୟାସକୁ ପ୍ରଶଂସା କରାଯାଇଛି ଏବଂ ଆର୍ଥିକ ବର୍ଷ ୨୦୨୧-୨୨ର ୨ୟ ଭାଗରେ ଦେଶର ଆର୍ଥିକ ଗତିବିଧିରେ ଆଖିଦୃଶିଆ ସୁଧାର ଆସିଥିବା କୁହାଯାଇଛି। ୨୦୨୨ ବର୍ଷ ଆରମ୍ଭରେ ଭାରତ ଓମିକ୍ରନ୍ ଭାରିଏଣ୍ଟ ଦ୍ୱାରା କୋଭିଡ୍‌ର ୩ୟ ଲହରର ସାମ୍ନା କରିଥିବା ସତ୍ତ୍ୱେ ମୃତ୍ୟୁ ସଂଖ୍ୟା ଏବଂ ଆର୍ଥିକ ହ୍ରାସ ସୀମିତ ରହିଛି।

## ଜେଜିୟୁକୁ ଶ୍ରେଷ୍ଠ ପ୍ରାଇଭେଟ୍ ବିଶ୍ୱବିଦ୍ୟାଳୟ ମାନ୍ୟତା

**ନୂଆଦିଲ୍ଲୀ,୧୧।୬**

କ୍ୟୁଏସ୍ ୱାର୍ଲଡ୍ ୟୁନିଭର୍ସିଟି ର୍ୟାଙ୍କିଙ୍ଗ୍ ୨୦୨୩ ଅନୁସାରେ ଓ.ପି. ଜିନ୍ଦଲ ଗ୍ଲୋବାଲ ୟୁନିଭର୍ସିଟି (ଜେଜିୟୁ)କୁ କ୍ରମାଗତ ଭାବରେ ତୃତୀୟ ବର୍ଷ ପାଇଁ ଭାରତର ୧ ନମ୍ବର ପ୍ରାଇଭେଟ୍ ୟୁନିଭର୍ସିଟି ଭାବରେ ମନୋନୀତ କରାଯାଇଛି। ଏନେଇ ଗୁରୁବାର ନ୍ୟୁୟର୍କ ୟୁଏସ୍‌ଏରେ ଉନ୍ମୋଚିତ ହୋଇଥିଲା। ଲଣ୍ଡନଭିତ୍ତିକ କ୍ୱାକ୍‌କ୍ୱାରେଲି ସାଇମଣ୍ଡସ (କ୍ୟୁଏସ୍) ଚଳିତ ବର୍ଷ ଭାରତରୁ ୪୧ ଅନୁଷ୍ଠାନକୁ ର୍ୟାଙ୍କ୍ ପ୍ରଦାନ କରିଛି, ଯେଉଁଥିରେ ୭ଟି ନୂଆ ଅନୁଷ୍ଠାନ ସାମିଲ ହୋଇଛନ୍ତି। ର୍ୟାଙ୍କ୍ ପ୍ରାପ୍ତ ଅନୁଷ୍ଠାନ ସଂଖ୍ୟା ବୃଦ୍ଧି ସତ୍ତ୍ୱେ ଜେଜିୟୁ ଏହାର ୧ ନମ୍ବର ସ୍ଥିତି ବଜାୟ ରଖିଛି। ୨୦୨୩ ସଂସ୍କରଣ ପାଇଁ କ୍ୟୁଏସ୍ ସମୁଦାୟ ୨୪୬୨ ଅନୁଷ୍ଠାନକୁ ବିଶ୍ଳେଷଣ କରିଥିଲା ଓ ବିଶ୍ୱର ୧୪୨୨ଟି ଅନୁଷ୍ଠାନକୁ ର୍ୟାଙ୍କ ପ୍ରଦାନ କରିଛି। ଜେଜିୟୁ ଚଳିତ ବର୍ଷ ୬୫୧-୭୦୦ ବ୍ୟାଣ୍ଡ ମଧ୍ୟରେ ରହିଛି। ଏଥିରେ ଜେଜିୟୁ ଭାରତର ଏକମାତ୍ର ଘରୋଇ ୟୁନିଭର୍ସିଟି ଯାହାକି ବିଶ୍ୱର ଟପ୍ ୭୦୦ ୟୁନିଭର୍ସିଟି ମଧ୍ୟରେ ଏହାର ସ୍ଥାନ ହାସଲ କରିପାରିଛି। କ୍ୟୁଏସ୍ ୱାର୍ଲଡ୍ ୟୁନିଭର୍ସିଟି ର୍ୟାଙ୍କିଙ୍ଗ୍ ୨୦୨୩ ଅନୁସାରେ ଜେଜିୟୁ ମଧ ଭାରତର ନମ୍ବର୧ ର୍ୟାଙ୍କ୍ ପ୍ରାପ୍ତ ୟୁନିଭର୍ସିଟି, ଯାହାକି ସାମାଜିକ ବିଜ୍ଞାନ, ଆର୍ଟସ୍ ଓ ହ୍ୟୁମାନିଟିଜ୍ ଉପରେ ଧ୍ୟାନ ପ୍ରଦାନ କରୁଛି। ୪୧ ଅନୁଷ୍ଠାନ ମଧ୍ୟରୁ ଯାହାକୁ ଭାରତରୁ ର୍ୟାଙ୍କ ପ୍ରଦାନ କରାଯାଇଛି, ସେଥିମଧ୍ୟରୁ ୧୧ଟି ହେଉଛି ଆଇଆଇଟି। ସୂଚନାଯୋଗ୍ୟ, ଜେଜିୟୁ ହେଉଛି ଏକମାତ୍ର ଅଣ-ଷ୍ଟେମ୍ ଓ ଅଣ-ମେଡିସିନ୍ ୟୁନିଭର୍ସିଟି ଯାହାକି କ୍ୟୁଏସ୍ ୱାର୍ଲଡ୍ ୟୁନିଭର୍ସିଟି ର୍ୟାଙ୍କିଙ୍ଗ୍ ୨୦୨୩ ରେ ସ୍ଥାନ ପାଇଛି। ଜେଜିୟୁର ଏହି ସଫଳତା ଉପରେ ଓ.ପି. ଜିନ୍ଦଲ ଗ୍ଲୋବାଲ ୟୁନିଭର୍ସିଟିର ପ୍ରତିଷ୍ଠାତା ନବୀନ ଜିନ୍ଦଲ କହିଛନ୍ତି, ଭାରତର ଉଚ୍ଚ ଶିକ୍ଷା ପାଇଁ ଏହା ଏକ ଉଲ୍ଲେଖନୀୟ ଦିବସ । କାରଣ ୟୁଏସ୍ ୱାର୍ଲଡ୍ ୟୁନିଭର୍ସିଟି ର୍ୟାଙ୍କିଙ୍ଗ୍ ୨୦୨୩ ଦର୍ଶାଇଛି ଯେ ଗ୍ଲୋବାଲ ର୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଭାରତୀୟ ଅନୁଷ୍ଠାନ ସଂଖ୍ୟା ବୃଦ୍ଧି ପାଇଛି।

# ମାଲାବାରର 'ମାଇନ୍ ଡାଇମଣ୍ଡ' ପ୍ରଦର୍ଶନୀ

**ଭୁବନେଶ୍ୱର,୧୧।୬**



ବିଶ୍ୱର ଅନ୍ୟତମ ଅଗ୍ରଣୀ ଜୁଏଲେରି ବ୍ରାଣ୍ଡ୍ କମ୍ପାନୀ 'ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍' ପକ୍ଷରୁ 'ମାଇନ୍ ଡାଇମଣ୍ଡ' ଶୋ' ଆରମ୍ଭ କରାଯାଇଛି। ମିସେସ୍ ଇଣ୍ଡିଆ ୱାର୍ଲ୍ଡ ୱାଇଡ୍ ଇଷ୍ଟ ଜୋନ୍ ବିଜୟିନୀ ଏବଂ ଦୁବାଇଠାରେ ଅନୁଷ୍ଠିତ ମିସେସ୍ ମ୍ୟାଗ୍ନିଫିସେଣ୍ଟ ୨୦୨୧ର ବିଜୟିନୀ ସାଇପ୍ରସନ୍ନା ବେହେରାଙ୍କ ଦ୍ୱାରା ଶୋ'ର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ମ୍ୟାନେଜମେଣ୍ଟ ଟିମ୍ ସଦସ୍ୟ, ଗ୍ରାହକ ଏବଂ ଶୁଭଚିନ୍ତକ ମଧ ଉପସ୍ଥିତ ଥିଲେ। ଡାଇମଣ୍ଡ ଜୁଏଲେରୀର ଏହି ସ୍ୱତନ୍ତ୍ର ପ୍ରଦର୍ଶନୀରେ ଗ୍ରାହକମାନେ ବ୍ରାଇଡାଲ୍, ସଲିଟାୟାର, ଏଭ୍ରିଡେ କଲେକ୍ସନ୍, ସେଲିବ୍ରେସନ୍ ନେକ୍‌ଲେସ୍, ପୁରୁଷ ଜୁଏଲେରୀ, ପ୍ଲାଟିନମ୍ ଜୁଏଲେରୀ କଲେକ୍ସନ ପାଇପାରିବେ। ଏହି ପ୍ରଦର୍ଶନୀ କଟକସ୍ଥିତ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ରେ ଜୁନ୍ ୧୧ରୁ ୧୯ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଷ୍ଟୋର୍ ମ୍ୟାନେଜର ମଦନ ମୋହନ ସାହୁ ସୂଚନା ଦେଇଛନ୍ତି। କମ୍ପାନୀ ପକ୍ଷରୁ 'ୱାନ୍ ଇଣ୍ଡିଆ ୱାନ୍ ଗୋଲ୍ଡ ରେଟ୍' ଅଭିଯାନ ଆରମ୍ଭ ହୋଇଯାଇଛି। ଫଳରେ ଗ୍ରାହକମାନେ ଭାରତର ସମସ୍ତ ମାଲାବାର ଷ୍ଟୋର୍‌ରୁ ସର୍ବୋତ୍ତମ ମୂଲ୍ୟରେ ସୁନା କ୍ରୟ କରିପାରିବେ। ଏହାଛଡ଼ା କମ୍ପାନୀର ସମସ୍ତ ହୀରା ଅଳଙ୍କାର ଆଇଜିଆଇ ସାର୍ଟିଫାଏଡ୍ ହୋଇଛି। ଏଥିସହିତ ମୂଲ୍ୟ ବର୍ଦ୍ଧିତ ସେବା ଭଳି ବାଏବ୍ୟାକ୍ ଗ୍ୟାରେଣ୍ଟି, ଆଜୀବନ ସୁନିଶ୍ଚିତ ରକ୍ଷଣାବେକ୍ଷଣ ଏବଂ ଏକ ବର୍ଷର ବୀମା ସୁବିଧା ରହିଛି। ବ୍ରାଣ୍ଡ ପକ୍ଷରୁ ୱେଡିଂ ଆଡ୍‌ଭାନ୍ସ ପର୍ଚ୍ଛେଜ୍ ସ୍କିମ୍ ମଧ ଘୋଷଣା କରାଯାଇଛି। ଏହା ଜରିଆରେ ଗ୍ରାହକମାନେ ୫% ଅଗ୍ରୀମ ଦେଇ ଗୋଲ୍ଡ ଲୋନ୍ ପ୍ରୋଟେକ୍ସନ୍ ଅଫର ପ୍ରାପ୍ତ କରିପାରିବେ। ଦେଶର ଭରସାଯୋଗ୍ୟ ଜୁଏଲେରୀ ବ୍ରାଣ୍ଡ୍ ମଧ୍ୟରୁ ମାଲାବାର ଅନ୍ୟତମ। ଏହା କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସ୍‌ଆର୍ ) କାର୍ଯ୍ୟକଳାପ କ୍ଷେତ୍ରରେ ଏହାକ ବାର୍ଷିକ ଲାଭର ଏକ ନିର୍ଦ୍ଦିଷ୍ଟ ଅଂଶ ବ୍ୟୟ କରିଥାଏ। ସ୍ୱାସ୍ଥ୍ୟ, ଶିକ୍ଷା, ଗୃହ, ମହିଳା ସଶକ୍ତୀକରଣ ଏବଂ ପରିବେଶ ସଂରକ୍ଷଣ ଭଳି କାର୍ଯ୍ୟକଳାପରେ ମାଲାବାର ନିଜ ପାଣ୍ଠି ଖର୍ଚ୍ଚ କରିଥାଏ।

**ଫୁର୍‌ସତ୍**

# ଜଷ୍ଟିନ୍ ବିବରଙ୍କୁ ଫେସିଆଲ ପାରାଲିସିସ୍



**ୱାଶିଂଟନ**

କାନାଡିଆନ୍ ସିଙ୍ଗର୍ ଜଷ୍ଟିନ୍ ବିବରଙ୍କ ଫ୍ୟାନ୍ସଙ୍କ ପାଇଁ ଦୁଃଖ ଖବର। ଜଷ୍ଟିନ୍ ଫେସିଆଲ ପାରାଲିସିସ୍‌ରେ ଆକ୍ରାନ୍ତ ହୋଇଥିବା ସୋସିଆଲ ମିଡିଆରେ ଏକ ଭିଡିଓ ଶେୟାର କରି କହିଛନ୍ତି। ଏହି ୩ ମିନିଟର ଭିଡିଓରେ ସେ ଏକ ବିରଳ ରୋଗ ରାମ୍‌ସେ ହଣ୍ଟ ସିଣ୍ଡ୍ରୋମ୍‌ରେ ଆକ୍ରାନ୍ତ ଥିବା କହିଛନ୍ତି। ଏହି ରୋଗ କାରଣରୁ ତାଙ୍କ ଡାହାଣ ମୁହଁ ସାମାନ୍ୟଭାବେ ଅଚଳ ହୋଇଯାଇଛି। ହାଡଫୁଟି ଭିଆଉଥିବା ଭୂତାଣୁ ଜରିଆରେ ମୁନଷ୍ୟ ଶରୀରରେ ରାମ୍‌ସେ ହଣ୍ଟ ସିଣ୍ଡ୍ରୋମ ହୋଇଥାଏ। ଏହି ରୋଗ କାରଣରୁ ଜଷ୍ଟିନ୍ ବିବରଙ୍କ ମୁଖର ଡାହାଣ ପାର୍ଶ୍ୱ କାମ କରିବା ବନ୍ଦ କରିଦେଇଛି। ବାମ ପଟ ଆଖି ବନ୍ଦ ହେଉ ନ ଥିବାବେଳେ ହସିବା ତାଙ୍କପକ୍ଷେ ସମ୍ଭବ ହେଉ ନାହିଁ। ଏଥିସହ ବାମପଟ ନାକପୁଡ଼ାକୁ ସେ ହଲାଇ ପାରୁ ନ ଥିବା କହିଛନ୍ତି। ତାଙ୍କ ସୁସ୍ଥ କାମନା କରି ଠାକୁରଙ୍କ ନିକଟରେ ପ୍ରାର୍ଥନା କରିବା କଥା ଜଷ୍ଟିନ୍ କହିଛନ୍ତି।

ତେବେ ଏହି ରୋଗକୁ ଭଲ କରିବା ପାଇଁ ସେ ସମସ୍ତ ପ୍ରକାର ଫେସିଆଲ୍ ଏକ୍ସରସାଇଜ୍ କରୁଛନ୍ତି। ରୋଗ ଭେଲ ହେବାର ବହୁ ସମ୍ଭାବନା ଥିବାବେଳେ ଏଥିପାଇଁ ଓମୟ ଲାଗିବ ବୋଲି ସେ ଭିଡିଓ ଜରିଆରେ କହିଛନ୍ତି। କିନ୍ତୁ ସୁସ୍ଥ ହେବା ପାଇଁ ନିର୍ଦ୍ଦିଷ୍ଟ ଭାବେ କେତେ ସମୟ ଲାଗିବ ତାହା ସେ ଜାଣି ନ ଥିବା କହିଛନ୍ତି। କିନ୍ତୁ ପ୍ରଶଂସକଙ୍କ ଭଲପାଇବା ପାଇଁ ସେ ଖୁବ୍ ଶୀଘ୍ର ଭଲ ହୋଇଯିବେ ବୋଲି ଆଶା ରଖିଥିବା କହିଛନ୍ତି।

### ରାମ୍‌ସେ ହଣ୍ଟ ସିଣ୍ଡ୍ରୋମ୍ କ'ଣ?

ହାଡଫୁଟି ଏବଂ କାଛୁ ଭିଆଉଥିବା ଭୂତାଣୁ ସଂକ୍ରମଣ ଦ୍ୱାରା ରାମ୍‌ସେ ହଣ୍ଟ ସିଣ୍ଡ୍ରୋମ୍ ହୋଇଥାଏ। ଏହି ଭୂତାଣୁ ସାଧାରଣ ଭାବେ ମୁଖରେ ଥିବା ଶିରାକୁ ଆକ୍ରାନ୍ତ କରିଥାଏ। ବିଶେଷକରି ଯୁବପିଢ଼ିଙ୍କଠାରେ ଅଧିକମାତ୍ରାରେ ଏହି ରୋଗ ଦେଖିବାକୁ ମିଳେ।

### ଲକ୍ଷଣ

- ➥କାନରେ ଅସହ୍ୟ ଯନ୍ତ୍ରଣା ଅନୁଭୂତ।
- ➥କାନ, ପାଟି, ଜିଭ ସବୁବେଳେ କୁଣ୍ଡାଇ ହେବ।
- ➥ମୁଖର ଗୋଟିଏ ପାର୍ଶ୍ୱକୁ ଅକାମି କରିଦେବ, ଯାହାଫଳରେ ଗୋଟିଏପଟ ଆଖି, ନାକ ପାଟି କାମ କରିବା ବନ୍ଦ ହୋଇଯିବ।
- ➥ଦେହ ଦୁର୍ବଳ ଲାଗିବ।

ତେବେ ଏ ପ୍ରକାର ଲକ୍ଷଣ ଦେଖାଯିବା ମାତ୍ରେ ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ସେବନ କରିବା ଉଚିତ।

# ଶିଶୁଙ୍କ ଉତ୍ତମ ଭବିଷ୍ୟତ ଜରୁରୀ



### ବିଶ୍ୱ ଶିଶୁ ଶ୍ରମିକ ନିରୋଧୀ ଦିବସ

**କ**ଥାରେ ଅଛି, ଆଜିର ଶିଶୁ କାଲିର ନାଗରିକ। ତେଣୁ ଶିଶୁଙ୍କ ଉପଯୁକ୍ତ ବିକାଶ ଦ୍ୱାରା ଏକ ଉନ୍ନତ ଦେଶ ଗଠନ ହୋଇ ପାରିଥାଏ। ମାତ୍ର ବିଭିନ୍ନ କାରଣରୁ ଶିଶୁମାନେ ଅବହେଳାର ଶିକାର ହୋଇଥାନ୍ତି। ସେଥିମଧ୍ୟରୁ ଆର୍ଥିକ କାରଣ ଗୁରୁତ୍ୱପୂର୍ଣ୍ଣ। ପାଠ ପଢ଼ିବା ବୟସରେ ଶିଶୁମାନେ ଶ୍ରମିକ ଭାବେ କାମ କରୁଥିବା ବିରୋଧରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜୁନ୍ ୧୨ରେ ଶିଶୁ ଶ୍ରମିକ ବିରୋଧରେ ବିଶ୍ୱ ଦିବସ ପାଳନ କରାଯାଇଥାଏ। ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲଏ) ଅନୁମୋଦନ କ୍ରମେ ଏହା ୨୦୦୨ରେ ଆରମ୍ଭ ହୋଇଥିଲା, ଯାହା ଶିଶୁ ଶ୍ରମକୁ ରୋକିବା ପାଇଁ ସଚେତନତା ତଥା ସକ୍ରିୟତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଥିଲା। ଏହା ଶିଶୁ ଶ୍ରମିକ ବିରୋଧରେ ବିଶ୍ୱବ୍ୟାପୀ ଆନ୍ଦୋଳନକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ। ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲ୍‌ଏ), ମିଳିତ ଜାତିସଂଘର ଏକ ସଂସ୍ଥା ଯାହାକି ଶ୍ରମିକ ଜଗତକୁ ନିୟନ୍ତ୍ରିତ କରେ। ଶିଶୁ ଶ୍ରମିକ ବିରୋଧରେ ଏହି ଦିବସ ପାଳନର ଆରମ୍ଭ କରାଯାଇଥିଲା।

ଏହି ଦିନଟି ଶିଶୁ ଶ୍ରମିକଙ୍କ ସମସ୍ୟାକୁ ସୂଚିତ କରିବା ଏବଂ ଶିଶୁ ଶ୍ରମିକମାନଙ୍କୁ ସାହାଯ୍ୟ କରିବା ପାଇଁ ନିର୍ଦ୍ଦେଶାବଳୀ ଜାରି କରିବାକୁ ସରକାର, ସ୍ଥାନୀୟ କର୍ତ୍ତୃପକ୍ଷ, ନାଗରିକ ସମାଜ ଏବଂ ଆନ୍ତର୍ଜାତିକ, ଶ୍ରମିକ ଏବଂ ନିଯୁକ୍ତିଦାତା ସଂଗଠନଗୁଡ଼ିକୁ ଏକତ୍ରିତ କରିଥାଏ। ଆଇଏଲ୍‌ଏର ତଥ୍ୟ ଅନୁଯାୟୀ, ଆଜିବି ଶହ ଶହ କୋଟି ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି।

## ଚର୍ଚ୍ଚାକୁ ଆସିବା ପାଇଁ ଛେଳି ସହ ବାହାଘର

**ଜାକର୍ତ୍ତା:** ବର୍ତ୍ତମାନର ସୋସିଆଲ ମିଡିଆ ଯୁଗରେ ପ୍ରତ୍ୟେକ ବ୍ୟକ୍ତି ଚର୍ଚ୍ଚାର କେନ୍ଦ୍ର ପାଲଟିବାକୁ ଚାହୁଁଛନ୍ତି। ଅନେକ ସମୟରେ ଲୋକ ଅଜବ କାମ କରିବାକୁ ପଛାଉ ନାହାନ୍ତି। ତେବେ ଇଣ୍ଡୋନେସିଆର ଜଣେ ବ୍ୟକ୍ତି ସାମାଜିକ ଗଣମାଧ୍ୟମରେ ହାଇଲାଇଟ୍ ହେବା ପାଇଁ ଏକ ଛେଳିକୁ ବାହା ହୋଇଛନ୍ତି। ବେଙ୍ଗେଙ୍ଗ୍ ଜିଲା ଗ୍ରେସିକ୍‌ର କ୍ଲାମ୍ପୋକ ଗ୍ରାମର ସେଫୁଲ ଆରିଫ୍ (୪୪) ଶ୍ରୀ ରାହାୟୁ ବିନ୍ ବେଜୋ ନାମରେ ଏକ ମାଈ ଛେଳିକୁ ଗତ ୫ ତାରିଖରେ ବାହା ହୋଇଛନ୍ତି। ସେଫୁଲଙ୍କ ସମ୍ପର୍କୀୟ ଛେଳିଟିକୁ ପାରମ୍ପରିକ ପୋଷାକ ପିନ୍ଧାଇବା ସହ ବୈଦିକ ରୀନିନୀତି ଅନୁସାରେ ବାହାଘର ହେଉଥିବା ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି। ବାହାଘରରେ ସେଫୁଲ ୧୧୭ ଟଙ୍କା ଯୌତୁକ ମଧ ଆଣିଛନ୍ତି। ବାହାଘର ନେଇ ସ୍ଥାନୀୟ ଲୋକଙ୍କଠାରେ ଅସନ୍ତୋଷ ଦେଖାଯାଇଥିଲା। ବାହାଘରରେ ସେ କେବଳ ଅଭିନୟ କରୁଥିବାବେଳେ ସୋସିଆଲ ମିଡିଆରେ ଫେମସ୍ ହେବା ପାଇଁ ସେଫୁଲ ବାହାଘର ଭିଡିଓ ସୋସିଆଲ ଶେୟାର କରିଥିବା କହିଛନ୍ତି।



## ମୃତ୍ୟୁକୁ ନିକଟରୁ ଦେଖିଛି: ଅନୁରାଗ

**ମୁମ୍ବାଇ:** ହିନ୍ଦୀ ଫିଲ୍ମ ନିର୍ଦ୍ଦେଶକ ଅନୁରାଗ ବସୁ ମୃତ୍ୟୁକୁ ଅତି ନିକଟରୁ ଦେଖିଥିବା ଏକ ସାକ୍ଷାତ୍କାରରେ କହିଛନ୍ତି। ୨୦୦୪ ମସିହାରେ ଅନୁରାଗ ରକ୍ତ କର୍କଟରେ ପୀଡ଼ିତ ଥିଲେ। ପରିବାର, ବନ୍ଧୁ ଓ ଫିଲ୍ମ ଜଗତରୁ ଅନେକ କଳାକାର ଦୁଃଖ ସମୟରେ ଅନୁରାଗଙ୍କ ପାଖରେ ଛିଡ଼ା ହୋଇଥିଲେ ନିଶ୍ଚୟ କିନ୍ତୁ ରୋଗକୁ ନେଇ ସେ କୌଣସିମତେ ସିରିୟସ୍ ନ ଥିବା କହିଛନ୍ତି। ପ୍ରାରମ୍ଭିକ ସମସୟରେ ତାଙ୍କ ପାଟିରେ ଫୋଟକା ଭଳି ହୋଇଥିଲା। ହେଲେ କାମରେ ବ୍ୟସ୍ତ ଥିବା କାରଣରୁ ସେ ଡାକ୍ତରଙ୍କ ପାଖକୁ ଯାଇପାରି ନ ଥିଲେ। ଯେତେବେଳେ ଫୋଟକା ବଡ଼ ଆକାର ନେଲା ସେତେବେଳ ସେ ହସ୍ପିଟାଲରେ ପହଞ୍ଚିଥିଲେ। ବ୍ଲଡ୍ ଟେଷ୍ଟ ରିପୋର୍ଟରୁ ତାଙ୍କୁ ରକ୍ତ କର୍କଟ ହୋଇଥିବା ଜଣାପଡ଼ିଲା।



ତାଙ୍କୁ ତୁରନ୍ତ ଡାକ୍ତରଖାନାରେ ଆଡ୍‌ମିଟ୍ କରାଯାଇଥିବାବେଳେ ସେ ଆଉ ମାତ୍ର ୨ ସପ୍ତାହ ଜୀବିତ ରହିବେ ବୋଲି ଡାକ୍ତର କହିଥିଲେ।

ସେ ସମୟରେ ଅନୁରାଗଙ୍କ ସ୍ତ୍ରୀ ତାନି ବସୁ ୭ ମାସର ଗର୍ଭବତୀ ଥିଲେ। ମୃତ୍ୟୁ ପାଇଁ ତାଙ୍କୁ ଭୟ ନ ଥିବାବେଳେ ସେ ତାଙ୍କ ପ୍ରଥମ ସନ୍ତାନଙ୍କୁ ଦେଖି ନ ପାରିବା ପାଇଁ ଦୁଃଖିତ ଥିବା କହିଛନ୍ତି। ଏକାଧିକ ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ଅନୁରାଗ ଶେଷରେ ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ। ସେଠାରେ ବେଡ୍ ମିଳିବା କଷ୍ଟକର ହୋଇପଡ଼ିଥିବାବେଳେ ସୁନୀଲ ଦତ୍ତଙ୍କ ସହାୟତାରେ ତାଙ୍କୁ ବେଡ୍ ମିଳିଲା। କିଛି ଦିନ ସେଠାରେ ଭେଣ୍ଟିଲେଟରରେ ରହିବା ପରେ ତାଙ୍କର ଦୀର୍ଘଦିନ ଚିକିତ୍ସା ଜାରି ରହିଲା। ଚିକିତ୍ସାଧୀନ ଅବସ୍ଥାରେ ମଧ ଅନୁରାଗଙ୍କୁ ଫିଲ୍ମ ଗ୍ୟାଙ୍ଗଷ୍ଟରର ଶୁଟିଂ କରିବାକୁ ପଡ଼ିଥିଲା। ମର୍ଡର, ଲୁଡୋ,ସାୟା, କାଇଟ୍‌ସ ଆଦି ଫିଲ୍ମର ନିର୍ଦ୍ଦେଶନା ସେ ଦେଇଥିବାବେଳେ ବରଫି ଫିଲ୍ମ ବେଶ୍ ଲୋକପ୍ରିୟ ହୋଇଥିଲା।

## ଚିକିତ୍ସା ପାଇଁ ହସ୍ପିଟାଲରେ ପହଞ୍ଚିଲା ମାଙ୍କଡ଼



**ପାଟନା:** ପଶୁପକ୍ଷୀଙ୍କ ଦେହ ଖରାପ ହେଲେ ସେମାନଙ୍କ ମାଲିକ ହିଁ ଚିକିତ୍ସା ପାଇଁ ଡାକ୍ତରଖାନା ନେଇଯାନ୍ତି। କିନ୍ତୁ ବିହାରରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଦେଖିବାକୁ ମିଳିଛି। ଏକ ମାଙ୍କଡ ଓ ଛୁଆ ଚିକିତ୍ସା ପାଇଁ ଡାକ୍ତରଖାନାରେ ଯାଇ ପହଞ୍ଚିଛନ୍ତି। ମଣିଷଙ୍କ ପରି ଲାଇନ୍‌ରେ ଛିଡ଼ା ହୋଇ ମାଙ୍କଡଟି ନିଜ ପାଳିକୁ ଅପେକ୍ଷା କରି ବସିଥିବାବେଳେ ଡାକ୍ତରଙ୍କ ନିକଟରେ ଥିବା ଷ୍ଟୁଲରେ ଧୀରସ୍ଥିର ଭାବେ ବସିଥିବା ଏକ ଭିଡିଓରେ ଦେଖିବାକୁ ମିଳିଛି। ତେବେ ମା' ମାଙ୍କଡଟି କ୍ଷଣକ ପାଇଁ ତା' ପିଲାକୁ ନିଜଠାରୁ ଅଲଗା ହେବାକୁ ଦେଉ ନ ଥିଲା। ତେବେ ମାଙ୍କଡ଼ ଚିକିତ୍ସା ହେଉଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଥିବାବେଳେ ୟୁଜରମାନେ ମାଙ୍କଡକୁ ସାବାସୀ ଦେବାରେ ଲାଗିଛନ୍ତି।

## ସଂକ୍ଷେପରେ

### ପୁଣି ଅଚଳ ଶିଶୁ ରେଳଗାଡ଼ି

ବାରଙ୍ଗ,୧୧।୬(ଡି.ଏନ୍.ଏ.): ନନ୍ଦନକାନନରେ ପର୍ଯ୍ୟଟକଙ୍କ ପାଇଁ ବିଶେଷ ଆକର୍ଷଣ ସାଜିଥିବା ଶିଶୁ ରେଳଗାଡ଼ି ଦୁଇ ମାସ ଅନ୍ତରାଳରେ ପୁଣି ଥରେ ଅଚଳ ହୋଇପଡିଛି। ସେଥିରେ କିଛି ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ତାକୁ ପ୍ଲାଟ୍‌ଫର୍ମରେ ରଖାଯାଇଛି। ଫଳରେ ପର୍ଯ୍ୟଟକ ଶିଶୁ ରେଳଗାଡ଼ିରେ ବୁଲି ନ ପାରି ନିରାଶ ହୋଇଛନ୍ତି। ଅଧାରାସ୍ତାରେ ଖରାପ ହୋଇଥିବାବେଳେ ତାହା ପୁନଶ୍ଚ ଷ୍ଟାର୍ଟ୍ ହୋଇ ନ ଥିଲା। କର୍ମଚାରୀମାନେ ଗାଡ଼ିକୁ ଠେଲିଠେଲି ପ୍ଲାଟ୍‌ଫର୍ମକୁ ଆଣିଥିଲେ। ତେବେ ଶିଶୁ ରେଳଗାଡ଼ି ଚାଲିବା ପରଠାରୁ ତାକୁ ନେଇ ଅନେକ ବିବାଦ ଦେଖାଦେଇଛି। କେତେବେଳେ ବ୍ୟାଟେରି, ଚ୍ୟାନେଲ ବୋର୍ଡରୁ ଧୂଆଁ ବାହାରିବା ତ କେତେବେଳେ ଶର୍ଟ ସର୍କିଟ ଭଳି ଘଟଣା ଘଟି ପର୍ଯ୍ୟଟକମାନଙ୍କୁ ଅଧାରାସ୍ତାରୁ ଓହ୍ଲାଇବାକୁ ପଡୁଛି। ଶିଶୁ ରେଳଗାଡି ଖରାପ ହୋଇ ସଜଡ଼ାହେଉଥିଲେ ମଧ ପୁଣି ତ୍ରୁଟି ଦେଖାଯାଉଛି। ପୂର୍ବରୁ ଯାନ୍ତ୍ରିକ ତ୍ରୁଟି ପାଇଁ ବନ୍ଦ ପଡ଼ିଥିବା ରେଳଗାଡ଼ି ମରାମତି ହୋଇ ଗତ ଏପ୍ରିଲ ୧୧ରେ କାର୍ଯ୍ୟକ୍ଷମ ହୋଇଥିଲା। ପୁଣି ତାହା ଅଚଳ ହୋଇପଡିଛି। ତେବେ ରଜରେ ବହୁ ସଂଖ୍ୟକ ପର୍ଯ୍ୟଟକ ନନ୍ଦନକାନନକୁ ଆସିବା ସମ୍ଭାବନା ଥିବାରୁ ସେମାନେ ଶିଶୁ ରେଳଗାଡିର ମଜା ଉଠାଇପାରିବେ କି ନା ସେନେଇ ଏଠାରେ ପ୍ରଶ୍ନ ଉଠୁଛି।

### ଗାଁମୁଣ୍ଡରେ ୨ ହାତୀ, ଲୋକେ ଭୟଭୀତ

ବାରଙ୍ଗ,୧୧।୬(ଡି.ଏନ୍.ଏ.)- ବାରଙ୍ଗ ଥାନା ଅନ୍ତର୍ଗତ ନେତଲ ଗାଁମୁଣ୍ଡରେ ଶନିବାର ୨ଟି ହାତୀ ଥିବାର ଦେଖିବାକୁ ମିଳିଛି। ଏହି ୨ ହାତୀ ଗତ କିଛିଦିନ ହେବ ଚନ୍ଦକା ଜଙ୍ଗଲରୁ ବାହାରି ଆଉ ଜଙ୍ଗଲକୁ ଫେରୁ ନ ଥିବାରୁ ନରାଜ, ମୁଣ୍ଡଳି, ରାମଦାଶପୁର ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଶନିବାର ରାତି ୯ଟାରେ ନେତଲଗାଁର କେତେଜଣ ଯୁବକ ଗହିରକୁ ଯାଉଥିବାବେଳେ ୨ଟି ହାତୀ ଥିବା ଦେଖିଥିଲେ। ଫଳରେ ଗ୍ରାମବାସୀ ଗାଁମୁଣ୍ଡରେ ରହି ହାତୀର ଗତିବିଧିକୁ ଦୃଷ୍ଟିରେ ରଖିବା ସହ ବନ ବିଭାଗକୁ ଖବର ଦେଇଥିଲେ। ଏପରିକି ବାରଙ୍ଗ-ବାଙ୍କୀ ମୁଖ୍ୟରାସ୍ତାରେ ଯାଉଥିବା ଲୋକେ ମଧ ଭୟରେ ଯାତାୟତ କରୁଛନ୍ତି।

### ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସ୍ୱାଧୀନତା ସଂଗ୍ରାମୀଙ୍କ ପରଲୋକ

ବାସୁଦେବପୁର, ୧୧।୬ (ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଆରୁହା ପଞ୍ଚାୟତ ତୁଳମତୁଳା ଗ୍ରାମର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶାରଦା ପ୍ରସାଦ ରାୟ(୯୬)ଙ୍କର ଶନିବାର ଅପରାହ୍ଣରେ ବାସଭବନରେ ପରଲୋକ ହୋଇଛି। ଗତ କିଛିଦିନ ଧରି ସେ ଅସୁସ୍ଥ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପରିବାର ବର୍ଗ ଉପସ୍ଥିତ ଥିଲେ।

ସେ ଭାରତଛାଡ଼ ଆନ୍ଦୋଳନରେ ସାମିଲ ହୋଇଥିଲେ। ସ୍ୱାଧୀନତା ସଂଗ୍ରାମରେ ସେ ଇଂରେଜ ସରକାରଙ୍କ ବିରୋଧରେ ସ୍ୱର



ଉତ୍ତୋଳନ କରି ୨ ଥର କାରାବରଣ କରିଥିଲେ। ବାଲେଶ୍ୱର ଜେଲରେ ଦେଢ଼ବର୍ଷ ଓ ବିହାରର ପାଟଣା ଜେଲରେ ୪ ମାସ ବନ୍ଦୀ ଜୀବନ କଟାଇଥିଲେ। ୨୦୨୧ ଅଗଷ୍ଟ ୯ କ୍ରାନ୍ତି ଦିବସରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କ ଉଦ୍ଦେଶ୍ୟରେ ରାଷ୍ଟ୍ରପତି ପଦକ ପ୍ରଦାନ କରିଥିଲେ। ସେ ଅସୁସ୍ଥ ଥିବାରୁ ରାଷ୍ଟ୍ରପତି ଭବନ ଯାଇପାରି ନ ଥିବା ଯୋଗୁ ତୁଳମତୁଳାସ୍ଥିତ ତାଙ୍କ ବାସଭବନରେ ତତ୍କାଳୀନ ଜିଲାପାଳ ଡ. ଜ୍ଞାନ ଦାସ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଜିଲା ଓ ବ୍ଲକସ୍ତରୀୟ ପ୍ରଶାସନିକ ଅଧିକାରୀ ପ୍ରମୁଖଙ୍କ ଉପସ୍ଥିତିରେ ରାଷ୍ଟ୍ରପତିଙ୍କ ପକ୍ଷରୁ ପ୍ରଦତ୍ତ ସମ୍ମାନ ପ୍ରଦାନ କରିଥିଲେ। ସଂଗ୍ରାମୀ ରାୟ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଜଣେ ଶିକ୍ଷକ ଭାବେ ଭଦ୍ରକ ଓ ବାଲେଶ୍ୱର ଜିଲାରେ ଶିକ୍ଷକତା କରି ଅବସର ନେଇଥିଲେ। ବାସୁଦେବପୁର ଅଞ୍ଚଳର ଶେଷ ସ୍ୱାଧୀନତା ସଂଗ୍ରାମୀ ରାୟଙ୍କ ଦେହାନ୍ତ ନେଇ ବିଭିନ୍ନ ମହଲରୁ ଶୋକ ପ୍ରକାଶ କରାଯାଇଛି। ସନ୍ଧ୍ୟାରେ ଉପଜିଲାପାଳ ମନୋଜ ପାତ୍ର, ତହସିଲଦାର ଅନିତା ନାୟକ, ବାସୁଦେବପୁର ଥାନା ଆଇଆଇସି ଅମିତ ଭୂୟାଁ, ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ସରପଞ୍ଚ ରାଜେନ୍ଦ୍ର ସାହୁ, ସମିତିସଭ୍ୟ ସୁରେନ୍ଦ୍ର ବେଜ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସଞ୍ଜୟ ରାଉତ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ପରେ ଶେଷକୃତ୍ୟ କରାଯାଇଥିଲା।



ରଜ ପାଇଁ ଶନିବାର ଭୁବନେଶ୍ୱର ୟୁନିଟ୍-୨ ମାର୍କେଟ ବିଲ୍ଡିଂରେ ଗ୍ରାହକଙ୍କ ଭିଡ଼।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଟ ତଳେ ପାଣି ଝୋବା**
**ପୁଅ ଝିଅ ନାହିଁ କି ବୋଲି ଡାକିବି**
**ଭାତ ଭୁଞ୍ଜ ଫୁଲଗଭା।**

ଆଗକାଳରେ ପତିପତ୍ନୀ ପରସ୍ପରର ନାମ ତୁଣ୍ଡରେ ଧରୁ ନ ଥିଲେ। ପିଲାଝିଲା ହେଲେ ତାଙ୍କରି ନାଁର ସାହାରା ନେଇ ଅମୁକ ପୁଅର ବାପା କି ସମୁକ ଝିଅର ମାଆ ବୋଲି ସମ୍ବୋଧନ କରୁଥିଲେ। ସୁହାଗିନୀ ପ୍ରତି ଦରଦ ଭାବ ପ୍ରକାଶ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଖଉରିଆ ମୁଣ୍ଡେ ଖୋଷା
ଟାକୁଆ ଗାଲକୁ ବଣ ହଳଦୀ
ମାରି ଦେଉଅଛି ତୁଛା।

ସୌନ୍ଦର୍ଯ୍ୟ ପ୍ରତି ନାରୀଙ୍କ ମନରେ ଅହେତୁକ ଦୁର୍ବଳତା ଭାବ ରହିଥାଏ। ଯୁବତୀମାନେ ବେଶ ପରିପାଟି ହୋଇ ନିଜକୁ ଅନ୍ୟ ଆଗରେ ଦେଖେଇ ହେବାରେ ଖୁସି ଆନନ୍ଦ ପାଇଥାନ୍ତି। ଏପରିସ୍ଥଳେ ଗାଉଁଲି ଯୁବତୀର ଫେଶନ ବା ବିଚିତ୍ର ବେଶ ପରିପାଟି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ଆତ୍ମସମର୍ପଣ କଲେ ୨୯୫ ମିଲିସିଆ

## ପୋଡ଼ିଲେ ମାଓବାଦୀ ପୋଷାକ, ଧରିଲେ ସରକାରଙ୍କ ହାତ

ଚିତ୍ରକୋଣ୍ଡା,୧୧।୬(ଡି.ଏନ୍.ଏ.)

ମାଲକାନଗିରି ଜିଲାର ସ୍ୱାଭିମାନ ଅଞ୍ଚଳରେ ଶନିବାର ୨୯୫ ଜଣ ମାଓବାଦୀ ମିଲିସିଆ ଆତ୍ମସମର୍ପଣ କରିଛନ୍ତି। ନିଜ ମାଓବାଦୀ ପୋଷାକକୁ ପୋଡ଼ି ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ସମର୍ଥନ କରିଛନ୍ତି। ଶନିବାର ଯନ୍ତ୍ରୀ ପଞ୍ଚାୟତର ଡାବୁଗୁଡ଼ା ଓ ଧାକଡପଦରଠାରେ ଚିତ୍ରକୋଣ୍ଡା ଏସ୍‌ଡିପିଓ ଅଂଶୁମାନ ଦ୍ୱିବେଦୀ ଓ ବିଏସ୍‌ଏଫ୍ କମାଣ୍ଡାଣ୍ଟଙ୍କ ଉପସ୍ଥିତିରେ ଏହି ମିଲିସିଆମାନେ ଆତ୍ମସମର୍ପଣ କରିଥିଲେ।

ଜିଲାରୁ ମାଓବାଦୀଙ୍କୁ ସମ୍ପୂର୍ଣ୍ଣ ମୂଳପୋଛ କରିବାକୁ ନିୟୋଜିତ ବିଏସ୍‌ଏଫ୍ ପଦକ୍ଷେପ ଗ୍ରହଣ କରିବା ପରେ ମାଲକାନଗିରିର ଚିତ୍ର ବଦଳିଛି। ଜିଲାର ଶେଷ ମାଓବାଦୀଗଡ଼କୁ ବିଏସ୍‌ଏଫ୍ ଦଖଲ କରିବା ପରେ ଆଶ୍ୱସ୍ତ ହୋଇଛନ୍ତି ଯନ୍ତ୍ରୀ ପଞ୍ଚାୟତବାସୀ। ସେମାନେ ନିଜକୁ ସୁରକ୍ଷିତ ମନେକରିବା ସହ ମାଓବାଦୀ ସଙ୍ଗଠନ ଛାଡ଼ି ସମାଜର ମୁଖ୍ୟସ୍ରୋତରେ ସାମିଲ ହେଉଛନ୍ତି। ଗତ ଜୁନ୍ ୨ରେ ପୋଲିସ ଡିଜି ସୁନୀଲ ବଂଶଲ ସ୍ୱାଭିମାନ



ଆତ୍ମସମର୍ପଣ କରିବାକୁ ଆସିଥିବା ମିଲିସିଆ।

ଅଞ୍ଚଳ ଗସ୍ତ ବେଳେ ୫୦ ଜଣ ମାଓବାଦୀ ସମର୍ଥକ ଆତ୍ମସମର୍ପଣ କରିଥିଲେ। ଶନିବାର କେବଳ ଯନ୍ତ୍ରୀ ପଞ୍ଚାୟତର ୨୯୫ ଜଣ ମାଓବାଦୀ ମିଲିସିଆ ଆତ୍ମସମର୍ପଣ କରିବା ଏବଂ ନିଜେ ପରିଧାନ କରୁଥିବା ମାଓବାଦୀ ପୋଷାକ ନିଆଁ ଲଗାଇ ପୋଡ଼ି ଶପଥ ଗ୍ରହଣ କରିଛନ୍ତି। ଏହା ସେମାନଙ୍କ ସରକାରଙ୍କ ଉପରେ ସେମାନଙ୍କ ଆସ୍ଥା ଓ ବିଶ୍ୱାସକୁ ପ୍ରମାଣିତ କରୁଛି ବୋଲି ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳକୁ ମାଓବାଦୀମୁକ୍ତ କରିବା ଦିଗରେ କାର୍ଯ୍ୟ କରୁଥିବା ୩ ପୋଲିସ ଅଧିକାରୀ ଲକ୍ଷ୍ମୀ ନାରାୟଣ ମୁଦୁଲି, ଅନିଲ ପରିଡ଼ା ଓ ଚନ୍ଦ୍ରକାନ୍ତ ତାଣ୍ଡି କହିଛନ୍ତି। ଏହି ଅବସରରେ ଯନ୍ତ୍ରୀ ପଞ୍ଚାୟତବାସୀଙ୍କୁ ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଚିତ୍ରକୋଣ୍ଡା ବିଡିଓ ରଘୁନାଥ ମୁଣ୍ଡାରି, ଏପିଓ ଉଚ୍ଛବ ଗିରିଙ୍କ ସମେତ ବହୁ ଲୋକଙ୍କୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନଆରଇଜିଏସ୍) କାର୍ଡ ପ୍ରଦାନ କରାଯାଇଥିଲା।

## ମାଓବାଦୀଙ୍କ ଯୋଜନା ପଣ୍ଡ

ମାଲକାନଗିରି,୧୧।୬ (ଡି.ଏନ.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ବିଜାପୁର ଜିଲାର ଗୋରନା ଓମନକେଲି ମାର୍ଗରେ ସୁରକ୍ଷାକର୍ମୀଙ୍କୁ କ୍ଷତି ପହଞ୍ଚାଇବାକୁ ମାଓବାଦୀମାନେ କରିଥିବା ଯୋଜନା ଶନିବାର ପଣ୍ଡ ହୋଇଯାଇଛି। ମାଓବାଦୀମାନେ ଖଞ୍ଜିଥିବା ଟିଫିନବୋମାକୁ ଯବାନମାନେ ନିଷ୍କ୍ରିୟ କରିଦେଇଥିବା ଜଣାପଡିଛି। ମିଳିଥିବା ସୂଚନାରୁ ଜଣାପଡିଛି, ମାଲକାନଗିରି ସୀମାନ୍ତ ଛତିଶଗଡର ବିଜାପୁର ଜିଲାର ଡିଆରଜି ଓ ଜିଲା ପୋଲିସ ବିଜାପୁର ଥାନା ଅନ୍ତର୍ଗତ ଗୋରନାଓମନକେଲି ମାର୍ଗରେ ସର୍ଚ୍ଚ ଅପରେଶନ କରୁଥିଲେ। ଏହି ସମୟରେ ୫ଜଣ ସନ୍ଦିଗ୍ଧ ବ୍ୟକ୍ତି ପୋଲିସକୁ ଦେଖି ଘଞ୍ଚ ଜଙ୍ଗଲ ଭିତରେ ଲୁଚି ଯାଇଥିଲେ। ପରେ ଡିଆରଜି ପକ୍ଷରୁ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ କଡାକଡି କରାଯାଇ ୩ କିଲୋ ଓଜନ ବିଶିଷ୍ଟ ଟିଫିନବୋମା ଉଦ୍ଧାର କରାଯାଇଥିଲା। ବୋମା ନିଷ୍କ୍ରିୟ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଏହାକୁ ନିଷ୍କ୍ରିୟ କରି ଦେଇଥିଲେ।

## ଅରୁଣାଚଳରେ ୨ ଯବାନ ନିଖୋଜ



ଇଟାନଗର,୧୧।୬

ଅରୁଣାଚଳ ପ୍ରଦେଶରେ କାର୍ଯ୍ୟରତ ଦୁଇ ୭ମ ଗଡ଼ୱାଲ୍ ରାଇଫଲ ସେନା ଯବାନ ୧୪ ଦିନ ଧରି ନିଖୋଜ ଅଛନ୍ତି। ଉତ୍ତରାଖଣ୍ଡର ଏହି ଦୁଇ ଯବାନ ହେଲେ ହରେନ୍ଦ୍ର ନେଗି ଓ ପ୍ରକାଶ ସିଂ ରାଣା। ଗତ ମେ' ୨୮ରୁ ଯବାନ ନିଖୋଜ ଥିବା ନେଇ ପ୍ରକାଶଙ୍କ ସ୍ତ୍ରୀ ମମତାଙ୍କୁ ଆର୍ମି ଅଫିସର ଜଣାଇଥିବା ସେ କହିଛନ୍ତି। ନଦୀରେ ବୁଡ଼ିଯାଇଥିବା ଆଶଙ୍କା କରି ଜୁନ୍ ୯ରେ ସେନା ଅଧିକାରୀ ଉଭୟଙ୍କ ପରିବାରକୁ ସୂଚନା ଦେଇଥିଲେ। ସ୍ୱାମୀ ହରେନ୍ଦ୍ର ସିଂଙ୍କ ସହ ୧୪ ଦିନ ଧରି କୌଣସି ଯୋଗାଯୋଗ ହୋଇପାରୁ ନ ଥିବା ତାଙ୍କ ସ୍ତ୍ରୀ ପୁନମ ନେଗି ଗଣମାଧ୍ୟମକୁ ଜଣାଇଛନ୍ତି। ବର୍ତ୍ତମାନ ଦୁଇ ଯବାନଙ୍କ ଘରଲୋକେ ଘଟଣାର ତଦନ୍ତ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ଅଜୟ ଭଟ୍ଟଙ୍କ ସହିତ ଆଲୋଚନା କରି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ନିକଟକୁ ସମସ୍ତ ତଥ୍ୟ ପଠାଯାଇଥିବା ସ୍ଥାନୀୟ ଭାଜପା ବିଧାୟକ ସହଦେବ ସିଂ ପୁଦିର କହିଛନ୍ତି।

## ଦିଲ୍ଲୀରେ ପଜିଟିଭିଟି ହାର ୪% ଟପିଲା

ନୂଆଦିଲ୍ଲୀ,୧୧।୬

ଦିଲ୍ଲୀରେ ୨୪ ଘଣ୍ଟା ମଧ୍ୟରେ ୭୯୫ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ଜାତୀୟ ରାଜଧାନୀରେ ପଜିଟିଭିଟି ହାର ୪.୧୧ ପ୍ରତିଶତକୁ ବୃଦ୍ଧି ପାଇଛି। ଦେଶରେ ଗୋଟିଏ ଦିନରେ ୮,୩୨୯ ନୂଆ ମାମଲା ଚିହ୍ନଟ ହେବା ସହ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ଦେଶରେ ସକ୍ରିୟ ମାମଲା ସଂଖ୍ୟା ୪୦,୩୦୭ରେ ପହଞ୍ଚିଛି। ମୁମ୍ବାଇରେ ଦିନକରେ ୧,୭୪୫ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

## ବ୍ୟବଚ୍ଛେଦ ପାଇଁ ଖଟିଆରେ ୩ କି.ମି. ବୋହିନେଲେ ମୃତଦେହ

### ଭଲ ରାସ୍ତା ନ ଥିବାରୁ ଗାଁକୁ ଆସିପାରିଲାନି ଗାଡ଼ି

ଟିକିରି,୧୧।୬(ଡି.ଏନ୍.ଏ.)

ଗାଁକୁ ପକ୍କାରାସ୍ତା ନ ଥିବାରୁ କୌଣସି ଗାଡ଼ି ଯାଇପାରିଲାନି। ପରିବାର ଲୋକେ ପୁଅର ମୃତଦେହ ୩ କି.ମି ଦୂର ଖଟିଆରେ ବୋହି ବ୍ୟବଚ୍ଛେଦ ପାଇଁ ନେଇଥିଲେ। ରାୟଗଡ଼ା ଜିଲା କାଶୀପୁର ଥାନା ଅଧୀନ ଦୁରୁପାଇ ଗ୍ରାମରେ ଶନିବାର ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ଦୁରୁପାଇ ଗାଁର ତାଚେରି ମାଝି(୩୦)ଗୁରୁବାର କୌଣସି କାମରେ ସାଇକେଲ ଯୋଗେ ଘରୁ ବାହାରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଏହି ସମୟରେ ଗାଁ ନିକଟସ୍ଥ ରାସ୍ତାପାର୍ଶ୍ୱରେ ତାଚେରି ପଡ଼ିଥିବା ଦେଖି ପରିବାର ଲୋକେ ତାଙ୍କୁ ଘରକୁ ଆଣିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କୁ ହତ୍ୟା କରାଯାଇଥିବା ନେଇ ଶୁକ୍ରବାର ପରିବାର ଲୋକେ କାଶୀପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ତେବେ ଗାଁକୁ ଭଲ ରାସ୍ତା ନ ଥିବାରୁ ମୃତଦେହ ବ୍ୟବଚ୍ଛେଦ ପାଇଁ କାଶୀପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ପାରି ନ ଥିଲା। ଶନିବାର ପରିବାର ଲୋକେ ଗ୍ରାମବାସୀଙ୍କ ସହାୟତାରେ ମୃତଦେହ ୩ କି.ମି. ବୋହି ନେବାପରେ ସେଠାରୁ ଗାଡ଼ିରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଏହାପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଅନ୍ୟପକ୍ଷରେ ହତ୍ୟା ଅଭିଯୋଗକୁ ନେଇ ତଦନ୍ତ ଚାଲିଥିବା କାଶୀପୁର ଥାନା ଅଧିକାରୀ କହିଛନ୍ତି।

## ଫ୍ୟାଶନ ଡିଜାଇନରଙ୍କ ରହସ୍ୟଜନକ ମୃତ୍ୟୁ

ହାଇଦ୍ରାବାଦ,୧୧।୬

ହାଇଦ୍ରାବାଦର ବଞ୍ଜାରା ହିଲ୍‌ସସ୍ଥିତ ବାସଭବନରେ ଶନିବାର ସେଲିବ୍ରିଟି ଫ୍ୟାଶନ ଡିଜାଇନର ପ୍ରତ୍ୟୁଷା ଗାରିମେଲ୍ଲାଙ୍କ ରହସ୍ୟଜନକ ସ୍ଥିତିରେ ମୃତ୍ୟୁ ଘଟିଛି। ସେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ପ୍ରତ୍ୟୁଷା ବଞ୍ଜାରା ହିଲ୍‌ସ ଅଞ୍ଚଳରେ ନିଜର ଏକ ଫ୍ୟାଶନ ଷ୍ଟୁଡିଓ ଚଳାଉଥିଲେ। ଟଲିଉଡ୍, ବଲିଉଡ୍ ସମେତ ଅନ୍ୟାନ୍ୟ ସେକ୍ଟରରେ ତାଙ୍କର ବହୁ କ୍ଲାଏଣ୍ଟ ଅଛନ୍ତି। ବାସଭବନ ବାଥ୍‌ରୁମ୍‌ରୁ ତାଙ୍କ ମୃତଦେହ ମିଳିବା ପରେ ବ୍ୟବଚ୍ଛେଦ ପାଇଁ ଓସ୍‌ମାନିଆ



ହସ୍ପିଟାଲକୁ ପଠାଯାଇଥିବା ପୋଲିସ କହିଛି। ତାଙ୍କ ବେଡ୍‌ରୁମ୍‌ରୁ ଏକ କାର୍ବନ ମନୋକ୍ସାଇଡ୍ ସିଲିଣ୍ଡର ମିଳିଛି। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି।

## ମହାନଦୀ ପଠାରେ ଘଡ଼ିଆଳ

ବାରଙ୍ଗ,୧୧।୬(ଡି.ଏନ୍.ଏ.)

ଗତ କିଛିଦିନ ହେବ ମହାନଦୀରେ ଏକ କୁମ୍ଭୀର ବୁଲୁଥିବାରୁ ଦେଖିବାକୁ ମିଳିଥିଲା। ଫଳରେ ମତ୍ସ୍ୟଜୀବୀମାନେ ଭୟରେ ପାଣିକୁ ଯାଉ ନ ଥିଲେ। ତେବେ ଶନିବାର ନଦୀ ମଝିରେ ଥିବା ପଠାରେ ବିଶାଳକାୟ କୁମ୍ଭୀର ଶୋଇଥିବାବେଳେ ତାହା ଘଡ଼ିଆଳ କୁମ୍ଭୀର ବୋଲି ଜଣାପଡ଼ିଛି। ଯାହାକୁ ନେଇ ନଦୀକୂଳିଆ ଲୋକମାନଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି ହୋଇଛି। ଗୁରୁବାର ମୁଣ୍ଡଳି ବ୍ୟାରେଜ ନିକଟ ମହାନଦୀରେ ଏକ ବଡ଼କୁମ୍ଭୀର ବୁଲୁଥିବାର ଖବର ପ୍ରଚାରିତ ହେବାପରେ କୁମ୍ଭୀରକୁ ଦେଖିବା ପାଇଁ ଭିଡ ଜମିଥିଲା। ସେଦିନ ଅପରାହ୍ଣରେ କୁମ୍ଭୀରକୁ ଦେଖି ନଦୀକୁ ଯାଇଥିବା ମତ୍ସ୍ୟଜୀବୀମାନେ ଭୟରେ ନଦୀରୁ ଫେରିଆସିଥିଲେ। କୁମ୍ଭୀର ଭୟରେ କୌଣସି ମତ୍ସ୍ୟଜୀବୀ ମହାନଦୀକୁ ଆଉ ଯାଇ ନ ଥିଲେ। ତେବେ ଶନିବାର କେତେଜଣ ମତ୍ସ୍ୟଜୀବୀ ବାଧ ହୋଇ ମହାନଦୀକୁ ମାଛ ମାରିବାକୁ ଯାଇଥିଲେ। କିନ୍ତୁ ମହାନଦୀର ପଠାରେ ଉକ୍ତ ଘଡ଼ିଆଳ କୁମ୍ଭୀରଟି ଶୋଇଥିବାର ଦେଖି ଭୟରେ ପଳାଇଆସିଥିଲେ। ତେବେ ଏହା ଭିତରେ ୩ଦିନ ବିତିଯାଇଥିଲେ ସୁଦ୍ଧା ଗ୍ରାମବାସୀଙ୍କଠାରୁ ଖବରପାଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନ ଥିବାବେଳେ କୁମ୍ଭୀରକୁ ନେଇ ଆଖପାଖ ଗ୍ରାମବାସୀ ଭୟରେ ଅଛନ୍ତି।



## ସୀମା ଅତିକ୍ରମ କରି ସର୍ଭେ କରୁଛି ଆନ୍ଧ୍ର

ପଟ୍ଟାଙ୍ଗୀ/କୋରାପୁଟ,୧୧।୬
(ଡି.ଏନ୍.ଏ./ସ୍ୱ.ପ୍ର.)

ଆନ୍ଧ୍ର-ଓଡ଼ିଶା ବିବାଦ ଥମିବାର ନାଁ ଧରୁନି। ବିଭିନ୍ନ ବାହାନାରେ ବାରମ୍ବାର ଆନ୍ଧ୍ର କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକର କୋଟିଆରେ ପଶୁଛି। କେତେବେଳେ ଆନ୍ଧ୍ର ସରକାରୀ କର୍ମଚାରୀମାନେ ସୀମା ଅତିକ୍ରମ କରି ସୀମାନ୍ତ ଗ୍ରାମବାସୀଙ୍କୁ ନେଇ ବୈଠକ କରୁଥିବାବେଳେ ଆଉ କେବେ ନିଜ ରାଜ୍ୟର ସରକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରୁଥିବା ଦେଖିବାକୁ ମିଳୁଛି। ଏବେ ପୁଣି କୋଟିଆରେ ପଶି ମୃତ୍ତିକା ସର୍ଭେ କରୁଥିବା ନଜରକୁ ଆସିଛି। ସର୍ଭେ ପାଇଁ ଯନ୍ତ୍ରପାତି ନେଇ ଆସିଥିବା ଗାଡ଼ିରେ କେନ୍ଦ୍ର ଖଣି ବିଭାଗ ଅଧୀନ ଏନଆଇଆର୍‌ଏମ୍‌ର ଫଳକ ଲାଗିଥିବା ବେଳେ ଗାଡ଼ିର ରେଜିଷ୍ଟ୍ରେଶନ ନମ୍ବରରୁ ଏହା କର୍ନାଟକର ହୋଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ବ୍ଲକର ୧ନଂ ଜିଲା ପରିଷଦ ଜୋନ ସଭ୍ୟା ଟିକାଇ ଗେମେଲ ବ୍ଲକ ସଦର ଦେଇ ନୂଆଗାଁ ପଞ୍ଚାୟତର କୋଟିଆ ପଞ୍ଚାୟତକୁ ଗସ୍ତ କରୁଥିଲେ। ଏହି ସମୟରେ ନୂଆଗାଁ ପଞ୍ଚାୟତର ଗାଲିଗାବଡ଼ାର ଗ୍ରାମ ନିକଟରେ କେତେକ ଲୋକ ଜମି ମପଚୁପ କରି ସର୍ଭେ କରୁଥିବା ଦେଖିଥିଲେ। ଟିକାଇ ଘଟଣା ସ୍ଥଳରେ ଅଟକି କି ସର୍ଭେ ଚାଲିଛି ବୋଲି ପଚାରିଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ସର୍ଭେ ଚାଲିଛି ବୋଲି କହି ଘଟଣାସ୍ଥଳରୁ ଚାଲିଯାଉଥିବା ବେଳେ ଏହା କାହା ନିର୍ଦ୍ଦେଶରେ କରାଯାଉଛି ବୋଲି ଟିକାଇ ପୁଣି ପଚାରିଥିଲେ। ସମ୍ପୃକ୍ତ କର୍ମଚାରୀ ଏହା ଆନ୍ଧ୍ର ସରକାରଙ୍କ ଦ୍ୱାରା କରାଯାଉଛି ବୋଲି କହିଥିଲେ। ଅନ୍ୟପକ୍ଷରେ ସୀମାନ୍ତ ଗ୍ରାମ ନିକଟରେ ଏପରି ସର୍ଭେ କରାଯାଉଥିଲେ ମଧ ଓଡ଼ିଶାର ପଟ୍ଟାଙ୍ଗୀ ବ୍ଲକ ପ୍ରଶାସନ ନିକଟରେ ଖବର ନ ରହିବା ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବ୍ଲକ ପ୍ରଶାସନ ସୀମାନ୍ତ ଗ୍ରାମଗୁଡ଼ିକ ଉପରେ କେତେ ନଜର ରଖିଛନ୍ତି ତାହା ଉପରୋକ୍ତ ସର୍ଭେରୁ ସ୍ପଷ୍ଟ ହେଉଛି। ସର୍ଭେ କାର୍ଯ୍ୟରେ ଟିକାଇ ଅସନ୍ତୋଷ





### ଜିଲା ପ୍ରଶାସନ ନିକଟରେ ନାହିଁ ଖବର

ପ୍ରକାଶ କରି ଏ ନେଇ ଜିଲାପାଳଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି।

ସର୍ଭେ କରୁଥିବା ଲୋକମାନେ ଟିସିଏସ୍ କମ୍ପାନୀ ଦ୍ୱାରା ନିୟୋଜିତ ହୋଇଥିଲେ। ସେମାନେ ବେଙ୍ଗାଲୁରୁର ଏନ୍‌ଆଇଆର୍‌ଏମ୍‌ର ମୁଖ୍ୟ କାର୍ଯ୍ୟାଳୟରୁ ଆସି ଦୀର୍ଘ ୭ଦିନ ଧରି ଉପରୋକ୍ତ ଦୁଇ ପଞ୍ଚାୟତର ବିଭିନ୍ନ ସୀମାନ୍ତ ଗ୍ରାମରେ ବୈଜ୍ଞାନିକ ୱାଇ.ଭି. ଶିବରାମଙ୍କ ନେତୃତ୍ୱରେ ସର୍ଭେ କରୁଥିବା ଜଣାପଡ଼ିଛି। କୋଟିଆ ସମେତ ନୂଆଗାଁ ପଞ୍ଚାୟତର ସୀମାନ୍ତ ଗ୍ରାମଗୁଡ଼ିକରେ ଆନ୍ଧ୍ର ସରକାର ବିଭିନ୍ନ ସମୟରେ ପ୍ରଲୋଭନ ଦେଖାଇ ନିଜ ଆଡକୁ ଆକର୍ଷିତ କରୁଥିବା ଦେଖିବାକୁ ମିଳୁଛି। ଏପରିକି ସେହି ଅଞ୍ଚଳରେ ଅନେକ ଲୋକ ଆନ୍ଧ୍ର ନିର୍ବାଚନରେ ଅଂଶଗ୍ରହଣ କରୁଥିବାରୁ ଏହି ସର୍ଭେ କାର୍ଯ୍ୟକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

# କ୍ରିକେଟ ରୋମାଞ୍ଚକୁ ଅପେକ୍ଷା

ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ପାଇଁ ବାରବାଟୀ ଚଳଚଞ୍ଚଳ। ପଡ଼ିଆ, ପିଚ୍ ପ୍ରସ୍ତୁତ। ଦେଶ ବିଦେଶର ଗଣମାଧ୍ୟମ ପ୍ରତିନିଧିଙ୍କ ସମାଗମ ହେବାରେ ଲାଗିଛି। ଦର୍ଶକଙ୍କ ଉତ୍କଣ୍ଠା କହିଲେ ନ ସରେ। ନୂଆ ଏଲ୍ଇଡି ଲାଇଟ୍‌ରେ ଏଥର ଝଲସିବ ଏହି ଐତିହାସିକ ଷ୍ଟାଡିୟମ। ସୁରକ୍ଷା ବ୍ୟବସ୍ଥାକୁ ଅତ୍ୟନ୍ତ କଡ଼ାକଡ଼ି କରାଯାଇଛି। ଦର୍ଶକମାନେ ଯେପରି ସୁରୁଖୁରୁରେ ଷ୍ଟାଡିୟମକୁ ଆସି ମ୍ୟାଚକୁ ଉପଭୋଗ କରିପାରିବେ ସେଥିପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏବେ କେବଳ କ୍ରିକେଟ ରୋମାଞ୍ଚକୁ ଅପେକ୍ଷା।


ଦକ୍ଷିଣ ଆଫ୍ରିକା ଅଧିନାୟକ ଟେମ୍ବା ବଭୁମାଙ୍କ ବ୍ୟାଟିଂ ଅଭ୍ୟାସ।

**ବାରବାଟୀ ବାଉନ୍ସର**

## ଝାଳ ବୁହାଇଲେ ବଭୁମା

ଭୁବନେଶ୍ୱର, ୧୧।୬ (କ୍ରୀଡ଼ା ପ୍ରତିନିଧି)

ଭାରତ ବିପକ୍ଷ ଆଗାମୀ ଟି୨୦ ମ୍ୟାଚ ପୂର୍ବରୁ ଦକ୍ଷିଣ ଆଫ୍ରିକା ଦଳ ଶନିବାର ଅପରାହ୍ନରେ ବାରବାଟୀ ଷ୍ଟାଡିୟମରେ ନେଟ୍ ପ୍ରାକ୍ଟିସ କରିଥିଲା। ପ୍ରଥମ ଟି୨୦ରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିବା ଦକ୍ଷିଣ ଆଫ୍ରିକା ଅଧିନାୟକ ଟେମ୍ବା ବଭୁମା ଦୀର୍ଘ ସମୟ ଧରି ନେଟ୍ସରେ ଅଭ୍ୟାସ କରୁଥିବା ପରିଲକ୍ଷିତ ହୋଇଥିଲା। ଭାରତରେ ସୀମିତ ଓଭର କ୍ରିକେଟରେ ଦକ୍ଷିଣ ଆଫ୍ରିକାର ରେକର୍ଡ ଭଲ। ଏହାକୁ ବାରବାଟୀରେ ମଧ୍ୟ ଅତୁଟ ରଖିବାକୁ ସମ୍ଭବତଃ ଚାହୁଁଛନ୍ତି ଏହି ଅଧିନାୟକ। ପାଖାପାଖି ୨ ଘଣ୍ଟା ଧରି ଦକ୍ଷିଣ ଆଫ୍ରିକା ଖେଳାଳିମାନେ ବୋଲିଂ, ଫିଲ୍ଡିଂ, କ୍ୟାଚ ପ୍ରାକ୍ଟିସ ଓ ବ୍ୟାଟିଂ ଅଭ୍ୟାସ କରିଥିଲେ।

### ପନ୍ତଙ୍କୁ ଟିପ୍ସ ଦେଲେ ଦ୍ରାବିଡ

ଭାରତୀୟ ଦଳ ପାଖାପାଖି ଅପରାହ୍ନ ୫ଟାରେ ଅଭ୍ୟାସ ପାଇଁ ବାରବାଟୀରେ ପ୍ରବେଶ କରିଥିଲା। ଖେଳାଳିମାନେ ପ୍ରଥମେ ପଡ଼ିଆର ଚତୁଃପାର୍ଶ୍ୱରେ ଦୌଡ଼ି ୱାର୍ମଅପ୍ ହୋଇଥିବାବେଳେ ପରେ ବ୍ୟାଟିଂ ଓ ବୋଲିଂ ଅଭ୍ୟାସ କରିଥିଲେ। କୋଚ୍ ରାହୁଲ ଦ୍ରାବିଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହାର୍ଦ୍ଦିକ ପାଣ୍ଡ୍ୟା, ରିଷଭ ପନ୍ତ ଆଦି ନେଟ୍ସରେ ବଲ୍‌କୁ ହିଟ୍ କରିଥିଲେ। ଫାଷ୍ଟ ବୋଲର ଇମ୍ରାନ ମଲିକ ମଧ୍ୟ ବେଶ୍ କିଛି ସମୟ ଦ୍ରାବିଡଙ୍କ ସହ କଟାଇଥିଲେ। ଫଳରେ ଆସନ୍ତା ମ୍ୟାଚରେ ତାଙ୍କୁ ସୁଯୋଗ ମିଳିବା ନେଇ ଚର୍ଚ୍ଚା ହେଉଛି।

### ନେଟ୍ସ ଦେଖିବାକୁ ଦର୍ଶକଙ୍କ ସମାଗମ

ରବିବାର ହେବାକୁଥିବା ମ୍ୟାଚ ପାଇଁ ଦର୍ଶକଙ୍କ ମନରେ କେତେ ଉତ୍କଣ୍ଠା ରହିଛି ତାହା ଶନିବାର ନେଟ୍ସ ସେସନରୁ ଜଣାପଡ଼ି ଯାଇଛି। ଦକ୍ଷିଣ ଆଫ୍ରିକା ଖେଳାଳିଙ୍କ ଅଭ୍ୟାସ ବେଳକୁ କାଁ ଭାଁ ଦର୍ଶକ ଦେଖାଯାଇଥିଲେ ହେଁ ସନ୍ଧ୍ୟାରେ ଭାରତର ନେଟ୍ସ ସେସନ ସମୟରେ ୬ ଓ ୭ ନମ୍ବର ଗ୍ୟାଲେରି ଦର୍ଶକରେ ଭରି ଯାଇଥିଲା। ନେଟ୍ସ ଦେଖିବା ପାଇଁ ଏତେ ସଂଖ୍ୟକ ଦର୍ଶକ ଏକାଠି ହେବାରେ ଖେଳାଳି ମଧ୍ୟ ବିସ୍ମିତ ହୋଇଥିଲେ। ଅଭ୍ୟାସ ବେଳେ ତାଙ୍କୁ ମ୍ୟାଚ ଭଳି ଅନୁଭବ ହେଉଥିବା ଭାରତୀୟ ଅଧିନାୟକ ରିଷଭ ପନ୍ତ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ମ୍ୟାଚ ପାଇଁ ଅନେକ କ୍ରିକେଟ ପ୍ରେମୀ ଟିକେଟ ପାଇ ନ ଥିବା ସମସ୍ତେ ଜାଣନ୍ତି। ତେଣୁ ପ୍ରିୟ ଖେଳାଳିଙ୍କୁ ଯଥାସମ୍ଭବ ନିକଟରୁ ଦେଖିବା ପାଇଁ ପ୍ରଶଂସକମାନେ ସୁଯୋଗକୁ ହାତଛଡ଼ା କରିବାକୁ ଚାହିଁନାହାନ୍ତି। ଭାରତୀୟ ଖେଳାଳିମାନେ ଅଭ୍ୟାସ କରୁଥିବାବେଳେ ସେମାନଙ୍କ କୋଳାହଳ ମଧ୍ୟ ସ୍ପଷ୍ଟ ବାରି ହୋଇ ପଡୁଥିଲା।


ବ୍ୟାଟ୍ ପରଖୁଛନ୍ତି ଟିମ୍ ଇଣ୍ଡିଆ ଅଧିନାୟକ ରିଷଭ ପନ୍ତ।

## ବୋଲିଂରେ ସୁଧାର ଆଣିବୁ: ଭୁବନେଶ୍ୱର

ଭୁବନେଶ୍ୱର, ୧୧।୬ (କ୍ରୀଡ଼ା ପ୍ରତିନିଧି)

ନୂଆଦିଲ୍ଲୀରେ ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟି୨୦ରେ ଭାରତ ୨୦୦ରୁ ଊର୍ଦ୍ଧ୍ୱ ରନ ସ୍କୋର କରିଥିଲେ ହେଁ ବୋଲରଙ୍କ ଖରାପ ପ୍ରଦର୍ଶନ ଯୋଗୁ ମ୍ୟାଚ ହାରିଥିଲା। ''ଏହା ଆମ ମାନଙ୍କ ପାଇଁ ଏକ 'ଅଫ୍ ଡେ' ଥିଲା। ଆମେ ଆଗାମୀ ମ୍ୟାଚ ଖେଳିବା ସମୟରେ ବୋଲିଂରେ



ସୁଧାର ଆଣିବାକୁ ଚେଷ୍ଟା କରିବୁ'' ବୋଲି ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି ଟିମ୍ ଇଣ୍ଡିଆ ଦ୍ରୁତ ବୋଲର ଭୁବନେଶ୍ୱର କୁମାର। ଲୋକେଶ ରାହୁଲ ଆହତ ହେବାରୁ ରିଷଭ ପନ୍ତଙ୍କ ଉପରେ ଅଧିନାୟକତ୍ୱର ଭାର ରହିଛି। ତାଙ୍କୁ ସମର୍ଥନ ଜଣାଇଛନ୍ତି ଅଭିଜ୍ଞ ଭୁବନେଶ୍ୱର। ପନ୍ତ ଜଣେ ଯୁବ ଖେଳାଳି। ସେ ନିଶ୍ଚିତ ଆଗାମୀ ଦିନରେ ନେତୃତ୍ୱରେ ପରିପକ୍ୱତା ଦେଖାଇବେ ବୋଲି ସେ କହିଛନ୍ତି। ପାୱାର ପ୍ଲେ ଓ ଡେଥ୍ ଓଭରରେ ଶ୍ରେଷ୍ଠ ବୋଲିଂ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ବୋଲି ଭୁବନେଶ୍ୱର କହିଛନ୍ତି।

## ଓଡ଼ିଆ ପ୍ରଶଂସକଙ୍କଠାରୁ ଉପହାର ନେଲେ ଶ୍ରୀନାଥ

ଭୁବନେଶ୍ୱର, ୧୧।୬ (କ୍ରୀଡ଼ା ପ୍ରତିନିଧି)

ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ମ୍ୟାଚ ପାଇଁ ବର୍ତ୍ତମାନ ଓଡ଼ିଶାରେ ଦୁଇ ଦଳର ଖେଳାଳି ଓ ଅଫିସିଆଲମାନେ ରହିଥିବାରୁ ସେମାନଙ୍କ ପ୍ରିୟ ଖେଳାଳିଙ୍କୁ ଭେଟିବା ସୁଯୋଗକୁ ପ୍ରଶଂସକମାନେ ହାତଛଡ଼ା କରିବାକୁ ଚାହୁଁ ନାହାନ୍ତି। ଏହି କ୍ରମରେ ପୂର୍ବତନ ଦ୍ରୁତବୋଲର ତଥା ବର୍ତ୍ତମାନ ଆଇସିସି ମ୍ୟାଚରେଫରି ଜାଭାଗଲ ଶ୍ରୀନାଥଙ୍କୁ ଶନିବାର ମେ'ଫେୟାର ହୋଟେଲ ସମ୍ମୁଖରେ ସକାଳେ ଭେଟିଛନ୍ତି ଓଡ଼ିଆ ପ୍ରଶଂସକ ଦୀପକ ଓଝା। ସେ ଏହି ଅବସରରେ ଶ୍ରୀନାଥଙ୍କୁ ଗୁଡ଼ ରସଗୋଲା ଓ ଛେନାପୋଡ଼ ଥିବା ଏକ ପ୍ୟାକେଟ ଉପହାର ଆକାରରେ ଦେଇଛନ୍ତି। ଦୀପକଙ୍କୁ ଭେଟିବା ପାଇଁ ଶ୍ରୀନାଥ ହୋଟେଲ ବାହାରକୁ ଆସିଥିଲେ ଏବଂ ତାଙ୍କ ସହ ଫଟୋ ଉଠାଇଥିଲେ। ଉପହାର ପାଇ ଶ୍ରୀନାଥ ଯେତିକି ଖୁସି ନ ଥିଲେ ତାଙ୍କୁ ଦେଖା କରିବାର ସୁଯୋଗ ପାଇଥିବାରୁ ଢେର୍ ଖୁସି ଅନୁଭବ କରିଥିଲେ ଦୀପକ।



## ମ୍ୟାଚ୍ ଭଳି ଅନୁଭବ

କଟକର ବାରବାଟୀ ଷ୍ଟାଡିୟମରେ ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ମ୍ୟାଚ୍ ପୂର୍ବରୁ ଭାରତୀୟ ଖେଳାଳିମାନେ ଶନିବାର ଏକମାତ୍ର ଟ୍ରେନିଂ ସେସନରେ ଯୋଗ ଦେଇଥିଲେ। ସେମାନଙ୍କ ଆକ୍ସନ ଦେଖିବା ପାଇଁ ସେଠାରେ ଅପେକ୍ଷା କରିଥିଲେ ପ୍ରାୟ ୧୦ ହଜାର ପ୍ରଶଂସକ। ପାଖାପାଖି ୩ ବର୍ଷ ବ୍ୟବଧାନରେ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରୁଥିବା ବାରବାଟୀ ଷ୍ଟାଡିୟମରେ ପ୍ରାକ୍ଟିସ ବେଳେ ଏତେ ସଂଖ୍ୟାରେ ପ୍ରଶଂସକଙ୍କ ଉପସ୍ଥିତି ଖେଳାଳିଙ୍କୁ ଚକିତ କରିଥିଲା। ଟିମ୍ ଇଣ୍ଡିଆର ଖେଳାଳିଙ୍କ ପ୍ରାକ୍ଟିସ ବେଳର କିଛି ଫଟୋ ସୋସିଆଲ ମିଡିଆରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଶେୟାର କରାଯାଇଛି। ଏହାର କ୍ୟାପଶନରେ 'ମ୍ୟାଚ୍ ନ ଥିଲା ବେଳେ ବି ମ୍ୟାଚ୍ ଭଳି ଅନୁଭବ। ଭାରତୀୟ ଦଳର ଟ୍ରେନିଂ ସେସନ ଦେଖିବା ପାଇଁ କଟକ ଷ୍ଟାଡିୟମ ହାଉସଫୁଲ' ଉଲ୍ଲେଖ ରହିଛି।

## 'ଟି୨୦ ବିଶ୍ୱକପ୍ ପାଇଁ ଆଦର୍ଶ ପ୍ଲାଟଫର୍ମ'

ଦକ୍ଷିଣ ଆଫ୍ରିକା ବିପକ୍ଷ ଚଳିତ ସିରିଜ ଆଗାମୀ ଟି୨୦ ବିଶ୍ୱକପ୍ ପାଇଁ ଏକ ଆଦର୍ଶ ପ୍ଲାଟଫର୍ମ ବୋଲି କହିଛନ୍ତି ଭାରତୀୟ କ୍ରିକେଟ ଦଳର ଅନ୍ୟତମ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା। ପ୍ରତ୍ୟେକ ସିରିଜ ବା ଗେମ୍‌କୁ ସମସ୍ତେ ଶେଷ ମନେକରି ଖେଳିବା ଆବଶ୍ୟକ। ଆଗାମୀ ଟି୨୦ ବିଶ୍ୱକପ୍ ଉପରେ ତାଙ୍କର ନଜର ରହିଛି। ରିଦିମ ଫେରିପାଇବା ଲାଗି ଏହି ସିରିଜ ଉପଯୁକ୍ତ ପ୍ଲାଟଫର୍ମ। ଆଗକୁ ଅନେକ ଗେମ୍ ରହିଛି। ସବୁବେଳେ ରିଦିମ ବଜାୟ ରଖିବା ଗୁରୁତ୍ୱପୂର୍ଣ୍ଣ ବୋଲି ପାଣ୍ଡ୍ୟା କହିଛନ୍ତି। ଗତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ହାର୍ଦ୍ଦିକଙ୍କ ଅଧିନାୟକତ୍ୱରେ ପଦାର୍ପଣକାରୀ ଦଳ ଗୁଜରାଟ ଟାଇଟନ୍ସ ଚାମ୍ପିୟନ ହୋଇ ପାରିଛି। ଦଳର ବ୍ୟାଟିଂ ଅର୍ଡରରେ ସେ ଚତୁର୍ଥ ସ୍ଥାନରେ ବ୍ୟାଟିଂ କରିବାକୁ ଆସୁଥିଲେ। କିନ୍ତୁ ଭାରତୀୟ ଦଳରେ ତାଙ୍କର ଭୂମିକା ଭିନ୍ନ। ଦଳକୁ ଗାଇଡ୍ କରିବା ଲାଗି ଆଗ ଧାଡ଼ିରେ ବ୍ୟାଟିଂ କରିବାକୁ ଆସିବାକୁ ପଡ଼ିବ ନାହିଁ। ଦଳ ତରଫରୁ ସେ ଯେଉଁ ସ୍ଥାନରେ ବ୍ୟାଟିଂ କରୁଥିଲେ, ସେହିସ୍ଥାନକୁ ଫେରିଯିବେ। ଏହି ସ୍ଥାନ ହିଁ ତାଙ୍କ ପରିଚୟ ସୃଷ୍ଟି କରିଥିଲା। ଆଘାତଜନିତ ସମସ୍ୟାରୁ ଦୀର୍ଘଦିନ ବ୍ୟବଧାନ ପରେ ଫେରିଥିବାରୁ ହାର୍ଦ୍ଦିକଙ୍କୁ ଏବେ ଫିନିଶର ଭୂମିକାରେ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟି୨୦ରେ ସେ ମାତ୍ର ୧୨ଟି ବଲ୍‌ରେ ୩୧ରନ କରି ଅପରାଜିତ ରହିଥିଲେ। ଭାରତର ଷ୍ଟାର ଅଲରାଉଣ୍ଡର କହିଛନ୍ତି, ଆଇପିଏଲ୍‌ରେ ନୂଆ ଦଳ ଗୁଜରାଟ ଟାଇଟନ୍ସକୁ ସ୍ମରଣୀୟ ଟାଇଟଲ ସଫଳତା ଦେବାଠାରୁ ଆରମ୍ଭ କରି ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ ଲାଗି ତାଙ୍କୁ କଠୋର ସାଧନା କରିବାକୁ ପଡ଼ିଛି। ଉଦାହରଣ ସ୍ୱରୂପ ୪ ମାସ ହେବ ତାଙ୍କୁ ଟାଇମ ଟେବଲକୁ କଡ଼ାକଡ଼ି ଭାବେ ଅନୁସରଣ କରିବାକୁ ହୋଇଛି। ସକାଳ ୫ରେ ଶଯ୍ୟା ତ୍ୟାଗ ଏବଂ ରାତି ୯ଟା ୩୦ରେ ନିଦ୍ରା ଯିବାକୁ ହୋଇଛି। ଏହାଦ୍ୱାରା ତାଙ୍କର ଆତ୍ମବିଶ୍ୱାସ ସୁଦୃଢ଼ ହୋଇପାରିଛି। ୨୯ ବର୍ଷୀୟ ହାର୍ଦ୍ଦିକ କହିଛନ୍ତି, ସେ ତାଙ୍କ ଜୀବନରେ ସବୁବେଳେ କଠୋର ପରିଶ୍ରମ କରିଛନ୍ତି। ସେ ଯାହା ଚାହିଁଛନ୍ତି ତାହା ପାଇଛନ୍ତି।


ହାର୍ଦ୍ଦିକ ପାଣ୍ଡ୍ୟା

## ନେଟ୍ ପ୍ରାକ୍ଟିସ ଅବସରରେ ଦର୍ଶକରେ ଭରା ଷ୍ଟାଡିୟମ ଗ୍ୟାଲେରି


ବାରବାଟୀ ଷ୍ଟାଡିୟମରେ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ଭାରତୀୟ ଦଳର ନେଟ୍ସ ସେସନ ଅବସରରେ ଦର୍ଶକରେ ଭରପୂର ୬ ଓ ୭ ନମ୍ବର ଗ୍ୟାଲେରି। (ଫଟୋ: ରାଜକିଶୋର ମହାନ୍ତି)

## 'ପରିବେଶ ସହ ଖାପ ଖୁଆଇବା ମୁଖ୍ୟ'

''ଭାରତ ଏକ କ୍ୱାଲିଟି ଦଳ। ଏହା ରବିବାର ଦୃଢ଼ ପ୍ରତ୍ୟାବର୍ତ୍ତନ କରିବାକୁ ଚେଷ୍ଟା କରିବ। ବାଙ୍ଗାଲୋର ପର୍ଯ୍ୟନ୍ତ ପ୍ରତିଟି ଗେମ୍ ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ। ବାରବାଟୀ ଆମ ପାଇଁ ଏକ ନୂଆ ଭେନ୍ୟୁ। ସ୍ଥାନୀୟ କଣ୍ଡିଶନ ସହ ଶୀଘ୍ର ଖାପଖୁଆଇ ଆମକୁ ଖେଳିବାକୁ ହେବ। ଏହି ଷ୍ଟାଡିୟମରେ ୨୦୧୯ ଡିସେମ୍ବରରେ ଖେଳାଯାଇଥିବା ଏକ ଅନ୍ତର୍ଜାତୀୟ ଦିନିକିଆରେ ଭାରତ ୮ଟି ବଲ୍ ବାକି ଥାଇ ୩୧୬ ରନ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ସ୍ଥାନୀୟ ପରିବେଶ ଯାହା କହୁଛି ରବିବାର ମ୍ୟାଚ ବିଶେଷ କରି ଆମ ବୋଲରମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ। ପିଚ୍ ସମ୍ଭବତଃ ବ୍ୟାଟରଙ୍କୁ ସୁହାଇବ'' ବୋଲି ଶନିବାର କଟକର ଓଡ଼ିଶା କ୍ରିକେଟ ଆସୋସିଏଶନ କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଶାପ୍ରକାଶ କରିଛନ୍ତି ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର ୱେନ ପାର୍ନେଲ।

### ଭାରତୀୟ ଦଳ

ରିଷଭ ପନ୍ତ (ଅଧିନାୟକ), ହାର୍ଦ୍ଦିକ ପାଣ୍ଡ୍ୟା (ଉପ-ଅଧିନାୟକ), ଋତୁରାଜ ଗାଏକ୍ୱାଡ, ଇଶାନ କିଶନ, ଦୀପକ ହୁଡା, ଶ୍ରେୟସ ଆୟାର, ଦୀନେଶ କାର୍ତ୍ତିକ, ଭେଙ୍କଟେଶ୍ ଆୟାର, ଯୁଜବେନ୍ଦ୍ର ଚହଲ, ଅକ୍ଷର ପଟେଲ, ରବି ବିଷ୍ଣୋଇ, ଭୁବନେଶ୍ୱର କୁମାର, ହର୍ଷଲ ପଟେଲ, ଆଭେଶ ଖାଁ, ଅର୍ଶଦୀପ ସିଂ, ଉମ୍ରାନ ମଲିକ।

### ଦକ୍ଷିଣ ଆଫ୍ରିକା ଦଳ

ଟେମ୍ବା ବଭୁମା (ଅଧିନାୟକ), କ୍ୱିଣ୍ଟନ ଡି'କକ୍, ରିଜା ହେଣ୍ଡ୍ରିକ୍ସ, ହେନରିଜ୍ କ୍ଲାସେନ, କେଶବ ମହାରାଜ, ଏଡେନ ମାରକ୍ରାମ, ଡେଭିଡ ମିଲର, ଲୁନ୍‌ଗି ଏନ୍‌ଗିଡ୍, ଏନରିଚ୍ ନର୍ଜେ, ୱେନ ପାର୍ନେଲ, ଡ୍ୱେନ ପ୍ରିଟୋରିଅସ, କାଗିଶୋ ରାବାଡ଼ା, ଟାବ୍ରାଇଜ୍ ଶାମ୍‌ସି, ଟ୍ରିଷ୍ଟାନ ଷ୍ଟବ୍ସ, ରସି ଭାନ୍ ଡର୍ ଡୁସେନ, ମାର୍କୋ ଜାନସେନ।

**ମ୍ୟାଚ ଆରମ୍ଭ: ରାତି ୭ଟା, ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

# ରଜ ପ୍ଲାନିଂ...



ଆଉ ମାତ୍ର ଦିନକର ଅପେକ୍ଷା ପରେ ଆରମ୍ଭ ହେବ ରଜ ମଉଜା ଏଥର କୋଭିଡ୍ କଟକଣା ବି ଆଉ ନାହିଁ। ତେଣୁ ଜୋର୍‌ସୋରରେ ଚାଲିଛି ରଜ ପ୍ରସ୍ତୁତି। କିଏ ମାର୍କେଟ୍‌କୁ ଆସିଥିବା ଭଳିକି ଭଳି ଡ୍ରେସ୍ କିଣୁଛନ୍ତି ତ କିଏ ଫିଲ୍ମ ଦେଖିବା, ବୁଲାବୁଲି କରିବାକୁ ନେଇ ଅଛନ୍ତି ବେଶ୍ ଏକ୍ସାଇଟେଡ୍। ଆଉ ପୁଣି କିଏ ସଜବାଜ ହୋଇ ପୋଡ଼ପିଠା, ରଜପାନ ଖାଇ ଦୋଳିରେ ଝୁଲିବା ସାଙ୍ଗକୁ ଭଳିକି ଭଳି ଫଟୋ ଉଠାଇବାକୁ ଚାହିଁ ରହିଛନ୍ତି। ଏଥର ରଜକୁ ନେଇ କ'ଣ ରହିଛି ଏମାନଙ୍କର ପ୍ଲାନିଂ...





**ପାରମ୍ପରିକ ଢଙ୍ଗରେ ପାଳିବି ରଜ**

**ପ୍ରଣତି ମିଶ୍ର** (କେନ୍ଦୁଝର)- ଜିଲାର ଅନ୍ୟତମ ପ୍ରମୁଖ ପର୍ବ ହେଉଛି ରଜ ପର୍ବ। ଏହି ପର୍ବ ତିନି ଦିନ ଧରି ପାଳନ ହୋଇଥାଏ। କିନ୍ତୁ ଏହା ପୂର୍ବ ପ୍ରସ୍ତୁତି କିଛି ଦିନ ପୂର୍ବରୁ ଆରମ୍ଭ ହୋଇଥାଏ। ପିଠାପଣା ସାଙ୍ଗକୁ ଦୋଳିଖେଳ ଜମିଥାଏ। ଘରକୁ କୁଣିଆ ଆସନ୍ତି ଓ ସମସ୍ତେ ମିଶି ପାଳନ କରିଥାଉ। କିନ୍ତୁ କରୋନା କଟକଣା ପାଇଁ ଦୁଇ ବର୍ଷ ହେଲା ରଜରେ ଦୋଳି ଖେଳିବା ଓ ବୁଲିବା ସୁଯୋଗ ମିଳି ନ ଥିଲା। ହେଲେ ଏଥର ସେ କଟକଣା ନ ଥିବାରୁ ଧୁମ୍‌ଧାମରେ ପାରମ୍ପରିକ ଭାବେ ରଜ ଉତ୍ସବ ପାଳନ କରିବାକୁ ପ୍ରସ୍ତୁତ ହେଉଛୁ। ବିଭିନ୍ନ ସ୍ଥାନ, ବଜାର, ପ୍ରଦର୍ଶନୀ ଆଦି ବୁଲିବା ସହ ବିଶେଷକରି ଆମ ଅଞ୍ଚଳରେ କାଠରେ ପ୍ରସ୍ତୁତ ହେଉଥିବା ଅନେକ ପ୍ରକାର ଦୋଳିଖେଳର ମଜା ନେବୁ। ବିଭିନ୍ନ ସ୍ଥାନରେ ହେବାକୁ ଥିବା ରଜ ମହୋତ୍ସବ ଦେଖିବାକୁ ଯିବୁ।

**ରଜରେ ହେବ ଫିଲ୍ମଦେଖା**

**ସୁଜିତ୍ ପରିଡ଼ା** (କଟକ)- ରଜପର୍ବରେ ସ୍ପେଶାଲ ପାନଖିଆର ଏକ ଭିନ୍ନ ଆନନ୍ଦ ଅଛି। ତା'ଛଡ଼ା ଏହି ତିନି ଦିନରେ ସାଙ୍ଗସାଥୀଙ୍କ ସହ ବିଭିନ୍ନ ସ୍ଥାନ ବୁଲାବୁଲି କରିବାକୁ ଖୁସି ଲାଗେ। ତେବେ ରଜକୁ ଆହୁରି ଖାସ୍ କରେ ହଲ୍‌ରେ ଫିଲ୍ମଦେଖା। ରଜରେ ହଲ୍ ଫୁଲ୍ ରହୁଥିବାରୁ ଏବେଠୁ ଅନ୍‌ଲାଇନ୍ ଟିକେଟ୍ ବୁକିଂ କରିସାରିଛି। ଶେଷ ରଜ ଦିନ ପୁରୀ ଯିବାକୁ ଯୋଜନା କରିଛି।

**ଲଙ୍ଗ୍ ଡ୍ରାଇଭ୍‌ରେ ଯିବୁ**

**ଆଶୁତୋଷ ବାରିକ୍** (କର୍ମଜୀବୀ, ପିପିଲି)- ରଜ କହିଲେ କେବଳ ଝିଅମାନଙ୍କର ସଜବାଜ ନୁହଁ, ଆମେ ବି ରଜକୁ ଧୁମ୍‌ଧାମ୍‌ରେ ପାଳନ କରୁ। ରଜରେ ଘରେ ବହୁତ ପ୍ରକାର ପିଠାପଣା ହୁଏ। ମାମାଙ୍କ ହାତତିଆରି ପୋଡ଼ପିଠାର ସ୍ୱାଦ ସବୁଠୁ ନିଆରା। ମୁଁ ରଜ ପାଇଁ ଆଗୁଆ କାମରୁ ଛୁଟି ନେଇ ଆସେ। ରଜରେ ସାଙ୍ଗସାଥୀମାନେ ଘରକୁ ଆସିଲେ ସମସ୍ତେ ପିଠାମିଠା ଖାଇ ବୁଲିଯିବାର ପ୍ଲାନିଂ କରୁ। ପ୍ରଥମେ ପାନଖିଆରୁ ମୋ ରଜ ଆରମ୍ଭ ହୁଏ। ସାଙ୍ଗମାନେ ମିଶି ଦୋଳି ଖେଳୁ। ପୁଅମାନଙ୍କର ଦୋଳି ଖେଳିବାର ନିଆରା ମଜା। ସେଥିରେ ଫଟୋ ଶୁଟ୍ କରି ପରସ୍ପରକୁ ଚିଡ଼ାଉ। ତା'ପରେ ସନ୍ଧ୍ୟାରେ ସବୁ ସାଙ୍ଗ ମିଶି ଲଙ୍ଗ୍ ଡ୍ରାଇଭରେ ଯାଉ। ଏଥର ବି ପାଗ ଭଲ ରହିଲେ ଲଙ୍ଗ୍ ଡ୍ରାଇଭ୍‌ରେ ଯିବାର ପ୍ଲାନିଂ ଅଛି।

**କବାଡ଼ି ଖେଳର ମଜା ନିଆରା**

**ସିଦ୍ଧେଶ୍ୱର ସାହୁ** (କେନ୍ଦୁଝର)- କୋଭିଡ୍ କଟକଣା ଉଠିଲା। ଏଣୁ ଚଳିତବର୍ଷ ରଜ ଧୁମଧାମରେ ପାଳନ କରିବାକୁ ନେଇ ବିଭିନ୍ନ ପ୍ରକାରର ପ୍ଲାନିଂ କରିଛି। ରଜରେ ଦୋଳି ଖେଳ ସହ ତାସ୍ ପାଲି, କବାଡି ଆଦି ଖେଳ ବି ହେବ। ବିଭିନ୍ନ ସ୍ଥାନରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ ହେବ। ତେଣୁ ପୂର୍ବ ବର୍ଷଗୁଡ଼ିକ ଭଳି ଏଥର ବି ବିଭିନ୍ନ ସ୍ଥାନ ବୁଲି ଦୋଳି ଉତ୍ସବ ଦେଖିବି।

**କଲୋନୀରେ ଏକାଠି ଭୋଜି କରିବୁ**

**ଶୁଭସ୍ମିତା ମହାପାତ୍ର** (ଲଳିତେଶ୍ୱର ନଗର, ଯାଜପୁର)- ଓଡ଼ିଶାର ଗଣପର୍ବ ଆମ ରଜପର୍ବ। ଏହି ପର୍ବକୁ କିଛି ନିଆରା ଢଙ୍ଗରେ ପାଳନ କରାଯାଏ ଆମ କଲୋନୀରେ। ସଜବାଜରୁ ଆରମ୍ଭ କରି ଶେଷ ରଜଯାଏଁ ଆନନ୍ଦ ଉଲ୍ଲାସର ଆସର ଜମିଥାଏ। ଶିଶୁଠାରୁ ବୃଦ୍ଧାଯାଏଁ ସଭିଏଁ ଗୋଟିଏ ଜାଗାରେ ଏକାଠି ହୋଇ ପରସ୍ପରକୁ ସଜ କରାଉ ଏବଂ ନାଚଗୀତର କାର୍ଯ୍ୟକ୍ରମ ମଧ୍ୟ କରିଥାଉ। ଗୀତର ତାଳେତାଳେ ସଭିଙ୍କ ପାଦ ଝୁମି ଉଠେ। ସମସ୍ତେ ଭୋଜି କରି ଏକାଠି ବସି ଖାଇଥାଉ। ସାଙ୍ଗସାଥୀଠାରୁ କଲୋନୀର ସମସ୍ତେ ଶାଢ଼ି ପିନ୍ଧି ଫଟୋ ଉଠାଉ। ରଜପାନ ଖାଇ ଦୋଳି ଖେଳି ଖୁସି ମନାଉ। ଯେହେତୁ ଗତ ଦୁଇ ବର୍ଷ ଏକାଠି ଏସବୁ କରି ପାରି ନ ଥିଲୁ, ତେଣୁ ଏଥର ରଜକୁ ବେଶ୍ ମଜାଦାର ଢଙ୍ଗରେ ପାଳିବାକୁ ନେଇ ଉତ୍ସାହିତ ଅଛୁ।

**ରଜ ଶପିଂର ଚାର୍ମ ଅଲଗା**

**ବିଶ୍ୱଜିତା ମହାନ୍ତ** (କଟକ)- ଏମିତିରେ ଶପିଂ ମୋର ଏକ ନିଶା। କିଛି ପର୍ବପର୍ବାଣି ଥାଉ କି ନ ଥାଉ, ମଝିରେ ମଝିରେ ନୂଆ ଡ୍ରେସ୍ କିଣିଥାଏ। ହେଲେ ରଜ ଶପିଂର ଚାର୍ମ କିନ୍ତୁ ଅଲଗା। କାରଣ ଏ ସମୟରେ ମାର୍କେଟ୍‌କୁ ବିଭିନ୍ନ ନୂଆ ନୂଆ କଲେକ୍ସନ ଆସିଥାଏ। ତେଣୁ ତିନି ଦିନ ରଜ ପାଇଁ ବୁଲି ବୁଲି ଲାଟେଷ୍ଟ କଲେକ୍ସନ ବାଛିଥାଏ। ପୂର୍ବ ଦୁଇ ବର୍ଷ କରୋନା ପାଇଁ ଭଲ ଭାବେ ମାର୍କେଟିଂ କରି ପାରି ନ ଥିବାରୁ ଏଥର ବେଶ୍ କିଛି ଦିନ ପୂର୍ବରୁ ମାର୍କେଟିଂ ଚାଲିଛି। ତା'ଛଡ଼ା ଏଥର ରଜରେ ସାଙ୍ଗସାଥୀଙ୍କ ସହ ବୁଲାବୁଲି କରିବା ଏବଂ ୱାଟର ପାର୍କ ଯିବାର ପ୍ଲାନିଂ ରହିଛି।


ବିଶ୍ୱଜିତା


ସିଦ୍ଧେଶ୍ୱର


ଶୁଭସ୍ମିତା


ସୁଜିତ୍


ପ୍ରଣତି


ଆଶୁତୋଷ



## ୟୁଥ୍ ଆଲର୍ଟ

# ରାତିରେ ଏସବୁ ଖାଉଥିଲେ...

ଶରୀରକୁ ସୁସ୍ଥ ରଖିବା ଲାଗି ଲୋଡ଼ା ଖାଦ୍ୟ। ହେଲେ ଆପଣ ଜାଣନ୍ତି କି, ପ୍ରତ୍ୟେକ ଖାଦ୍ୟର ସମୟ ମଧ୍ୟ ଭିନ୍ନ ଥାଏ। ଠିକ୍ ଯେମିତି ପାଟିକୁ ସ୍ୱାଦିଷ୍ଟ ଲାଗୁଥିଲେ ବି ରାତିରେ କେତେକ ଖାଦ୍ୟ ଖାଇବା ଆମ ସ୍ୱାସ୍ଥ୍ୟ ପକ୍ଷେ ହିତକର ନୁହେଁ। ଜାଣିବା କେଉଁ ଖାଦ୍ୟ ରାତିରେ ନ ଖାଇବା ଭଲ...



**ତେଲମସଲାଯୁକ୍ତ ଖାଦ୍ୟ:** ଏଭଳି ଖାଦ୍ୟ ହଜମ ହେବାକୁ ଅଧିକ ସମୟ ନେଇଥାଏ। ତେଣୁ ରାତିରେ ଏହାକୁ ଖାଇଲେ ନା କେବଳ ଏସିଡିଟି, ଗ୍ୟାସ୍ ଏବଂ ଛାତି ଜଳିବା ଭଳି ସମସ୍ୟା ଉପୁଜିଥାଏ ବରଂ ନିଦ୍ରାରେ ବାଧା ମଧ୍ୟ ସୃଷ୍ଟି ହୋଇଥାଏ।

**ପାଚିଲା କଦଳୀ:** ଏମିତିରେ ପ୍ରାୟ ଅଧିକାଂଶ ଫଳ ଖାଇବାକୁ ପସନ୍ଦ କରନ୍ତି। ହେଲେ କଦଳୀ ପ୍ରାୟତଃ ସମସ୍ତେ ଖାଆନ୍ତି। ଏହା ଖାଇବାକୁ ଟେଷ୍ଟି ହୋଇଥିବା ବେଳେ ଏଥିରେ ପୋଷକତତ୍ତ୍ୱ ମଧ୍ୟ ଭରି ରହିଛି। ହେଲେ ଆପଣ ଜାଣନ୍ତିକି, ଏହାକୁ ରାତିରେ ଖାଇଲେ ହଜମ ହେବା କଷ୍ଟ। କେବଳ ଏତିକି ନୁହେଁ, ଏହାଦ୍ୱାରା ଛାତିରେ କଫ ଜମା ହେବାର ଆଶଙ୍କା ରହିଛି।

**ଚକୋଲେଟ୍:** ରାତ୍ରଭୋଜନ ପରେ ଚକୋଲେଟ୍ ଖାଇବା ଠିକ୍ ନୁହେଁ। କାରଣ ଏଥିରେ ଥିବା କ୍ୟାଫିନ୍ ନିଦ୍ରାହୀନତାର କାରଣ ସାଜିଥାଏ। ତା'ଛଡା ଏହା ମେଦବହୁଳତା ସମସ୍ୟା ବି ସୃଷ୍ଟି କରିଥାଏ।

**ଚା କିମ୍ବା କଫି:** ଯଦି ଆପଣ ଶୋଇବା ପୂର୍ବରୁ ଚା କିମ୍ବା କଫି ପିଉଛନ୍ତି, ତେବେ ଏହି ଅଭ୍ୟାସରେ ପରିବର୍ତ୍ତନ ଆଣନ୍ତୁ। କାରଣ ଏହା ନିଦ୍ରାରେ ବାଧା ସୃଷ୍ଟି କରିଥାଏ। ଏଥିରେ ଥିବା କ୍ୟାଫିନ୍ ଯୋଗୁ ୨ ଘଣ୍ଟାର ନିଦ୍ରା ନଷ୍ଟ ହୋଇଥାଏ।



## ଏ ସପ୍ତାହର ପ୍ରଶ୍ନ

୧- ସର୍ଦ୍ଦାର ପଟେଲ ଜୁଲୋଜିକାଲ ପାର୍କ ......... ରାଜ୍ୟରେ ଅବସ୍ଥିତ ?
୨- ଆୟୁଷ ମନ୍ତ୍ରଣାଳୟର ରିଜିଓନାଲ ର ଡ୍ରଗ୍ ରିପୋଜିଟୋରି ........ ଠାରେ ସ୍ଥାପନ କରାଯାଇଛି ?
୩- ଏମୋରିଆ ଥୋରି ଏକ ନୂତନ ପ୍ରଜାତିର ......ର ନାମ ?
୪- ଲେନ୍ସ ପାୱାରର ଏସ୍ ଆଇ ୟୁନିଟ୍ ........... ?
୫- 'ଡ୍ରିମ୍‌ନେଶନ: ୟୁନାଇଟିଂ ଏ କଣ୍ଟ୍ରି ୱିଥ୍ ହ୍ୟାଣ୍ଡରିଟେନ୍ ଡ୍ରିମ୍ସ' ପୁସ୍ତକର ଲେଖକ ........... ?

## ଗତ ଥରର ଉତ୍ତର

୧ ପ୍ରାଇମ୍ ମିନିଷ୍ଟର୍ସ ଏମ୍ପ୍ଲୟମେଣ୍ଟ ଜେନେରେଶନ୍ ପ୍ରୋଗ୍ରାମ
୨ ମାକୁଲି
୩ ୩ ବର୍ଷ
୪ କ୍ୟାରି ଲାମ୍
୫ ସୁରେଶ ଚନ୍ଦ୍ର ଶର୍ମା

## ଉତ୍ତରଦାତା


କିଶୋର ପାଣି, ଭୁବନେଶ୍ୱର


ଶେଖ୍ ୟାକୁବ୍, ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ଲୋକପ୍ରିୟ କାର୍ ଇନ୍‌ସ୍ୟୁରାନ୍ସ କମ୍ପାନୀ

୧- ୟୁଏସ୍ଏଏ
୨- ଷ୍ଟେଟ୍ ଫାର୍ମ
୩- ଫାର୍ମର୍ସ
୪- ନେଶନ୍‌ୱାଇଡ୍
୫- ଜିକୋ
୬- ଅଲ୍‌ଷ୍ଟେଟ୍
୭- ଟ୍ରାଭେଲର୍ସ
୮- ପ୍ରୋଗ୍ରେସିଭ୍
୯- ଏଏଏ
୧୦- ଆମେରିକାନ୍ ଫ୍ୟାମିଲି



## ଜାଣନ୍ତୁ ଦୁନିଆ

# ସାଉଥ୍ କୋରିଆ

ଏସିଆ ମହାଦେଶର ପୂର୍ବ ଭାଗରେ ରହିଛି ସାଉଥ୍ କୋରିଆ। ଏହା ପୃଥିବୀର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବେ ପରିଗଣିତ। ତେବେ ଜାଣିବା ଏହି ଦେଶ ସମ୍ପର୍କରେ କିଛି ରୋଚକ ତଥ୍ୟ...

➔ପୃଥିବୀର ସବୁଠୁ କମ୍ ସଂଖ୍ୟକ ମେଦବହୁଳ ବ୍ୟକ୍ତି ଏଠାରେ ରହନ୍ତି।

➔ଏହି ଦେଶରେ ଶିଶୁ ଜନ୍ମ ହେବା ମାତ୍ରେ ଏକ ବର୍ଷ ବୟସ ବୋଲି ଗଣାଯାଏ। ତେଣୁ ଆବଶ୍ୟକ ସ୍ଥଳେ ଏଠାକାର ବାସିନ୍ଦାଙ୍କୁ ଦୁଇଟି ତାରିଖ କହିବାକୁ ହୋଇଥାଏ। ଆଶ୍ଚର୍ଯ୍ୟ କଥା ହେଉଛି, ଏଠାରେ ନବ ବର୍ଷରୁ ହିଁ ମଣିଷର ବୟସ ଗଣନା କରାଯାଏ।

➔ଏହି ଦେଶରେ ସମୁଦାୟ ୨୫୦ଟି ସଂଜ୍ଞା ବ୍ୟବହାର ହେଉଥିବା ମଧ୍ୟ ପ୍ରାୟ ଅଧାରୁ ଉର୍ଦ୍ଧ୍ୱ ଲୋକେ କିମ୍, ପାର୍କ ଏବଂ ଲି ତିନୋଟି ସଂଜ୍ଞାକୁ ବ୍ୟବହାର କରିଥା'ନ୍ତି।

➔ଯଦିଓ ଏହି ଦେଶର ଅର୍ଦ୍ଧାଂଶ ଜଙ୍ଗଲ ପରିବେଷ୍ଟିତ, ତଥାପି ଏହା ପୃଥିବୀର ଏକ ଉନ୍ନତ ସହରଥିବା ଦେଶ।

➔ଏଠାରେ ସମସ୍ତଙ୍କ ଘରେ ବ୍ରଡ୍‌ବ୍ୟାଣ୍ଡ ସଂଯୋଗ ରହିଛି। ପୃଥିବୀର ସବୁଠୁ ଦ୍ରୁତ ଇଣ୍ଟରନେଟ୍ ସ୍ପିଡ୍ ଏଠାରେ ରହିଛି। ଅର୍ଥାତ୍ ଏଠାରେ ମାତ୍ର ଏକ ସେକେଣ୍ଡରେ ୩୩.୫ ମେଗାବାଇଟ୍ ଡାଟା ଡାଉନ୍‌ଲୋଡ୍ କରାଯାଇପାରୁଥିବା ବେଳେ ୧୭ ମେଗାବାଇଟ୍ ଡାଟା ଅପ୍‌ଲୋଡ୍ ହୋଇପାରେ।

➔ଏଠାରେ ଉଭୟ ନାରୀ ଏବଂ ପୁରୁଷ ଏକା ପ୍ରକାର କସ୍‌ମେଟିକ୍ ପ୍ରଡକ୍ଟ ବ୍ୟବହାର କରନ୍ତି। ଏଠାକାର ପ୍ରସ୍ତୁତ ସ୍କିନ୍ କେୟାର୍ ପ୍ରଡକ୍ଟ ପୃଥିବୀର ସବୁଠୁ ଶୀଘ୍ର ବିକ୍ରି ହୋଇଥାଏ।

➔ଦକ୍ଷିଣ କୋରିଆ ରାଜଧାନୀ ସିଓଲ୍‌ଠାରେ ସର୍ବାଧିକ ପ୍ଲାଷ୍ଟିକ୍ ସର୍ଜରି କରାଯାଉଥିବାରୁ ଏହାକୁ ପୃଥିବୀର କସ୍‌ମେଟିକ୍ ରାଜଧାନୀ ବୋଲି ବିଚାର କରାଯାଏ।

➔ଏଠାରେ ଥିବା ଇଞ୍ଚେଅନ୍ ଏୟାରପୋର୍ଟ, ଯାହାକି ପୃଥିବୀର ଅନ୍ୟ ବୃହତ୍ତମ ଏୟାରପୋର୍ଟଗୁଡ଼ିକ ମଧ୍ୟରେ ଅନ୍ୟତମ। ଏଥିରେ ରହିଛି ୱାର୍ଲ୍ଡକ୍ଲାସ୍ ପାସେଞ୍ଜର ଟର୍ମିନାଲ, ଶପିଂ କମ୍ପ୍ଲେକ୍ସ, ଫୁଡ୍ ହବ୍ ଇତ୍ୟାଦି ଅନେକ ସୁବିଧା।

➔ବିଭିନ୍ନ ପ୍ରକାର କମ୍ପ୍ୟୁଟର ଗେମ୍ ପ୍ରସ୍ତୁତ କରିବାରେ ଏହା ପୃଥିବୀର ସବୁଠୁ ଆଗୁଆ ଦେଶ।

➔ଏଠାକାର ଲୋକେ ଖୁବ୍ ଅନ୍ଧବିଶ୍ୱାସୀ। ସେଠାରେ ସଂଖ୍ୟା ୪କୁ ଅଶୁଭ ମନାଯାଉଥିବା ବେଳେ ଲାଲରଙ୍ଗରେ କାହାର ନାମ ଲେଖିଲେ ମୃତ୍ୟୁ ହୋଇଯାଏ ବୋଲି ଅନ୍ଧବିଶ୍ୱାସ ରହିଛି।

➔ମଦ ପିଇବାରେ ଏହା ପୃଥିବୀର ଅଗ୍ରଣୀ ୨୦ ଦେଶ ମଧ୍ୟରେ ସାମିଲ ଅଛି। ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ ଯେ, ଏଠାରେ ଅଫିସ୍‌ରେ କାର୍ଯ୍ୟକାଳ ସମାପ୍ତ ହେବା ପରେ ବସ୍ ଏବଂ ସହକର୍ମୀଙ୍କ ସହ ଏକାଠି ମଦ ପିଇବା ବାଧ୍ୟତାମୂଳକ।




ବାରବାଟୀ ଷ୍ଟାଡିୟମରେ ଶନିବାର ଭାରତୀୟ ଦଳର ନେଟ୍ସ ସେସନ ଅବସରରେ ଜଣେ ପ୍ରଶଂସକ ତ୍ରିରଙ୍ଗା ଉଡ଼ାଉଛନ୍ତି।

# ଷ୍ଟାଡିୟମକୁ ଖାଦ୍ୟ, ପାଣିବୋତଲ, କଏନ୍ ମନା
## ମୁତୟନ ହେବେ ୬୨ ପ୍ଲାଟୁନ ପୋଲିସ ଫୋର୍ସ

**କଟକ ଅଫିସ,୧୧।୬**

କଟକ ବାରବାଟୀ ଷ୍ଟାଡିୟମରେ ରବିବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ଟି-୨୦ ମ୍ୟାଚ୍ ହେବ। ଏହାକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବାରବାଟୀ ଷ୍ଟାଡିୟମରେ ଅନ୍ତଃରାଷ୍ଟ୍ରୀୟ ମ୍ୟାଚ୍ ସମୟରେ ପୂର୍ବରୁ ପଡ଼ିଆ ମଧ୍ୟକୁ ପାଣି ବୋତଲ ଫିଙ୍ଗିବା ନଜିର ଥିବାରୁ ରବିବାର ଖେଳ ଦେଖିବାକୁ ଯାଉଥିବା ଦର୍ଶକଙ୍କ ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରାଯାଇଛି। ଷ୍ଟାଡିୟମ ଭିତରକୁ କ'ଣ ନିଆଯାଇପାରିବ ଓ କ'ଣ ନାହିଁ ସେନେଇ କଟକ ଡିସିପି ପିନାକ ମିଶ୍ର ଶନିବାର ସ୍ପଷ୍ଟ କରିଛନ୍ତି। ଦର୍ଶକମାନେ ଷ୍ଟାଡିୟମ ଭିତରକୁ ପାଣିବୋତଲ ଓ ବାହାର ଖାଦ୍ୟ ନେଇପାରିବେ ନାହିଁ। ଏଥିସହ ବ୍ୟାଗ, ଦିଆସିଲି, ହେଲ୍‌ମେଟ୍ ମଧ୍ୟ ଭିତରକୁ ନେବାକୁ ବାରଣ କରାଯାଇଛି। ସେହିପରି ପକେଟ୍‌ରେ ଖୁଚୁରା ପଇସା ନ ଆଣିବାକୁ କୁହାଯାଇଛି। ଦର୍ଶକ କେବଳ ମୋବାଇଲ ଫୋନ୍, ଚଷମା ନେଇ ଭିତରକୁ ଯାଇପାରିବେ। ଷ୍ଟାଡିୟମ ମଧ୍ୟରେ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିବାବେଳେ ଖାଦ୍ୟସାମଗ୍ରୀ ମଧ୍ୟ ବିକ୍ରି କରାଯିବ। ଅନ୍ୟପକ୍ଷରେ ଟିକେଟରେ ନୋ ମାସ୍କ, ନୋ ଏଣ୍ଟ୍ରି ବୋଲି ଲେଖା ଅଛି। ତେଣୁ ସମସ୍ତେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଷ୍ଟାଡିୟମରେ ମୁତୟନ ପୋଲିସ ମଧ୍ୟ ମାସ୍କ ପିନ୍ଧିବେ। ତେବେ ଶୃଙ୍ଖଳିତ ଭାବେ ଦର୍ଶକ ମ୍ୟାଚ୍ ଦେଖିବାକୁ ଡିସିପି ପରାମର୍ଶ ଦେଇଛନ୍ତି। ଅପରପକ୍ଷେ ଖେଳ ଦେଖିବାକୁ ବାରବାଟୀ ଷ୍ଟାଡିୟମକୁ ଆସୁଥିବା ଦର୍ଶକଙ୍କ ପାଇଁ ଅଂଶୁଘାତ ସତର୍କତା ଜାରି କରାଯାଇଛି। ଶୃଙ୍ଖଳିତ ଭାବେ ଧାଡ଼ିରେ ଆସି ଷ୍ଟାଡିୟମ ଭିତରେ ପ୍ରବେଶ କରିବା, ସାଙ୍ଗରେ ରୁମାଲ, ଗାମୁଛା ନେବା ସହ ଧଳା ଓ ହାଲୁକା ରଙ୍ଗର ପୋଷାକ ପିନ୍ଧିବାକୁ ପରାମର୍ଶ ଦିଆଯାଇଛି। ପ୍ରଚୁର ପରିମାଣରେ ପାଣି ପିଇବାକୁ କୁହାଯାଇଛି। ଏଥିସହ କୌଣସି ନିଶାଦ୍ରବ୍ୟ ସେବନ ନ କରିବାକୁ ରାଜ୍ୟ ସରକାର ପରାମର୍ଶ ଦେଇଛନ୍ତି।

ଅପରପକ୍ଷରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ପ୍ରାୟ ୬୨ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ ହେବେ ବୋଲି କଟକ ଡିସିପି ସୂଚନା ଦେଇଛନ୍ତି। ପୋଲିସ କର୍ମଚାରୀମାନେ ପାର୍କିଂ ଠାରୁ ଆରମ୍ଭ କରି ଟିକେଟ ଚେକିଂ, ଗ୍ୟାଲେରି ସୁରକ୍ଷା ଆଦି କାର୍ଯ୍ୟରେ ନିୟୋଜିତ ହେବେ। ଏଥିପାଇଁ ୩ ଡିସିପି, ୭ ଅତିରିକ୍ତ ଡିସିପି, ୩୨ ଏସିପି, ୪୫ ଇନ୍ସପେକ୍ଟର, ୨୭୦ ଏସ୍‌ଆଇ ର୍‍ୟାଙ୍କର ଅଫିସର, ୧୧୩ ଜଣ ଟ୍ରାଫିକ ପର୍ସୋନେଲ, ୪୩ ଜଣ ମହିଳା କନଷ୍ଟେବଲ, ୧୭୦ ଜଣ ହୋମଗାର୍ଡ ନିୟୋଜିତ ହେବେ। ୩ଟାରୁ ଖୋଲିବ ବାରବାଟୀ ଗେଟ୍ ମ୍ୟାଚ୍ ଦେଖିବାକୁ ଆସୁଥିବା ଦର୍ଶକମାନଙ୍କ ପାଇଁ କଡ଼ା କଟକଣା ମଧ୍ୟ କରାଯାଇଛି। ଦର୍ଶକଙ୍କ ପାଇଁ ଅପରାହ୍ନ ୩ଟାରୁ ବାରବାଟୀ ଷ୍ଟାଡିୟମ ଗେଟ୍ ଖୋଲିବ। ମ୍ୟାଚ ଦେଖିବାକୁ ଆସିଥିବା ଦର୍ଶକ ବାଲିଯାତ୍ରା ପଡ଼ିଆରେ ଗାଡ଼ି ପାର୍କିଂ କରିବେ। ଦର୍ଶକମାନଙ୍କୁ ଭଲ ଭାବେ ଚେକିଂ କରି ଷ୍ଟାଡିୟମ ଭିତରକୁ ଛଡ଼ାଯିବ।

### ମ୍ୟାଚ୍ ପାଇଁ ଖୋଲିଲା କଣ୍ଟ୍ରୋଲ ରୁମ୍

ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ୍ ପାଇଁ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ବାରବାଟୀ ପ୍ୟାଲେସରେ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଶନିବାର ମେୟର ସୁବାସ ସିଂ ଏହାକୁ ଉଦ୍‌ଘାଟନ କରିଛନ୍ତି। ମ୍ୟାଚ୍ ସମୟରେ ଏହି କଣ୍ଟ୍ରୋଲ ରୁମ୍ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ। ଏହି କଣ୍ଟ୍ରୋଲ ରୁମ୍ ସହିତ ମ୍ୟୁନିସିପାଲିଟିର ସ୍ୱାସ୍ଥ୍ୟ, ବିଦ୍ୟୁତ୍, ପାନୀୟ ଜଳ, ରୋଡ ଏବଂ ଟ୍ରାଫିକ ଆଦି ବିଭାଗର କର୍ମଚାରୀମାନେ ଯୋଗାଯୋଗ ରଖି ମ୍ୟାଚ୍‌କୁ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ସମସ୍ତ ପ୍ରକାର ସହାୟତା କରିବେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଡେପୁଟି ମେୟର ଦମୟନ୍ତୀ ମାଝି, ସିଏମ୍‌ସି ଯୁଗ୍ମ କମିଶନର ସୁମିତା ସରକାର, ଡେପୁଟି କମିଶନର ଅଜୟ ମହାନ୍ତି, ସ୍ୱାସ୍ଥ୍ୟ ଅଧିକାରୀ ଡ. ସତ୍ୟବ୍ରତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଜ୍ଞାନନ୍ଦଙ୍କୁ ଟାଇଟଲ



**ଷ୍ଟାଭେଞ୍ଜର (ନରୱେ), ୧୧।୬ (ପି.ଟି.)**

ଯୁବ ଭାରତୀୟ ଗ୍ରାଣ୍ଡମାଷ୍ଟର ଆର. ପ୍ରଜ୍ଞାନନ୍ଦ ନରୱେ ଗ୍ରୁପ୍ ଏ' ଚେସ୍ ଟୁର୍ନାମେଣ୍ଟ ଜିତିଛନ୍ତି। ଟୁର୍ନାମେଣ୍ଟର ୯ରାଉଣ୍ଡ ଖେଳରୁ ସେ ୭.୫ ପଏଣ୍ଟ ଅର୍ଜନ କରିଛନ୍ତି। ୧୬ ବର୍ଷୀୟ ଏହି ଗ୍ରାଣ୍ଡମାଷ୍ଟରଙ୍କୁ ଏଠାରେ ଟପ ସିଡ୍ ମାନ୍ୟତା ମିଳିଥିଲା। ସେ ଭଲ ଫର୍ମରେ ଥିଲେ। ଟୁର୍ନାମେଣ୍ଟର ୯ ରାଉଣ୍ଡ ଖେଳରେ ସେ ଅପରାଜେୟ ରହିଥିଲେ। ଶୁକ୍ରବାର ରାତିରେ ଭାରତୀୟ ଇଣ୍ଟରନ୍ୟାଶନାଲ ମାଷ୍ଟର ଭି. ପ୍ରଣିଥ୍‌ଙ୍କ ବିପକ୍ଷରେ ବିଜୟ ସହ ସେ ଟୁର୍ନାମେଣ୍ଟ ଶେଷ କରିଥିଲେ। ଟୁର୍ନାମେଣ୍ଟରେ ପ୍ରଜ୍ଞାନନ୍ଦ (ଏଲୋ ୨୬୪୨) ଦ୍ୱିତୀୟ ସ୍ଥାନରେ ରହିଥିବା ଇଣ୍ଟରନ୍ୟାଶନାଲ ମାଷ୍ଟର ମାର୍ସେଲ ଇଫ୍ରୋମ୍‌ସ୍କି (ଇସ୍ରାଏଲ) ଓ ଜଙ୍ଗ୍ ମିନ୍ ସିଓଙ୍କଠାରୁ ପୂରା ଏକ ପଏଣ୍ଟ ବ୍ୟବଧାନରେ ଆଗରେ ରହିଥିଲେ। ପ୍ରଣିଥ୍ ୬ ପଏଣ୍ଟ ସହ ମିଳିତ ୩ୟ ସ୍ଥାନରେ ରହିଥିଲେ।

# ସମ୍ବଲପୁର ସପ୍ତାହାନ୍ତ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଭୁବନେଶ୍ୱର,୧୧।୬(ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଏବଂ ଓଡ଼ିଶା ଭଲିବଲ ଆସୋସିଏଶନ ମିଳିତ ଭାବେ ୬ଟି ଭିନ୍ନ ଭିନ୍ନ ସହର(ଭୁବନେଶ୍ୱର, ବ୍ରହ୍ମପୁର, ବାଲେଶ୍ୱର, ଜଗତ୍‌ସିଂହପୁର, ସମ୍ବଲପୁର ଓ ଫୁଲବାଣୀ)ରେ ସପ୍ତାହାନ୍ତ ଭଲିବଲ ଟୁର୍ନାମେଣ୍ଟ ଆୟୋଜନ କରାଯାଉଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ଜ୍ୟୋତି ବିହାରରେ ସମ୍ବଲପୁର ଜୋନ ଟୁର୍ନାମେଣ୍ଟକୁ ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ୍ ଓଏଏସ୍(ଏସ୍) ଅଜାମ୍ବର ମହାନ୍ତି ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଡ. ନୃପରାଜ ସାହୁ, ବିଶ୍ୱବିଦ୍ୟାଳୟର କ୍ରୀଡ଼ା ପରିଷଦ ସଚିବ ଡ. ଦେବେନ୍ଦ୍ର କୁମାର ମହାଲିକ, ଜିଲା କ୍ରୀଡ଼ା ଅଧିକାରୀ ଜୟଶ୍ରୀ ପାଢ଼ୀ, ଶାରୀରିକ ଶିକ୍ଷା ନିରୀକ୍ଷକ ଜଗବନ୍ଧୁ ବେହେରା ଉପସ୍ଥିତ ଥିଲେ। ୧୪ ବର୍ଷ ଓ ୧୮ ବର୍ଷରୁ କମ୍ ବାଳିକା ଏବଂ ବାଳକ ବିଭାଗରେ ୧୯ ଦଳର ୨୫୦ ପ୍ରତିଯୋଗୀ ଭାଗ ନେଇଛନ୍ତି।

ଓଡ଼ିଶା ଭଲିବଲ ଆସୋସିଏଶନ(ଓଭିଏ) ସାଧାରଣ ସମ୍ପାଦକ ଗଗନେନ୍ଦୁ ଦାଶ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର କମିଶନର-କମ୍-ସଚିବ ଆର. ଭିନିଲ କ୍ରିଷ୍ଣା ଏବଂ ଭାରତୀୟ ଭଲିବଲ ଫେଡେରେଶନ (ଭିଏଫ୍‌ଆଇ) ସଭାପତି ତଥା କନ୍ଧମାଳ ଏମ୍‌ପି ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କୁ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ। ଏହି ପ୍ରତିଯୋଗିତାର ମୁଖ୍ୟ ଲକ୍ଷ୍ୟ ହେଉଛି ଓଡ଼ିଶାରେ ଏହି କ୍ରୀଡ଼ାକୁ ଲୋକପ୍ରିୟ କରାଇବା ଏବଂ ପ୍ରତିଭାଶାଳୀ ଖେଳାଳିଙ୍କୁ ଖୋଜିବା।


ସମ୍ବଲପୁର ଜୋନ ଟୁର୍ନାମେଣ୍ଟ ଅବସରରେ ଖେଳାଳିମାନେ ଅତିଥି ଓ କର୍ମକର୍ତ୍ତାଙ୍କ ସହ।

# ଦୂତୀ ପ୍ରଥମ ନା ଦ୍ୱିତୀୟ

**ଭୁବନେଶ୍ୱର, ୧୧।୬ (କ୍ରୀଡ଼ା ପ୍ରତିନିଧି)**

ତାମିଲନାଡୁର ଜେଏନ୍‌ଏଲ୍ ଷ୍ଟାଡିୟମରେ ଚାଲିଥିବା ୬୧ତମ ଜାତୀୟ ଆନ୍ତଃ ରାଜ୍ୟ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ୧୦୦ ମିଟର ଇଭେଣ୍ଟର ଫଳାଫଳକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଫଳାଫଳ ଘୋଷଣା ଅନୁସାରେ ଆସାମର ହିମା ଦାସ ୧୧.୪୩ ସେକେଣ୍ଡ ସମୟ ନେଇ ପ୍ରଥମ, ଜାତୀୟ ରେକର୍ଡର ଅଧିକାରିଣୀ ଓଡ଼ିଶାର ଦୂତୀ ଚାନ୍ଦ ୧୧.୪୪ ସେକେଣ୍ଡ ସହ ଦ୍ୱିତୀୟ ଏବଂ ଅନ୍ୟତମ ଓଡ଼ିଆ ଆଥଲେଟ୍ ଶ୍ରାବଣୀ ନନ୍ଦ ୧୧.୫୩ ସେକେଣ୍ଡ ସମୟ ସହ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମାତ୍ର ଉପଲବ୍ଧ ହେଉଥିବା ଭିଡିଓ ଦେଖିଲେ ଦୂତୀ ପ୍ରଥମେ ଫିନିଶିଂ ଲାଇନ୍ ଅତିକ୍ରମ କରିଥିବା ସ୍ପଷ୍ଟ ଜଣା ପଡୁଛି। ତେଣୁ ଫଳାଫଳକୁ ନେଇ ଦ୍ୱନ୍ଦ୍ୱ ଦେଖା ଦେଇଛି। ଅଲିମ୍ପିଆନ ଦୂତୀଙ୍କ ନାମରେ ଜାତୀୟ ରେକର୍ଡ (୧୧.୧୭ ସେକେଣ୍ଡ) ଓ ମିଟ୍ ରେକର୍ଡ (୧୧.୨୯ ସେକେଣ୍ଡ) ରହିଛି। ସମ୍ଭବତଃ କୌଣସି ତ୍ରୁଟି ଯୋଗୁ ଦୂତୀଙ୍କ କ୍ଷେତ୍ରରେ ଏପରି ଘଟିଛି ବୋଲି ଅନେକ ବିଶେଷଜ୍ଞ ମତ ପୋଷଣ କରିଛନ୍ତି।



ଦୂତୀ ଚାନ୍ଦ

# ଭାରତୀୟ ଦଳର ବିଜୟ ଧାରା ଜାରି

**କୋଲକାତା,୧୧।୬**

ଏଏଫ୍‌ସି ଏସିଆନ୍ କପ୍ କ୍ୱାଲିଫାୟର୍ସ ଗ୍ରୁପ୍-ଡି' ମ୍ୟାଚ୍‌ରେ ଭାରତୀୟ ଫୁଟବଲ ଦଳ ତା'ର ଅପରାଜେୟ ଧାରା ଜାରି ରଖିଛି। ପ୍ରଥମ ମ୍ୟାଚ୍‌ରେ କମ୍ବୋଡିଆକୁ ୨-୦ ଗୋଲରେ ହରାଇଥିବା ସୁନିଲ ଛେତ୍ରୀଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ୨-୧ ଗୋଲରେ ଆଫଗାନିସ୍ତାନକୁ ହରାଇଛି। ସଲ୍ଟ ଲେକ୍‌ଠାରେ ଖେଳାଯାଇଥିବା ମ୍ୟାଚ୍‌ର ୮୫ତମ ମିନିଟ୍ ପର୍ଯ୍ୟନ୍ତ କୌଣସି ଦଳ ଖାତା ଖୋଲିପାରି ନ ଥିଲା। ୮୬ତମ ମିନିଟ୍‌ରେ ଛେତ୍ରୀ ଏକ ଫ୍ରି' କିକ୍‌କୁ ଚମତ୍କାର ଭାବେ ଗୋଲରେ ପରିଣତ କରିଥିଲେ। କିନ୍ତୁ ଦୁଇ ମିନିଟ୍ ପରେ ଆଫଗାନିସ୍ତାନ ଫରୱାର୍ଡ ଜୁବାୟର ଆମିରି (୮୮ତମ) ସ୍କୋର ଲାଇନ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ଅତିରିକ୍ତ ସମୟରେ ସାହାଲ ସଦମ (୯୦+୧) ଗୋଲ ସ୍କୋର କରି ଭାରତୀୟ ଦଳକୁ ବିଜୟ ଭେଟି ଦେଇଥିଲେ। ଭାରତୀୟ ଦଳ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ହଂକଂକୁ ଭେଟିବ।

# ଅଲିମ୍ପିକ ଚାମ୍ପିୟନ ବେଲ୍‌ଜିୟମକୁ ହରାଇଲା ଭାରତ

**ଆଣ୍ଟୱର୍ପ, ୧୧।୬ (ପି.ଟି.):** ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ଭାରତୀୟ ପୁରୁଷ ହକି ଦଳ ଅଲିମ୍ପିକ ଚାମ୍ପିୟନ ବେଲ୍‌ଜିୟମକୁ ୫-୪ ଗୋଲ୍‌ରେ ହରାଇ ଦେଇଛି। ଶନିବାର ଖେଳାଯାଇଥିବା ଏହି ମ୍ୟାଚ ଶେଷ ହେବାକୁ ଆଉ ମାତ୍ର ୮ ମିନିଟ ସମୟ ବାକିଥିବା ବେଳେ ବେଲ୍‌ଜିୟମ ୩-୧ ଗୋଲ୍‌ରେ ଅଗ୍ରଣୀ ରହିଥିଲା। ମାତ୍ର ଭାରତ ଶୀଘ୍ର ଆଉ ୨ଟି ଗୋଲ୍ ସ୍କୋର କରି ମ୍ୟାଚକୁ ୩-୩ ସ୍ତରକୁ ନେଇ ଆସିଥିଲା। ଫଳରେ ପେନାଲ୍ଟି ଶୁଟ୍ ଆଉଟର ସହାୟତା ନିଆଯାଇଥିଲା। ଏଥିରେ ଭାରତୀୟ ଗୋଲ୍‌କିପର ପି. ଆର୍. ଶ୍ରୀଜେସ୍ ବିପକ୍ଷ ଦଳର ନିକୋଲାସ ଡି' କର୍ପେଲଙ୍କ ତୃତୀୟ ପେନାଲ୍ଟି ଶଟ୍‌କୁ ରୋକି ଦେବାରୁ ଶୁଟ୍ ଆଉଟ ୪-୪ ସ୍ତରକୁ ଚାଲିଆସିଥିଲା। ପରେ ଆକାଶଦୀପ ସିଂଙ୍କ ଗୋଲ୍ ଯୋଗୁ ଭାରତ ୫-୪ରେ ବିଜୟ ଲାଭ କରିଥିଲା। ମ୍ୟାଚରେ ଶ୍ରୀଜେସ୍‌ଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ଥିଲା। ଆୟୋଜକ ଦଳର ବହୁ ପ୍ରଚେଷ୍ଟାକୁ ସେ ପଣ୍ଡ କରିଦେଇଥିଲେ। ଫାଇନାଲ କ୍ୱାର୍ଟରରେ ସେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଗୋଲ୍ ସେଭ୍ କରିଥିଲେ। ନିର୍ଦ୍ଧାରିତ ସମୟ ଖେଳରେ ଭାରତ ତରଫରୁ ସମଶେର ସିଂ, ହରମନପ୍ରୀତ ସିଂ ଓ ଜର୍ମନପ୍ରୀତ ସିଂ ଏବଂ ବେଲ୍‌ଜିୟମ ପକ୍ଷରୁ ସେଡ୍ରିକ୍ ଚାର୍ଲିଅର, ଡି. କର୍ପେଲ ଓ ସିମନ ଗଗ୍‌ନାର୍ଡ ଗୋଲ୍ ସ୍କୋର କରିଥିଲେ।

## ମହିଳା ଦଳ ପରାସ୍ତ

**ଏଫ୍‌ଆଇଏଚ୍ ପ୍ରୋ-ଲିଗ୍**

**ଆଣ୍ଟୱର୍ପ (ବେଲଜିୟମ), ୧୧।୬(ପି.ଟି.):** ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ର ଶନିବାର ଖେଳାଯାଇଥିବା ଏକ ମ୍ୟାଚରେ ଭାରତୀୟ ମହିଳା ହକି ଦଳ ୧-୨ ଗୋଲରେ ବେଲଜିୟମଠାରୁ ହାରିଯାଇଛି। ବିଜୟୀ ଦଳ ପକ୍ଷରୁ ପ୍ରଥମ ଗୋଲ୍ ନେଲେନ୍ ବାରବରା ଖେଳର ତୃତୀୟ ମିନିଟ୍‌ରେ ସ୍କୋର କରିଥିଲେ। ଦ୍ୱିତୀୟ ଗୋଲ୍ ୩୨ତମ ମିନିଟ୍‌ରେ ଆନ୍ଦ୍ରେ ବାଲେଙ୍ଗହିନ୍ ଦେଇଥିଲେ। ବେଲଜିୟମ ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା ୨-୦ରେ ଅଗ୍ରଣୀ ଲାଭ କରିଥିଲା। ଭାରତ ତରଫରୁ ଲାଲରେମ୍‌ସିଆମି ୪୮ତମ ମିନିଟ୍‌ରେ ଗୋଟିଏ ଗୋଲ ପରିଶୋଧ କରିଦେଇଥିଲେ। ମ୍ୟାଚକୁ ଡ୍ର ରଖିବା ଲାଗି ଭାରତ ଶେଷ ପର୍ଯ୍ୟନ୍ତ ଚେଷ୍ଟା କରି ବିଫଳ ରହିଥିଲା। ଭେଟେରାନ ଖେଳାଳି ରାଣୀଙ୍କ ଲାଗି ଏହି ମ୍ୟାଚ ସ୍ମରଣୀୟ ଥିଲା। ଏହାଥିଲା ତାଙ୍କର ୨୫୦ତମ ଅନ୍ତର୍ଜାତୀୟ ମ୍ୟାଚ। ପ୍ରୋ-ଲିଗ୍‌ରେ ଭାରତ ଏହାର ଦ୍ୱିତୀୟ ଲେଗ୍ ମ୍ୟାଚ ଏହି ଦଳ ସହ ରବିବାର ଖେଳିବ।



# ରଥଯାତ୍ରା ପାଇଁ ପାର୍କିଂ ଟେଣ୍ଡରରେ ପାତରଅନ୍ତର

■ ବିତ୍ତଶାଳୀ ଲୋକଙ୍କୁ ଅଗ୍ରାଧିକାର ମିଳୁଥିବା ଅଭିଯୋଗ
■ ଯାନ୍ତ୍ରିକ ତ୍ରୁଟି କହିଲା ପ୍ରଶାସନ

ପୁରୀ ଅଫିସ,୧୧।୬:

ରଥଯାତ୍ରା ପାଇଁ ପାର୍କିଂ, ଜୋତାଷ୍ଟାଣ୍ଡ ଓ ଉଠା ଦୋକାନୀଙ୍କଠାରୁ ଶୁଳ୍କ ଆଦାୟ କରିବା ପାଇଁ ପୁରୀ ମ୍ୟୁନିସିପାଲିଟି ଟେଣ୍ଡର ବିଜ୍ଞପ୍ତି ପ୍ରକାଶ କରିଛି। ତେବେ ଟେଣ୍ଡର ଡକାଯିବା ପୂର୍ବରୁ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ପାତରଅନ୍ତର କରି ଟେଣ୍ଡର ବାଣ୍ଟୁଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଦୁଇ ଦିନ ତଳେ ପୁରୀ ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ଉପରୋକ୍ତ ସେବା ଲାଗି ଟେଣ୍ଡରର ଏକ ତାଲିକା ଲଗାଯାଇଥିଲା। ଯେଉଁଥିରେ ଉଭୟ ଦୁଇଚକିଆ ଓ ଚାରିଚକିଆ ଯାନର ପାର୍କିଂସ୍ଥଳୀ ପାଇଁ ଟେଣ୍ଡର ଡକାଯାଇଥିବା ଦର୍ଶାଯାଇଥିଲା। ସର୍ବମୋଟ୍ ୨୩ଟି ଟେଣ୍ଡର ପାଇଁ ମ୍ୟୁନିସିପାଲିଟି ସାଧାରଣଙ୍କୁ ଆମନ୍ତ୍ରଣ ଦେଇଥିଲା। ମାତ୍ର ଶନିବାର ଜିଲା ପ୍ରଶାସନର ଅନଲାଇନ୍ ପୋର୍ଟାଲରେ ପ୍ରକାଶ ପାଇଥିବା ତାଲିକା ସମ୍ପୃକ୍ତ ଅଫଲାଇନ୍ ତାଲିକାଠାରୁ ଭିନ୍ନ ଅଛି। ଟେଣ୍ଡରରେ ଅଂଶଗ୍ରହଣ କରିବାକୁ ଥିବା ଲୋକେ ଅନ୍‌ଲାଇନ ତାଲିକାରେ ୨୩ଟି ଟେଣ୍ଡରରୁ କମ୍ ଥିବା ଦେଖି ଅସନ୍ତୋଷ ପ୍ରକାଶ କରିବା ସହ ଆର୍ ଆଣ୍ଡ ଟି ଓଡ଼ିଶା ଗ୍ରୁପ ପକ୍ଷରୁ ଟୁଇଟ୍ ଯୋଗେ ଅଭିଯୋଗ କରାଯାଇଛି।


R & T Odisha Group
@CorruptionGOVT
ରଥଯାତ୍ରା ନିମନ୍ତେ ୧୫ରୁ ଉର୍ଧ ଶୁଣିବା ଅନୁଯାଇ ପାର୍କିଙ୍ଗ ଟେଣ୍ଡ୍ରର ବାହାରିଥିବା ବେଳେ ମୁନିସପାଲିଟି ନୋଟିସ ବୋର୍ଡ଼ ମାରି ଚିରି-ଦିଆଗଲା | ଏବଂ ଅନ-ଲାଇନରେ ମାତ୍ର ୮ଟି ଟେଣ୍ଡ୍ରର ବାହାର କରାଯାଇଛି | ଏହି ଲିଷ୍ଟରେ ଚାରିଚକିଆ ଯାନ ପାର୍କିଙ୍ଗ ଟେଣ୍ଡ୍ରର ନାହିଁ | ପ୍ରଶ୍ନ ଏଠି କାହାର କରକମଳରେ ଫିକ୍ସିଂଙ୍ଗ ହେଉଛି ଟେଣ୍ଡ୍ରର @Puriulbeo ||

ଅଭିଯୋଗ ହେଉଛି ଯେ, ଟେଣ୍ଡରର ସଂଖ୍ୟାକୁ ଜାଣିଶୁଣି କମାଇ ଦିଆଯାଇ ବିତ୍ତଶାଳୀ ଲୋକଙ୍କୁ ଟେଣ୍ଡର ଦିଆଯାଉଛି। ଫଳରେ ଟେଣ୍ଡର ସର୍ବସାଧାରଣ ଉଦ୍ଦେଶ୍ୟରେ ଉପଲବ୍ଧ ହେଉ ନାହିଁ। ବିଶେଷ କରି ଚାରିଚକିଆ ଯାନ ପାର୍କିଂ ପାଇଁ ଟେଣ୍ଡର ତାଲିକାକୁ ଅନ୍‌ଲାଇନରେ ସାମିଲ କରାଯାଇ ନ ଥିବାରୁ ମ୍ୟୁନିସିପାଲିଟିରେ ସ୍ୱଚ୍ଛତା ଓ ନିରପେକ୍ଷତା ନେଇ ପ୍ରଶ୍ନ ଉଠୁଛି। ଏ ସମ୍ପର୍କରେ ଯୁବନେତା ଆଲୋକ କୁମାର ଦାସ କହିଛନ୍ତି, ରଥଯାତ୍ରା ଲାଗି ହୋଇଥିବା ପାର୍କିଂ ଭଳି ସବୁ ଟେଣ୍ଡରରେ ମ୍ୟୁନିସିପାଲିଟି ସବୁ ଦଳକୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରୁଛି। ଏଣୁ ଦଳ ଭିତରେ ଥିବା ମୁଷ୍ଟିମେୟ ଲୋକଙ୍କୁ ଟେଣ୍ଡର ମିଳୁଛି। ସାଧାରଣ ଲୋକେ ପାର୍କିଂ ଷ୍ଟାଣ୍ଡ ଓ ସମସ୍ତ ପ୍ରକାର ଟେଣ୍ଡରିଂରୁ ବଞ୍ଚିତ ହେଉଛନ୍ତି। ମ୍ୟୁନିସିପାଲିଟି ଭୁଲ୍‌ରେ ଟେଣ୍ଡରର ସଂଖ୍ୟା କମାଇବାକୁ ଚେଷ୍ଟା କରିଛି, ଅଥବା ଜାଣିଶୁଣି କାହାରି ଫାଇଦା ପାଇଁ ଏପରି କରିଛି। ସାଧାରଣ ଲୋକେ ଟେଣ୍ଡର ପ୍ରକ୍ରିୟାରେ ସାମିଲ ହେବାର ସୁଯୋଗ ପାଆନ୍ତୁ ବୋଲି ସେ କହିଛନ୍ତି। ଏ ନେଇ ପୁରୀ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ କହିଛନ୍ତି, ଯାନ୍ତ୍ରିକ ତ୍ରୁଟି ହେତୁ ଏଭଳି ହୋଇଛି। ଟେଣ୍ଡର ତାଲିକାର ଗୋଟିଏ ପୃଷ୍ଠାକୁ ଭୁଲବଶତଃ ଅପଲୋଡ୍ କରାଯାଇପାରି ନ ଥିଲା। ଫଳରେ ସାଧାରଣରେ ଭ୍ରମ ଧାରଣା ସୃଷ୍ଟି ହୋଇଛି। ଟେଣ୍ଡର ପ୍ରକ୍ରିୟା ସ୍ୱଚ୍ଛ ଭାବେ ସମ୍ପାଦିତ ହେବ।

ସଦ୍ୟ ପ୍ରକାଶିତ ଟେଣ୍ଡର ତାଲିକାରେ ମୁକ୍ତାକାଶ ରଙ୍ଗମଞ୍ଚ ଓ ମୁଣ୍ଡିଆମରାଠାରେ ଜୋତାଷ୍ଟାଣ୍ଡ, ଭୋଳାନାଥ ବିଦ୍ୟାଳୟ ନିକଟରେ ସାଇକେଲ ଷ୍ଟାଣ୍ଡ, ମଶାଣିଚଣ୍ଡୀ, କୃଷକ ବଜାର, ଜିଲା ସ୍କୁଲ, ମୋଚିସାହି, ନୀଳାଦ୍ରି ବିଚ୍, ବ୍ଲୁଫ୍ଲାଗ୍ ବିଚ୍, ନୀଳାଚଳ ଅଶୋକ, ଦିଗବାରେଣୀ ଖୁଣ୍ଟିଠାରେ ଦୁଇଚକିଆଯାନ ଷ୍ଟାଣ୍ଡ ପାଇଁ ଟେଣ୍ଡର ଡକାଯିବ। ସେହିଭଳି ଫ୍ଲୋରିସ୍ ଇଣ୍ଡିଆ, ଭୂଦାନ ଛକ, ଏସ୍‌ସିଏସ୍ କଲେଜ୍, ସଂସ୍କୃତ ବିଶ୍ୱବିଦ୍ୟାଳୟ, ଇନ୍‌ଡୋର ଷ୍ଟାଡିୟମ୍, ହେଲିପ୍ୟାଡ୍, ବଳିଆପଣ୍ଡା, ଷ୍ଟରଲିଂ ରୋଡ୍ ଓ ଦିଗବାରେଣୀ ଖୁଣ୍ଟିଠାରେ ଚାରିଚକିଆ ଯାନ ଷ୍ଟାଣ୍ଡ ପାଇଁ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ, ରଥଯାତ୍ରା ସମୟରେ ପାର୍କିଂ ବାବଦକୁ ଜୋତା ପାଇଁ ୫ ଟଙ୍କା, ଆସବାବପତ୍ର ବାବଦକୁ ଜଣକା ୧୦ ଟଙ୍କା, ସାଇକେଲକୁ ୫ ଟଙ୍କା, ଦୁଇଚକିଆ ଯାନକୁ ୧୦ ଟଙ୍କା ଓ ଚାରିଚକିଆ ଯାନ ବାବଦକୁ ୫୦ ଟଙ୍କା ଦେବାକୁ ପଡ଼ିବ।

## ସଂକ୍ଷେପରେ

### ରୁଚିପୂର୍ଣ୍ଣ ପୁସ୍ତକ ଉପରେ ଗୁରୁତ୍ୱାରୋପ

ପୁରୀ ଅଫିସ,୧୧।୬- ଅଠରନଳାସ୍ଥିତ ଶିକ୍ଷାଶ୍ରୀ ଶିଶୁ ପାଠାଗାରର ୧୮ତମ ବାର୍ଷିକ ଉତ୍ସବ ଶନିବାର ୟୁଥ ହଷ୍ଟେଲ ସମ୍ମିଳନୀ କକ୍ଷ ପରିସରରେ ଅନୁଷ୍ଠିତ ହୋଇଛି। ସାହିତ୍ୟିକ ପ୍ରଭାତ ଚନ୍ଦ୍ର ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ ଶିଶୁ ସାହିତ୍ୟିକ ତଥା ଚଳଚ୍ଚିତ୍ର ସଂଳାପ ଲେଖକ ଅଧାପକ ଡ.ରଜନୀ ରଞ୍ଜନ ଦାଶ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ଚଣ୍ଡେଶ୍ୱର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥି ଶିଶୁ ସାହିତ୍ୟିକ ବଙ୍କିମ ଚନ୍ଦ୍ର ନାୟକ ଯୋଗଦେଇଥିଲେ। ଶିଶୁ ସାହିତ୍ୟର ବ୍ୟାପକ ପ୍ରଚାର ଓ ପ୍ରସାର ଦିଗରେ ପାଠକୀୟ ଆଗ୍ରହ ପାଠାଗାରର ଆବଶ୍ୟକ, ରୁଚିପୂର୍ଣ୍ଣ ପୁସ୍ତକ ଉପରେ ଗୁରୁତ୍ୱାରୋପ ନିମନ୍ତେ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଶିକ୍ଷକ ଦିଗମ୍ବର ରଥ, ଗଣେଶ୍ୱର ସାହୁ, ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାଶ, ଭୁବନେଶ୍ୱରର ଛାତ୍ର ଆଶିଷ କୁମାର ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପୁରୀର ମହେନ୍ଦ୍ର ବିଶୋଇ, ଅନୁଗୋଳର ସଂଗ୍ରାମ କେଶରୀ ପୃଷ୍ଟି, ଭୁବନେଶ୍ୱର ସୁଶାନ୍ତ ସେନାପତି, ଡେଲାଙ୍ଗର ଲକ୍ଷ୍ମୀପ୍ରିୟା ଦାଶ, ବ୍ରହ୍ମଗିରିର ପର୍ଶୁରାମ ପାତ୍ର ପ୍ରମୁଖ ଶିଶୁ କବିତା ପାଠ କରିଥିଲେ। ପାଠାଗାରାର ସମ୍ପାଦକ ରମେଶ ଚନ୍ଦ୍ର ଦାଶ, ଶିବପ୍ରସାଦ ମିଶ୍ର, ରାକେଶ ଦାଶ, ଜଳନ୍ଧର ବିଶୋଇ ଏବଂ କାଶୀନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଅପ୍‌ସରା ୨୦୨୨ ଉଦ୍‌ଘାଟିତ

ପୁରୀ ଅଫିସ,୧୧।୬- କଲଚରାଲ ଡେଭଲପ୍‌ମେଣ୍ଟ ଫାଉଣ୍ଡେଶନ ଆନୁକୂଲ୍ୟରେ ଅପସରା ୨୦୨୨ କାର୍ଯ୍ୟକ୍ରମ ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ପ୍ରସନ୍ନ କୁମାର ମିଶ୍ର, ରାମକୃଷ୍ଣ ମହାପାତ୍ର, ବିକାଶ ଦତ୍ତ, ଉମେନ୍ଦ୍ର ଶର୍ମା, ପ୍ରତାପ ସାହୁ, ଭରତ ନାୟକ, ଗଣେଶ ମହାପାତ୍ର, ଦେବୀ ପ୍ରସାଦ ମିଶ୍ର, ଅଭ୍ୟୁଦୟ ଦାଶ ଏବଂ ସ୍ୱପ୍ନା ମହାନ୍ତି ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଅତିଥିମାନେ ନିଜ ନିଜ ଅଭିଭାଷଣରେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସେହିପରି ସନ୍ଧ୍ୟା ଅଧିବେଶନରେ ହାଇଟେକ ମେଡିକାଲର ପ୍ରତିଷ୍ଠାତା ଡା. ତିରୁପତି ପାଣିଗ୍ରାହୀ ଏବଂ ନାଲ୍‌କୋ ଅନୁଗୋଳ ଅଫିସର୍ସ ଆସୋସିଏଶନ୍ ସଭାପତି ପ୍ରସନ୍ନ କୁମାର ମଲ୍ଲିକ୍ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ୧୦୦ରୁ ଉର୍ଦ୍ଧ୍ୱ ନୃତ୍ୟଶିଳ୍ପୀ ଯୋଗଦେଇ ସାଂସ୍କୃତିକ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତି ଯଥା ସୁଶାନ୍ତ କୁମାର ମହାପାତ୍ର, ଡ. ଅର୍କଦେବ ଭଟ୍ଟାଚାର୍ଯ୍ୟ, ପ୍ରଦୀପ ବେହେରା, ଭାନୁ ମିଶ୍ର, ରୋଜାଲିନ୍ ମହାନ୍ତି, ସୁଚିସ୍ମିତା ଅଧିକାରୀ, ପରମିତା ଚକ୍ରବର୍ତ୍ତୀ, ଡ. ପି .ଭି ଜାନକୀ ଆଦି ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଉତ୍ସବରେ ଯୋଗଦେଇଥିବା ନୃତ୍ୟଶିଳ୍ପୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଭରତ କୁମାର ନାୟକ ପରିଚାଳନା କରିଥିଲେ। ଏହି ଉତ୍ସବ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଅନୁଷ୍ଠାନର ସମ୍ପାଦକ ରାମକୃଷ୍ଣ ମହାପାତ୍ର ସୂଚନା ପ୍ରଦାନ କରିଛନ୍ତି।


କଲଚରାଲ ଡେଭଲପ୍‌ମେଣ୍ଟ ଫାଉଣ୍ଡେଶନ ଆନୁକୂଲ୍ୟରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଶନିବାର ଅନୁଷ୍ଠିତ ଅପସରା ୨୦୨୨ କାର୍ଯ୍ୟକ୍ରମରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

### ଦୋକାନରେ ନିଆଁ ଲଗାଇଲେ ଦୁର୍ବୃତ୍ତ

କଣାସ,୧୧।୬(ଡି.ଏନ୍.ଏ.): କଣାସ ବ୍ଲକ କାଦୁଆ ଗ୍ରାମପଞ୍ଚାୟତର ଭାଟପଡା ଗ୍ରାମର ଏକ ଷ୍ଟେଶନାରି ଦୋକାନରେ କୌଣସି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଶନିବାର ଗଡିଶାଗୋଦା ଥାନାରେ ଅଭିଯୋଗ ହୋଇଛି। ଭାଟପଡା ଗ୍ରାମର ସଞ୍ଜୟ ମଙ୍ଗରାଜ ଗ୍ରାମର ଏକ କ୍ୟାବିନରେ ଷ୍ଟେଶନାରି ଦୋକାନ କରିଥିଲେ। ଶୁକ୍ରବାର ରାତିରେ କେହି ଦୁର୍ବୃତ୍ତ ଦୋକାନ ପଛପଟେ ନିଆଁ ଲଗାଇ ଦେଇଥିଲେ। କାଦୁଆ ପଞ୍ଚାୟତର ସରପଞ୍ଚ ଦୁଃଶାସନ ସ୍ୱାଇଁ ଏହାକୁ ପ୍ରଥମେ ଦେଖି ଗ୍ରାମବାସୀଙ୍କୁ ଡାକିଥିଲେ। ଗ୍ରାମବାସୀ ନିଆଁକୁ ଆୟତ କରିଥିଲେ ମଧ୍ୟ କ୍ୟାବିନର କେତେକାଂଶରେ ପୋଡିଯାଇଥିବା ଜଣାପଡିଛି।

# ପଟିଦିଅଁ ଅଙ୍କନରେ ନିମଗ୍ନ ଚିତ୍ରକର ସେବକ


ପଣାପ୍ରିୟା ସାହିର ଚିତ୍ରକର ସେବକମାନେ ଠାକୁର ଅନନ୍ତ ନାରାୟଣଙ୍କ ଚିତ୍ର ଆଙ୍କୁଛନ୍ତି ।

**ପାରମ୍ପରିକ ରଙ୍ଗରେ ଚିତ୍ର ଅଙ୍କାଯାଏ**

ପୁରୀ ଅଫିସ,୧୧।୬:

ସ୍ନାନପୂର୍ଣ୍ଣିମାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ ଭାଇ ଓ ଭଉଣୀଙ୍କୁ ସାଙ୍ଗରେ ଧରି ରତ୍ନ ସିଂହାସନରୁ ସ୍ନାନବେଦୀରେ ସ୍ନାନ କରିବେ। ଚତୁର୍ଦ୍ଧାମୂର୍ତ୍ତି ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବାରେ ଜ୍ୱରାକାନ୍ତ ହୋଇ ଅଣସର ପିଣ୍ଡିରେ ବିଶ୍ରାମ ନେବେ। ଦଇତାପତି ସେବକଙ୍କ ଦ୍ୱାରା ଏହି ସମୟରେ ଶ୍ରୀ ବିଗ୍ରହମାନଙ୍କ ଗୁପ୍ତନୀତି ସମ୍ପାଦିତ ହେବ। ଏଥିଯୋଗୁ ଶ୍ରୀମନ୍ଦିରରେ ପଟିଦିଅଁ ପୂଜା ହେବାର ପରମ୍ପରା ଦେଖିବାକୁ ମିଳିଥାଏ। ମହାପ୍ରଭୁଙ୍କ ସ୍ଥାନରେ ଅନନ୍ତ ନାରାୟଣ, ବଡ଼ଠାକୁର ବଳଭଦ୍ରଙ୍କ ସ୍ଥାନରେ ଅନନ୍ତ ବାସୁଦେବ ଏବଂ ସୁଭଦ୍ରାଙ୍କ ସ୍ଥାନରେ ମା' ଭୁବନେଶ୍ୱରୀଙ୍କ ପଟିଦିଅଁ ଅଣସର ସମୟରେ ପୂଜା ପାଆନ୍ତି। ଶ୍ରୀମନ୍ଦିରରେ ଆକର୍ଷଣୀୟ ଓ ମନ୍ତ୍ରମୁଗ୍ଧକର ପଟଚିତ୍ର ବା ପଟି ଦିଅଁଙ୍କ ଉପାସନା ଦେଖିବାକୁ ମିଳିଥାଏ। ପବିତ୍ର ଶୀତଳ ଷଷ୍ଠୀ ଦିନ ପରମ୍ପରା ଅନୁଯାୟୀ ମହାପ୍ରଭୁଙ୍କ ସ୍ଥାନରେ ପୂଜା ପାଉଥିବା ଅନନ୍ତ ନାରାୟଣଙ୍କ ପଟଚିତ୍ର ଅନୁକୂଳ ହୋଇଥାଏ। ଏହିସବୁ ପଟଚିତ୍ରକୁ ଚିତ୍ରକର ସେବାୟତ ଶୁଦ୍ଧପୂତ ଭାବେ ଘରେ ପ୍ରସ୍ତୁତ କରନ୍ତି। ଶୀତଳ ଷଷ୍ଠୀ ଦିନ ପହି ଭୋଗ ସରିବା ପରେ ଚିତ୍ରକରମାନେ ପଟି ଲାଗି କରିଥିବାବେଳେ, ରୁକ୍ମିଣୀ ହରଣ ଏକାଦଶୀଠାରୁ ଏହି ପଟିରେ ରଙ୍ଗ ଦେଇ ଚିତ୍ରିତ କରିଥାନ୍ତି। ହିଙ୍ଗୁଳ, ହରିତାଳ, ଶଙ୍ଖ, ଦୀପକଳା, ଖଣ୍ଡ ନେଳି, ପଟା, ଗେରୁ, କଇଁଥ ଅଠା ଇତ୍ୟାଦି ପାରମ୍ପରିକ ରଙ୍ଗରେ ପଟିଦିଅଁଙ୍କୁ ଚିତ୍ରକର ସେବକ ତିଆରି କରିଥାନ୍ତି। ପ୍ରଥମେ ନୂଆ କନାରେ ଅଠା, ଖଡ଼ି ଲେପ ଦେଇ ଘଷା ପଥରରେ ଘଷି ଚିକ୍କଣ କରି ପଟି ପ୍ରସ୍ତୁତ କରାଯାଏ। ପଟିକୁ ଆଙ୍କିବା ପାଇଁ ଗେରୁ ରଙ୍ଗ ଟିପଣା କରାଯାଏ। ଉକ୍ତ ପଟିରେ ଅନନ୍ତ ନାରାୟଣ, ଅନନ୍ତ ବାସୁଦେବ, ଓ ଭୁବନେଶ୍ୱରୀଙ୍କ ପ୍ରତିକୃତି ଅଙ୍କନ କରାଯାଏ। ପଣାପ୍ରିୟା ସାହିର ଚିତ୍ରକର ସେବକ ଦେବଦତ୍ତ ମହାରଣାଙ୍କ ନେତୃତ୍ୱରେ ଅନନ୍ତ ନାରାୟଣଙ୍କ ପଟଚିତ୍ର ପ୍ରସ୍ତୁତି ଚାଲିଛି।

# ଶ୍ରୀମନ୍ଦିରରେ ରୁକ୍ମିଣୀ ବିବାହ ନୀତି ସମ୍ପନ୍ନ

ପୁରୀ ଅଫିସ,୧୧।୬

ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ତିଥି ଶନିବାର ଅବସରରେ ଶ୍ରୀମନ୍ଦିରରେ ରୁକ୍ମିଣୀ ହରଣ ନୀତି ସହ ବିବାହ ନୀତି ସମ୍ପନ୍ନ ହୋଇଛି। ଏହି ଦିବସକୁ ରୁକ୍ମିଣୀ ହରଣ ଏକାଦଶୀ ବା ନିର୍ଜଳା ଏକାଦଶୀ ମଧ୍ୟ କୁହାଯାଏ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପ ପୂଜା ସମୟରେ ଦକ୍ଷିଣୀ ଘରେ ମଦନମୋହନ (ଶ୍ରୀକୃଷ୍ଣ)ଙ୍କ ବେଶ ହୋଇ ରତ୍ନସିଂହାସନକୁ ବିଜେ ହୋଇଥିଲେ। ଭୋଗ ମଣ୍ଡପ ପରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ଆଣି ମଦନମୋହନଙ୍କୁ ପ୍ରଦାନ କରାଯିବା ପରେ ଜୟବିଜୟ ଦ୍ୱାରକୁ ବିଜେ କରିଥିଲେ। ସକାଳ ଧୂପ ପୂଜା ବଢିବା ପରେ ପୂଜାପଣ୍ଡା ସାମନ୍ତ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଶ୍ରୀଦେବୀ (ରୁକ୍ମିଣୀ)ଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ରୁକ୍ମିଣୀଙ୍କୁ ସାତ ପାହାଚସ୍ଥିତ ପାଲିଙ୍କିରେ ବିଜେ କରାଇଥିଲେ। ବିମାନବଡୁମାନେ ପାଲିଙ୍କିକୁ ମହାଲକ୍ଷ୍ମୀ ମନ୍ଦିରକୁ ନେଇ ଜଗମୋହନରେ ଥିବା ଖଟରେ ରୁକ୍ମିଣୀଙ୍କୁ ବିଜେ କରାଇଥିଲେ। ରୁକ୍ମିଣୀଙ୍କୁ ପଞ୍ଚାମୃତ ମହାସ୍ନାନ, ମାଜଣା, ବନକ ଲାଗି ଏବଂ ଅଳଙ୍କାର ଲାଗିହୋଇ ବେଶ ବଢିଥିଲା। ଏହି ସମୟରେ ଭିତରଚ୍ଛ ମହାପାତ୍ର ଚିଟାଉ ନେଇ ରୁକ୍ମିଣୀଙ୍କ ଶ୍ରୀହସ୍ତ ମୁଦି କରାଇଥିଲେ। ଏହାପରେ ବିପ୍ର ବାହ୍ମଣ ବେଶରେ ଜଣେ ସେବକ ଚିଟାଉ ନେଇ ଜୟବିଜୟ ଦ୍ୱାର ନିକଟରେ ଥିବା ମହାପ୍ରଭୁଙ୍କ ନିକଟକୁ ଯାଇଥିଲେ। ସେଠାରେ ପୁରାଣ ପଣ୍ଡା, ପୂଜାପଣ୍ଡା ଏବଂ ପାଳିଆ ଖୁଣ୍ଟିଆଙ୍କ ଉପସ୍ଥିତିରେ ବଚନିକା ହୋଇଥିଲା। ପରେ ମଦନମୋହନ ରଥରେ ବିଜେ ହୋଇ ବିମଳା ମନ୍ଦିର ନିକଟକୁ ଯାଇ ଗଣେଶଙ୍କ ମନ୍ଦିର ନିକଟରେ ଲୁକ୍କାୟିତ ଭାବେ ରୁକ୍ମିଣୀଙ୍କୁ ଅପେକ୍ଷା କରିଥିଲେ। ମହାଲକ୍ଷ୍ମୀ ମନ୍ଦିରରୁ ରୁକ୍ମିଣୀ ଗୌରୀ ପୂଜା ନିମନ୍ତେ ପାଲିଙ୍କିରେ ବିଜେ ହୋଇ ବିମଳାଙ୍କ ମନ୍ଦିରକୁ ଆସିଥିଲେ। ମା' ବିମଳାଙ୍କୁ ପୂଜା କରି ବାହାରିବାବେଳେ ରୁକ୍ମିଣୀଙ୍କୁ ମହାପ୍ରଭୁ ହରଣ କରି ରଥରେ ବସାଇ ନେଇଥିଲେ। ଖ ବ ର ପ । ଇ ଶିଶୁପାଳ ଆସି ସରସ୍ୱତୀ ମନ୍ଦିର ସମ୍ମୁଖରେ ମହାପ୍ରଭୁଙ୍କୁ ପ୍ରତିରୋଧ କରିବାରେ ସେଠାରେ ଯୁଦ୍ଧ ହୋଇଥିଲା। ଦୁଇଜଣ ସେବକ ଏହି ଯୁଦ୍ଧ ସମ୍ପାଦନ କରିଥିଲେ। ଯୁଦ୍ଧରେ ଶିଶୁପାଳ ପରାସ୍ତ ହେବା ପରେ ମହାପ୍ରଭୁ ତାଙ୍କୁ ରଥରେ ବାନ୍ଧି ଦେଇଥିଲେ। ପରେ ଦକ୍ଷିଣୀ ଘରୁ ବଳରାମ ବିମାନରେ ଆସି ଶିଶୁପାଳଙ୍କୁ ମୁକ୍ତ କରିଥିଲେ। ପରେ ବଳରାମ ଦକ୍ଷିଣୀ ଘରକୁ ଏବଂ ମଦନମୋହନ ଓ ରୁକ୍ମିଣୀ ବିବାହ ମଣ୍ଡପକୁ ବିଜେ କରିଥିଲେ। ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ସମ୍ପନ୍ନ ହେବା ପରେ ବିବାହ ନୀତି ଆରମ୍ଭ ହୋଇଥିଲା। ଏହାପରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଚନ୍ଦନ ଲାଗି ହୋଇଥିଲା। ପରେ ବିବାହ ଉତ୍ସବ ହୋଇଥିଲା। ରୁକ୍ମିଣୀ ହରଣ ନୀତି ଓ ବିବାହ ଉତ୍ସବ ଦର୍ଶନ କରିବା ନିମନ୍ତେ ଶ୍ରୀମନ୍ଦିରରେ ପ୍ରବଳ ଭକ୍ତଙ୍କ ଭିଡ଼ ହୋଇଥିଲା। ତେବେ ଚମ୍ପକ ଦ୍ୱାଦଶୀ ରବିବାର ଅବସରରେ ନବବିବାହିତା ଦେବଦମ୍ପତିଙ୍କ ଗୁଆଲି ଯାତ୍ରା ଅନୁଷ୍ଠିତ ହେବ।


ରୁକ୍ମିଣୀ ନୀତି ସାରି ଶିଶୁପାଳ ଭକ୍ତଙ୍କୁ ଆଶୀର୍ବାଦ ଜଣାଉଛନ୍ତି ।

# ଟାଙ୍କି ଥିବା ସତ୍ତ୍ୱେ ମିଳୁନି ପାଣି

ଗୋପ,୧୧।୬(ଡି.ଏନ୍.ଏ.):

ମହଲପଡା ପଞ୍ଚାୟତର ଓରେଇ ଗ୍ରାମରେ ନିମ୍ନମାନର ପାଇପ ଯୋଗୁ ଗ୍ରାମବାସୀ ପାଣି ପାଇପାରୁ ନାହାନ୍ତି। ଏନେଇ ବ୍ଲକ ଜଳ ପରିମଳ ବିଭାଗକୁ ବାରମ୍ବାର ଜଣାଇବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରୁଛନ୍ତି।

ଗ୍ରାମରେ ଲୋକଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବା ଉଦ୍ଦେଶ୍ୟରେ ୨୦୧୯ରେ ସରକାରଙ୍କ ବସୁଧା ଯୋଜନାରେ କୋଟିଏ ଟଙ୍କା ଖର୍ଚ୍ଚରେ ପାଣିଟାଙ୍କି ନିର୍ମାଣ କରାଯାଇଥିଲା। ୩ ବର୍ଷ ହେବ ଏହି ସବୁ ଗ୍ରାମର ଲୋକେ ପିଇବା ପାଣି ପାଇପାରୁନାହାନ୍ତି ବୋଲି ଅଭିଯୋଗ ହେଉଛି। ନିମ୍ନମାନର ପାଇପ ବ୍ୟବହାର ଯୋଗୁ କେତେକ ସ୍ଥାନରେ ପାଇପ ଫାଟିଯାଇଛି। ଫଳରେ ପାଣି ସବୁ ଘରେ ପହଞ୍ଚିପାରୁନାହିଁ। ଏପରି ଅଭିଯୋଗ ୩ ବର୍ଷ ଧରି ଖରାଦିନ ପୂର୍ବରୁ କରାଯାଉଥିଲେ ମଧ୍ୟ କେହି ଶୁଣୁ ନ ଥିବା କହିଛନ୍ତି ଗ୍ରାମର ଓରେଇ ଗ୍ରାମର ବିରେଶ ପାତ୍ର, କୈଳାସ ଚନ୍ଦ୍ର ପାତ୍ର, ଗଣେଶ ଚନ୍ଦ୍ର ସ୍ୱାଇଁ। ଏନେଇ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, ପାନୀୟ ବିଭାଗକୁ ଏ ସମ୍ପର୍କରେ ଜଣାଇଥିଲେ ମଧ୍ୟ ସେମାନେ ଶୁଣୁନାହାନ୍ତି। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଉର୍ବଶୀ ଆଚାର୍ଯ୍ୟଙ୍କୁ ପଚାରିବାରେ ଅଭିଯୋଗ ପ୍ରତି ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି।



# ସହରରେ ବଢୁଛି ପର୍ଯ୍ୟଟକଙ୍କ ସଂଖ୍ୟା

■ ଟ୍ରାଫିକ୍ ବ୍ୟବସ୍ଥା ଅଚଳ
■ ସହର ଭିତରକୁ ନ ଆସୁ ଚାରିଚକିଆ ଯାନ

ପୁରୀ ଅଫିସ,୧୧।୬:

ଶ୍ରୀମନ୍ଦିରରେ ଶନିବାର ରୁକ୍ମିଣୀ ହରଣ ନୀତି ସହ ବିବାହ ନୀତି ଥିବାରୁ ସିଂହଦ୍ୱାରରେ ଦର୍ଶନ ପାଇଁ ଭକ୍ତଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ଏପରିକି ସନ୍ଧ୍ୟା ସମୟରେ ଏହି ଧାଡ଼ି କମର୍ସିଆଲ କୋଟ୍ ପର୍ଯ୍ୟନ୍ତ ଯାଇଥିଲା। ଲୋକେ ଠେଲାପେଲା ହେବା ସହ ଯାତାୟାତ ଠପ୍ ହୋଇଯାଇଥିଲା। ସ୍ନାନଯାତ୍ରା ପାଇଁ କରାଯାଉଥିବା ବ୍ୟାରିକେଡ ଯୋଗୁ ଲୋକେ ଠିଆ ହେବାକୁ ସ୍ଥାନ ପାଇ ନ ଥିଲେ। ଅନେକ ଯାନବାହନ ଗହଳି ମଧ୍ୟରେ ଫସି ରହିଥିଲା। ତେବେ ପଶ୍ଚିମଦ୍ୱାରରେ ଦର୍ଶନ ସୁବିଧା ଥିବା ସତ୍ତ୍ୱେ ଶ୍ରଦ୍ଧାଳୁଙ୍କ ପାଖରେ ଏହି ସୂଚନା ପହଞ୍ଚିବା ଅଭାବରୁ ଏକକାଳୀନ ଗହଳି ଦେଖିବାକୁ ମିଳିଥିଲା। ପ୍ରଶାସନ ବାରମ୍ବାର ମାଇକ୍ ଯୋଗେ ଶ୍ରଦ୍ଧାଳୁଙ୍କୁ ପଶ୍ଚିମଦ୍ୱାର ଦେଇ ଶ୍ରୀମନ୍ଦିର ପ୍ରବେଶ କରିବାକୁ ନିବେଦନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ମହାପ୍ରଭୁଙ୍କ ଧୂପ ବେଳେ ଦର୍ଶନ ବନ୍ଦ କରାଯାଉଥିବା ହେତୁ ସେହି ସମୟରେ ଗହଳି ବଢ଼ିଯାଇଥିଲା। ଫଳରେ ଶ୍ରୀମନ୍ଦିର କର୍ମଚାରୀମାନେ ଅଳ୍ପ ଅଳ୍ପ କରି ଲୋକଙ୍କୁ ଶ୍ରୀମନ୍ଦିର ଭିତରକୁ ପଠାଇଥିଲେ। ଏପରିକି ବର୍ତ୍ତମାନ ସ୍ନାନଯାତ୍ରା ଓ ରଥଯାତ୍ରା ପାଇଁ ସହରରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି।

ଶ୍ରୀମନ୍ଦିର ପ୍ରଶାସନ ଚାହିଁଲେ କେତେଜଣ କର୍ମଚାରୀ ନିୟୁକ୍ତ ରହି ଶ୍ରଦ୍ଧାଳୁଙ୍କୁ ପଶ୍ଚିମଦ୍ୱାର ଯିବା ପାଇଁ କହିପାରିଲେ ସାମାନ୍ୟ ଗହଳି ସିଂହଦ୍ୱାର ପଟେ କମିପାରିବ। ସାଧାରଣତଃ ଶନିବାର ଓ ରବିବାର ପୁରୀରେ ଭକ୍ତଙ୍କ ଭିଡ ରହୁଛି। ରଥଯାତ୍ରା ଯେତେ ନିକଟର ହେଉଛି, ସ୍ଥାନୀୟ ଲୋକଙ୍କ ପାଇଁ ଯାତାୟାତ ସେତେ କଷ୍ଟକର ହେବାରେ ଲାଗିଛି। ପ୍ରଶାସନ ଏ ନେଇ ଉଦ୍ୟମ କରିବା ଦରକାର। ଗହଳି ନିୟନ୍ତ୍ରଣ ପାଇଁ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରାଯିବା ଦରକାର ବୋଲି ଭକ୍ତ ପ୍ରଭାସ ମେହେର କହିଛନ୍ତି। ସେହିଭଳି ପୁରୀ ସହରର ରାସ୍ତାଘାଟ ଶନିବାର ଓ ରବିବାର କେବଳ ଚାରିଚକିଆ ଯାନରେ ପୂରିଯାଉଛି। ଚାରଚକିଆ ଯାନକୁ ସହର ଭିତରକୁ ଅବାଧ ପ୍ରବେଶ କରାଯାଉଥିବା ହେତୁ ଲୋକେ ଯାତାୟାତ ପାଇଁ ରାସ୍ତା ପାଉନାହାନ୍ତି। ବଡ଼ଦାଣ୍ଡ ଉଠାବେପାରୀ ଓ ସଂପ୍ରତି ଚାରିଚକିଆ ଯାନରେ ପୂର୍ଣ୍ଣ ହୋଇରହୁଛି। ପ୍ରଶାସନ ଚାରିଚକିଆ ଯାନକୁ ସହର ଭିତରକୁ ନ ଛାଡ଼ିବା ଦରକାର। ଚାରିଚକିଆ ଯାନ ସହର ବାହାରେ ଥିବା ପାର୍କିଂସ୍ଥଳୀରେ ରହୁ। ସେନେଇ ବ୍ୟବସ୍ଥା କରାଯାଉ ବୋଲି ଆଇନଜୀବୀ ଚିନ୍ମୟ ଦାଶ କହିଛନ୍ତି। ସେହିଭଳି ପୁରୀ ସହରରେ ସବୁ ହୋଟେଲ ଏବେ ପୂର୍ଣ୍ଣ କ୍ଷମତାରେ ଚାଲିଛି। ସେମାନଙ୍କ ଚଳପ୍ରଚଳ ବିଶେଷ ଭାବେ ଶ୍ରୀମନ୍ଦିରଠାରୁ ସମୁଦ୍ରକୂଳ ସଂଲଗ୍ନ ରାସ୍ତାରେ ହୋଇଥିବା ହେତୁ ମନ୍ଦିରର ବିଭିନ୍ନ ପାର୍ଶ୍ୱରେ ଥିବା ସାହି ଗଳିକନ୍ଦିରେ ଏବେଠାରୁ ଗହଳି ଦେଖିବାକୁ ମିଳୁଛି। ଅନ୍ୟପକ୍ଷେ ସ୍ନାନଯାତ୍ରା ପାଇଁ ଶ୍ରୀମନ୍ଦିରକୁ ଆସିବା ପାଇଁ ଏକ ଲମ୍ବା ବ୍ୟାରିକେଡ୍ କରାଯାଇଥିବା ବେଳେ ରାଜନଅର ଆଗକୁ ଅନ୍ୟ ଏକ ଜିଗ୍‌ଜାଗ୍ ବ୍ୟାରିକେଡ୍ କରାଯାଉଛି। ଏହା ଯୋଗୁ ଗହଳି କମିବା ବଦଳରେ ବଢ଼ିବ ବୋଲି ସ୍ଥାନୀୟ ଲୋକେ କହୁଛନ୍ତି।

# ପାଇକ ସ୍ମାରକୀ ନିର୍ମାଣ ଖୁବ୍‌ଶୀଘ୍ର

**ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ**

ଖୋର୍ଦ୍ଧା ଅଫିସ,୧୧।୬

ଖୋର୍ଦ୍ଧା ବରୁଣେଇ ପାହାଡ଼ ପାଦଦେଶରେ ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଏନେଇ ସବୁଜ ସଙ୍କେତ ମିଳିଛି। ଶନିବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରସ୍ତାବିତ ଏହି ନିର୍ମାଣ ସ୍ଥଳ ପରିଦର୍ଶନ କରିଥିଲେ। ୯.୬୮୫ ଏକର ଜମିରେ ନିର୍ମାଣ ହେବାକୁ ଥିବା ଏହି ସ୍ମାରକୀ ସ୍ଥଳର ଜମିଜମା ସମ୍ପର୍କରେ ଜିଲା ପ୍ରଶାସନ ସହ ଆଲୋଚନା କରିଛନ୍ତି। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ନକ୍ସା ଅନୁସାରେ ନିର୍ମାଣ ସ୍ଥଳର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ବୁଝାଇଥିଲେ। ଦୀର୍ଘଦିନ ଧରି ଜମିଜମାକୁ ନେଇ ଘରୋଇ ଶିକ୍ଷାନୁଷ୍ଠାନ, ଶିଳ୍ପସଂସ୍ଥା ପରେ ଜଙ୍ଗଲ ବିଭାଗ ସହିତ ଜମିଜମା ବିବାଦ ତୁଟିଥିବା ନେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଆଶ୍ୱସ୍ତି ପ୍ରକାଶ କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ନିର୍ମାଣ ସ୍ଥଳ ଚାରିପଟେ ପାଚେରି ନିର୍ମାଣ ଲାଗି ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ପ୍ରଶାସନର ସହଭାଗିତାରେ କାର୍ଯ୍ୟ କରିବାକୁ ଆଇଓସିଏଲ ନୋଡାଲ ଅଫିସରଙ୍କୁ ପରାମର୍ଶ ଦେଇଥିଲେ। ପରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ବରୁଣେଇ ସ୍ମାର୍ଟ ପାର୍କ ପରିଦର୍ଶନ କରିଥିଲେ। ସ୍ମାର୍ଟ ପାର୍କରେ ଚାଲିଥିବା ନିର୍ମାଣ ସମ୍ପର୍କରେ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ବରୁଣେଇ ପ୍ରକୃତିର ଗନ୍ତାଘର। ପାହାଡ଼ ଉପରେ ବକ୍ସିଙ୍କ ଶହେଫୁଟର ପ୍ରତିମୂର୍ତ୍ତି ସ୍ଥାପନ ଓ ପାଦଦେଶରୁ ପାହାଡ଼ ଉପରକୁ ରୋପ୍‌ୱେ ସହ ସଂଯୋଗ କରାଯିବ ବୋଲି ପ୍ରଧାନ କହିଥିଲେ। ଆଇଓସିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ବିନୟ ମିଶ୍ର, ଡିଜିଏମ୍ ରାଜେଶ ଗୌରବ, ଆଇଓସିଏଲ୍‌ର ନିର୍ଦ୍ଦେଶକ (ଅବୈତନିକ) ସୁଦୀପ ରାୟଙ୍କ ସମେତ ଆଇଓସିଏଲ, ଇଆଇଏଲ୍‌ର ଅନ୍ୟ ଅଧିକାରୀ, ତହସିଲଦାର ଇପ୍‌ସିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କଳିଙ୍ଗ ଫାଉଣ୍ଡେଶନର ଉପଦେଷ୍ଟା ଇଂ. ଶିଶିର ନାୟକ, ସମ୍ପାଦକ କୃଷ୍ଣ ଶ୍ରୀଚନ୍ଦନ, ପିଣ୍ଡିକି ବାହୁବଳେନ୍ଦ୍ର ସଙ୍ଗଠନର ଉପସଭାପତି ଅମରେନ୍ଦ୍ର ମହାପାତ୍ର, ପ୍ରଦୀପ ବିଶ୍ୱାଳ, ଐତିହ୍ୟ ଗବେଷକ ପ୍ରାଧ୍ୟାପକ ଗୋପାଳ କୃଷ୍ଣ ଦାସ ପ୍ରମୁଖ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋକପାତ କରିଥିଲେ। ବରୁଣେଇ ପର୍ଯ୍ୟଟନ କ୍ଷେତ୍ରର ବିକାଶ, ରୋପ୍‌ୱେ ନିର୍ମାଣ, ଅତ୍ୟାଧୁନିକ ସେବା ଉପଲବ୍ଧ ଲାଗି ପ୍ରସ୍ତାବ ଦେବା ସହ ପାଇକ ସ୍ମାରକୀ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ଅନୁରୋଧ କରିଥିଲେ। ଆଇଓସିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ମିଶ୍ର କହିଥିଲେ, କେନ୍ଦ୍ରମନ୍ତ୍ରୀ ଏହି ନିର୍ମାଣ ସ୍ଥଳ ପରିଦର୍ଶନ ସହ ଜିଲା ପ୍ରଶାସନ ସହିତ ଆଲୋଚନା କରିଛନ୍ତି। ଏନେଇ କଳିଙ୍ଗ ପାଇକ ସଙ୍ଗଠନର ସମ୍ପାଦକ କୃଷ୍ଣଚନ୍ଦ୍ର କହିଥିଲେ, ପାଇକ ସ୍ମାରକୀ ନିର୍ମାଣ ହେଲେ ଓଡ଼ିଆ ଜାତିର ଗୌରବ ବିଶ୍ୱ ଦରବାରରେ ପ୍ରତିଫଳିତ ହେବ ବୋଲି ସେ କହିଥିଲେ।


କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନକ୍ସା ଦେଖି ଆଲୋଚନା କରୁଛନ୍ତି ।

## ସଂକ୍ଷେପରେ

### ବିପଦପୂର୍ଣ୍ଣ ଅବସ୍ଥାରେ ରେଳ ଫାଟକ



**ନିରାକାରପୁର,୧୧।୬(ଡି.ଏନ୍.ଏ.):** ଟ୍ରେନ୍ ଆସିବା ପାଇଁ ନିରାକାରପୁରସ୍ଥିତ ଲେଭଲ କ୍ରସିଂର ଏକ ଗେଟ୍ ପଡ଼ିରହିଥିବା ବେଳେ ଅନ୍ୟପଟ ଗେଟ୍‌ଟି ନ ପଡ଼ି ଉପରକୁ ଟେକିହୋଇ ରହିଥିଲା। ଫଳରେ ଲୋକେ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ଦେଇ ଦୈନିକ ଶତାଧିକ ଯାନବାହନ ଯାତାୟାତ କରୁଥିବା ବେଳେ ଏହି ଗେଟ୍ ବାରମ୍ବାର ଭାଙ୍ଗୁଥିବା ଯୋଗୁ ପଥଚାରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରେଳ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ସହ ଏଠାରେ ଏକ ଓଭରବ୍ରିଜ୍ ନିର୍ମାଣ ପାଇଁ ସାଧାରଣରେ ଦାବି ହେଉଛି।

### ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ

**ପୁରୁଣା ଭୁବନେଶ୍ୱର,୧୧।୬(ଡି.ଏନ୍.ଏ.):** ସ୍ଥାନୀୟ ଶ୍ରୀରାମନଗର ସ୍ଥିତ ରୁଚିକା ସମାଜ ମଙ୍ଗଳ ସଙ୍ଗଠନ ସଭାଗୃହରେ ଶନିବାର ଶ୍ରୀରାମନଗର-ସାମନ୍ତରାପୁର ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ମେୟର ସୁଲୋଚନା ଦାସ ଯୋଗଦେଇ ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତାଭାବେ ସୋଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡା. ଅଶୋକ ମହାପାତ୍ର ଯୋଗଦେଇ ବରିଷ୍ଠ ନାଗରିକଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ। ମଞ୍ଚ ସଭାପତି ଡ.ହୃଷିକେଶ ମିଶ୍ର ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ହଳଧର ମଲିଆ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିଭାବେ ସ୍ଥାନୀୟ କର୍ପୋରେଟର ଚନ୍ଦ୍ରଶେଖର ମଲିଆ, ୫୯ ନମ୍ବର ୱାର୍ଡ କର୍ପୋରେଟର ବୀରଞ୍ଚି ନାରାୟଣ ମହାସୁପକାର ଯୋଗଦେଇଥିଲେ। ଏହି ଅବସରରେ ମଞ୍ଚର ଏକ ସ୍ମରଣିକା ଉନ୍ମୋଚନ ହୋଇଥିଲା। ୮୦ବର୍ଷରୁ ଊର୍ଦ୍ଧ୍ୱ ୫ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରବୀନ୍ଦ୍ର ନାଥ ପରିଡ଼ା ଧନ୍ୟବାଦ ଦେଇଥିଲେ।

### ନିରାକାରପୁରରେ ବଢୁଛି ଶିଶୁ ଶ୍ରମିକ

**ନିରାକାରପୁର,୧୧।୬(ଡି.ଏନ୍.ଏ.):** ପ୍ରତିବର୍ଷ ଜୁନ୍ ୧୨ରେ ବିଶ୍ୱ ଶିଶୁ ଶ୍ରମିକ ନିରୋଧୀ ଦିବସ ପାଳନ ହେଉଥିବା ବେଳେ ଖୋର୍ଦ୍ଧା ଜିଲା ନିରାକାରପୁର ଅଞ୍ଚଳରେ ବଢ଼ିଚାଲିଛି ଶିଶୁ ଶ୍ରମିକଙ୍କ ସଂଖ୍ୟା। ବିଭିନ୍ନ ହୋଟେଲ, ଢାବା, ଦୋକାନରେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି। କେତେଜଣ ନାବାଳକ ଘରେ ରହି କାର୍ଯ୍ୟ କରୁଛନ୍ତି। ତେବେ ସରକାର ପିଲାମାନେ କିପରି ପାଠ ପଢ଼ିବାକୁ ଆଗ୍ରହ ପ୍ରକାଶ କରିବେ, ସେଥିପାଇଁ ବିଭିନ୍ନ ଯୋଜନା କରିଛନ୍ତି। ଏଥିସହ ସ୍କୁଲଗୁଡ଼ିକର ରୂପାନ୍ତରୀକରଣ କରୁଛନ୍ତି। ଏହାର ଠିକ୍ ଭାବେ ତଦାରଖ ହେଉ ନ ଥିବାରୁ ଅନେକ ପିଲା ସ୍କୁଲ ଯାଉ ନାହାନ୍ତି। କମ୍ ବୟସରୁ ମୂଲ ଲାଗିବା ସହ ଭିକ୍ଷାବୃତ୍ତିକୁ ଆପଣାଇ ନେଉଛନ୍ତି। ଏ ସମ୍ପର୍କରେ ବାଲୁଗାଁ ଶ୍ରମ ଅଧିକାରୀ ଚନ୍ଦନ ମାଝି କୁହନ୍ତି, ଏନେଇ ଅଭିଯୋଗ ଆସିଲେ ଦୃଢ଼ ପଦକ୍ଷେପ ନିଆଯିବ।

### ଅବସରପ୍ରାପ୍ତ ସେନା ଅଧିକାରୀ ପ୍ରହ୍ଲାଦ ସାହୁଙ୍କ ପରଲୋକ

**ଖୋର୍ଦ୍ଧା ଅଫିସ,୧୧।୬:** ଭାରତୀୟ ବାୟୁସେନାର ଅବସରପ୍ରାପ୍ତ ଫ୍ଲାଇଙ୍ଗ୍ ଅଫିସର ପ୍ରହ୍ଲାଦ ସାହୁ(୭୪)ଙ୍କ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ଖୋର୍ଦ୍ଧା ମଙ୍ଗଳା ନଗରସ୍ଥିତ ବାସଭବନକୁ ତାଙ୍କ ମରଶରୀର ଅଣାଯାଇଥିଲା। ସେଠାରେ ସ୍ଥାନୀୟ ବୁଦ୍ଧିଜୀବୀ, ସାମାଜିକ କର୍ମୀ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁଅ ସୁଶୀଲ ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ସହଧର୍ମିଣୀ ଇନ୍ଦୁମତି ସାହୁ, ଦୁଇ ଝିଅ, ବୋହୂ, ନାତିନାତୁଣୀ ଉପସ୍ଥିତ ଥିଲେ। ଏୟାରଫୋର୍ସ ସଂଘ ପକ୍ଷରୁ ବିଦ୍ୟାଧର ଲେଙ୍କା, ଶିବପ୍ରସାଦ ମଜୁମ୍ଦାର, ଉଦୟଭାନୁ ରାଉତରାୟ, ମଧୁସୂଦନ ମହାପାତ୍ର, ପ୍ରଭାକର ମିଶ୍ର, ରାଜକିଶୋର ଜେନା ପ୍ରମୁଖ ତାଙ୍କ ଶବାଧାରକୁ ଜାତୀୟ ପତାକାରେ ଆଚ୍ଛାଦିତ କରି ସାଲ୍ୟୁଟ୍ ଦେଇଥିଲେ। ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ, ପୌର ଉପାଧକ୍ଷ ଶୌର୍ଯ୍ୟରଞ୍ଜନ ମହାନ୍ତି, ପ୍ରାଧାପକ ନରସିଂହ ପ୍ରସାଦ ପଟ୍ଟନାୟକ, ବାସୁଦେବ ନାୟକ, ଇତିଶ୍ରୀ ସାହୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ବର୍ଷା ପୂର୍ବରୁ ସରିବ ଡ୍ରେନ୍ ସଫେଇ

- ଡ୍ରେନ୍ ସଫେଇ କାର୍ଯ୍ୟ ଆରମ୍ଭ
- ଖବର ପରିବେଷଣ ପରେ ପ୍ରଶାସନର ତତ୍ପରତା

**ଖୋର୍ଦ୍ଧା ଅଫିସ,୧୧।୬**

ଖୋର୍ଦ୍ଧା ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସହରରେ ରହିଥିବା ଡ୍ରେନ୍ ସଫା ନ ହେବାରୁ ତାହା ପୋତି ହୋଇଗଲାଣି। ବର୍ଷାଦିନ ପୂର୍ବରୁ ଡ୍ରେନ୍ ସଫା ନ ହେଲେ କୃତ୍ରିମ ବନ୍ୟା ସୃଷ୍ଟିହେବା ସମ୍ଭାବନା ରହିଥିବା ନେଇ ଖବର ପରିବେଷଣ ପରେ ପୌର ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶନିବାର ୧୩ ନମ୍ବର ୱାର୍ଡରେ ଡ୍ରେନ୍ ସଫା କାର୍ଯ୍ୟର ଶୁଭାରମ୍ଭ ହୋଇଛି। ପର୍ଯ୍ୟାୟକ୍ରମେ ସମସ୍ତ ୨୨ ୱାର୍ଡର ଡ୍ରେନ୍ ସଫା କରାଯିବ। ଡ୍ରେନ୍ ସଫା ଲାଗି ଜଣେ ଠିକାଦାରଙ୍କୁ ନିଯୁକ୍ତ କରାଯାଇଛି। ବର୍ଷାଦିନ ପୂର୍ବରୁ ସମସ୍ତ ଡ୍ରେନ୍‌କୁ ସ୍ୱାଭାବିକ କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଉପଜିଲାପାଳ ଆଇ. ଗୌରବ ଶିବାଜୀ କହିଛନ୍ତି। ଡ୍ରେନ୍ ପୁନରୁଦ୍ଧାର ଶୁଭାରମ୍ଭ ବେଳେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ଶୌର୍ଯ୍ୟରଞ୍ଜନ ମହାନ୍ତି, ସ୍ଥାନୀୟ କାଉନ୍‌ସିଲର କାଦମ୍ବିନୀ ରାଉତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ସୂଚନାଥାଉ କି, ଖୋର୍ଦ୍ଧା ସହରର ବହୁ ଡ୍ରେନ୍ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଅଧିକାଂଶ ଡ୍ରେନ୍‌ର ପଥର ଭୁଶୁଡ଼ି ପଡ଼ିବା ସହ ମାଟିଅତଡ଼ା ଖସି ପୋତିହୋଇଗଲାଣି। ପାଣି ବୋତଲ, ପ୍ଲାଷ୍ଟିକ, ପଲିଥିନ ଆଦି ଅଳିଆ ଆବର୍ଜନା ଜମିରହି ପରିଶଢ଼ି ଦୁର୍ଗନ୍ଧ ହେଉଛି। ଗୋପୀନାଥ ସାହି, ଉପରସାହି, ରାଧାବଲ୍ଲଭ ସାହି ଓ ବରୁଣେଇ ସାହିରୁ ନିଷ୍କାସନ ନାଳ ପୁରୁଣା ଦମକଳ ଛକ ନାଳରେ ମିଶିଛି। ସେହିପରି ସାମନ୍ତରାପୁର ଛକ ଠାରୁ ଉପରସାହି, ଖ୍ରୀଷ୍ଟିଆନ ସାହି, ବାସେଳି ସାହି, ମାଛ ମାର୍କେଟ, ଉପଜିଲାପାଳଙ୍କ ବାସଭବନ ପଛପଟ ଆଦି ସାହିର ନାଳ ପୁରୁଣା ଦମକଳ ଛକ ନାଳକୁ ସଂଯୋଗ କରୁଛି। ତେବେ ସେଠାରୁ ଗୋଡ଼ିପୋଖରୀ ଛକ ପରେ ନାଳ ପାଣି ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଅନ୍ୟପଟେ ଏହି ନାଳରେ ଘରୋଇ ବର୍ଜ୍ୟବସ୍ତୁ, ପ୍ଲାଷ୍ଟିକ, ପଲିଥିନ, ପାଣିବୋତଲ ପ୍ରଭୃତି ପଡ଼ି ଜମାହୋଇ ରହୁଛି। ଏହାକୁ ମଧ୍ୟ ସଫା କରାଯାଉନାହିଁ। ଫଳରେ ନାଳପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଭାସୁଥିବା ଦେଖିବାକୁ ମିଳୁଛି। ବର୍ଷାଦିନ ପୂର୍ବରୁ ଡ୍ରେନ୍ ସଫା ନ ହେଲେ ସହରରେ ନାଳ ପାଣି ଜମି ରହିବା ନିଶ୍ଚିତ। ଏନେଇ ଖବର ପରିବେଷଣ ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଯୁବନେତା ଦେବବ୍ରତ ଆଚାର୍ଯ୍ୟ କୁହନ୍ତି, ସହରର ଏକାଧିକ ଡ୍ରେନ୍ ମୁକୁଳା ପଡ଼ିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଡ୍ରେନ୍ ଉପରେ ସ୍ଲାବ୍ ପକାଯାଉନାହିଁ। ବର୍ଷାଦିନ ଆସିଲେ ପୌର ପ୍ରଶାସନ ପକ୍ଷରୁ ଲୋକଦେଖାଣିଆ କାମ କରାଯାଉଛି ବୋଲି ସେ କହିଛନ୍ତି। ସାମାଜିକ କର୍ମୀ ଆଦିତ୍ୟ ମହାରଣା କୁହନ୍ତି, ଖୋର୍ଦ୍ଧା ସହରରେ ଦୀର୍ଘବର୍ଷ ଧରି ଏହି ସମସ୍ୟା ଲାଗିରହିଛି। କେଉଁଠି ମଧ୍ୟ ଡ୍ରେନ୍ ସଫା କରାଯାଉନାହିଁ। କେବଳ ବର୍ଷାଦିନ ଆସିଲେ ଏହାକୁ ସଫା କରି ଛାଡ଼ି ଦିଆଯାଉଛି। ବଳକା ଦିନ ସମାନ ସମସ୍ୟା ରହୁଛି। ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ପୌର ପ୍ରଶାସନ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏ ସମ୍ପର୍କରେ ପୌର ଉପାଧ୍ୟକ୍ଷ ଶୌର୍ଯ୍ୟରଞ୍ଜନ ମହାନ୍ତି ବର୍ଷାଦିନ ପୂର୍ବରୁ ସମସ୍ତ ଡ୍ରେନ୍ ସଫା ପାଇଁ ଗୁରୁତ୍ୱ ଦିଆଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଡ୍ରେନ୍ ମରାମତି ପ୍ରତି ପଦକ୍ଷେପ ନିଆଯିବ।



ସଫେଇ ଆରମ୍ଭ ପୂର୍ବରୁ ପୂଜାର୍ଚ୍ଚନା କରାଯାଉଛି।

## 'ପକ୍ଷୀ ପାଇଁ ବସାଟିଏ'

**ଭୁବନେଶ୍ୱର,୧୧।୬(ବ୍ୟୁରୋ)**

ସାମାଜିକ ଅନୁଷ୍ଠାନ ଅଙ୍କୁର ଫାଉଣ୍ଡେଶନ ପକ୍ଷରୁ ଶନିବାର 'ପକ୍ଷୀ ପାଇଁ ବସାଟିଏ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଆଇଆର୍‌ସି ଭିଲେଜସ୍ଥିତ ବିଏମ୍‌ସି ପାର୍କରେ ଏହାକୁ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରିଛନ୍ତି। ପକ୍ଷୀଙ୍କୁ ସୁରକ୍ଷିତ ଆବାସ ଦେବା ଲାଗି ଏହି ଯୋଜନା ସମସ୍ତଙ୍କ ପାଇଁ ଅନୁକରଣୀୟ ହେବ ବୋଲି ମେୟର କହିଥିଲେ। ଅନ୍ୟତମ ଅତିଥି ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାସ କାର୍ଯ୍ୟକ୍ରମ ପରିବେଶ ସୁରକ୍ଷା ଦିଗରେ ଏକ ବଡ଼ ପଦକ୍ଷେପ ବୋଲି କହିଥିଲେ। ଆଗାମୀ ଦିନରେ ପକ୍ଷୀଙ୍କ ବସା ଓ ଆହାର ଯୋଗାଇବାକୁ ରାଜଧାନୀର ବିଭିନ୍ନ ପାର୍କରେ ଏଭଳି କାର୍ଯ୍ୟକ୍ରମ ସମ୍ପ୍ରସାରଣ କରାଯିବ ବୋଲି ଅଙ୍କୁର ଫାଉଣ୍ଡେଶନର ପ୍ରତିଷ୍ଠାତା ସମ୍ପାଦିକା ଚିନ୍ମୟୀ ପଣ୍ଡା କହିଥିଲେ। ପକ୍ଷୀମାନଙ୍କୁ ସୁରକ୍ଷିତ ଭାବରେ ବସା ବାନ୍ଧି ରହିବାର ସୁଯୋଗ ସୃଷ୍ଟି କରିବା ଫାଉଣ୍ଡେଶନର ମୂଳ ଲକ୍ଷ୍ୟ। ସ୍ଥାନୀୟ କର୍ପୋରେଟର ମାନସୀରାଣୀ ସୁନ୍ଦରରାୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅୟସକାନ୍ତ ମିଶ୍ର, ସୁମିତ୍ରା ପାଢ଼ୀ ସହଯୋଗ କରିଥିଲେ।



ଭୁବନେଶ୍ୱର ଶ୍ରୀରାମନଗର ସ୍ଥିତ ରୁଚିକା ସମାଜ ମଙ୍ଗଳ ସଙ୍ଗଠନ ସଭାଗୃହରେ ଶନିବାର ଅନୁଷ୍ଠିତ ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

## ପୋଖରୀ ତୁଠରୁ ମହିଳା ଉଦ୍ଧାର

**ବୋଲଗଡ଼,୧୧।୬(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ସାଗରଗୁଆଁ ପଞ୍ଚାୟତ ବେଣାଗାଡ଼ିଆ ଗ୍ରାମର ଏକ ପୋଖରୀ ତୁଠ ପାହାଚରୁ ଶନିବାର ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଜଣେ ମହିଳାଙ୍କୁ ଉଦ୍ଧାର କରାଯାଇଛି। ଚିକିତ୍ସା ଲାଗି ତାଙ୍କୁ ନିକଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଢୋଲପଥର ଗ୍ରାମର ମହିଳା ଜଣକ ପୋଖରୀ ତୁଠ ପାହାଚରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଆମ୍ବୁଲାନ୍ସ କର୍ମଚାରୀ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ।

## 'ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଥିଲେ ଆଧୁନିକତାର ବାର୍ତ୍ତାବହ'

**କଟକ ଅଫିସ, ୧୧।୬**

ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଥିଲେ ଆଧୁନିକତାର ବାର୍ତ୍ତାବହ। ଭାଷା-ସାହିତ୍ୟ, ସଂସ୍କୃତି, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ତାଙ୍କର ବିଶେଷ ଅବଦାନ ରହିଛି। ସେ ଜଣେ ଦୂରଦର୍ଶୀ ଓ କ୍ରାନ୍ତିକାରୀ ସୁଶାସକ ଥିଲେ ବୋଲି ବାରିପଦାସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି କିଶୋର କୁମାର ବଶା କହିଛନ୍ତି। ସାହିତ୍ୟ ଏକାଡେମୀ ଓ ଉତ୍କଳ ସାହିତ୍ୟ ସମାଜର ମିଳିତ ଆନୁକୂଲ୍ୟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୦ତମ ଜୟନ୍ତୀ ଅବସରରେ ଏକ ଆଲୋଚନାଚକ୍ର ଶ୍ରୀରାମଚନ୍ଦ୍ର ଭବନଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରି ବଶା ଉପରୋକ୍ତ ବିଷୟରେ କହିଥିଲେ। ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ପ୍ରଶାସକ ପ୍ରଦୀପ କୁମାର ବିଶ୍ୱାଳ ଓ ଅଧାପକ ଅଭିରାମ ବିଶ୍ୱାଳ ଯୋଗଦେଇ ମହାରାଜାଙ୍କ ମହନୀୟ ବ୍ୟକ୍ତିତ୍ୱ ଓଡ଼ିଶାର ଇତିହାସ ପ୍ରଣୟନରେ ସହାୟକ ହୋଇଛି ବୋଲି କହିଥିଲେ। ସାହିତ୍ୟ ଏକାଡେମୀର କାର୍ଯ୍ୟକ୍ରମ ଅଧିକାରୀ ମିହିର କୁମାର ସାହୁ ସ୍ୱାଗତ ଭାଷଣ, ଏକାଡେମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ବିଜୟାନନ୍ଦ ସିଂହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା, ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ବ୍ରହ୍ମାନନ୍ଦ ବିଶ୍ୱାଳ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ ସଙ୍ଗଠନ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ଧନ୍ୟବାଦ ଦେଇଥିଲେ।

# ଜଳ ଯୋଗାଣ ବନ୍ଦ, ଗ୍ରାମବାସୀ ହନ୍ତସନ୍ତ

**ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି**

**ବାରଙ୍ଗ,୧୧।୬(ଡି.ଏନ୍.ଏ.)**

ରାଜଧାନୀ ଉପକଣ୍ଠ ଦାରୁଠେଙ୍ଗ ଓ ଚନ୍ଦକା ପଞ୍ଚାୟତର ବିଭିନ୍ନ ଗ୍ରାମରେ ପାନୀୟ ଜଳ ଯୋଗାଣରେ ବାଧା ସୃଷ୍ଟି ହୋଇଛି। ଫଳରେ ସାଧାରଣ ଲୋକ ପାଣିଟିକେ ପାଇବା ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଦାରୁଠେଙ୍ଗରେ ଗ୍ରାମ୍ୟ ପାନୀୟଜଳ ଯୋଗାଣ ପ୍ରାୟ ଏକ ସପ୍ତାହ ହେବ ବନ୍ଦ ରହିଛି। ଏହି ଗ୍ରାମର ତଳସାହି, ମଝିସାହି ସମେତ ୪ଟି ସାହିର ଲୋକମାନେ ପାଣି ନ ପାଇ ହଇରାଣ ହେଉଛନ୍ତି। ସେହିପରି ଚନ୍ଦକା ପଞ୍ଚାୟତର ସୁନ୍ଦରପୁର ଗ୍ରାମକୁ ମଧ୍ୟ ଏକ ସପ୍ତାହ ଧରି ଜଳ ଯୋଗାଣ ବନ୍ଦ ରହିଛି। ଏହି ଗ୍ରାମର ଆଦିବାସୀ ସାହି ସହ ଅନ୍ୟ ଏକ ସାହିକୁ ଜଳଯୋଗାଣ ବନ୍ଦ ରହିଥିବାରୁ ପାଣିମୁନ୍ଦେ ପାଇବା ପାଇଁ ଲୋକମାନେ ନାନା ଅସୁବିଧା ଭୋଗୁଛନ୍ତି। ପ୍ରବଳ ଖରା ସହ ଗୁଳୁଗୁଳି ରହିବା ଯୋଗୁ ପିଇବା ପାଣି ପାଇଁ କୂଅ ଓ ନଳକୂପ ଉପରେ ଗ୍ରାମବାସୀ ନିର୍ଭର କରୁଛନ୍ତି। ଅନ୍ୟପଟେ ପଞ୍ଚାୟତରେ ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରଠାରୁ କୂଅ ଓ ନଳକୂପର ବ୍ୟବହାର କମ୍ ହୋଇଯାଇଛି। ଫଳରେ ଏବେ ଏହି କୂଅ ଓ ନଳକୂପ ବ୍ୟବହାର କରିବାରୁ ଜଳ ଦୂଷିତ ହୋଇଯାଇଛି। ତେବେ ପ୍ରକଳ୍ପଗୁଡ଼ିକରେ ମୋଟର ପୋଡ଼ିଯାଇଥିବା ବେଳେ ନୂଆ ମୋଟର ସଂଯୋଗ ହୋଇଛି। ହେଲେ ସେଗୁଡ଼ିକରେ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ଜଳଯୋଗାଣ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରୁ ନାହିଁ। ଏ ନେଇ ଗ୍ରାମବାସୀ ଗ୍ରାମ୍ୟ ଜଳ ବିଭାଗକୁ ଅଭିଯୋଗ କରିବା ସହ ତୁରନ୍ତ ବିଦ୍ୟୁତ୍ ସଂଯୋଗ କରି ଜଳ ଯୋଗାଣର ବ୍ୟବସ୍ଥା କରନ୍ତୁ ବୋଲି ଦାବି କରିଛନ୍ତି। ଅନ୍ୟପଟେ ପ୍ରକଳ୍ପରେ ବିଦ୍ୟୁତ୍ ସଂଯୋଗ କରିବା ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କେହି ଗୁରୁତ୍ୱ ଦେଉନାହାନ୍ତି ବୋଲି ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗର କନିଷ୍ଠଯନ୍ତ୍ରୀ ସମନ୍ୱୟା ତ୍ରିପାଠୀ କହିଛନ୍ତି।

## ପିଣ୍ଡିକି ୟୁଥ୍ କ୍ଲବର ବାର୍ଷିକୋତ୍ସବ

**ବାରଙ୍ଗ,୧୧।୬(ଡି.ଏନ୍.ଏ.)**

ଦାରୁଠେଙ୍ଗ ଗ୍ରାମର ଶହୀଦ ପିଣ୍ଡିକି ବାହୁବଳେନ୍ଦ୍ର ୟୁଥ କ୍ଲବର ୩୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାବା ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ଥିବା ଯାତ୍ରାପଡିଆରେ କ୍ଲବ ସମ୍ପାଦକ ପବିତ୍ରମୋହନ ବଳିଆରସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସରପଞ୍ଚ ତପନ କୁମାର ଚକ୍ରବର୍ତ୍ତୀ, ନାରାୟଣ ମାଝି, ସମିତିସଭ୍ୟ ଅଜିତ କୁମାର ଶ୍ରୀଚନ୍ଦନ, ଆନନ୍ଦ ମାଝି, ଅଧ୍ୟାପକ ମାନସ ପାତ୍ରଙ୍କ ସମେତ ଗ୍ରାମର ମରୁବିମାନେ ଅତିଥିଭାବେ ଯୋଗଦେଇଥିଲେ। ଶହୀଦ ପିଣ୍ଡିକି ବାହୁବଳେନ୍ଦ୍ରଙ୍କର ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅତିଥିମାନେ ଉପସ୍ଥିତ ଯୁବକମାନଙ୍କୁ ପରାମର୍ଶ ଦେଇଥିଲେ। ପରେ ଗ୍ରାମର ଯୁବକଙ୍କ ଦ୍ୱାରା ଆୟୋଜିତ ଦୁଇଦିନିଆ ଡ୍ରାମା ମହୋତ୍ସବର ପ୍ରଥମ ରାତିକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ପ୍ରଥମ ରାତିରେ 'ଆଖି ଅବୁଝା କୁଳୁହ ଅବୁଝା' ସାମାଜିକ ନାଟକ ମଞ୍ଚସ୍ଥ ହୋଇଥିବାବେଳେ ଦ୍ୱିତୀୟ ରାତିରେ 'ତୋ ନାଁରେ ମୋ ନାଁ ଦେଇଛି ଯୋଡି' ଶୀର୍ଷକ ନାଟକ ମଞ୍ଚସ୍ଥ ହେବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି। ଶେଷରେ କ୍ଲବର ବରିଷ୍ଠ ସଦସ୍ୟ ବିଷ୍ଣୁ ପାତ୍ର ଧନ୍ୟବାଦ ଦେଇଥିଲେ।

## ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ଦାବି



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

**ଧାରଣା ପରେ ସ୍ଥଗିତ ରହିଥିଲା**

**ବୋଲଗଡ଼,୧୧।୬(ଡି.ଏନ୍.ଏ.)**

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ବୋଲଗଡ଼ ବ୍ଲକ ଶ୍ରୀଚନ୍ଦନପୁର ପାଟଣା ପ୍ରାଥମିକ କୃଷି ସେବା ସମବାୟ ସମିତିର ପରିଚାଳନା ପରିଷଦ ନିର୍ବାଚନ ପାଇଁ ଚାଲିଥିବା ପ୍ରକ୍ରିୟାରେ ଗତ ୫ ତାରିଖରେ ଏହି ସମିତି ପାଇଁ ନାମାଙ୍କନପତ୍ର ଦାଖଲକୁ ସ୍ଥଗିତ ରଖାଯାଇଥିଲା। ତେବେ ଏହି ସମିତିର ଚାଷୀ ସଭ୍ୟ ପ୍ରକାଶ କୁମାର ରାଉତରାୟ, ପ୍ରହ୍ଲାଦ ମାଝି, ଅର୍ଜୁନ ଜେନା, ସନାତନ ସ୍ୱାଇଁଙ୍କ ସମେତ ଅନ୍ୟମାନେ ଶନିବାର ବଡ଼କୁମାରୀ ପଞ୍ଚାୟତ କଲ୍ୟାଣମଣ୍ଡପଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସମିତିର ପରିଚାଳନା ପରିଷଦ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ କରାଯିବାକୁ ସୁଯୋଗ ଦେବା ପାଇଁ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ଚାଷୀମାନେ ଖୋର୍ଦ୍ଧା ଜିଲାପାଳ ଓ ନିର୍ବାଚନ ଅଧିକାରୀଙ୍କ ନିକଟରେ ଲିଖିତ ଭାବେ ଜଣାଇଛନ୍ତି। ଯଦି ସମିତିରେ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ କରିବାର ସୁଯୋଗ ଦିଆ ନ ଯାଏ, ତେବେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ଏହି ସମିତି ନିର୍ବାଚନ ପାଇଁ ଭୋଟର ତାଲିକାରେ ହୋଇଥିବା ଅନିୟମିତତା ଅଭିଯୋଗରେ ଗତ ୩ରୁ ୫ ତାରିଖ ପର୍ଯ୍ୟନ୍ତ କେତେଜଣ ବ୍ୟକ୍ତି ସମିତି ସମ୍ମୁଖରେ ଧାରଣା ଦେଇଥିଲେ। ଫଳରେ ୫ ତାରିଖରେ ହେବାକୁ ଥିବା ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ସାମୟିକ ଭାବେ ସ୍ଥଗିତ ରହିଥିବା କୁହାଯାଇଥିଲା।

# ଦର୍ଶକଙ୍କୁ ୩ ସ୍ତରରେ ଯାଞ୍ଚ କରାଯିବ

**ପୋଲିସ ସୁରକ୍ଷା ବଳୟରେ ବାରବାଟୀ ଷ୍ଟାଡ଼ିୟମ**

**କଟକ ଅଫିସ, ୧୧।୬**

କଟକ ବାରବାଟୀ ଷ୍ଟାଡିୟମରେ ରବିବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ ମ୍ୟାଚ୍ ଅନୁଷ୍ଠିତ ହେବ। ମ୍ୟାଚ୍ ଦେଖିବା ପାଇଁ ଅପରାହ୍ନ ୩ଟାରେ ଦର୍ଶକଙ୍କୁ ଷ୍ଟାଡିୟମରେ ପ୍ରବେଶ କରିବାକୁ ଦିଆଯିବ। ତେଣୁ ସୁରକ୍ଷା ଦୃଷ୍ଟିରୁ ଶନିବାର ରାତିରୁ ପୋଲିସ ଷ୍ଟାଡିୟମକୁ ନିଜ ହେପାଜତକୁ ନେଇଛି। ଷ୍ଟାଡିୟମ ଭିତର ଓ ଚତୁଃପାର୍ଶ୍ୱରେ ଫୋର୍ସ ମୁତୟନ କରାଯାଇଛି। ଖେଳ ଶେଷ ପର୍ଯ୍ୟନ୍ତ ଷ୍ଟାଡିୟମ କଡା ସୁରକ୍ଷା ବଳୟ ଭିତରେ ରହିବ। ରବିବାର ଷ୍ଟାଡିୟମ ଭିତରକୁ ଯିବାବେଳେ ପ୍ରବେଶ ଦ୍ୱାରଠାରୁ ଗ୍ୟାଲେରି ପର୍ଯ୍ୟନ୍ତ ଓଡ଼ିଶା କ୍ରିକେଟ୍ ଆସୋସିଏସନ(ଓସିଏ) ଓ ପୋଲିସ ପକ୍ଷରୁ ୩ ସ୍ତରରେ ଦର୍ଶକଙ୍କୁ ଯାଞ୍ଚ କରାଯିବ। ଏଥିପାଇଁ ଦର୍ଶକମାନେ ଟିକେଟ ସହ ପରିଚୟପତ୍ର ସାଙ୍ଗରେ ଆଣିବା ବାଧ୍ୟତାମୂଳକ। ଦର୍ଶକମାନେ ଟିକେଟ ନମ୍ବର ଅନୁଯାୟୀ ସିଟ୍‌ରେ ବସିବେ ଓ ଟିକେଟ ପଛପଟେ ଲେଖାଥିବା ନିୟମାବଳୀ ଅନୁସରଣ କରିବେ। କୌଣସି ପ୍ରକାର ଟିକେଟ ଜାଲିଆତି କିମ୍ବା ବେଆଇନ କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ ବୋଲି କୁହାଯାଇଛି।

# ଏସ୍‌ଆର୍ ୱାରିଅର ବିଜୟୀ

**କେପିଏଲ୍ କ୍ରିକେଟ ଟୁର୍ନାମେଣ୍ଟ**

**ବୋଲଗଡ଼,୧୧।୬(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଖଙ୍ଗୁରିଆ ମିନି ଷ୍ଟାଡିୟମରେ ଚାଲିଥିବା ଖଙ୍ଗୁରିଆ ପ୍ରିମିୟର ଲିଗ୍ (କେପିଏଲ) କ୍ରିକେଟ ଟୁର୍ନାମେଣ୍ଟର ଅଷ୍ଟମ ଲିଗ୍ ମ୍ୟାଚ୍‌ରେ ଶନିବାର ରାନୀ ବ୍ଲାଷ୍ଟରକୁ ହରାଇ ଏସ୍‌ଆର ୱାରିଅର ଟିମ୍ ବିଜୟୀ ହୋଇଛି। ଟସ୍ ଜିତି ଏସ୍‌ଆର ୱାରିଅର ବୋଲିଂ ନିଷ୍ପତ୍ତି ନେଇଥିଲା। ରାନୀ ବ୍ଲାଷ୍ଟର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ବିନିମୟରେ ୬୩ ରନ୍ ସଂଗ୍ରହ କରିଥିଲା। ଜବାବରେ ଏସ୍‌ଆର ୱାରିଅର ୮.୩ ଓଭରରେ ୬ ଉଇକେଟ ହରାଇ ୬୮ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ବିଜୟୀ ଟିମ୍‌ର ବିକ୍ରମ ସାହୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଖଙ୍ଗୁରିଆ ମା' ରାମଚଣ୍ଡୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ଏହି ମ୍ୟାଚ୍‌ରେ ସାମାଜିକ କର୍ମୀ ଶିବପ୍ରସାଦ ପୃଷ୍ଟି ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ବବୁ ଓ ସୋନୁ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଆୟୋଜକ କ୍ଲବର ସଦସ୍ୟମାନେ ଏଥିରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

# କଳିଙ୍ଗ ଫାଇଟରକୁ ହରାଇ ଫାଇଟର-୧୧ ଚାମ୍ପିୟନ

**ଜଟଣୀ,୧୧।୬(ଡି.ଏନ୍.ଏ.)**

ଜଟଣୀ ବ୍ଲକ ମହାବୀର କ୍ରିକେଟ କ୍ଲବ ତିରିମଲ୍ଲ ଏବଂ ଇସ୍‌ଲାମ ଷ୍ଟାର କ୍ରିକେଟ କ୍ଲବ ବେଣାପଞ୍ଝୁରୀ ଦ୍ୱାରା ମିଳିତ ଭାବେ ଅନୁଷ୍ଠିତ ପ୍ରଥମ ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବେଣାପଞ୍ଝୁରୀ ପଞ୍ଚାୟତ ହାଇସ୍କୁଲ ଖେଳପଡ଼ିଆରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ କଳିଙ୍ଗ ଫାଇଟରକୁ ହରାଇ ଫାଇଟର-୧୧ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି।

କଳିଙ୍ଗ ଫାଇଟର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୭.୩ ଓଭରରେ ସମସ୍ତ ଉଇକେଟ ବିନିମୟରେ ୯୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଫାଇଟର-୧୧ ୧୩.୩ ଓଭରରେ ୩ ଉଇକେଟ ହରାଇ ୯୮ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଏମ୍‌ଡି ଏହସାନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମନ୍ତ୍ରୀ ପ୍ରମିଳା ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ଅତିଥି ଭାବେ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବିଜେଡି ଜିଲା ସଭାପତି ବିଭୂତି ଭୂଷଣ ବଳବନ୍ତରାୟ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନ୍‌ସିଂ, ବିଜେଡି ଖୋର୍ଦ୍ଧା ଜିଲା କୋଷାଧ୍ୟକ୍ଷ ରାଜକିଶୋର ସ୍ୱାଇଁ, ଜଟଣୀ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ଜଟଣୀ ପୌରାଧ୍ୟକ୍ଷ ଅନନ୍ତ ବେହେରା, ଉପାଧ୍ୟକ୍ଷା ଆରତି ରାଉତ, ଜଟଣୀ ବ୍ଲକ ଉପାଧ୍ୟକ୍ଷା ଜ୍ୟୋସ୍ନାରାଣୀ ଦାସ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ହୃଦାନନ୍ଦ ଜେନା ଓ ଶଙ୍କର ଦାସ ମ୍ୟାଚ୍ ପରିଚାଳନା କରିଥିଲେ। ବେଣାପଞ୍ଝୁରୀ ସରପଞ୍ଚଙ୍କ ପ୍ରତିନିଧି ସାହା ଜାଫର ଅଲ୍ଲୀ ଏବଂ ଅନ୍ୟମାନେ ଟୁର୍ନାମେଣ୍ଟରେ ସହଯୋଗ କରିଥିଲେ।

**ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ**



ଅତିଥିଙ୍କଠାରୁ ଚାମ୍ପିୟନ ଟିମ୍‌ର ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।